

କକ୍‌ଟେଲ୍ ପାଇଁ ମନା କରିଥିଲେ ରଣବୀର

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-356 ♦WEDNESDAY ♦24 JUNE 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୩୫୬ ♦ବୁଧବାର ♦୨୪ ଜୁନ୍ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


# ଟିଏମ୍‌ସିରେ ଲଢ଼େଇ ତୀବ୍ର

## ନାମ ଓ ଚିହ୍ନ ପାଇଁ ନିର୍ବାଚନ କମିସନଙ୍କ ଦ୍ୱାରସ୍ଥ ହେଲେ ମମତା ଓ ରତବ୍ରତ

■ କୋଲକାତା, ୨୩।୬ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି) ମଧ୍ୟରେ କ୍ଷମତାକୁ ନେଇ ଚାଲିଥିବା କନ୍ଦଳ ଏବେ ଚରମ ସୀମାରେ ପହଞ୍ଚିଛି। ମମତା ବାନାର୍ଜୀଙ୍କ ନେତୃତ୍ୱାଧୀନ ଶିବିର ଏବଂ ରତବ୍ରତ ବାନାର୍ଜୀଙ୍କ ନେତୃତ୍ୱାଧୀନ ବିଦ୍ରୋହୀ ଗୋଷ୍ଠୀ ମଧ୍ୟରେ ଦଳର ନାମ ଏବଂ ଚିହ୍ନ ଉପରେ ନିୟନ୍ତ୍ରଣ ପାଇଁ ଲଢେଇ ଏବେ ନିର୍ବାଚନ କମିସନଙ୍କ ଦ୍ୱାରରେ ପହଞ୍ଚିଛି।

ଦଳକୁ ହାତରୁ ଖସିଯିବା ଆଗରୁ ମମତା ନିଜ ଉଦ୍ୟମ ଆରମ୍ଭ କରିଛନ୍ତି। ସୋମବାର ରାତିରେ ମମତା ନିର୍ବାଚନ କମିସନଙ୍କ ନିକଟରେ ଦଳର ଏକ ପୁନର୍ଗଠିତ ଜାତୀୟ କାର୍ଯ୍ୟକାରିଣୀ କମିଟି ଏବଂ ସାଂଗଠନିକ ଢାଞ୍ଚାର ତାଲିକା ଦାଖଲ କରିଛନ୍ତି। ତାଲିକାରେ ମମତାଙ୍କୁ ଦଳର ଅଧ୍ୟକ୍ଷା ଏବଂ ଅଭିଷେକ



ବାନାର୍ଜୀ ଜାତୀୟ ସାଧାରଣ ସମ୍ପାଦକ, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟଙ୍କୁ ରାଜ୍ୟ ସଭାପତି, ଡେରେକ ଓ'ବ୍ରାଏନ ଓ ଦୋଲା ସେନଙ୍କୁ ଯୁଗ୍ମ ସମ୍ପାଦକ ଏବଂ ଶୁଭାଶିଷ ଚକ୍ରବର୍ତ୍ତୀଙ୍କୁ କୋଷାଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ମମତା ନିଜେ ଏହି ତାଲିକାରେ ସ୍ୱାକ୍ଷର କରି ନିର୍ବାଚନ କମିସନଙ୍କ ପାଖକୁ ପଠାଇଥିବା ଜଣା ପଡ଼ିଛି। ନିର୍ବାଚନ କମିସନଙ୍କୁ ଦିଆଯାଇଥିବା ସଂଶୋଧିତ ତାଲିକାରୁ ଜୁନ୍ ୫ରେ ଘୋଷଣା କରାଯାଇଥିବା ଜାତୀୟ କାର୍ଯ୍ୟକାରିଣୀ କମିଟିର ସଦସ୍ୟ ଅରୂପ ବିଶ୍ୱାସଙ୍କୁ ବାଦ୍ ଦିଆଯାଇଛି। ଏହା ବ୍ୟତୀତ ଫିରହାଦ ହାକିମ, ଅରୂପ ରାୟ, ଜାଭେଦ ଖାନ, ରଥିନ ଘୋଷ ଏବଂ ସାବିନା ୟାସମିନଙ୍କ ଭଳି ବିଧାୟକ ତଥା ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି।

ଅନ୍ୟପଟେ, ଏକ ପାଞ୍ଚତାରକା ହୋଟେଲରେ ରତବ୍ରତଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୃଥକ ଜାତୀୟ କାର୍ଯ୍ୟକାରିଣୀ କମିଟି ଗଠନ କରାଯାଇ ମମତା କିମ୍ବା ଅଭିଷେକଙ୍କ ପାଇଁ କୌଣସି ସ୍ଥାନ ରଖାଯାଇ ନାହିଁ। ବିଦ୍ରୋହୀ ଗୋଷ୍ଠୀ ହାୱଡା ସେଣ୍ଟ୍ରାଲ ବିଧାୟକ ଅରୂପ ରାୟଙ୍କୁ ଅଧ୍ୟକ୍ଷ ଏବଂ ରତବ୍ରତଙ୍କୁ ▶ପୃଷ୍ଠା-୭

### ତାମିଲନାଡୁ ଗ୍ୟାସ୍ ଦୁର୍ଘଟଣାରେ ୭ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

# ଓଡ଼ିଶା ଫେରିଲା ୫ ମରଶରୀର

■ ଭୁବନେଶ୍ୱର/ ତେଲକୋଇ, ୨୩।୬ (ସମିସ): ତାମିଲନାଡୁର ତିରୁଭଲ୍ଲୁରଠାରେ ଘଟିଥିବା ଆମୋନିଆ ଗ୍ୟାସ୍ ଲିକ୍ ଦୁର୍ଘଟଣାରେ ଚିକିତ୍ସାଧୀନ ଅବସ୍ଥାରେ ଆଉ ୨ ଜଣ ଓଡ଼ିଆଙ୍କର ମୃତ୍ୟୁ ଘଟିଛି। ଫଳରେ ମୃତ୍ୟୁସଂଖ୍ୟା ୭କୁ ବୃଦ୍ଧି ପାଇଛି। ଅନ୍ୟ ଦୁଇ ମୃତକ ହେଲେ କେନ୍ଦୁଝର ଜିଲ୍ଲାର ସଜନୀ ଜୁଆଙ୍ଗ ଓ ଜାମୁନୀ ଜୁଆଙ୍ଗ। ସଜନୀଙ୍କ ଘର ବାଂଶପାଳ ବ୍ଲକ ଅନ୍ତର୍ଗତ କୁଡ଼ିପଶା ଗ୍ରାମରେ ହୋଇଥିବା ବେଳେ ଜାମୁନିଙ୍କ ଘର ତେଲକୋଇ ବ୍ଲକ ଅନ୍ତର୍ଗତ ରଙ୍ଗମାଟିଆରେ ବୋଲି ଜଣାପଡ଼ିଛି। ଅପରପକ୍ଷେ ସୋମବାର ପ୍ରତ୍ୟେକ ମୃତ ଶ୍ରମିକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଥିବା



ସହାୟତା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧିକଲେ ମୁଖ୍ୟମନ୍ତ୍ରୀ

ବେଳେ ଏହି ରାଶିକୁ ଆଜି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏପଟେ ମଙ୍ଗଳବାର ମୃତକ ୫ଜଣଙ୍କର ମରଶରୀର ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିଥିଲା। ଯେଉଁ ମୃତକଙ୍କର ମରଶରୀର ଓଡ଼ିଶା ଆସିଛି ସେମାନେ ହେଲେ ଜିମାନୀ ଜୁଆଙ୍ଗ, ଗୀତା ଜୁଆଙ୍ଗ, ଭୂମିଆ ଜୁଆଙ୍ଗ, ଶିବାନୀ ଓ ଫୁଲମଣି ଜୁଆଙ୍ଗ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ▶ପୃଷ୍ଠା-୭

### ରାଜ୍ୟସଭା କ୍ରସ ଭୋଟିଂ

# ଅକଳରେ ୧୧ ବିଧାୟକ

■ ଭୁବନେଶ୍ୱର, ୨୩।୬ (ସମିସ): ଗତ ରାଜ୍ୟସଭା ନିର୍ବାଚନରେ ଦଳୀୟ ହୁଇପ୍ ଅମାନ୍ୟ କରି ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ବିଜେଡିର ୮ ଓ କଂଗ୍ରେସର ୩ ବିଧାୟକ ଅକଳରେ ପଡ଼ିଛନ୍ତି। ନିଜ ଦଳକୁ ଧୋକା ଦେଇଥିବାରୁ ବିଜେପି ସେମାନଙ୍କୁ ଆଦର କରି କୋଳେଇ ନେବ ବୋଲି ସେମାନେ ଯେଉଁ ଆଶା କରିଥିଲେ, ତାହା ଏବେ ମଉଳିବାକୁ ବସିଛି। ପ୍ରଥମତଃ ସେମାନେ ପ୍ରତିନିଧିତ୍ୱ କରୁଥିବା ଅଞ୍ଚଳର ବିଜେପି ନେତାମାନଙ୍କ ବିରୋଧ ସେମାନଙ୍କ ପାଇଁ କଣ୍ଟା ହୋଇଛି। ପୁନଶ୍ଚ ସଦସ୍ୟ ପଦ ରଦ୍ଦ ହେବା ଭୟରେ ସେମାନେ ଆନୁଷ୍ଠାନିକ ଭାବରେ ମଧ୍ୟ ବିଜେପିରେ ଯୋଗଦେଇ ପାରୁନାହାନ୍ତି। ଏହି ସମୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଟିପ୍ପଣୀ ଏହି ୧୧ ବିଧାୟକଙ୍କ ପାଇଁ ଅଡୁଆ ହୋଇଛି। ଯେଉଁ ୧୧ ବିଧାୟକ ନିଲମ୍ବିତ ହୋଇଛନ୍ତି, ସେମାନଙ୍କୁ ମୁଁ ଜାଣିଛି ବୋଲି ସଂକ୍ଷେପରେ ସୁରେଶ ପୂଜାରୀଙ୍କ ଟିପ୍ପଣୀକୁ ରାଜନୈତିକ ସମୀକ୍ଷକ ନକରାତ୍ମକ ଦୃଷ୍ଟିରେ ଦେଖୁଛନ୍ତି। ଟିପ୍ପଣୀ ଅନେକ ଦିଗକୁ ଇଙ୍ଗିତ କରିଛି।

ଅନ୍ୟପକ୍ଷରେ ବିଜେଡି ଓ ବିଜେପି ଦଳରୁ ନିଲମ୍ବିତ କରିଥିବା ବିଧାୟକମାନଙ୍କୁ ଗ୍ରହଣ କରିବାକୁ ରାଜି ନୁହନ୍ତି ବୋଲି କୁହାଯାଉଛି।

## ଫେରାଇ ନେବାକ ରାଜି ନୁହନ୍ତି ବିଜେଡି ଓ କଂଗ୍ରେସ

## କୋଳେଇ ନେବାକୁ ଅରାଜି ବିଜେପି ରାଜ୍ୟ ନେତୃତ୍ୱ

ଗଣମାଧ୍ୟମ ସହ ଅନୌପଚାରିକ ଆଲୋଚନା ସମୟରେ ଶ୍ରୀ ପୂଜାରୀ କହିଛନ୍ତି ଯେ ବିଜେପି ଗୋଟେ ଧର୍ମଶାଳା ପାର୍ଟି ନୁହେଁ। ଯାହାର ଦରକାର ପଡ଼ିବ, ସେ ଆସିବ। କାମ ସରିଗଲେ ସେ ପଳାଇବ। କିଛି ପାଇବା ପାଇଁ ଓ ସ୍ୱାର୍ଥ ପାଇଁ ଆସୁଥିବା ଲୋକଙ୍କୁ ପଶ୍ଚାତାପ କରିବାକୁ ପଡ଼ିବ ବୋଲି ଶ୍ରୀ ପୂଜାରୀଙ୍କ ବିଜେଡିର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଅରୁଣ ସାହୁ କହିଛନ୍ତି ଯେ ଯେଉଁମାନେ ଦଳରୁ ଗୋଡ଼କାଢ଼ି ଯାଇଛନ୍ତି, ସେମାନଙ୍କୁ ଆଉ ଫେରାଇ ଆଣିବାର ପ୍ରଶ୍ନ ଉଠୁନାହିଁ। ନିଲମ୍ବିତ ବିଧାୟକମାନେ ଯଦି ବିଜେପି ଯିବାକୁ ଚାହୁଁଛନ୍ତି, ସେମାନେ ଯାଇ ପାରନ୍ତି। ମାତ୍ର ଯେଉଁମାନେ ବିଜେପି ▶ପୃଷ୍ଠା-୭

# କେନ୍ଦ୍ରମନ୍ତ୍ରୀ କୁରିଆନଙ୍କ ଇସ୍ତଫା



■ ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ ମଙ୍ଗଳବାର କେନ୍ଦ୍ର ମନ୍ତ୍ରୀ ପରିଷଦରୁ ନିଜର ଇସ୍ତଫା ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ଏହି ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। କୁରିଆନଙ୍କ ୬ ବର୍ଷିଆ ରାଜ୍ୟସଭା କାର୍ଯ୍ୟକାଳ ଜୁନ୍ ୨୧ରେ ସମାପ୍ତ ହୋଇଥିଲା। ନିକଟରେ ଅନୁଷ୍ଠିତ ରାଜ୍ୟସଭା ନିର୍ବାଚନରେ ବିଜେପି ତାଙ୍କୁ ପୁନର୍ବାର ପ୍ରାର୍ଥୀ ନ କରିବାକୁ ନିଷ୍ପତ୍ତି ନେବା ପରେ ସେ ମନ୍ତ୍ରୀ ପଦରୁ ଓହରି ଯାଇଛନ୍ତି। ତେବେ ତାଙ୍କ ଇସ୍ତଫାର କୌଣସି ନିର୍ଦ୍ଦିଷ୍ଟ କାରଣ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇ ନାହିଁ। ୬୫ ବର୍ଷୀୟ କୁରିଆନ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରଣାଳୟ ଏବଂ ମତ୍ସ୍ୟପାଳନ, ପ୍ରାଣୀ ସମ୍ପଦ ଓ ଦୁଗ୍ଧ ବିଭାଗର ରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଉଥିଲେ। ପେସାରେ ଜଣେ ଓକିଲ ଥିବା କୁରିଆନ, କେରଳର କୋଟାୟମ ଅଞ୍ଚଳର ବାସିନ୍ଦା ଏବଂ ୧୯୮୦ ମସିହାରେ ବିଜେପି ପ୍ରତିଷ୍ଠା ହେବା ସମୟରୁ ଦଳ ସହିତ ଜଡିତ ଅଛନ୍ତି। ସେ ଦଳର ଜଣେ ବରିଷ୍ଠ ନେତା ଭାବେ କେରଳ ୟୁନିଟର ସାଧାରଣ ସମ୍ପାଦକ ଏବଂ ଉପ-ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ପଦବୀରେ କାର୍ଯ୍ୟ କରିଛନ୍ତି।


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଜୁଲାଇ ୫କୁ ପୁଣି ଘୁଞ୍ଚିଲା ଓଟିଇଟି

■ କଟକ, ୨୩।୬ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି -୨୦୨୬) ପାଇଁ ଆଜି ସାନି ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରୀକ୍ଷା ଆସନ୍ତା ଜୁନ ମାସ ୨୧ ତାରିଖରେ ହେବ ବୋଲି ପୂର୍ବରୁ ସ୍ଥିରୀକୃତ ହୋଇଥିବା ବେଳେ ଏହାକୁ ନିଟ ପରୀକ୍ଷା ପାଇଁ ପ୍ରଥମେ ଘୁଞ୍ଚାଯାଇ ଜୁନ ୨୮ ରେ ହେବ ବୋଲି ସ୍ଥିର କରାଯାଇଥିଲା। ଜୁନ ୨୮ ରେ ଓଏସଏସସି ପକ୍ଷରୁ ଆରଆଇ, ଅମିନ ନିଯୁକ୍ତି ପରୀକ୍ଷା ଅନୁଷ୍ଠିତ ହେଉଥିବାରୁ ଓଟିଇଟି ପରୀକ୍ଷା ଆସନ୍ତା ଜୁଲାଇ ୫ତାରିଖରେ ଅନୁଷ୍ଠିତ ହେବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ଓଟିଇଟି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବାକୁ ଥିବା ବେଳେ ପେପର-୧ ସକାଳ ୯ଟାରୁ ୧୧ଟା ୩୦ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଗତ ଜୁନ ୧୭ରୁ ଆଡମିଟ୍ କାର୍ଡ ବୋର୍ଡ ୱେବସାଇଟରେ ଉପଲବ୍ଧ ହୋଇସାରିଛି। ଯେଉଁମାନେ ଏହାକୁ ଡାଉନଲୋଡ କରିଛନ୍ତି ଆଉ ଡାଉନଲୋଡ କରିବାକୁ ପଡିବ ନାହିଁ ବୋଲି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି।

### ୪ ତାରିଖରେ ଆସିବେ ଶାହା

# ବିଜେପି ରାଜନୀତି ସରଗରମ



■ ଭୁବନେଶ୍ୱର, ୨୩।୬ (ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଗସ୍ତ ପରେ ଆସନ୍ତା ଜୁଲାଇ ମାସ ପ୍ରଥମାର୍ଦ୍ଧରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓଡ଼ିଶା ଆସିବେ। ଜୁଲାଇ ୪ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀଙ୍କ ଗସ୍ତ ସ୍ଥିରୀକୃତ ହୋଇଛି। ଏହି ଅବସରରେ ସେ କିଛି ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେବେ ଓ ଦଳୀୟ କାର୍ଯ୍ୟରେ ମଧ୍ୟ ଅଂଶଗ୍ରହଣ କରିବେ। ଏହାକୁ ନେଇ ରାଜ୍ୟ ବିଜେପି ରାଜନୀତି ସରଗରମ ହୋଇଛି। ଏକ ପକ୍ଷରେ ବିଜେପିର ନୂତନ ଅଧ୍ୟକ୍ଷ ନିତିନ ନବୀନ ନିଜର ନୂଆ ଟିମ୍ ଗଠନ କରିବାକୁ ଯାଉଛନ୍ତି, ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ପୁନର୍ଗଠନ କରିବେ ବୋଲି ଚର୍ଚ୍ଚା ହେଉଛି। ବିଜେପିର ଜାତୀୟ ଟିମ୍ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳ ପୁନର୍ଗଠନ ପରେ ରାଜ୍ୟରେ ମନ୍ତ୍ରୀ ପରିଷଦରେ ଅଦଳବଦଳ ହେବାର ଆକଳନ କରାଯାଉଛି। ▶ପୃଷ୍ଠା-୭

### ମଣ୍ଡିରେ ପଡ଼ିଛି ଧାନ

# କୀଟନାଶକ ପିଇ ଜୀବନ ହାରିଲେ ଚାଷୀ



■ କୋମନା, ୨୩।୬ (ସମିସ): ମଣ୍ଡିରେ ପଡ଼ିଛି ଧାନ, ଟୋକନ ଥାଇ ମଧ୍ୟ ମିଲର ଉଠାଉନାହିଁ। ଫଳରେ ସିଏସ୍‌ଓ ଅଫିସ ସମ୍ମୁଖରେ ଅନୁଷ୍ଠିତ ଆନ୍ଦୋଳନରେ ସାମିଲ ହୋଇ ନିରାଶରେ ଫେରିବା ପରେ କୀଟନାଶକ ପିଇ ଜୀବନ ହାରିଛନ୍ତି ଜଣେ ଚାଷୀ। ଏଭଳି ଅଭାବନୀୟ ଘଟଣା ଘଟିଛି ନୂଆପଡ଼ା ଜିଲ୍ଲା କୋମନା ବ୍ଲକରେ। ମୃତ ଚାଷୀ ହେଲେ କୋମନା ବ୍ଲକ ଜଡାମୁଣ୍ଡା ଗାଁର ନେପାଳ ମାଝୀ। ଧାନ ବିକି ନପାରି ଜୀବନ ହାରିଥିବା ଆଲୋଚନା ହେଉଛି। ପ୍ରକାଶ ଯେ, ଜଡ଼ାମୁଣ୍ଡା ରବି ଧାନ ମଣ୍ଡିରେ ମେ' ୩୦ରୁ ଜୁନ୍ ▶ପୃଷ୍ଠା-୭





ରାଇଡ୍ ବାଏ ୱାୟାର 3 ରାଇଡ୍ ମୋଡ୍ | ପ୍ୟାନିକ୍‌ବ୍ରେକଅଲର୍ଟ | ସମସ୍ତ LED ସେଟ୍ ଅପ୍ | ମଲ୍ଟି କଲର ଡିସପ୍ଲେ 60+ ଫିଚର୍ସ

ଏକ୍ସ-ଶୋରୁମ ମୂଲ୍ୟ ₹89,735#

ଭବିଷ୍ୟକୁ ଅନୁଭବ କରନ୍ତୁ

Hero GoodLife Stand a chance to win Silver Coins and many more assured benefits*

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. World's no 1 disclaimer - Highest sales for any 2 Wheeler Corporate Entity in the world for Calendar Year 2025 Data source: DNA Consult & Advisory's report Assessment of Global Two Wheelers Market(CY25). Accessories and features shown may not be a part of standard fitment. Always wear a helmet while riding a two-wheeler. ^Finance offer is at the sole discretion of the financier, subject to its respective T&Cs. $To avail corporate offer employee ID card is mandatory. *Offer valid only on purchase of new Hero Two-wheeler & Hero GoodLife Enrollment on the corresponding purchase till 30th June 2026. #Ex-showroom price of Glamour X Drum Brake variant in Bhubaneshwar.

TOLL FREE NO. 1800 266 0018

Authorized Dealers: Baripada: Aditya Hero - 7799766370, Bhadrak: Sanjib Hero - 9289922608, Cuttack: JMG Hero - 9289922178, Sunny Hero - 9289922697, Essen Hero - 9289923078, Jagatsinghpur: Sunny Autobikes - 9289233592, Bhubaneswar: Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, Vishal Hero - 9289922984, Nayagarh: Bhagabati Hero - 9289922687, Puri: Sanjib Hero - 9289923107, Chandikhol: S. K. Hero - 9289922900, Jajpur Road: Soumik Hero - 9289922611, Balasore: Neelam Hero - 9289922519, Baripada: Aditya Hero - 9289922585, Jaleswar: Sai Hero - 9289922844, Keonjhar: Supreme Hero - 9289922182, Behrampur: Lakshmi Motors - Dharma Nagar - 9289922184, Phulbani: Narayani Hero - 9289922991, Angul: Parbati Hero - 9289922902, Dhenkanal: Som Hero - 9289922614, Talcher: Tarini Hero - 9289922736 Authorized HeroSure Dealers: Bhubaneshwar: Arundhati Motobikes - 7682841658, Associate Dealers: Telkoi: Panchamukhi Motors - 9717004926, Barbil: Wheels Motors - 9776931870, Rairangpur: Maa Sakambari Motors - 7008581719, Mayurbhanj: JK Motors - 9040909925, Mahaveer Motors - 7326872255/9853290346, Basudevpur: Bidyalalita Automobile - 9827487072, Rahama: Sarala Automobiles - 9937018532, Kendrapara: Baishnabi Motors - 9437000437 Pattamundai: Mishra Auto - 9853843713, Narsinghpur: Ambika Motocorp - 9861811411, Nimapara: Basudev Automobiles - 9861020724, Pipili: Shri Ram Motors - 9437110789, Balugaon: Mahamayee Motors - 9437004624, Khurdha: Dinesh Trading Co. - 9778097876, Sakhigopal: Sai Motors - 9439765820, Begunia: Rashmi Automobiles - 9178316145, Balipatna: M/S Jagannath Motors - 7064309702, Chandpur: Apsara - 9861418161, Khuakia: Binayak Automobiles - 9090444379, Jajpur Town: Ayush Automobiles - 9556189870, Champus: SK Motors - 9437200263, Banamalipur: Duladei Motors - 7735425890, Sunderpada: Basudev Motors - 6371525029, Nakhra: S.G. Automobiles - 9778779778, Balichandanpur: Tarini Motocorp - 9437118933, Nischitakoili: AJS Automobiles - 9439754039, Katikata: Naaz Automobiles - 9866243937, Tangi: Sanam Motors - 9438703786, Turmunga: Maa Tarini Motors - 9777780823, Harichandanpur: Kalindi Motors - 9938989407, Anandapur: Gouranga Motors - 7008437346, Aul: Mohanty Motors - 9937425871, Baliapal: Baba Motor - 9438757377, Soro: Twinkle Motors - 9861594852, Basta: Shivam Motors - 7735958754, Karanjia: JK Motors - 9040909925, Bahalda: Suraj Motors - 7978159399, Udula: Mahaveer Motors - 9853290346, Amarda: Laxmi Motors - 8249028380, Bhogarai: Aditya Automobiles - 7205048019, Parlakhemundi: Preetam Enterprises - 9438685535, Bhanjanagar: Rebati Motors - 9438279794/9937015509, Patrapur: Ronak Motors - 9030985084, Tikabali: M/S Maa Rudrakali Automobiles - 7846961367, Baliguda: Sai Automobiles - 9827843657, Aska: Sagar Automobiles - 9437257777, Hinjilikatu: Sri Dakhinakali Automibiles - 9438076861, Khamakhyanagar: Reliance Automobiles - 9938435743, Chendipada: Tara Motors - 8018339414, Bhuban: Padmini Automobiles - 9337971343, Barkot: Ajay Motors - 9777325917.

## ବାୟୁସେନାର ସମସ୍ତ ୩୬ଟି ରାଫେଲ୍ ସୁରକ୍ଷିତ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଅପରେସନ ସିନ୍ଦୂର ସମୟରେ ଭାରତୀୟ ବାୟୁସେନାର ରାଫେଲ୍ ଯୁଦ୍ଧବିମାନକୁ ଖସାଇଥିବା ନେଇ ପାକିସ୍ତାନ ପକ୍ଷରୁ ବାରମ୍ବାର କରାଯାଉଥିବା ମିଥ୍ୟା ପ୍ରଚାର ପୁଣିଥରେ ବିଫଳ ହୋଇଛି। ବାୟୁସେନାର ସରକାରୀ ଦସ୍ତାବେଜରୁ ପ୍ରମାଣିତ ହୋଇଛି ଯେ, ଭାରତ ପାଖରେ ଥିବା ସମସ୍ତ ୩୬ଟି ଯାକ ରାଫେଲ୍ ଯୁଦ୍ଧବିମାନ ସମ୍ପୂର୍ଣ୍ଣ ସୁରକ୍ଷିତ ଏବଂ କାର୍ଯ୍ୟକ୍ଷମ ଅଛନ୍ତି। ବାୟୁସେନା ମୁଖ୍ୟାଳୟ ପକ୍ଷରୁ ଜୁନ୍‌ରେ ଏକ 'ରିକ୍ୱେଷ୍ଟ ଫର ପ୍ରପୋଜାଲ' ଦସ୍ତାବେଜ ଜାରି ହୋଇଥିଲା। ଏଥିରେ ବାୟୁସେନା ବର୍ତ୍ତମାନ ସେବାରେ ଥିବା ସମସ୍ତ ୩୬ଟି ରାଫେଲ୍ ବିମାନ ପାଇଁ ୫ ମାସର ରକ୍ଷଣାବେକ୍ଷଣ ସହାୟତା ପାଇଁ ଆବେଦନ କରିଛି। ୨୦୧୬ରେ ଫ୍ରାନ୍ସ ସହିତ ହୋଇଥିବା ସରକାରୀ ଚୁକ୍ତି ଅନୁସାରେ ଭାରତ ୩୬ଟି ରାଫେଲ୍ ବିମାନ କିଣିଥିଲା। ଏହି ଦସ୍ତାବେଜ ସ୍ପଷ୍ଟ କରିଛି ଯେ ସମସ୍ତ ବିମାନ ବର୍ତ୍ତମାନ ମଧ୍ୟ ବାୟୁସେନାର ଅଭିନ୍ନ ଅଙ୍ଗ ହୋଇ ରହିଛି। ଅପରେସନ୍ ସିନ୍ଦୂର ସମୟରେ ଭାରତର ଏକାଧିକ ରାଫେଲ୍ ବିମାନକୁ ନଷ୍ଟ କରିଦେଇଥିବା ନେଇ ପାକିସ୍ତାନ ସରକାର ଓ ସେଠାକାର ସୋସିଆଲ ମିଡିଆ ବାରମ୍ବାର ଦାବି କରିଆସୁଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ଏହି ସାମରିକ ଅଭିଯାନ ଆରମ୍ଭ କରିଥିଲା। ତେବେ ବାୟୁସେନାର ଏହି ନୂତନ ଟେଣ୍ଡର ପାକିସ୍ତାନର ଦାବିକୁ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରିଛି। ଏହା ପୂର୍ବରୁ ମଧ୍ୟ ପାକିସ୍ତାନ ଯେଉଁ ଟେଲ୍ ନମ୍ବର ଥିବା ବିମାନଗୁଡ଼ିକୁ ନଷ୍ଟ ହୋଇଥିବା କହିଥିଲା, ସେଗୁଡ଼ିକୁ ପରବର୍ତ୍ତୀ ସମୟରେ କାର୍ଯ୍ୟକ୍ଷମ ଅବସ୍ଥାରେ ଉଡୁଥିବାର ଦେଖିବାକୁ ମିଳିଥିଲା।

## ମାମୁଟି, ଅଲ୍‌କା ଯାଗ୍ନିକ ଏବଂ ଆର୍ ମାଧବନଙ୍କୁ ପଦ୍ମ ପୁରସ୍କାର

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଦ୍ୱିତୀୟ ସିଭିଲ୍ ଇନଭେଷ୍ଟିଚର୍ ସେରିମୋନିରେ ୨୦୨୬ ବର୍ଷ ପାଇଁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ଏହି ସମାରୋହରେ ମାଲାୟାଲମ୍ ସୁପରଷ୍ଟାର ମାମୁଟି, ପ୍ରସିଦ୍ଧ ଗାୟିକା ଅଲକା ଯାଗ୍ନିକ ଏବଂ ଅଭିନେତା ଆର ମାଧବନଙ୍କ ସମେତ ଅନେକ କଳାକାରଙ୍କୁ ସମ୍ମାନିତ କରାଯାଇଛି। ଅଲକା ଯାଗ୍ନିକଙ୍କୁ ପଦ୍ମ ଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ଅଭିନେତା ଆର ମାଧବନ, ମଗାନ୍ତି ମୁରଳୀ ମୋହନ, ରାଜେନ୍ଦ୍ର ପ୍ରସାଦ, ଅନିଲ କୁମାର ରାସ୍ତୋଗି ଏବଂ ଲୋକ କଳାକାର ଗୁରୁ ସାଙ୍ଗୟୁସାଙ୍ଗ ପୋଙ୍ଗେନର୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ସ୍ୱର୍ଗତ ଅଭିନେତା ସତୀଶ ଶାହଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ଦିଆଯାଇଥିବା ବେଳେ ତାଙ୍କ ଭାଇ ଅରବିନ୍ଦ ଶାହ ତାଙ୍କ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

## ଆଗ୍ରା କୋଚିଂ ସେଣ୍ଟର୍‌ରେ ଅଗ୍ନିକାଣ୍ଡ

ଆଗ୍ରା, ୨୩।୬(ଏଜେନ୍ସି): ଆଗ୍ରାର ଏକ କୋଚିଂ ସେଣ୍ଟରରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ଏଥିରେ ଶତାଧିକ ଛାତ୍ରଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଲକ୍ଷ୍ନୌରେ ଘଟିଥିବା ଭୟାବହ ଅଗ୍ନିକାଣ୍ଡର ୨୪ ଘଣ୍ଟା ମଧ୍ୟରେ ଏହି ଘଟଣା ଘଟିବାରୁ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ସୂଚନା ଅନୁଯାୟୀ, ଆଗ୍ରାସ୍ଥିତ ଆକାଶ କୋଚିଂ ସେଣ୍ଟରର ବେସମେଣ୍ଟରୁ ହଠାତ୍ ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଧୂଆଁ ଦେଖିବା ମାତ୍ରେ କୋଚିଂ କର୍ତ୍ତୃପକ୍ଷ ତୁରନ୍ତ ସତର୍କ ହୋଇଯାଇଥିଲେ ଏବଂ କ୍ଲାସରୁମରେ ଥିବା ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ପଠାଇଥିଲେ। ଏହି ଘଟଣାରେ କେହି ମୃତାହତ ହୋଇନଥିବା ସ୍ପଷ୍ଟ ହୋଇଛି। ଏକ ଟ୍ରାନ୍ସଫର୍ମରରେ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି। ପୁଲିସ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

## ଦିଲ୍ଲୀରେ ନାବାଳିକାକୁ ଦୁଷ୍କର୍ମ ପରେ ହତ୍ୟା; ଟ୍ୟାକ୍ସି ଚାଳକ ଗିରଫ

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଦେଶର ରାଜଧାନୀ ଦିଲ୍ଲୀର ମେହରୌଲି ଅଞ୍ଚଳରେ ଜଣେ ୧୧ ବର୍ଷର ନାବାଳିକାକୁ ଅପହରଣ, ଦୁଷ୍କର୍ମ ଏବଂ ପରେ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ଏହି ମାମଲାରେ ଜଣେ ଟ୍ୟାକ୍ସି ଚାଳକକୁ ଗିରଫ କରିଛି। ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ଜଣକ ନିଜ ପରିବାର ସହ ସିଡିଆର ଛକ ନିକଟସ୍ଥ ଫୁଟପାଥରେ ଶୋଇଥିଲେ। ସୋମବାର ଭୋର ପ୍ରାୟ ୬ଟାରେ ପରିବାର ଲୋକେ ଝିଅ ନିଖୋଜ ଥିବା ନେଇ ପୁଲିସକୁ ସୂଚନା ଦେଇଥିଲେ। ସିସିଟିଭି ଫୁଟେଜ୍ ଏବଂ ତଦନ୍ତ ଆଧାରରେ ପୁଲିସ ଅଭିଯୁକ୍ତ ଟ୍ୟାକ୍ସି ଚାଳକ ବବଲୁକୁ ଗିରଫ କରିବାରେ ସଫଳ ହୋଇଥିଲା। ପୁଲିସ ଜେରା ସମୟରେ ଅଭିଯୁକ୍ତ ନିଜର ଅପରାଧ ସ୍ୱୀକାର କରିଛି। ଅଭିଯୁକ୍ତର ସୂଚନା ଆଧାରରେ ପୁଲିସ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ପୀଡ଼ିତାଙ୍କ ପରିବାର ମୂଳତଃ ବିହାରର ବାସିନ୍ଦା। ପରିବାରରେ ୪ଟି ସନ୍ତାନ ଥିବାବେଳେ ପିତାମାତା ଦିନମଜୁରିଆ ଭାବେ କାମ କରନ୍ତି ଏବଂ ୧୧ ବର୍ଷର ନାବାଳିକା ଜଣକ ରାସ୍ତାରେ ବେଲୁନ୍ ବିକ୍ରି କରି ପରିବାରକୁ ସାହାଯ୍ୟ କରୁଥିଲେ ବୋଲି ଜଣାପଡ଼ିଛି। ଆର୍ଥିକ ଅଭାବ ଯୋଗୁଁ ଘରଭଡ଼ା ଦେଇ ନପାରିବାରୁ ସେମାନେ ଫୁଟପାଥରେ ରହିବାକୁ ବାଧ୍ୟ ହୋଇଥିଲେ। ପୁଲିସ ଅନୁଯାୟୀ, ଅଭିଯୁକ୍ତ ନାମରେ ପୂର୍ବରୁ ମଧ୍ୟ ଅପରାଧିକ ମାମଲା ରହିଛି।

# ନିଟ୍ ପରୀକ୍ଷା ଜାଲିଆତି ରାକେଟ୍‌ରେ ଲକ୍ଷ ଲକ୍ଷ ଟଙ୍କା କାରବାର



■ ଏମ୍ସ, ପାଟନା ଡାକ୍ତରୀ ଛାତ୍ର ସଂପୃକ୍ତ
■ ପରୀକ୍ଷାର୍ଥୀଙ୍କ ଠାରୁ ନେଉଥିଲେ ୪୦ ଲକ୍ଷ

ପାଟନା, ୨୩।୬(ଏଜେନ୍ସି): ବିହାରର ଲକ୍ଷ୍ମୀସରାଇ ଜିଲ୍ଲାରେ ଅନୁଷ୍ଠିତ ପୁନଃ ନିଟ୍ ପରୀକ୍ଷାରେ ପୁଣି ଜାଲିଆତି ଚେଷ୍ଟା ହୋଇଥିବା ଖବର ସାମ୍ନାକୁ ଆସିଛି। ଏମ୍ସ ପାଟନା, ପାଟନା ମେଡିକାଲ କଲେଜ ଏବଂ ହସ୍ପିଟାଲ (ପିଏମ୍‌ସିଏଚ୍) ଏବଂ ଗୟାର ଅନୁଗ୍ରହ ନାରାୟଣ ମଗଧ ମେଡିକାଲ କଲେଜ (ଏଏନ୍‌ଏମ୍‌ଏମ୍‌ସିଏଚ୍) ଭଳି ପ୍ରତିଷ୍ଠିତ ଅନୁଷ୍ଠାନର ଛାତ୍ରମାନେ ଅସଲି ପରୀକ୍ଷାର୍ଥୀଙ୍କ ବଦଳରେ ଛଦ୍ମବେଶୀ ପରୀକ୍ଷାର୍ଥୀ ଭାବେ ପରୀକ୍ଷା ଦେଉଥିବା ବେଳେ ଧରାପଡ଼ିଛନ୍ତି। ଏହି ଘଟଣାରେ ପୁଲିସ ବର୍ତ୍ତମାନ ସୁଦ୍ଧା ୨୪ ଜଣଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ଏହି ଗ୍ୟାଙ୍ଗ ମେଡିକାଲରେ ଆଡମିସନ କରାଇଦେବା ପାଇଁ ଜଣେ ଜଣେ ପରୀକ୍ଷାର୍ଥୀଙ୍କଠୁ ପ୍ରାୟ ୪୦ ଲକ୍ଷ ଟଙ୍କା ଆଦାୟ କରୁଥିଲେ। ଧନୀ ପରିବାରର ପିଲାମାନଙ୍କୁ ଟାର୍ଗେଟ୍ କରି ସେମାନଙ୍କ ବଦଳରେ ପରୀକ୍ଷା ଦେବା ପାଇଁ ମେଧାବୀ ମେଡିକାଲ ଛାତ୍ର ବା 'ସଲଭର' ମାନଙ୍କୁ ନିୟୋଜିତ କରାଯାଉଥିଲା। ଏହି କାର୍ଯ୍ୟ ପାଇଁ ଆର୍ଥିକ ଅସୁବିଧାରେ ଥିବା ମେଡିକାଲ ଛାତ୍ରମାନଙ୍କୁ ୧୫ ରୁ ୨୦ ଲକ୍ଷ ଟଙ୍କାର ପ୍ରଲୋଭନ ଦେଖାଯାଥିଲା। ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଦିଲ୍ଲୀ ଏବଂ ପଶ୍ଚିମବଙ୍ଗ ଭଳି ୬ଟି ରାଜ୍ୟରୁ ଛାତ୍ରମାନଙ୍କୁ ଅଣାଯାଇଥିଲା। ତେବେ ଏହି ଜାଲିଆତି ପ୍ରକ୍ରିୟାରେ ବାୟୋମେଟ୍ରିକ୍ ସୁରକ୍ଷା ବ୍ୟବସ୍ଥାକୁ ବାଇପାସ୍ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ବାୟୋମେଟ୍ରିକ୍ ଯାଞ୍ଚ ପାଇଁ ନିୟୋଜିତ ହୋଇଥିବା 'ଇନୋଭେଟିଭ୍ ଭ୍ୟୁ' ନାମକ ଏକ ଘରୋଇ ସଂସ୍ଥାର କର୍ମଚାରୀମାନେ ଏହି ଗ୍ୟାଙ୍ଗ ସହ ସାମିଲଥିବା କୁହାଯାଇଛି। ଏହି କମ୍ପାନୀ ପୂର୍ବରୁ ଅନେକ ରାଜ୍ୟରେ ବ୍ଲାକଲିଷ୍ଟେଡ୍ ହୋଇଥିଲା। ତଥାପି ଉକ୍ତ ସଂସ୍ଥାକୁ ଏହି ଗୁରୁଦାୟିତ୍ୱ ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ବାୟୋମେଟ୍ରିକ୍ ତଥ୍ୟ ମେଳ ନଖାଇଲେ ମଧ୍ୟ କର୍ମଚାରୀମାନେ ଜାଲ୍ ପରୀକ୍ଷାର୍ଥୀଙ୍କୁ ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଉଥିଲେ। ଏହି ସଂକ୍ରାନ୍ତରେ ୧୮ ଜଣ ବାୟୋମେଟ୍ରିକ୍ କର୍ମଚାରୀଙ୍କୁ ଗିରଫ କରାଯାଇଛି। ଗିରଫ ହୋଇଥିବା ମୁଖ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ପିଏମ୍‌ସିଏଚ୍‌ର ୨୦୨୨ ବ୍ୟାଚର ତୃତୀୟ ବର୍ଷର ଏମ୍‌ବିବିଏସ୍ ଛାତ୍ର ଅଶ୍ୱିନୀ କୁମାର ରହିଛନ୍ତି। ସେ ମୟଙ୍କ କାଶ୍ୟପ ନାମରେ ଏକ ଜାଲ୍ ପରିଚୟ ପତ୍ର ବ୍ୟବହାର କରୁଥିଲେ। ପରୀକ୍ଷା କେନ୍ଦ୍ରରେ ବାୟୋମେଟ୍ରିକ୍ ଯାଞ୍ଚ କର୍ମଚାରୀ ଭାବେ ରହି ସେ ପରୀକ୍ଷାର୍ଥୀଙ୍କୁ ସାହାଯ୍ୟ କରୁଥିଲେ। ଏପରିକି ପରୀକ୍ଷା ଦିନ ତାଙ୍କର କଲେଜରେ ଉପସ୍ଥାନ ଥିବା ଦେଖାଯାଇଛି। ଫଳରେ କଲେଜ ଭିତରେ ମଧ୍ୟ କେହି ତାଙ୍କୁ ସାହାଯ୍ୟ କରୁଥିବା ସନ୍ଦେହ ହୋଇଛି। ସେହିପରି ଅନ୍ୟଜଣେ ପଶ୍ଚିମବଙ୍ଗର ଜଲପାଇଗୁଡି ମେଡିକାଲ କଲେଜର ଛାତ୍ର ସଲଭର ମନ୍ତୋଷ କୁମାର ପରୀକ୍ଷା ଦେବାକୁ ଆସି ଧରାପଡ଼ିଥିଲେ। ଲକ୍ଷ୍ମୀସରାଇ ଏସପି ପ୍ରେରଣା କୁମାର କହିଛନ୍ତି ଯେ ଏହି ନେଟୱାର୍କ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଦିଲ୍ଲୀ ସମେତ ଅନେକ ରାଜ୍ୟକୁ ବ୍ୟାପିଛି। ବର୍ତ୍ତମାନ ଏହି ମାମଲାକୁ ଅଧିକ ତଦନ୍ତ ପାଇଁ ଅର୍ଥନୈତିକ ଅପରାଧ ଶାଖାକୁ ହସ୍ତାନ୍ତର କରାଯାଇଛି। ବିଭିନ୍ନ ମେଡିକାଲ କଲେଜର ଅଧକ୍ଷମାନେ ମଧ୍ୟ ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଛାତ୍ରମାନଙ୍କ ବିରୁଦ୍ଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏହି ସ୍କାମ୍ ସାମ୍ନାକୁ ଆସିବା ପରେ ପରୀକ୍ଷା ବ୍ୟବସ୍ଥାର ସ୍ୱଚ୍ଛତା ଉପରେ ପୁଣି ଥରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନିର୍ବାଚନ ଫଳାଫଳକୁ ଚାଲେଞ୍ଜ: କୋର୍ଟ ଗଲେ ମମତା



ସିସିଟିଭି ଫୁଟେଜ୍ ଏବଂ ଇଭିଏମ୍ ସଂରକ୍ଷିତ ରଖିବାକୁ କୋର୍ଟଙ୍କ ନିର୍ଦ୍ଦେଶ


କୋଲକାତା, ୨୩।୬(ଏଜେନ୍ସି): ନିର୍ବାଚନରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପରାଜୟ ପରେ ନିର୍ବାଚନ ଫଳାଫଳ ନେଇ କଲିକତା ହାଇକୋର୍ଟରେ ମାମଲା ଦାୟର ହୋଇଛି। ଏନେଇ ଭବାନୀପୁର ନିର୍ବାଚନ ମଣ୍ଡଳୀର ଭୋଟ୍ ଗଣତି ପ୍ରକ୍ରିୟା ସହ ଜଡିତ ସମସ୍ତ ସିସିଟିଭି ଫୁଟେଜ୍, ଇଭିଏମ୍ ଏବଂ ଭିଭିପାଟ୍ ମେସିନଗୁଡ଼ିକୁ ସୁରକ୍ଷିତ ଭାବେ ସଂରକ୍ଷିତ ରଖିବା ପାଇଁ ହାଇକୋର୍ଟ ମଙ୍ଗଳବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମମତା ନିଜର ପାରମ୍ପରିକ ଆସନ ଭବାନୀପୁରରୁ ବିଜେପି ପ୍ରାର୍ଥୀ ଶୁଭେନ୍ଦୁ ଅଧିକାରୀଙ୍କଠାରୁ ୧୫, ୧୦୫ ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିଲେ। ଏହି ଫଳାଫଳକୁ ଚ୍ୟାଲେଞ୍ଜ କରି ମମତା ଏକ ନିର୍ବାଚନ ପିଟିସନ ଦାୟର କରିଥିଲେ। ସେଥିରେ ସେ ଭୋଟ୍ ଗଣତି ସମୟରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହୋଇଥିବା ଅଭିଯୋଗ କରିଛନ୍ତି। ମମତାଙ୍କ ଓକିଲ କଲ୍ୟାଣ ବାନାର୍ଜୀ କୋର୍ଟରେ ଯୁକ୍ତି ବାଢ଼ିଥିଲେ ଯେ, ୧୨ତମ ରାଉଣ୍ଡ ଗଣତି ପର୍ଯ୍ୟନ୍ତ ମମତା ଆଗୁଆ ଥିଲେ। କିନ୍ତୁ ପରେ ପରିଣାମ ହଠାତ୍ ବଦଳି ଯାଇଥିଲା। ଏପରିକି ଟିଏମ୍‌ସିର ଗଣତି ଏଜେଣ୍ଟମାନଙ୍କୁ ମାଡ଼ ମରାଯିବା ସହ ସେମାନଙ୍କୁ ଜୋର ଜବରଦସ୍ତ ଗଣତି କେନ୍ଦ୍ରରୁ ବାହାର କରି ଦିଆଯାଇଥିଲା ବୋଲି ସେ ଅଭିଯୋଗ କରିଛନ୍ତି। ଏହି ସମସ୍ତ ଘଟଣା ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଛି ବୋଲି ଦାବି କରାଯାଇଛି। ଜଷ୍ଟିସ୍ ଗୌରାଙ୍ଗ କାନ୍ତ ଏହି ମାମଲାର ଶୁଣାଣି କରି ପ୍ରମାଣଗୁଡ଼ିକୁ ନଷ୍ଟ ହେବାରୁ ରକ୍ଷା କରିବା ପାଇଁ ତୁରନ୍ତ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମଇ ୪ରେ ଗଣତି କେନ୍ଦ୍ର ଏବଂ ଗଣତି ହଲ୍ ଭିତରେ ଓ ବାହାରେ ରେକର୍ଡ ହୋଇଥିବା ସମସ୍ତ ସିସିଟିଭି ଫୁଟେଜ୍ ସଂରକ୍ଷିତ ରଖାଯିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭବାନୀପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବ୍ୟବହୃତ ହୋଇଥିବା ସମସ୍ତ ଇଭିଏମ୍ କଣ୍ଟ୍ରୋଲ୍ ୟୁନିଟ୍ ଏବଂ ବାଲଟ୍ ୟୁନିଟ୍ ସୁରକ୍ଷିତ ରଖାଯିବ, ନିର୍ବାଚନରେ ବ୍ୟବହୃତ ସମସ୍ତ ଭିଭିପାଟ୍ ମେସିନଗୁଡ଼ିକୁ ମଧ୍ୟ ହେପାଜତରେ ରଖାଯିବ ବୋଲି କୋର୍ଟ ରାୟ ଦେଇଛନ୍ତି। ଏହାସହ ଅଦାଲତ ସ୍ପଷ୍ଟ କରିଛନ୍ତି ଯେ, କୋର୍ଟଙ୍କ ବିନା ଅନୁମତିରେ ଏହି ସାମଗ୍ରୀଗୁଡ଼ିକୁ କୌଣସି ପ୍ରକାରେ ନଷ୍ଟ କରାଯାଇପାରିବ ନାହିଁ, ପୁନର୍ବାର ବ୍ୟବହାର କରାଯାଇପାରିବ ନାହିଁ କିମ୍ବା ସେଥିରେ କୌଣସି ପରିବର୍ତ୍ତନ କରାଯାଇପାରିବ ନାହିଁ।

## ବାହାଘର ପୂର୍ବରୁ ଯୁବକଙ୍କୁ ହତ୍ୟା କଲା ପ୍ରେମିକା



ପୁଣେ, ୨୩।୬ (ଏଜେନ୍ସି): ମହାରାଷ୍ଟ୍ରର ପୁଣେସ୍ଥିତ ଐତିହାସିକ ଲୋହଗଡ଼ ଦୁର୍ଗରୁ ଖସିପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟଣାରେ ଚାଞ୍ଚଲ୍ୟକର ରହସ୍ୟ ସାମ୍ନାକୁ ଆସିଛି। ପ୍ରଥମେ ଏକ ଦୁର୍ଘଟଣା ବୋଲି କୁହାଯାଉଥିବା ଏହି ଘଟଣା ପ୍ରକୃତରେ ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ଜଣାପଡ଼ିଛି। ୨୫ ବର୍ଷୀୟ କେତନ ବିଶାଳ ଅଗ୍ରୱାଲଙ୍କୁ ତାଙ୍କ ନିର୍ବନ୍ଧ ସରିଥିବା ଭାବି ପତ୍ନୀ ସିୟା ଗୋୟଲ ଏବଂ ତାଙ୍କ ପ୍ରେମୀ ଚେତନ ଚୌଧୁରୀ ମିଶି ଦୁର୍ଗରୁ ୩୫୦ ଫୁଟ୍ ଗଭୀର ଖାଇକୁ ଠେଲି ହତ୍ୟା କରିଥିବା ଅଭିଯୋଗରେ ପୁଲିସ ଉଭୟଙ୍କୁ ଗିରଫ କରିଛି। ତଦନ୍ତ ଅନୁଯାୟୀ, ୨୦ ବର୍ଷୀୟା ସିୟା ନିଜ ପରିବାର ଦ୍ୱାରା ଠିକ୍ କରାଯାଇଥିବା କେତନଙ୍କୁ ବିବାହ କରିବାକୁ ଚାହୁଁନଥିଲେ। ତାଙ୍କର ୨୨ ବର୍ଷୀୟ ଚେତନ ଚୌଧୁରୀଙ୍କ ସହ ପ୍ରେମ ସମ୍ପର୍କ ଥିଲା। ତେଣୁ ଉଭୟ କେତନଙ୍କୁ ସେମାନଙ୍କ ସମ୍ପର୍କର ଏକ ବଡ଼ ପ୍ରତିବନ୍ଧକ ବୋଲି ଭାବୁଥିଲେ। ଶେଷରେ ସେ ଚେତନଙ୍କ ସହ ମିଶି କେତନଙ୍କୁ ରାସ୍ତାରୁ ହଟାଇବା ପାଇଁ ଯୋଜନା କରିଥିଲେ। ଜୁନ୍ ୧୮ରେ ଘଟିଥିବା ଏହି ଘଟଣା ପ୍ରକୃତରେ ହତ୍ୟା ପାଇଁ ସେମାନଙ୍କର ଦ୍ୱିତୀୟ ପ୍ରୟାସ ଥିଲା ବୋଲି ପୁଲିସ କହିଛି। ଏହା ପୂର୍ବରୁ ଜୁନ୍ ୧୪ରେ ମଧ୍ୟ ସେମାନେ ଲୋହଗଡ଼ ଦୁର୍ଗରେ କେତନଙ୍କୁ ସର୍ପାଘାତର ଭୟ ଦେଖାଇ ଖାଇକୁ ଠେଲିଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ସମୟରେ କେତନ ବଞ୍ଚିଯାଇଥିଲେ। ସିୟା ଏହି ଘଟଣାକୁ ଏକ ଦୁର୍ଘଟଣାର ରୂପ ଦେବାକୁ ବହୁ ଚେଷ୍ଟା କରିଥିଲେ। ଏପରିକି ବିବାହ ପୂର୍ବରୁ ବାଲି ଯିବାର ଯୋଜନାକୁ ବାତିଲ କରିବାକୁ ସେ ନିଜ ପାସପୋର୍ଟକୁ ହୋଟେଲର ଶୌଚାଳୟରେ ଫୋପାଡ଼ି ଦେଇଥିଲେ। ଘଟଣା ଦିନ ସିୟାଙ୍କ ଜନ୍ମଦିନ ପାଳନ ପାଇଁ ସେମାନେ ଦୁର୍ଗକୁ ଯାଇଥିଲେ। କେତନ ଫଟୋ ଉଠାଉଥିବା ସମୟରେ ଭାରସାମ୍ୟ ହରାଇ ଖସିପଡ଼ିଥିବା ସିୟା ଦାବି କରିଥିଲେ। ମାତ୍ର ପଚରାଉଚରା ସମୟରେ ତାଙ୍କ ଉପରେ ସନ୍ଦେହ ଜାତ ହୋଇଥିଲା। ମୋବାଇଲ୍ ଫୋନ୍ ରେକର୍ଡ ତଥା ସୋସିଆଲ ମିଡିଆ ଯାଞ୍ଚ ପରେ ହତ୍ୟାକାଣ୍ଡର ରହସ୍ୟ ଖୋଲିଥିଲା। ସିୟା ଏବଂ ଚେତନଙ୍କ ମଧ୍ୟରେ ଥିବା ସମ୍ପର୍କ ଏବଂ ହତ୍ୟା ଯୋଜନାର ଡିଜିଟାଲ ପ୍ରମାଣ ପୁଲିସକୁ ମିଳିଛି। ବର୍ତ୍ତମାନ ପୁଲିସ ଏହି ମାମଲାରେ ଅଧିକ ତଦନ୍ତ ଜାରି ରଖିଛି।

# ବୁଝାମଣା ସତ୍ତ୍ୱେ ହର୍ମୁଜ ଅନିଶ୍ଚିତତା



■ ସମୁଦ୍ର ପଥ ଖୋଲା ରହିବ: ଟ୍ରମ୍ପ
■ ଅବରୋଧ ପାଇଁ ମଧ୍ୟ ପ୍ରସ୍ତୁତ

ୱାସିଂଟନ୍, ୨୩।୬(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ମଙ୍ଗଳବାର କହିଛନ୍ତି ଯେ ହର୍ମୁଜ ପ୍ରଣାଳୀକୁ ବର୍ତ୍ତମାନ ପାଇଁ ଖୋଲା ରଖାଯିବ ଏବଂ କୌଣସି ନୌସେନା ଅବରୋଧ କରାଯିବ ନାହିଁ। ଇରାନ ସହ ଆଣବିକ ଆଲୋଚନା ସକାରାତ୍ମକ ଭାବେ ଆଗକୁ ବଢୁଥିବାରୁ ଏହି ନିଷ୍ପତ୍ତି ନିଆଯାଇଛି ବୋଲି ସେ ସୂଚନା ଦେଇଛନ୍ତି। ଟ୍ରମ୍ପ ଟ୍ରୁଥ୍ ସୋସିଆଲ୍‌ରେ ପ୍ରକାଶ କରିଛନ୍ତି ଯେ, ଇରାନ ଭବିଷ୍ୟତ ପାଇଁ ଉଚ୍ଚସ୍ତରୀୟ ଆଣବିକ ଯାଞ୍ଚ ପାଇଁ ସମ୍ପୂର୍ଣ୍ଣ ଭାବେ ରାଜି ହୋଇଛି। ଏହାଦ୍ୱାରା ଆଣବିକ ସ୍ୱଚ୍ଛତା ବଜାୟ ରହିବ। ଇରାନ ଏହି ସର୍ତ୍ତରେ ସମ୍ମତି ପ୍ରକାଶ କରିନଥିଲେ ଆଗକୁ କୌଣସି ଆଲୋଚନା ହୋଇନଥାନ୍ତା ବୋଲି ଟ୍ରମ୍ପ ସ୍ପଷ୍ଟ କରିଛନ୍ତି। ଇରାନ ସହ ହୋଇଥିବା ବୁଝାମଣାକୁ ସେ ଏକ ବଡ଼ କୂଟନୈତିକ ବିଜୟ ବୋଲି ଅଭିହିତ କରିଛନ୍ତି। ଇରାନରେ ସୃଷ୍ଟି ହୋଇଥିବା ମାନବୀୟ ସଙ୍କଟକୁ ଦୃଷ୍ଟିରେ ରଖି ଟ୍ରମ୍ପ ଏକ ସହାୟତା ବ୍ୟବସ୍ଥା ବିଷୟରେ ଜଣାଇଛନ୍ତି। ଆମେରିକା ଟ୍ରେଜେରି ଦ୍ୱାରା ମୁକ୍ତ କରାଯାଇଥିବା ଅର୍ଥ ସିଧାସଳଖ ଇରାନକୁ ନଯାଇ ଆମେରିକା ପ୍ରଶାସନର ନିୟନ୍ତ୍ରଣରେ ଥିବା ଏକ ଏସ୍କ୍ରୋ ଆକାଉଣ୍ଟରେ ରହିବ। ଏହି ଅର୍ଥ କେବଳ ଆମେରିକୀୟ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ଏବଂ ଔଷଧ କିଣିବା ପାଇଁ ବ୍ୟବହୃତ ହେବ। ଇତିମଧ୍ୟରେ ହର୍ମୁଜ ଦେଇ ଗତ ସୋମବାର ରେକର୍ଡସ୍ତରୀୟ ୧୯ ନିୟୁତ ବ୍ୟାରେଲ୍ ଅଶୋଧିତ ତୈଳ ପରିବହନ ହୋଇଛି। ଫଳରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ହ୍ରାସ ପାଉଥିବା ବେଳେ ବିଶ୍ୱ ବଜାରରେ ସୁରକ୍ଷା ଭାବନା ବୃଦ୍ଧି ପାଇଛି ବୋଲି ଟ୍ରମ୍ପ କହିଛନ୍ତି। ତଥାପି ଆବଶ୍ୟକ ପଡ଼ିଲେ ନୌସେନା ପୁଣି ଥରେ ଅବରୋଧ କରିବା ପାଇଁ ସଜାଗ ରହିଛି। ଅନ୍ୟପଟେ, ଓମାନ ଏବଂ ଇରାନ ଏକ ମିଳିତ ବିବୃତି ଜାରି କରି ହର୍ମୁଜ ପ୍ରଣାଳୀକୁ ଅନ୍ତର୍ଜାତୀୟ ଜଳପଥ ଭାବେ ସୁରକ୍ଷିତ ଏବଂ ଖୋଲା ରଖିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଉଭୟ ଦେଶ ଏହି ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଦାବି କରିବା ସହ ଭବିଷ୍ୟତରେ ଏହାର ପରିଚାଳନା ପାଇଁ ଏକ ନୂତନ ଢାଞ୍ଚା ପ୍ରସ୍ତୁତ କରିବାକୁ ଯୋଜନା କରିଛନ୍ତି।

## ଇସ୍ରାଏଲ୍ ସହ ସମ୍ପର୍କ: ଇରାନରେ ୩୨୦୦ରୁ ଅଧିକ ଗିରଫ, ସମ୍ପତ୍ତି ବ୍ୟାଜାପ୍ତ

ତେହେରାନ, ୨୩।୬(ଏଜେନ୍ସି): ଇସ୍ରାଏଲ୍‌କୁ ସାହାଯ୍ୟ କରିବା ଅଭିଯୋଗରେ ଇରାନ ସରକାର ନିଜ ଦେଶର ନାଗରିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଶତ୍ରୁ ଦେଶ ପାଇଁ କାମ କରୁଥିବା ଏବଂ ସରକାର ବିରୋଧୀ ଅପପ୍ରଚାର ଚଳାଇଥିବା ଅଭିଯୋଗରେ ୩, ୨୯୨ ଜଣଙ୍କୁ ଗିରଫ କରାଯାଇଥିବା ନେଇ ଇରାନର ନ୍ୟାୟିକ ବିଭାଗ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରୁ ୬୮୪ ଜଣଙ୍କ ବିରୋଧରେ ଇସ୍ରାଏଲ୍ ପାଇଁ ସାମରିକ ଗତିବିଧିରେ ସହଯୋଗ କରିଥିବାର ଗୁରୁତର ଅଭିଯୋଗ ରହିଛି। ଏଥିସହିତ ୧, ୨୫୮ ଜଣଙ୍କ ଉପରେ ରାଷ୍ଟ୍ର ବିରୋଧୀ ରାଜନୈତିକ ପ୍ରୋପାଗାଣ୍ଡା ବା ଅପପ୍ରଚାର କରିଥିବା ଅଭିଯୋଗ ହୋଇଛି। ଏପର୍ଯ୍ୟନ୍ତ ୧, ୦୬୧ ଜଣଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଛି। ସରକାର ଶତାଧିକ ସନ୍ଦିଗ୍ଧଙ୍କ ସମ୍ପତ୍ତିକୁ ମଧ୍ୟ ବ୍ୟାଜାପ୍ତ କରିଛନ୍ତି। ଗତ ସପ୍ତାହରେ ଇସଫାହାନ ପ୍ରଦେଶରେ ପ୍ରାୟ ୧୦୦ ଜଣ ବ୍ୟକ୍ତିଙ୍କ ସମ୍ପତ୍ତି ସରକାର ନିଜ ଅକ୍ତିଆରକୁ ନେଇଛନ୍ତି। ଚଳିତ ବର୍ଷ ଜାନୁଆରୀରେ ଇରାନରେ ବ୍ୟାପକ ସରକାର ବିରୋଧୀ ଆନ୍ଦୋଳନ ହୋଇଥିଲା। ଏହାପରେ ଦମନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବର୍ତ୍ତମାନ ହୋଇଥିବା ଗିରଫଦାରି ତାହାର ଅଂଶବିଶେଷ ବୋଲି କୁହାଯାଇଛି। ସେତେବେଳେ ପ୍ରାୟ ୫୦, ୦୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଥିଲା। ଇରାନର ବିପ୍ଳବୀ ଗାର୍ଡ ଦାବି କରିଛି ଯେ, ଆମେରିକା ଏବଂ ଇସ୍ରାଏଲ୍‌ର ମିଳିତ ବିମାନ ଆକ୍ରମଣ ସମୟରେ ଏହି ବ୍ୟକ୍ତିମାନେ ସେମାନଙ୍କୁ ଗୁପ୍ତ ତଥ୍ୟ ଯୋଗାଇ ସହାୟତା କରୁଥିଲେ। ଅନ୍ୟପଟେ, ଅନ୍ତର୍ଜାତୀୟ ମାନବାଧିକାର ସଂଗଠନଗୁଡ଼ିକ ଇରାନର ଏହି ପଦକ୍ଷେପକୁ କଠୋର ସମାଲୋଚନା କରିଛି। ଆମ୍ନେଷ୍ଟି ଇଣ୍ଟରନ୍ୟାସନାଲ୍ କହିଛି ଯେ, ଇରାନ ଯୁଦ୍ଧର ଆଳ ଦେଖାଇ ନିଜ ଦେଶର ବିରୋଧୀ ସ୍ୱରକୁ ଚାପିବା ପାଇଁ ବେଆଇନ ଗିରଫଦାରି ଏବଂ କଠୋର ଦଣ୍ଡାଦେଶ ପ୍ରଦାନ କରୁଛି। ନରୱେ ସ୍ଥିତ 'ଇରାନ ହ୍ୟୁମାନ ରାଇଟ୍ସ ଗ୍ରୁପ୍'ର ତଥ୍ୟ ଅନୁଯାୟୀ, ଚଳିତ ବର୍ଷ ଜୁନ୍ ୮ ସୁଦ୍ଧା ଅତିକମରେ ୪୦ ଜଣ ବନ୍ଦୀଙ୍କୁ ରାଜନୈତିକ ଅଭିଯୋଗରେ ଫାଶୀ ଦିଆଯାଇଛି।







# ଦୁଇ ମିନିଟ୍ ବିଳମ୍ବ ପାଇଁ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ଧୂଳିସାତ୍

ପୁନଃ ନିଟ୍ ପରୀକ୍ଷା

ନୂଆଦିଲ୍ଲୀ, ୨୩।୬(ଏଜେନ୍ସି): ଭାରତର ସବୁଠାରୁ କଠିନ ପ୍ରବେଶିକା ପରୀକ୍ଷା ମଧ୍ୟରୁ ଅନ୍ୟତମ ନିଟ୍। ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ବିଭ୍ରାଟର ମାସେ ପରେ ପୁନଃ ନିଟ୍ ପରୀକ୍ଷାକୁ ନେଇ ଏବେ ସାରା ଦେଶରେ ଚର୍ଚ୍ଚା। ପେପର ଲିକ୍ ବିବାଦ ପରେ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)କୁ ପରୀକ୍ଷା ପରିଚାଳନା ପାଇଁ ଦ୍ୱିତୀୟ ସୁଯୋଗ ମିଳିଥିବା ବେଳେ, ମାତ୍ର କିଛି ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଅନେକ ଛାତ୍ରଛାତ୍ରୀଙ୍କୁ କିନ୍ତୁ କୌଣସି ସୁଯୋଗ ଦିଆଯାଇ ନାହିଁ। ଶନିବାର ଏନ୍‌ଟିଏ ପକ୍ଷରୁ ଭାରତ ଓ ବିଦେଶର ୫, ୪୦୦ ରୁ ଅଧିକ କେନ୍ଦ୍ରରେ ପ୍ରାୟ ୨୨.୭ ଲକ୍ଷ ପ୍ରାର୍ଥୀଙ୍କ ପାଇଁ ଏହି ପୁନଃ ପରୀକ୍ଷା ଆୟୋଜିତ ହୋଇଥିଲା। ପେପର ଲିକ୍ ପରି ଘଟଣାର ପୁନରାବୃତ୍ତି ରୋକିବା ପାଇଁ ଏଥର ଏଆଇ ମନିଟରିଂ, ବାୟୋମେଟ୍ରିକ ଯାଞ୍ଚ ଏବଂ ପ୍ରାୟ ୫୦, ୦୦୦ ଜାମର ବ୍ୟବହାର ସହ ଅଭୂତପୂର୍ବ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପରୀକ୍ଷା ନିୟମ ଅନୁସାରେ ଦିନ ୧.୩୦ ସୁଦ୍ଧା ଗେଟ୍ ବନ୍ଦ ହେବାର ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ବର୍ଷା, ଟ୍ରାଫିକ୍ ଜାମ୍ କିମ୍ବା ଗାଡି ପଙ୍କଚର ଭଳି ଅପ୍ରତ୍ୟାଶିତ କାରଣ ଯୋଗୁଁ ମାତ୍ର ୨ ରୁ ୫ ମିନିଟ୍ ବିଳମ୍ବରେ ପହଞ୍ଚିଥିବା ଛାତ୍ରଛାତ୍ରୀଙ୍କୁ ଭିତରକୁ ପ୍ରବେଶ ଅନୁମତି ମିଳିନଥିଲା। ମଧ୍ୟପ୍ରଦେଶର ବିଦିଶାରେ ଜଣେ ଛାତ୍ରୀ ବର୍ଷା ଓ ମୋଟରସାଇକେଲ ପଙ୍କଚର ଯୋଗୁଁ ମାତ୍ର ୨ ମିନିଟ୍ ବିଳମ୍ବରେ ପହଞ୍ଚିଥିଲେ। ତାଙ୍କ ପିତା ପରୀକ୍ଷା କେନ୍ଦ୍ର ବାହାରେ କାନ୍ଦି କାନ୍ଦି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ଶେଷରେ ବାୟୋମେଟ୍ରିକ ଲକ୍ ହୋଇଯିବା କାରଣରୁ ଛାତ୍ରୀଜଣକ ପରୀକ୍ଷା ଦେଇପାରିନଥିଲେ। ସେହିପରି ତେଲେଙ୍ଗାନା ଜଗିତିଆଲ ଜିଲ୍ଲାରୁ ଆସିଥିବା ଏକ ଭିଡିଓରେ ଜଣେ ମା' ନିଜ ଝିଅ ପାଇଁ ସୁରକ୍ଷା କର୍ମୀଙ୍କ ପାଦ ତଳେ ପଡ଼ି ନେହୁରା ହେଉଥିବାର ଦୃଶ୍ୟ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ବେଙ୍ଗାଲୁରୁରେ ଟ୍ରାଫିକ୍ ଯୋଗୁଁ ବିଳମ୍ବ ହେବାରୁ କିଛି ଛାତ୍ରୀ ଗେଟ୍ ଡେଇଁ ପ୍ରବେଶ କରିବାକୁ ଚେଷ୍ଟା କରିଥିବା ଦେଖିବାକୁ ମିଳିଛି। ସେହିପରି ମୋରାଦାବାଦରେ ଗୁଗଲ୍ ମ୍ୟାପ୍‌ର ଭୁଲ୍ ନିର୍ଦ୍ଦେଶ ଯୋଗୁଁ ଅନେକ ପରୀକ୍ଷାର୍ଥୀ ଠିକ୍ ସମୟରେ କେନ୍ଦ୍ରରେ ପହଞ୍ଚିପାରି ନଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ଅଭିଭାବକ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପରୀକ୍ଷା ପ୍ରଣାଳୀର ତ୍ରୁଟି ଯୋଗୁଁ ୨୩ ଲକ୍ଷ ଛାତ୍ରଛାତ୍ରୀଙ୍କୁ ମାସେରୁ ଅଧିକ ସମୟ ଅପେକ୍ଷା କରାଯାଇ ପାରିଲା। କିନ୍ତୁ ପରୀକ୍ଷାର୍ଥୀଙ୍କ ପାଇଁ ମାତ୍ର ୨ ମିନିଟ୍ ସମୟ ସହ କୋହଳ କରାଗଲା ନାହିଁ କାହିଁକି ବୋଲି ପ୍ରଶ୍ନ ଉଠିଛି।

## ଛତିଶଗଡ଼ରୁ ଆସୁନି ଟୋପେ ବି ପାଣି

# ମୃତ୍ୟୁଶଯ୍ୟାରେ ମହାନଦୀ



ଅମ୍ବାଭୋନା, ୨୩।୬ (ସମିସ): ଓଡ଼ିଶାର ଜୀବନରେଖା ମହାନଦୀ ଏବେ ଗୁରୁତର ଜଳ ସଂକଟ ଦେଇ ଗତି କରୁଛି। ବର୍ଷା ଋତୁ ଆରମ୍ଭ ହୋଇଥିଲେ ମଧ୍ୟ ଛତିଶଗଡ଼ରୁ ଆବଶ୍ୟକ ପରିମାଣର ଜଳ ପ୍ରବାହ ହେଉନଥିବାରୁ ଓଡ଼ିଶା ସୀମାରେ ନଦୀର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। ଯେଉଁ ମହାନଦୀ ଦିନେ ଲୋକଙ୍କ ଜୀବିକା, କୃଷି, ମତ୍ସ୍ୟଚାଷ ଓ ପାନୀୟ ଜଳର ପ୍ରମୁଖ ଉତ୍ସ ଥିଲା, ସେହି ନଦୀ ଆଜି ଅନେକ ସ୍ଥାନରେ ଶୁଖିଲା ବାଲୁକା ଶଯ୍ୟାରେ ପରିଣତ ହୋଇଛି।

ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଭୈନାତୋରା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଚିଖିଲି ନିକଟରେ ମହାନଦୀ ଓଡ଼ିଶାକୁ ପ୍ରବେଶ କରିଥାଏ। ଏହି ସ୍ଥାନରେ ବର୍ତ୍ତମାନ ନଦୀର ଜଳସ୍ତର ଅସ୍ୱାଭାବିକ ଭାବରେ ହ୍ରାସ ପାଇଥିବା ଦେଖି ସ୍ଥାନୀୟ ଲୋକେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରୀଷ୍ମ ଋତୁରେ ମଧ୍ୟ ଯେଉଁଠାରେ ୨୦ରୁ ୨୫ ଫୁଟ ପର୍ଯ୍ୟନ୍ତ ପାଣି ରହୁଥିଲା, ସେଠାରେ ଏବେ ବାଲିଚର ଓ ଶୁଖିଲା ନଦୀପଠା ଦେଖିବାକୁ ମିଳୁଛି। ଉପରମୁଣ୍ଡରେ କଳମା, ସାରାଡିହି, ମରୋନି ଓ ବସନ୍ତପୁର ଅଞ୍ଚଳରେ ଏକାଧିକ ବ୍ୟାରେଜ, ଆନିକଟ ଓ ଜଳ ସଂରକ୍ଷଣ ପ୍ରକଳ୍ପ ନିର୍ମାଣ କରି ମହାନଦୀର ସ୍ୱାଭାବିକ ଜଳ ପ୍ରବାହକୁ ଅଟକାଇ ରଖିଛି ଛତିଶଗଡ଼। ଏହି ପ୍ରକଳ୍ପଗୁଡ଼ିକରୁ ଶିଳ୍ପ ପ୍ରତିଷ୍ଠାନକୁ ବ୍ୟାପକ ପରିମାଣରେ ଜଳ ଯୋଗାଣ କରାଯାଉଥିବାରୁ ତଳମୁଣ୍ଡରେ ଥିବା ଓଡ଼ିଶା ଅଞ୍ଚଳ ଜଳ ସଙ୍କଟର ସମ୍ମୁଖୀନ ହେଉଛି। ଏହି ପ୍ରସଙ୍ଗରେ ଦୁଇ ରାଜ୍ୟ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଚାଲିଥିବା ବେଳେ ମାମଲା ସୁପ୍ରିମକୋର୍ଟ ଏବଂ ମହାନଦୀ ଟ୍ରିବ୍ୟୁନାଲର ବିଚାରାଧୀନ ରହିଛି।

### ଭୂତଳ ଜଳସ୍ତର ହ୍ରାସକୁ ନେଇ ବଢୁଛି ଚିନ୍ତା

ମହାନଦୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଚିଖିଲି, ମହୁଲପାଲି, ପଥରାସେନୀ, ଲାଉନସରା, ତାମଦେଇ, ଜରିମୁଲି, ଗୋବିନ୍ଦପୁର ଏବଂ କୁରୁମକେଲ ଭଳି ନଦୀକୂଳିଆ ଗ୍ରାମଗୁଡ଼ିକ ସବୁଠାରୁ ଅଧିକ ପ୍ରଭାବିତ ହୋଇଛନ୍ତି। ପାନୀୟ ଜଳ ଅଭାବ ସହ ଗୃହପାଳିତ ପଶୁପକ୍ଷୀଙ୍କ ପାଇଁ ମଧ୍ୟ ପାଣି ଯୋଗାଡ଼ କଷ୍ଟସାଧ୍ୟ ହୋଇପଡ଼ିଛି। ନଦୀ ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାରଙ୍କ ଜୀବିକା ଏବେ ବିପଦରେ। ନଦୀରେ ପାଣି କମିଯିବାରୁ ମାଛ ସଂଖ୍ୟା ହ୍ରାସ ପାଉଥିବା ବେଳେ ମତ୍ସ୍ୟଜୀବୀ ରୋଜଗାର ହରାଇବାକୁ ବସିଛନ୍ତି। ସେହିପରି ନଦୀ ପଠାରେ ତରଭୁଜ, କାକୁଡ଼ି, ବଙ୍ଗଳା ଓ ବିଭିନ୍ନ ପନିପରିବା ଚାଷ କରୁଥିବା ଚାଷୀମାନେ ମଧ୍ୟ ଜଳ ଅଭାବ ଯୋଗୁଁ ଚାଷ କାର୍ଯ୍ୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାର ପ୍ରଭାବ କେବଳ ନଦୀ ମଧ୍ୟରେ ସୀମିତ ରହିନାହିଁ। ଅମ୍ବାଭୋନା ବ୍ଲକର ଭୂତଳ ଜଳସ୍ତର ଉପରେ ମଧ୍ୟ ଏହାର ଗଭୀର ପ୍ରଭାବ ପଡ଼ିଛି। ଅନେକ ଗଭୀର ନଳକୂପରେ ଜଳସ୍ତର କମିବା ଆରମ୍ଭ ହୋଇଥିବା ବେଳେ ଆଗାମୀ ଦିନରେ ପାନୀୟ ଜଳ ସଂକଟ ଆହୁରି ଉତ୍କଟ ହେବ।

ଅନ୍ୟପଟେ ମହାନଦୀର ଜଳ ଉପରେ ନିର୍ଭର କରୁଥିବା ଚିଖିଲି, ଜାମପାଲି ଓ ତାମଦେଇ ପାର୍ବତୀ ମେଗା ଉଠା ଜଳସେଚନ ପ୍ରକଳ୍ପ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ବଢ଼ିଛି। ସେହିପରି ଅମ୍ବାଭୋନା, ଭଟଲି ଓ ସୋହେଲା ବ୍ଲକରେ କାର୍ଯ୍ୟକାରୀ ହେଉଥିବା "ହର ଘର ଜଳ' ଯୋଜନାର ଭବିଷ୍ୟତ ଜଳ ଯୋଗାଣ ବ୍ୟବସ୍ଥା ନେଇ ମଧ୍ୟ ପ୍ରଶ୍ନ ଉଠିଛି।

# ପଦ୍ମଶ୍ରୀ ଗ୍ରହଣ କଲେ ୩ ଓଡ଼ିଆ



ଭୁବନେଶ୍ୱର,୨୩।୬(ସମିସ): ସାହିତ୍ୟ, ଶିକ୍ଷା ଓ କଳା କ୍ଷେତ୍ରରେ ଅସାଧାରଣ ଅବଦାନ ପାଇଁ ୩ଜଣ ଓଡ଼ିଆଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ରାଷ୍ଟ୍ରପତି ଭବନରେ ଆୟୋଜିତ ପଦ୍ମ ପୁରସ୍କାର ସମାରୋହରେ ଓଡ଼ିଶାରୁ ଚରଣ ହେମ୍ବ୍ରମ୍, ସୀମାଞ୍ଚଳ ପାତ୍ର ଏବଂ ଶରତ କୁମାର ପାତ୍ରଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଚରଣ ହେମ୍ବ୍ରମ ହେଉଛନ୍ତି ସାନ୍ତାଳୀ ଗବେଷକ ଓ ଶିକ୍ଷାବିତ୍। ସାନ୍ତାଳୀ 'ଅଲିଚିକି' ଲିପିର ପ୍ରସାର କ୍ଷେତ୍ରରେ ଅବଦାନ ସହ ଆଦିବାସୀ ଶିକ୍ଷା ଓ ସଂସ୍କୃତିର ସୁରକ୍ଷା ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ସେହିପରି ଗଞ୍ଜାମର ପ୍ରସିଦ୍ଧ ପ୍ରହଲ୍ଲାଦ ନାଟକର ପ୍ରବୀଣ କଳାକାର ସୀମାଞ୍ଚଳ ପାତ୍ର ପାରମ୍ପରିକ ଲୋକକଳାକୁ ଉଜ୍ଜିବୀତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

କଟକ ନୂଆପାଟଣାର ବୁଣାକାର ଓ ବାନ୍ଧକଳାର ମାଷ୍ଟର କାରିଗର ଶରତ କୁମାର ପାତ୍ର ୬ଦଶନ୍ଧି ଧରି ଓଡ଼ିଶାର ପାରମ୍ପରିକ ବୁଣାକଳାକୁ ସମୃଦ୍ଧ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହି ସମ୍ମାନ ଲାଭ କରିଛନ୍ତି। ନିକଟରେ ଡ. ମହେନ୍ଦ୍ର କୁମାର ମିଶ୍ର ପଦ୍ମଶ୍ରୀ ଗ୍ରହଣ କରିଥିଲେ। ସାହିତ୍ୟ ଓ ଶିକ୍ଷା କ୍ଷେତ୍ର ପାଇଁ ଡ. ମହେନ୍ଦ୍ର କୁମାର ମିଶ୍ରଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ସେହିପରି ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ୨ ଜଣଙ୍କୁ ପଦ୍ମବିଭୂଷଣ, ୭ ଜଣଙ୍କୁ ପଦ୍ମଭୂଷଣ, ୫୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଲୋକପ୍ରିୟ ବଲିଉଡ୍ କଣ୍ଠଶିଳ୍ପୀ ଅଲକା ୟାଗନିକଙ୍କୁ ପଦ୍ମଭୂଷଣ, ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ପଦ୍ମଭୂଷଣ, ମାଲାୟଲମ ସୁପରଷ୍ଟାର ମାମ୍ମୁଟିଙ୍କୁ ମଧ୍ୟ ପଦ୍ମଭୂଷଣ ସମ୍ମାନ ଏବଂ ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବୁ ସୋରେନଙ୍କୁ ମରଣୋତ୍ତର ପଦ୍ମଭୂଷଣ ସମ୍ମାନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଦାନ କରିଛନ୍ତି।

## ରଥଯାତ୍ରା ଦ୍ୱିତୀୟ ସମନ୍ୱୟ ବୈଠକ

# ପୁରୀ ଜଗିବେ ୨୨୦ ପ୍ଲାଟୁନ୍ ପୁଲିସ




ପୁରୀ,୨୩।୬(ସମିସ): ଆଉ ୨୨ ଦିନ ପରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏଥର ମହାପ୍ରଭୁଙ୍କ ପବିତ୍ର ଘୋଷଯାତ୍ରାକୁ ଅଘଟଣ ଓ ଦୁର୍ଘଟଣାବିହୀନ କରିବା ପାଇଁ ସବୁ ପ୍ରକାର ପ୍ରଚେଷ୍ଟା କରାଯାଉଛି। ଗତବର୍ଷ ହୋଇଥିବା ତ୍ରୁଟି ବିଚ୍ୟୁତି ଓ ଭୁଲ୍‌ରୁ ଅନେକ କିଛି ଶିଖି ଏଥର ଜାନୁଆରୀ ମାସରୁ ଆରମ୍ଭ ହୋଇଛି ପ୍ରସ୍ତୁତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ରଥଯାତ୍ରାର ଦ୍ୱିତୀୟ ସମନ୍ୱୟ କମିଟି ବୈଠକ। ଟାଉନ୍ ହଲ୍ ପରିସରରେ ଅନୁଷ୍ଠିତ ବୈଠକରେ ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପବିତ୍ର ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ବୋଲି ନିଷ୍ପତ୍ତି ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ୨୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ହେବେ ବୋଲି ଜଣାପଡ଼ିଛି।


ବୈଠକରେ ଏଜେଣ୍ଡା ଅନୁଯାୟୀ, ପ୍ରଥମେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରଥଯାତ୍ରା ପାଇଁ ମନ୍ଦିର ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଏବର୍ଷ ଗୋଟିଏ

**ଚାଲିବ ୩୭୦ ସ୍ୱତନ୍ତ୍ର ଟ୍ରେନ୍**
**୧,୬୦୦ ଅସ୍ଥାୟୀ ଶୌଚାଳୟ**
**୨୩ଟି ସ୍ଥାନରେ ଅସ୍ଥାୟୀ ପାର୍କିଂ**

ସେଟ୍ ଅଧିକ ଚାରମାଳ ସେଟ୍ ପାଇଁ ତାଳ କାଠ ପହଞ୍ଚିସାରିଛି। ରଥ ନିର୍ମାଣ ବେଶ୍ ଆଗୁଆ ଚାଲିଛି। ରଥଯାତ୍ରା ପାଇଁ ଆବଶ୍ୟକ ସାମଗ୍ରୀ, ଶୃଙ୍ଖଳିତ ନୀତିକାନ୍ତି ସେବକଙ୍କ ସହିତ ଆଲୋଚନା ଏବଂ ଗୁଣ୍ଡିଚା ମନ୍ଦିର ନବୀକରଣ କାମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅକ୍ଷୟ କୁମାର ଶତପଥୀ, ସ୍ୱାସ୍ଥ୍ୟ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିଥିଲେ। ରଥଯାତ୍ରା ସମୟର ଆମ୍ବୁଲାନ୍ସ କରିଡର ହେବ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ସଦର ମୁଖ୍ୟ ଚିକିତ୍ସାଳୟ ସହ ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶୀତତାପ ନିୟନ୍ତ୍ରିତ ଶଯ୍ୟାର ବ୍ୟବସ୍ଥା କରାଯିବ। ମୁଖ୍ୟ ଚିକିତ୍ସାଳୟ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅତିରିକ୍ତ ଶଯ୍ୟା, ଆମ୍ବୁଲାନ୍ସ, ୩୧ ଫାଷ୍ଟଏଡ୍ ସେଣ୍ଟର ହେବ। ଅଂଶୁଘାତର ମୁକାବିଲା ପାଇଁ ଅତ୍ୟାଧୁନିକ ବ୍ୟବସ୍ଥା ସହ ସ୍ୱତନ୍ତ୍ର ବେଡ୍ କରାଯିବ। ୧୦ ଆଇସିୟୁ ବେଡ୍, ଅସ୍ଥାୟୀ ବର୍ଣ୍ଣ ୱାର୍ଡର ୧୦ଟି ବେଡ୍, ଟ୍ରମାକେୟାରର ୧୦ ବେଡ୍, ୪୬ଟି ଆମ୍ବୁଲାନ୍ସ, ପ୍ରାୟ ୩୦୦ ୟୁନିଟ୍ ରକ୍ତ ମହଜୁଦ୍ ରଖାଯିବ। ରଥଯାତ୍ରା ପାଇଁ ୧୬୦୦ ଅସ୍ଥାୟୀ ଶୌଚାଳୟ ବ୍ୟବସ୍ଥା ହେବ। କେବଳ ସ୍ନାନଯାତ୍ରା ପାଇଁ ୩୦୦ ଅସ୍ଥାୟୀ ଶୌଚାଳୟ କାର୍ଯ୍ୟକ୍ଷମ କରିବ ବୋଲି କହିଥିଲେ। ପରିବହନ ଅଧିକାରୀ ରଥଯାତ୍ରା ପାଇଁ ପ୍ରାୟ ୨୫୦ ସ୍ୱତନ୍ତ୍ର ବସ୍ ଚଳାଚଳ କରିବ। ଯାତ୍ରୀମାନଙ୍କଠାରୁ ଯେପରି ଅଧିକ ଭଡ଼ା ଆଦାୟ ନ ହେବ ତାକୁ ଗୁରୁତ୍ୱ ଦିଆଯାଇଛି। ସବୁ ବସ୍, ଅଟୋରେ ରେଟ୍‌ଚାର୍ଟ ଲାଗିବ। ଜାତୀୟ ରାଜପଥରେ ସ୍ପିଡ୍ ଚେକିଂ ହେବ। ତାଳବଣିଆକୁ ଅସ୍ଥାୟୀ ବସ୍‌ଷ୍ଟାଣ୍ଡ ଉଠିବ ବୋଲି ସୂଚନା ଦେଇଥିଲେ।

ସେହିପରି ରେଳ ବିଭାଗ ପକ୍ଷରୁ ୩୭୦ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ। ରେଗୁଲାର ଓ ସ୍ୱତନ୍ତ୍ର ଟ୍ରେନ୍‌କୁ ମିଶାଇ ପ୍ରାୟ ୧୨୦୦ ଟ୍ରେନ୍ ରଥଯାତ୍ରା ସମୟରେ ପୁରୀକୁ ଚଳାଚଳ ହେବ। ୨୫ ହଜାର ଯାତ୍ରୀଙ୍କ ପାଇଁ ରେଳଷ୍ଟେସନ ପାଖରେ ହୋଲ୍ଡିଂ ଏରିଆ, ୧.୫ ଲକ୍ଷ ଯାତ୍ରୀଙ୍କ ଲାଗି ମାଗଣା ଖାଦ୍ୟ ବ୍ୟବସ୍ଥା କରାଯାଉଛି। ୩୫ଟି ଅତିରିକ୍ତ ଟିକଟ କାଉଣ୍ଟର, ୩୦ଟି ମୋବାଇଲ୍ ଟିକଟ କାଉଣ୍ଟର ଓ ୧୨ଟି ଏଟିଭିଏମ୍ କାର୍ଯ୍ୟ କରିବ। ୮୦୦ ଆର୍‌ପିଏଫ୍, ୧୫୦୦ ଜିଆର୍‌ପି ମୁତୟନ ହେବେ। ସେହିପରି ୨୫୬ଟି କ୍ୟାମେରା, ୧୦ ସ୍ନାଇପର ଡଗ୍, ଫାୟାର ବ୍ରିଗେଡ୍ ଯାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାରେ ସାମିଲ୍ ହେବେ।

# ୧୦ରେ ଆସିବେ ଉପରାଷ୍ଟ୍ରପତି



ଭୁବନେଶ୍ୱର,୨୩।୬(ସମିସ): ଆସନ୍ତା ୯ ତାରିଖରେ ଓଡ଼ିଶା ଆସିବେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ। ଏହାକୁ ନେଇ ମଙ୍ଗଳବାର ମୁଖ୍ୟ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱରସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହେବାକୁ ଥିବା 'ଲେଟର ଅଫ ଅଥରାଇଜେସନ'ର ଜାତୀୟ ଶୁଭାରମ୍ଭ କାର୍ଯ୍ୟକ୍ରମରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେବେ। ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସ୍ଥାୟୀ ଉପଯୋଗ ସଂକ୍ରାନ୍ତରେ ଏହି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧ହଜାରରୁ ଅଧିକ ମତ୍ସ୍ୟଜୀବୀ ଓ ପ୍ରତିନିଧି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ସମେତ କେନ୍ଦ୍ର ମନ୍ତ୍ରୀ ମଧ୍ୟ ଯୋଗ ଦେବେ ବୋଲି ଜଣାପଡ଼ିଛି। ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା, ପ୍ରୋଟୋକଲ, ଟ୍ରାଫିକ ପରିଚାଳନା, ସ୍ୱାସ୍ଥ୍ୟସେବା ଓ ବିଦ୍ୟୁତ ଯୋଗାଣ ଆଦି ଉପରେ ବିସ୍ତୃତ ଆଲୋଚନା ହୋଇଛି।

# ରେଳଧାରଣାରୁ ଆଇନଜୀବୀଙ୍କ ମୃତଦେହ ଉଦ୍ଧାର



ଝାରସୁଗୁଡ଼ା,୨୩।୬(ସମିସ): ଝାରସୁଗୁଡ଼ାର ପରିଚିତ ବିଜେଡି ନେତା ତଥା ଆଇନଜୀବୀ ତ୍ରିନାଥ ଗୁଆଲଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। ଦକ୍ଷିଣ ପୂର୍ବ ବମ୍ବେ ହାୱଡ଼ା ମୁଖ୍ୟ ରେଳପଥ ତଥା ଝାରସୁଗୁଡ଼ା-ଧୁତ୍ରା ରେଳ ଷ୍ଟେସନ ମଝି ବାଲିଯୋରୀ ରେଳ ଫାଟକ ନିକଟସ୍ଥ ଡାଉନ୍ ରେଳ ଧାରଣାରୁ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ମୃତଦେହ ଜବତ ହୋଇଛି। ରେଳଧାରଣାରେ ତ୍ରିନାଥଙ୍କ ଖଣ୍ଡବିଖଣ୍ଡିତ ହୋଇ ଶବ ପଡିଥିବା ଦେଖି କେହି ଜଣେ ଖବର ଦେଇଥିଲେ। ଏହାପରେ ରେଳବାର ପୁଲିସ ଅଧିକାରୀ, ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ସମେତ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ପହଞ୍ଚିଥିଲେ। ତେବେ ଭୋର୍ ସାଢେ ୫ଟାରେ କୋରାପୁଟ-ରାଉରକେଲା ଏକ୍ସପ୍ରେସ ଟ୍ରେନ୍ ଧକ୍କାରେ ତାଙ୍କର ମୃତ୍ୟୁ ଘଟିଥିବା ଲୋକୋ ପାଇଲଟ ଷ୍ଟେସନରେ ଅବଗତ କରିଥିବା ଜଣାପଡିଛି। ଘଟଣାସ୍ଥଳରୁ ତାଙ୍କ ଚପଲ, ଧଳା ସାର୍ଟ, ମୋବାଇଲ୍, ସୁଇସାଇଡାଲ ନୋଟ୍ ଜବତ ହୋଇଛି। ସେ ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ଦୁଇ ଥର ସଭାପତି ଥିଲେ। କାଉନସିଲର ମଧ୍ୟ ଥିଲେ। ବିଜେପି ତରଫରୁ ମଧ୍ୟ ବିଧାୟକ ଭାବେ ନିର୍ବାଚନ ଲଢିଥିଲେ। ଅବିବାହିତ ତ୍ରିନାଥ ଅଞ୍ଚଳର ଦୁଃଖୀ, ଗରିବ, ନିରୀହ ଲୋକଙ୍କ ସେବାରେ ଜୀବନ ଉତ୍ସର୍ଗ କରିଥିଲେ। ତେବେ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ପୁତୁରା ଯଦୁମଣି ଗୁଆଲ ଅଭିଯୋଗ କହିଛନ୍ତି। ମାନସିକ ସ୍ତରରେ ସେ ଅତ୍ୟନ୍ତ ଦୃଢ଼ ଥିଲେ। ସେ କେବେ ବି ଆତ୍ମହତ୍ୟା କର ନ ଥିବେ। ଦୁଇ ତିନି ଦିନ ପୂର୍ବରୁ ଏକ ଜମିବାଡ଼ି ମାମଲାକୁ ନେଇ କଥାବାର୍ତ୍ତା ହୋଇଥିଲା; ଯେଉଁଥିରେ ଅନ୍ୟ ପକ୍ଷକୁ ନୋଟିସ୍ ଯାଇଥିଲା। ସେହି ଜମି ବିବାଦ କାରଣରୁ ହିଁ କେହି ଜବରଦସ୍ତ ତାଙ୍କୁ ଏଠାକୁ ଆଣି ହତ୍ୟା କରିଛନ୍ତି କିମ୍ବା ଆତ୍ମହତ୍ୟା କରିବାକୁ ବାଧ କରିଛନ୍ତି। ସେ ପ୍ରତିଦିନ ସକାଳେ କେବଳ ଇକୋ ପାର୍କକୁ ପ୍ରାତଃ ଭ୍ରମଣ ପାଇଁ ଯାଆନ୍ତି। ଏହି ରେଳ ଲାଇନ୍ ଆଡ଼କୁ ସେ କେବେ ଆସନ୍ତି ନାହିଁ। ଏହାର ନିରପେକ୍ଷ ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

ଝାରସୁଗୁଡ଼ା ଜିଲ୍ଲା ଓକିଲ ସଂଘର ସଭାପତି ରଘୁମଣି ପଟେଲ କହିଛନ୍ତି ଯେ, ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଚିହ୍ନ ରହିଛି। ଘରଠାରୁ ପ୍ରାୟ ୭/୮ କିଲୋମିଟର ଦୂର ଏହି ରେଳ ଟ୍ରାକକୁ ସେ କେମିତି ଓ କାହିଁକି ଆସିଲେ ତାହା ବଡ଼ ପ୍ରଶ୍ନ ସୃଷ୍ଟି କରୁଛି। ବିଧାୟକ ଟଙ୍କଧର ତ୍ରିପାଠି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବିଧାୟିକା ଦୀପାଳି ଦାସ, ବ୍ରଜରାଜନଗରର ପୂର୍ବତନ ବିଧାୟିକା ଅଳକା ମହାନ୍ତିଙ୍କ ସମେତ ବିଭିନ୍ନ ବ୍ୟକ୍ତି ତାଙ୍କ ମୃତ୍ୟୁରେ ଶୋକା ପ୍ରକାଶ କରିଛନ୍ତି।

# ସାରା ଓଡ଼ିଶା ଛୁଇଁଲା ମୌସୁମୀ; ୨୭ ଯାଏଁ ବର୍ଷା

ଭୁବନେଶ୍ୱର, ୨୩।୬ (ସମିସ): ଗତ ୧୨ ତାରିଖରେ ରାଜ୍ୟରେ ମୌସୁମୀ ବାୟୁ ପ୍ରବେଶ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଆଜି ଏହା ରାଜ୍ୟର ସମସ୍ତ ଅଞ୍ଚଳକୁ ଛୁଇଁ ଆଗକୁ ବଢ଼ିଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମୌସୁମୀ ବାୟୁ ଓଡ଼ିଶା ପ୍ରବେଶ କରିଥିଲେ ହେଁ ବର୍ଷା ହୋଇପାରି ନାହିଁ। ତେବେ ମୌସୁମୀ ନିମ୍ନ ଚାପରେଖା ସ୍ୱାଭାବିକ ଅବସ୍ଥାକୁ ଫେରିଥିବାରୁ ମୌସୁମୀ ଅଧିକ ସକ୍ରିୟ ରହିବା ସହ ଭଲ ବର୍ଷା ହେବା ନେଇ ଆଶା କରାଯାଉଛି। ୨୩ ତାରିଖରୁ ଆସନ୍ତା ୨୬ ତାରିଖ ଯାଏଁ ମୌସୁମୀ ଅଧିକ ଶକ୍ତିଶାଳୀ ରହିବାକୁ ଥିବାବେଳେ ଉପକୂଳ, ଉତ୍ତର ଓ ଦକ୍ଷିଣ ଓଡ଼ିଶାରେ ବର୍ଷାର ପରିଣାମ ବଢ଼ିବା ନେଇ ଆକଳନ କରାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଗାମୀ ୨୭ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବର୍ଷା ସମ୍ଭାବନା ରହିଛି। ବୁଧବାର କଟକ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ନୟାଗଡରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଝାରସୁଗୁଡ଼ା, କଟକ, ବରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ହେବାର ସମ୍ଭାବନା ରହିଛି। ଏହାବ୍ୟତୀତ ସମ୍ବଲପୁର, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ୩୦ରୁ ୪୦ କିମି ବେଗରେ ପବନ ବହିବା ସହ ବର୍ଷା ସମ୍ଭାବନା ରହିଛି ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି।

## ଜୁଲାଇ ୫ ରେ ପ୍ରକାଶ ପାଇବ ଚିଠା ଭୋଟର ତାଲିକା

# ଜୁଲାଇ ୫ରୁ ଅଗଷ୍ଟ ୪ ମଧ୍ୟରେ ଆପତ୍ତି ଅଭିଯୋଗ

ଭୁବନେଶ୍ୱର,୨୩।୬(ସମିସ): ରାଜ୍ୟରେ ଏସଆଇଆର ପ୍ରକ୍ରିୟା ଜାରି ରହିଥିବା ବେଳେ ଆସନ୍ତା ୫ ତାରିଖରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର. ଏସ. ଗୋପାଳନ।

ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ୨୦୨୬ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଛି। କେହି ଜଣେ ବି ଯୋଗ୍ୟ ଭୋଟର ଯେମିତି ତାଲିକାରୁ ବାଦ୍ ନ ପଡିବେ ସେ ଲାଗି ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ବୈଠକ ଆସନ୍ତା ଜୁନ ୨୪ ଓ ୨୫ ତାରିଖରେ ଅନୁଷ୍ଠିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ପ୍ରକାଶିତ ହେବାକୁ ଥିବା ଚିଠା ଭୋଟର ତାଲିକାକୁ ନେଇ କୌଣସି ପ୍ରକାରର ଆପତ୍ତି କିମ୍ବା ଅଭିଯୋଗ ଆସନ୍ତା ଜୁଲାଇ ୫ ତାରିଖରୁ ଅଗଷ୍ଟ ୪ ତାରିଖ ମଧ୍ୟରେ କରାଯାଇପାରିବ। ଜୁଲାଇ ୫ ତାରିଖ ପରେ ଯଦି ଚିଠା ଭୋଟର ତାଲିକାରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ଫର୍ମ-୬ ମାଧ୍ୟମରେ ନୂତନ ନାମ ଯୋଡ଼ିପାରିବେ। ଫର୍ମ-୭ ଦେଇ ଭୋଟର ତାଲିକାରୁ ନାମ ବାଦ୍ ଓ ଫର୍ମ-୮ ମାଧ୍ୟମରେ ଯେକୌଣସି ପ୍ରକାରର ସଂଶୋଧନ କରିପାରିବେ ବୋଲି ସୂଚନା ମିଳିଛି। ରାଜ୍ୟରେ ଆଜି ସୁଦ୍ଧା ୯୯.୯୧ ପ୍ରତିଶତ ଅର୍ଥାତ ୩କୋଟି ୩୩ଲକ୍ଷ ୬୯ହଜାର ୬୨୭ ଜଣ ଭୋଟରଙ୍କୁ ପରିଗଣନା ଫର୍ମ ବଣ୍ଟନ ହୋଇଥିବା ବେଳେ , ସେଥି ମଧ୍ୟରୁ ୯୦.୮୬ ପ୍ରତିଶତ ଅର୍ଥାତ ୩କୋଟି ୩୪ଲକ୍ଷ ୬ହଜାର ୭୨୯ ଜଣ ଭୋଟରଙ୍କର ଡିଜିଟାଇଜେସନ କରାଯାଇଛି ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ବୈଠକରେ ସୂଚନା ଦେଇଥିଲେ। ସିଇଓ ସୁଶାନ୍ତ କୁମାର ମିଶ୍ର , ଯୁଗ୍ମ ସିଇଓ ଗୋପୀନାଥ କୁଅଁର , ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ଓ ଅନାମିକା ସିଂଙ୍କ ସମେତ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନେ ଉପସ୍ଥିତ ଥିଲେ।


# ଭିଜିଲାନ୍ସ ଜାଲରେ ନିର୍ବାହୀ ଯନ୍ତ୍ରୀ

ସମ୍ବଲପୁର, ୨୩।୬ (ସମିସ): ସମ୍ବଲପୁର କମାଣ୍ଡ ଏରିଆ ଡେଭଲପମେଣ୍ଟ ଅଥରିଟି (ସିଏଡିଏ) ସେଚାଞ୍ଚଳ ଉନ୍ନୟନ ବିଭାଜନ-୪ର ନିର୍ବାହୀ ଯନ୍ତ୍ରୀ (କୃଷି) ଇଂ. ପଦ୍ମଲୋଚନ ନାୟକ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡିଛନ୍ତି। ସମ୍ବଲପୁର ଧନୁପାଲିସ୍ଥିତ କାର୍ଯ୍ୟାଳୟ ଯାଞ୍ଚ ପରେ ଭିଜିଲାନ୍ସ ଟିମ୍ ତାଙ୍କୁ ସମ୍ବଲପୁର ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇ ଯାଇଥିଲା। ସମ୍ବଲପୁର ଧନୁପାଲିସ୍ଥିତ ତାଙ୍କ ଭଡ଼ା ଘର, ସେହି ଅଞ୍ଚଳରେ ଥିବା ସରକାରୀ କାର୍ଯ୍ୟାଳୟ, କଟକ ବିଦ୍ୟାଧରପୁରରେ ୩ ମହଲା ବାସଗୃହ, ବାଲେଶ୍ୱର ବସ୍ତା ଥାନା ଅଧୀନ ମୁଖାଲିସଠାରେ ୨ ମହଲା କୋଠା, କଟକ ସହରରେ ଦୁଇ ସହଯୋଗୀଙ୍କ ବାସଗୃହ ଏବଂ ମାଲକାନଗିରି କାଲିମେଳାରେ ତାଙ୍କ ସହଯୋଗୀଙ୍କ ଘର ଯାଞ୍ଚ କରାଯାଇଛି। ଇଂ. ନାୟକ ଓ ତାଙ୍କ ପରିବାରବର୍ଗଙ୍କ ନାମରେ କଟକ ବିଦ୍ୟାଧରପୁରରେ ୭ ହଜାର ବର୍ଗଫୁଟ୍‌ର ୩ ମହଲା ଆବାସିକ ଘର, ବାଲେଶ୍ୱର ମୁଖାଲିସଠାରେ ୧୪୬୫ ବର୍ଗଫୁଟର ଏକ ଦୁଇ ମହଲା କୋଠା ଏବଂ ଭୁବନେଶ୍ୱର, କଟକ, କୋରେଇ (ଯାଜପୁର), ବସ୍ତା (ବାଲେଶ୍ୱର) ଓ ଡେଲାଙ୍ଗ (ପୁରୀ) ଭଳି ପ୍ରମୁଖ ସହର ଉପକଣ୍ଠରେ ୧୫ଟି ମୂଲ୍ୟବାନ ପ୍ଲଟ୍ ଠାବ ହୋଇଛି। କଟକ ବିଦ୍ୟାଧରପୁରର ଏକାଧିକ ମୂଲ୍ୟବାନ ପ୍ଲଟ୍, ଭୁବନେଶ୍ୱରର ନୂଆଗାଁ ଓ କୋଟିଲାପୁଟର ଦୁଇଟି ମୂଲ୍ୟବାନ ପ୍ଲଟ୍, ପୁରୀର ଜମୁନା ଝାରପଡ଼ା, ବାଲେଶ୍ୱର ବସ୍ତାର ତୁଣ୍ଡା ଏବଂ ଯାଜପୁର ସୁକିନ୍ଦା ଓ କୋରେଇରେ ମଧ୍ୟ ଅନେକ ମୂଲ୍ୟବାନ ଜମି ରହିଛି। ଭିଜିଲାନ୍ସ ବୈଷୟିକ ଟିମ୍ ଦ୍ୱାରା ସମସ୍ତ କୋଠାବାଡ଼ି ଓ ଜମିର ମାପଚୁପ ଏବଂ ମୂଲ୍ୟ ନିରୂପଣ କାର୍ଯ୍ୟ ଚାଲିଛି। ଇଂ. ନାୟକଙ୍କଠାରୁ ନଗଦ ୩ ଲକ୍ଷ ୪୫ ହଜାର ନଗଦ ଟଙ୍କା ସମେତ ଶ୍ରୀଲଙ୍କା, ନେପାଳ, ବାହରିନ୍ ଏବଂ ଆମେରିକାର ବିଦେଶୀ ମୁଦ୍ରା ମଧ୍ୟ ମିଳିଛି। ତାଙ୍କର ବିଭିନ୍ନ ବ୍ୟାଙ୍କ ଓ ଡାକଘର ଜମା ସହିତ ଅନ୍ୟ ଆର୍ଥିକ ପ୍ରତିଷ୍ଠାନରେ ହୋଇଥିବା ପୁଞ୍ଜିନିବେଶର ଯାଞ୍ଚ ଚାଲିଛି। ସେହିପରି ଗୋଟିଏ ଜେସିବି ସହିତ ଟୟୋଟା ଇନୋଭା, ଟାଟା ଇଣ୍ଡିଗୋ ଓ ୱାଗନଆର ଏବଂ ଗୋଟିଏ ଦୁଇଚକିଆ ଯାନ ଠାବ କରାଯାଇଛି। ୪ ଜଣ ଡିଏସପି, ୧୩ ଜଣ ଇନ୍ସପେକ୍ଟର ଏବଂ ୭ ଜଣ ଏଏସଆଇଙ୍କ ସମେତ ଭିଜିଲାନ୍ସ କର୍ମଚାରୀ ଚଢଉରେ ସାମିଲ ହୋଇଛନ୍ତି।



## ଚାକିରି ଅପେକ୍ଷାରେ ମେଧାବୀ; ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି

# ସରକାରଙ୍କୁ ଘେରିଲା ଛାତ୍ର ବିଜେଡି



ଭୁବନେଶ୍ୱର, ୨୩।୬ (ସମିସ): ଦୀର୍ଘ ୨ ବର୍ଷ ହେଲା ଏସ୍ଏସ୍‌ବି ଅଧ୍ୟାପକ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ। ପୂର୍ବରୁ ନିଯୁକ୍ତି ଯୋଗ୍ୟତା ନେଇ ହାଇକୋର୍ଟରେ ମାମଲା ଥିବାବେଳେ ସରକାର ନିଜର ପକ୍ଷ ରଖୁନାହାନ୍ତି। ଫଳରେ ପ୍ରାୟ ୫୦ ହଜାର ଉଚ୍ଚଶିକ୍ଷିତ ଆଶାୟୀ ହତାଶ ହୋଇପଡ଼ିଥିବା ଅଭିଯୋଗ କରି ବିଜୁ ଜନତା ଦଳ ସରକାରଙ୍କ ଉପରେ ବର୍ଷିଛି। ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ ଓ କାର୍ଯ୍ୟକାରୀ ସଭାପତି ପ୍ରଦୋଷ ପରିଡ଼ା କହିଛନ୍ତି ଯେ ୨୦୨୨ ମସିହାରେ ନିଯୁକ୍ତି ନେଇ ହାଇକୋର୍ଟରେ ମାମଲା ହୋଇଥିବା ସତ୍ତ୍ୱେ ତତ୍କାଳୀନ ବିଜେଡି ସରକାର ହସ୍ତକ୍ଷେପ କରି ୧୦୬୫ ଅଧ୍ୟାପକଙ୍କୁ ନିଯୁକ୍ତି ଦେଇଥିଲେ। ୨୦୨୪ ମାର୍ଚ୍ଚରେ ପୁନର୍ବାର ଅଧ୍ୟାପକ ନିଯୁକ୍ତି ପାଇଁ ବିଜେଡି ସରକାର ବିଜ୍ଞପ୍ତି ପ୍ରକାଶ କରିଥିଲା। ଜୁନ୍‌ରେ ସରକାର ପରିବର୍ତ୍ତନ ହେଲା ଓ ପୂର୍ବଭଳି କିଛି ଆଶାୟୀ ହାଇକୋର୍ଟରେ ମାମଲା ରୁଜୁ କଲେ। ମାତ୍ର ଏ କ୍ଷେତ୍ରରେ ଦୀର୍ଘ ୨ ବର୍ଷ ହେଲା ବିଜେପି ସରକାର ତତ୍ପରତା ଦେଖାଉ ନାହାନ୍ତି। ତାରିଖ ପରେ ତାରିଖ ଗଡୁଥିଲେ ମଧ୍ୟ ସରକାରୀ ଓକିଲ ପକ୍ଷ ରଖୁନାହାନ୍ତି। ଆଶାୟୀମାନେ ବାରମ୍ବାର ଉଚ୍ଚଶିକ୍ଷା ମନ୍ତ୍ରୀ, ଆଇନ ମନ୍ତ୍ରୀ, ଉଚ୍ଚଶିକ୍ଷା ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ ଓ ଆଡଭୋକେଟ୍ ଜେନେରାଲଙ୍କୁ ଭେଟିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସେହି କେସ୍‌ର ଶୁଣାଣି ପାଇଁ ଆସନ୍ତା ୩୦ ତାରିଖକୁ ହାଇକୋର୍ଟ ଧାର୍ଯ୍ୟ କରିଛନ୍ତି। ସେହି ଶୁଣାଣିରେ ସରକାରୀ ଓକିଲ ଅଂଶଗ୍ରହଣ କରି ୫୦ ହଜାର ଆଶାୟୀଙ୍କୁ ସରକାର ନ୍ୟାୟ ପ୍ରଦାନ କରନ୍ତୁ ବୋଲି ବିସିଜେଡି ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସାହୁ ଦାବି କରିଛନ୍ତି। ଅନ୍ୟଥା ମେଧାବୀଙ୍କ ପାଇଁ ବିଜୁ ଛାତ୍ର ଜନତା ଦଳ ତୀବ୍ର ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି। ସେହିପରି ଶ୍ରୀ ପରିଡ଼ା କହିଛନ୍ତି ଯେ, ରାଜ୍ୟରେ ହଜାର ହଜାର ଉଚ୍ଚଶିକ୍ଷିତ ମେଧାବୀ ଚାକିରି ପାଇଁ ଅପେକ୍ଷାରେ ଥିବାବେଳେ ସେମାନଙ୍କ ସ୍ୱାର୍ଥକୁ ସରକାର ପଦାଘାତ କରି ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ପୁନଃ ନିଯୁକ୍ତି ପାଇଁ ୨୦୨୫ ଅକ୍ଟୋବର ୨୩ ରେ ବିଜ୍ଞପ୍ତି ପ୍ରକାଶ କଲେ। ରାଜ୍ୟର ମେଧାବୀ ଯୁବକ ଯୁବତୀଙ୍କୁ ସରକାର ପ୍ରତାରଣା କରି ଅବସରପ୍ରାପ୍ତଙ୍କୁ ପୁନଃ ନିଯୁକ୍ତି ଦେବା କାହା ସ୍ୱାର୍ଥରେ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଥିବାବେଳେ ଦେଢ଼ ଲକ୍ଷ ସରକାରୀ ନିଯୁକ୍ତି ପ୍ରତିଶ୍ରୁତି ସରକାରଙ୍କ ପାଣିର ଗାର ହୋଇଛି। ପିଲାଙ୍କ ଭବିଷ୍ୟତ ସହିତ ନ ଖେଳି ତୁରନ୍ତ ନିଯୁକ୍ତି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ ଦାବି କରିଛନ୍ତି।

# ଚିକିତ୍ସା ଅବହେଳାରୁ ରୋଗୀ ମୃତ; ଡାକ୍ତରଖାନାରେ ଉତ୍ତେଜନା

ବାରିପଦା,୨୩।୬(ସମିସ):

ଡାକ୍ତରଙ୍କ ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ନେଇ ବାରିପଦାସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏକ ଅଭିଯୋଗ ସାମ୍ନାକୁ ଆସିଛି। ମୃତ ମହିଳା ଜଣକ ହେଲେ ଝାଡ଼ଖଣ୍ଡ ବହଡାଗୋଡା ଅଞ୍ଚଳର ମିନି ଦିଗାଲ। ମିଳିଥିବା ସୂଚନା ଅନୁଯାୟୀ, ସୋମବାର ମହିଳାଙ୍କର ପେଟରେ ଅତ୍ୟଧିକ ଯନ୍ତ୍ରଣା ହେବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରିବାର ଲୋକଙ୍କ କହିବା ଅନୁସାରେ, ପ୍ରାଥମିକ ଯାଞ୍ଚ ପରେ ଡାକ୍ତର ରୋଗୀ ସୁସ୍ଥ ଅଛନ୍ତି ଏବଂ ଭୟ କରିବାର କିଛି ନାହିଁ ବୋଲି ଆଶ୍ୱାସନା ଦେଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚିକିତ୍ସା କରୁଥିବା ଡାକ୍ତରମାନେ ଅନ୍ୟମାନଙ୍କ ସହ ହ୍ୱାଟ୍ସଆପ୍‌ରେ କଥା ହୋଇ ସିରିଞ୍ଜରେ ପେଟରୁ ପାଣି ବାହାର କରିବାକୁ ଚେଷ୍ଟା କରିଥିଲେ ଏବଂ ରୋଗୀଙ୍କୁ ଏକ ଇଞ୍ଜେକ୍ସନ ଦେଇଥିଲେ। ଇଞ୍ଜେକ୍ସନ ଦେବାର କିଛି ସମୟ ମଧ୍ୟରେ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା ଏବଂ ତାଙ୍କର ମୃତ୍ୟୁ ଘଟିଥିଲା। ମେଡିକାଲ



## ଚିକିତ୍ସାବେଳେ ହ୍ୱାଟ୍‌ସଆପ୍‌ରେ ଚାଟିଂ ଅଭିଯୋଗ

କର୍ତ୍ତୃପକ୍ଷ ଆଇସିୟୁ ବେଡ୍ ଖାଲି ନାହିଁ ବୋଲି ମିଛ କହି ରୋଗୀଙ୍କୁ ସେଠାକୁ ସ୍ଥାନାନ୍ତର କରିନଥିବା ବେଳେ ପ୍ରକୃତରେ ଆଇସିୟୁ ବେଡ୍ ଖାଲି ପଡ଼ିଥିବା ପରିବାର ଲୋକେ ଦେଖିବାକୁ ପାଇଥିଲେ। ଡାକ୍ତରଙ୍କ ଏଭଳି ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ରୋଗୀଙ୍କ ଜୀବନ ଯାଇଥିବା ଅଭିଯୋଗ କରି ମୃତକଙ୍କ ସମ୍ପର୍କୀୟମାନେ ମେଡିକାଲ ପରିସରରେ ପ୍ରବଳ ହଙ୍ଗାମା କରିବା ସହ ଦୋଷୀ ଡାକ୍ତରଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଗ୍ରାମର ସମସ୍ୟା ନେଇ ବିଡିଓଙ୍କୁ ଘେରିଲେ ମହିଳା

ଠାକୁରମୁଣ୍ଡା,୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ତାଳପଦା ପଞ୍ଚାୟତର ୮/୯ ନମ୍ବର ୱାର୍ଡ କଣ୍ଟାପକ୍ଷି ସାହିର ମହିଳାମାନେ ଆଜି ନିଜ ଗ୍ରାମର ମୌଳିକ ସମସ୍ୟା ସମାଧାନ ଦାବିରେ ବ୍ଲକ କାର୍ଯ୍ୟାଳୟକୁ ଆସି ବିଡିଓଙ୍କୁ ଘେରାଉ କରିଥିଲେ। ଗୋଟିଏ ପଟେ ବ୍ଲକ୍ ପରିସରରେ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମ ଚାଲିଥିବାବେଳେ, ଅନ୍ୟ ପଟେ ଗ୍ରାମବାସୀ ମୌଳିକ ସୁବିଧାର ଅଭାବକୁ ନେଇ ପ୍ରତିବାଦ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁସାରେ, କଣ୍ଟାପକ୍ଷି ସାହିରେ ୫୨ ରୁ ଅଧିକ ପରିବାର ବସବାସ କରୁଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ଗ୍ରାମରେ ପ୍ରାଥମିକ ଭିତ୍ତିଭୂମି ସୁବିଧା ଉନ୍ନତି ହୋଇ ପାରିନାହିଁ। ଗ୍ରାମବାସୀଙ୍କ କହିବା ଅନୁଯାୟୀ, ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ସେମାନେ ଉନ୍ନତିର ସଠିକ ଚିତ୍ର ଦେଖି ପାରିନାହାନ୍ତି। ଗ୍ରାମରେ ୫୦ ରୁ ଅଧିକ ଛୋଟ ପିଲା ଥିଲେ ମଧ୍ୟ ଏଯାବତ୍ ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ସ୍ଥାପିତ ହୋଇନାହିଁ। ଫଳରେ ଛୋଟ ପିଲାମାନେ ଶିକ୍ଷା ଓ ପୋଷଣ ସେବା ପାଇବା ପାଇଁ ଅନ୍ୟ ଗ୍ରାମକୁ ଯିବାକୁ ବାଧ୍ୟ ହେଉଛନ୍ତି। ସେହିପରି ଗ୍ରାମକୁ ଯିବା ପାଇଁ ଯଥେଷ୍ଟ ରାସ୍ତା ସୁବିଧା ନଥିବାରୁ ବର୍ଷା ଦିନରେ ଲୋକମାନଙ୍କ ଦୁର୍ଭାଗ୍ୟ ଆହୁରି ବଢ଼ି ଯାଉଛି। ରାସ୍ତାରେ ବଡ଼ ବଡ଼ ଖାଲଖମା ଥିବାରୁ ଆପାତ୍ତିତ ସମୟରେ ଆମ୍ବୁଲାନ୍ସ ମଧ୍ୟ ଗ୍ରାମକୁ ପହଞ୍ଚି ପାରୁନାହିଁ। ପାଣି ସମସ୍ୟା ମଧ୍ୟ



ଗ୍ରାମବାସୀଙ୍କ ପାଇଁ ଗଭୀର ଚିନ୍ତାର ବିଷୟ। ବସୁଧା ଯୋଜନାରେ ପାଇପ ଓ ଷ୍ଟାଣ୍ଡ ପୋଷ୍ଟ ଲାଗିଥିଲେ ମଧ୍ୟ କିଛି ଦିନ ହେବ ଗ୍ରାମକୁ ପାଣି ଯୋଗାଣ ହେଉନାହିଁ। ଗ୍ରାମରେ ଥିବା ତିନୋଟି ନଳକୂପ ମଧ୍ୟରୁ ଦୁଇଟି ଦୀର୍ଘଦିନ ଧରି ଖରାପ ଥିବାରୁ ମାତ୍ର ଗୋଟିଏ ନଳକୂପ ଉପରେ ସମସ୍ତ ଗ୍ରାମବାସୀ ନିର୍ଭର କରୁଛନ୍ତି। ଆଜି ସକାଳ ୧୧ଟାରେ ମହିଳାମାନେ ବ୍ଲକ କାର୍ଯ୍ୟାଳୟକୁ ନିଜର ଅଭିଯୋଗ ନେଇ ପହଞ୍ଚିଥିଲେ। କିନ୍ତୁ ବିଡିଓ ଶ୍ରୀ ସପ୍ନେଶ୍ୱର ବେହେରା ବ୍ଲକ ପରିସରରେ ଆୟୋଜିତ "ବିକାଶର ଧାରା ଓଡ଼ିଶା ସାରା" କାର୍ଯ୍ୟକ୍ରମରେ ବ୍ୟସ୍ତ ଥିବାରୁ ମହିଳାମାନେ ପ୍ରାୟ ଅଢେଇ ଘଣ୍ଟା ଧରି ତାଙ୍କ କାର୍ଯ୍ୟାଳୟ ପିଣ୍ଡାରେ ଅପେକ୍ଷା କରିଥିଲେ। ପରେ ଦିନ ୧.୩୦ରେ ବିଡିଓ ମହିଳାମାନଙ୍କ ସହିତ ଆଲୋଚନା କରି ସମସ୍ୟାଗୁଡ଼ିକ ଶୁଣିଥିଲେ। ଏନେଇ ବିଡିଓ ଶ୍ରୀ ବେହେରା ଗୁରୁବାର ଦିନ ଗ୍ରାମକୁ ସ୍ୱୟଂ ଯାଇ ପରିସ୍ଥିତିର ତଦନ୍ତ କରିବେ ଓ ଯଥାସମ୍ଭବ ଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଗ୍ରାମବାସୀ କହିଛନ୍ତି ଯେ, ଯଦି ତାଙ୍କ ଦାବି ଶୀଘ୍ର ପୂରଣ ହେବ ତେବେ ଆଗାମୀ ଦିନରେ ସେମାନେ ଆହୁରି ବଡ଼ ଆନ୍ଦୋଳନ କରିବେ ବୋଲି କହିଛନ୍ତି।

# ବିଶ୍ୱ ରକ୍ତ ଶିକୁଳି ସଚେତନତା ଦିବସ




ବାରିପଦା,୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ମଙ୍ଗଳବାର ବାରିପଦାଠାରେ ବିଶ୍ୱ ରକ୍ତ ଶିକୁଳି ସଚେତନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଆୟୋଜିତ ସଚେତନତା ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଧନୁର୍ଜୟ ମହାନ୍ତ ଅଧ୍ୟକ୍ଷତା କରି କହିଥିଲେ ଯେ, ରକ୍ତ ଶିକୁଳି ରକ୍ତହୀନତା ଏକ ବଂଶାନୁକ୍ରମିକ ରୋଗ ହୋଇଥିବାରୁ ଏହାର ପ୍ରାରମ୍ଭିକ ଚିହ୍ନଟ ଓ ସଚେତନତା ହିଁ ଏହାର ନିୟନ୍ତ୍ରଣର ପ୍ରମୁଖ ଉପାୟ। ସେ ୦ରୁ ୪୦ ବର୍ଷ ବୟସ୍କ ସମସ୍ତ ବ୍ୟକ୍ତିଙ୍କୁ ଜୀବନରେ ଅନ୍ତତଃ ଥରେ ସିକଲ୍ ସେଲ୍ ଓ ଥାଲାସେମିଆ ପରୀକ୍ଷା କରାଇବା ଆବଶ୍ୟକ ବୋଲି କହିଥିଲେ। ଏହି ଅବସରରେ ଡା ବିଶ୍ୱନାଥ ଦାସ ସିକଲ୍ ସେଲ୍ ରୋଗର ବଂଶାନୁକ୍ରମିକ ପ୍ରକୃତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା ସୁବାସ ଚନ୍ଦ୍ର ନାୟକ ସୂଚନା ଦେଇଥିଲେ ଯେ, ୨୦୨୫-୨୬ ଆର୍ଥିକ ବର୍ଷରେ ମୟୂରଭଞ୍ଜ ଜିଲ୍ଲାରେ ସିକଲ୍ ସେଲ୍ ସ୍କ୍ରିନିଂ ହାର ୧୧୩ ପ୍ରତିଶତ ହାସଲ କରାଯାଇଛି। ଏଥିପାଇଁ ସେ ଜିଲ୍ଲାର ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କୁ ଧନ୍ୟବାଦ ଜଣାଇଥିଲେ। ସେ ଆହୁରି ସୂଚନା ଦେଇଥିଲେ ଯେ, ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ୧୨୭୦ ଜଣ ରୋଗୀ ଚିହ୍ନଟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୯୦୭ ଜଣ ନିୟମିତ ଚିକିତ୍ସାଧୀନ ଅଛନ୍ତି। ଡା ସୌମ୍ୟ ରଞ୍ଜନ ନାୟକ ରକ୍ତ ଶିକୁଳି ରୋଗର ଚିକିତ୍ସା ଓ ପରିଚାଳନା ବିଷୟରେ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ସୁନନ୍ଦା ମିଶ୍ର, ମେଡିକାଲ ଅଫିସର୍

## ୪୦ ବର୍ଷ ମଧ୍ୟରେ ଅନ୍ତତଃ ଥରେ ସିକଲ୍ ସେଲ୍ ଓ ଥାଲାସେମିଆ ପରୀକ୍ଷା କରାଇବାକୁ ଆହ୍ୱାନ

ଏନସିଡି ଡ଼ା ଜ୍ଞାନେନ୍ଦ୍ର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶିଶିର କୁମାର ମୁଦୁଲି, ଶିକ୍ଷା ବିଭାଗର ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଏଏନ୍‌ଏମ୍ ଟିସି ପ୍ରିନ୍ସିପାଲ୍ ଭାରତୀ ଆରୁଖ, ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଧନୁ ମୁର୍ମୁ ଏବଂ ଅତିରିକ୍ତ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଗଣେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲ୍ଲା ଅଣ-ସଂକ୍ରାମକ ରୋଗ ବିଭାଗର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ।

# ବାରିପଦା ବିଡିଓଙ୍କ ସୁରକ୍ଷାରେ ମୁହଁ ଖୋଲିଲେ ବିଧାୟକ

ବାରିପଦା,୨୩।୬(ସମିସ): ଗତ ୧୮ ତାରିଖ ଦିନ ବିଜୁ ଜନତା ଦଳ ପକ୍ଷରୁ ବାରିପଦା ବ୍ଲକରେ ଦୁର୍ନୀତିର ଅଭିଯୋଗ ଆଣି କରାଯାଇଥିବା ଘେରାଉ କାର୍ଯ୍ୟକ୍ରମକୁ ନେଇ ବିଡିଓଙ୍କ ସୁରକ୍ଷାରେ ବାହାରିଛନ୍ତି ବାରିପଦା ବିଧାୟକ ପ୍ରକାଶ ସୋରେନ। ମଙ୍ଗଳବାର ସ୍ଥାନୀୟ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଆହୂତ ସାମ୍ବାଦିକ ସମ୍ମିଳନୀ ଜରିଆରେ ସେ ବିଜେଡିର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି। ଯଦି ପ୍ରକୃତରେ କୌଣସି କାର୍ଯ୍ୟରେ ନିମ୍ନମାନର କାମ କିମ୍ବା ଆର୍ଥିକ ଅନିୟମିତତା ହୋଇଛି, ତେବେ ଶାସନରେ ଥାଇ ସେମାନେ ଏହାର ତଦନ୍ତ ପାଇଁ ଜିଲ୍ଲାପାଳ କିମ୍ବା ଉପରିସ୍ଥ



ଅଧିକାରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ତାହା ନକରି କେବଳ ରାଜନୈତିକ ଫାଇଦା ପାଇଁ ବିଡିଓଙ୍କ ବିରୋଧରେ ମିଥ୍ୟା ପ୍ରଚାର କରାଯାଉଛି ବୋଲି ସେ କହିଛନ୍ତି। ବାରିପଦା ବ୍ଲକର ବର୍ତ୍ତମାନର ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ଜଣେ ଅତ୍ୟନ୍ତ କର୍ମଠ ଓ ସ୍ୱଚ୍ଛ ଅଧିକାରୀ ବୋଲି କହି ବିଧାୟକ ତାଙ୍କର ପ୍ରଶଂସା କରିଛନ୍ତି। ବିଡିଓ ନିଜେ ଗରିବ, ଅସହାୟ ଓ ନିଷ୍ପେଷିତ ଲୋକଙ୍କ ପାଖକୁ ଯାଇ ସେମାନଙ୍କୁ ଭତ୍ତା, ରାସନ କାର୍ଡ ଓ ଅନ୍ୟାନ୍ୟ ସରକାରୀ ସୁବିଧା ଯୋଗାଇ ଦେଉଛନ୍ତି। ଯଦି ତାଙ୍କ ବିରୋଧରେ କୌଣସି ପ୍ରମାଣ ଅଛି, ତେବେ ସେମାନେ ପ୍ରଶାସନ କିମ୍ବା ଅଦାଲତର ଦ୍ୱାରସ୍ଥ ହୋଇ ତଦନ୍ତ କରାନ୍ତୁ, ଆମେ ତାହାକୁ ସ୍ୱାଗତ କରିବୁ ବୋଲି ବିଧାୟକ ଶ୍ରୀ ସୋରେନ ସ୍ପଷ୍ଟ କରିଛନ୍ତି।

# କାର୍ଯ୍ୟାଳୟ ଗୃହ ନିର୍ମାଣ ନେଇ ଜିଲ୍ଲାପାଳଙ୍କୁ ଦାବି

ବାରିପଦା,୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ କେନ୍ଦୁଆ ଗ୍ରାମପଞ୍ଚାୟତବାସୀ ପୂର୍ବତନ ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ରଙ୍କ ନେତୃତ୍ୱରେ ଜିଲ୍ଲାପାଳ ହେମକାନ୍ତ ସଏଙ୍କ ନିକଟରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟ

## ପଞ୍ଚାୟତ ଗଠନକୁ ପୂରିଲାଣି ୧୦ବର୍ଷ

ଗୃହ ନିର୍ମାଣ ପାଇଁ ଦାବି କରିଛନ୍ତି। ୧୦ବର୍ଷ ହେଲାଣି ବାରମ୍ବାର ଦାବି ଓ ନୂତନ ସ୍ଥାନର ଟ୍ରେସ ମ୍ୟାପ ଏବଂ ବଦର କପି ପ୍ରଦାନ ସତ୍ତ୍ୱେ ବ୍ଲକ୍ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଏ ନେଇ ପଞ୍ଚାୟତବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି।

ସୂଚନାଯୋଗ୍ୟ, ୨୦୨୫-୧୬ ଆର୍ଥିକ ବର୍ଷରେ କେନ୍ଦୁଆ ଗ୍ରାମ ପଞ୍ଚାୟତ ବୈଶିଙ୍ଗା ଗ୍ରାମ ପଞ୍ଚାୟତରୁ ବିଭାଜିତ ହୋଇଛି। ବିଭାଜନ ପରେ ବାଲେଶ୍ୱର-ବାରିପଦା ୧୮ ନଂ ଜାତୀୟ ରାଜପଥର ପୂର୍ବପଟ ବୈଶିଙ୍ଗା ଓ ପଶ୍ଚିମପଟ କେନ୍ଦୁଆ ଗ୍ରାମ ପଞ୍ଚାୟତ ରହିଛି। ଏହି ପଞ୍ଚାୟତରେ ୧୪ଟି ରାଜସ୍ୱ ଗ୍ରାମ ଓ ୩ଟି ପଡାଗ୍ରାମ ରହିଛି। ୧୧ଟି ୱାର୍ଡରେ ପାଖାପାଖି ୬୪୯୮ ଜଣ ବସବାସ କରୁଛନ୍ତି। ବର୍ଜୁପୁର ଗ୍ରାମଟି ଜାତୀୟ ରାଜପଥର ପୂର୍ବପଟରେ ରହିଥିବା ବେଳେ ଭୌଗଳିକ ସ୍ଥିତି ଅନୁସାରେ ବୈଶିଙ୍ଗା ବସଷ୍ଟାଣ୍ଡ ପଶ୍ଚିମକୁ ଏକ ପୂର୍ତ୍ତବିଭାଗର ରାସ୍ତା ବଡସାହି ମୁଖ୍ୟାଳୟ ପର୍ଯ୍ୟନ୍ତ ରହିଛି। ଏହାର ଉଭୟ ପାଶ୍ୱରେ ୯ କିମି ବ୍ୟାପି କେନ୍ଦୁଆ ପଞ୍ଚାୟତର ଗ୍ରାମ ଗୁଡିକ ରହିଛି। ସମସ୍ତ ଗ୍ରାମ ଏହି ରାସ୍ତା ସହିତ ସଂଯୋଗ ହୋଇଥିବାରୁ ଜନସାଧାରଣଙ୍କ ସୁବିଧା ଦୃଷ୍ଟିରୁ ମଧ୍ୟ ସ୍ଥଳରେ ପଂଚାୟତ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି ହୋଇଆସୁଛି। ଦୀର୍ଘ ଦିନ ଧରି ପଞ୍ଚାୟତବାସୀ ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ଉପରେ ନିର୍ଭର ରହୁଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏପରିକି ୧୦ବର୍ଷ ବିତି ଯାଇଥିଲେ ମଧ୍ୟ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ହୋଇନଥିବାରୁ ପଞ୍ଚାୟତବାସୀ ଦୂର ରାସ୍ତା ଅତିକ୍ରମ କରି ସରକାରୀ ସୁବିଧା ପାଇବାରେ କଷ୍ଟ ଅନୁଭବ କରୁଛନ୍ତି। ଖବୁଶୀଘ୍ର ଲୋକଙ୍କ ସମସ୍ୟା ସମାଧାନ କରିବା ପାଇଁ ଦାବିରେ ଉଲ୍ଲେଖ କରିଛନ୍ତି।



# ଛାତ୍ରୀନିବାସ ନିକଟରେ ଶ୍ମଶାନ ନିର୍ମାଣକୁ ବିରୋଧ

ବାଙ୍ଗିରିପୋଷି,୨୩।୬(ସମିସ): ବାଙ୍ଗରିପୋଷି ବ୍ଲକ୍ ବଣକାଟି ଗ୍ରାମପଞ୍ଚାୟତର ଜାମଦାପାଳ ଠାରେ



ଥିବା ୧୦୦ ଶଯ୍ୟା ବିଶିଷ୍ଟ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ନିବାସ କାନ୍ଥଠାରୁ ୫୦ମିଟର ଦୂରରେ ୫ଲକ୍ଷ ଟଙ୍କା ଅଟକଳ ମୂଲ୍ୟର ଏକ ଶ୍ମଶାନ ଘାଟ ବେନିୟମ ଭାବେ ନିର୍ମାଣ ଚାଲିଛି। ଏହା ଭବିଷ୍ୟତରେ ଛାତ୍ରୀମାନଙ୍କ ଉପରେ ମାନସିକ ସ୍ଥିତି ପ୍ରତି କ୍ଷତି ପହଞ୍ଚାଇବା ସହିତ ରାତିରେ ଅସାମାଜିକ ଲୋକଙ୍କ ଗତିବିଧି ବଢ଼ିବ। ଏ ନେଇ ଅଭିଭାବକଙ୍କ ଗୁହାରିକୁ ନେଇ ସ୍କୁଲ କର୍ତ୍ତୃପକ୍ଷ ବାରମ୍ବାର ବ୍ଲକ/ତହସିଲ/ଜିଲ୍ଲା ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସତ୍ତ୍ୱେ କେହି ଏ ଦିଗରେ ପଦକ୍ଷେପ ଗ୍ରହଣ କରୁନାହାନ୍ତି। ଛାତ୍ରୀଙ୍କ ଅଭିଭାବକମାନେ ଏହି ନିର୍ମାଣ କାର୍ଯ୍ୟକୁ ଜୋରଦାର ବିରୋଧ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ବିଧାୟିକାଙ୍କ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାର ଓ ଜିଲ୍ଲାପାଳ ଜାଣିଶୁଣି ନିର୍ମାଣ କାର୍ଯ୍ୟ ଉପରେ ଅଙ୍କୁଶ ନ ଲଗାଇ ନିରବଦ୍ରଷ୍ଟା ସାଜିଛନ୍ତି। ତେଣୁ ମଙ୍ଗଳବାର ମାସା ଆର୍ମି ବାଙ୍ଗରିପୋଷି ବ୍ଲକ୍ କମିଟି ତରଫରୁ ଏହାକୁ ତୀବ୍ର ବିରୋଧ କରାଯାଇଛି। ବ୍ଲକ୍ ସଭାପତି ସାନେଲ ମୁର୍ମୁଙ୍କ ନେତୃତ୍ୱରେ ବାଙ୍ଗରିପୋଷି ବିଡିଓ ଏବଂ ଅତିରିକ୍ତ ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ଏହି ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରା ନ ଯାଏ ତେବେ ଅଭିଭାବକ ସଂଘ ଓ ମାସା ଆର୍ମି ସଂଗଠନର ମିଳିତ ସହଯୋଗରେ ବିଡିଓ କାର୍ଯ୍ୟାଳୟକୁ ଘେରାଓ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ବାଲେ ସାକାମ ଖବର ପ୍ରତିଷ୍ଠାତା କ୍ରିଷ୍ଣା ମାର୍ଣ୍ଡି, ଗୋପୀନାଥ ସୋରେନ, ସୀତାରାମ ହାଁସଦା ଓ ଅର୍ଜୁନ ମୁର୍ମୁ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ଠାକୁରମୁଣ୍ଡା,୨୩।୬(ସମିସ): ଠାକୁରମୁଣ୍ଡା କରଞ୍ଜିଆ ରାସ୍ତାର ଚମକପୁର ଛକରେ ଘଟିଥିବା ଏକ ଦୁଃଖଦ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି।

ସୂଚନା ଅନୁସାରେ ସାଲେଇବେଡ଼ା ପଞ୍ଚାୟତ ଡଙ୍ଗାପାଣି ଗ୍ରାମର ସାଇନାଥ ସୁଣ୍ଡିଙ୍କ ଦୁଇପୁଅ ମଙ୍ଗଳବାର ରାତି ପ୍ରାୟ ୯ ଟା ସମୟରେ କୌଣସି କାମ ପାଇଁ ବାଇକ ଯୋଗେ ନିଜ ଗ୍ରାମରୁ ଠାକୁରମୁଣ୍ଡାକୁ ଆସୁଥିଲେ। ଠାକୁରମୁଣ୍ଡା-କରଞ୍ଜିଆ ମୁଖ୍ୟ ରାସ୍ତାର ଚମକପୁର ଛକ ନିକଟରେ ହଠାତ୍ ଏକ ବଳଦ ରାସ୍ତାକୁ ଆସି ଯାଇଥିବାରୁ ବାଇକ୍‌ଟି ତାହାକୁ ଧକ୍କା ଦେଇଥିଲା। ଫଳରେ ଦୁଇ ଭାଇ ରାସ୍ତାଉପରେ ଛିଟିକି ପଡ଼ି ଗୁରୁତର ଭାବେ ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଉଭୟଙ୍କୁ ଉଦ୍ଧାର କରି ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ଚିକିତ୍ସା କରୁଥିବା ବେଳେ ଲାଲମୋହନ ସୁଣ୍ଡି (୨୭)ଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ପରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ଅନ୍ୟପଟେ ବଡ଼ ଭାଇ ହିନ୍ଦୁରାମ ସୁଣ୍ଡି (୨୯) ଗୁରୁତର ଆହତ ହୋଇ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପରେ ମୃତଦେହକୁ ଜବତ କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ଜଣାପଡ଼ିଛି।

● ଏସ୍‌ଆଇଆର କାର୍ଯ୍ୟରେ ଅବହେଳା ପ୍ରସଙ୍ଗ

# ବିଡିଓଙ୍କ ନିଲମ୍ବନ ନୋହିଲା; ଜନସ୍ୱାର୍ଥ ମାମଲା ରୁଜୁ

ବାରିପଦା,୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଏଆର୍‌ଓ) ତଥା ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସ୍ମୃତିମୟୀ ବନଜା ଦାସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ଆର୍ ଏସ୍ ଗୋପାଳନ ଜୁନ୍ ୨ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ହେମକାନ୍ତ ସଏଙ୍କୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପ୍ରାୟ ତିନି ସପ୍ତାହ ପରେ ମଧ୍ୟ ନିଲମ୍ବନ ଆଦେଶ କାର୍ଯ୍ୟକାରୀ ହୋଇନଥିବାରୁ କଂଗ୍ରେସ ନେତା ପ୍ରଭାସ କର ମହାପାତ୍ର ଓଡ଼ିଶା ଉଚ୍ଚନ୍ୟାୟାଳୟରେ ଏକ ଜନସ୍ୱାର୍ଥ (ପିଆଇଏଲ) ଦାଖଲ କରିଛନ୍ତି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଚିଠି (ଆନେକ୍ସର୍-୧) ଓ ଏଡିଏମ୍-କମ୍-ଇଆରଓଙ୍କ ରିପୋର୍ଟ ଅନୁଯାୟୀ, ସ୍ମୃତିମୟୀ ବନଜା ଦାସ ଏସ୍‌ଆଇଆର୍-୨୦୨୬ ପାଇଁ ପ୍ରସ୍ତୁତି କାର୍ଯ୍ୟରେ ଗୁରୁତର ଅବହେଳା କରିଥିଲେ। ସେ ମେ' ୨୩ ତାରିଖର ଭର୍ଚୁଆଲ୍ ଟ୍ରେନିଂରେ ଅନୁପସ୍ଥିତ ଥିବାରୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସର ମଧ୍ୟ

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକୁ ୩ ସପ୍ତାହ ବିତିଲା

କୌଣସି ଉତ୍ତର ଦେଇନଥିଲେ। ପୁନଶ୍ଚ ମେ' ୨୬ ଓ ୨୭ ତାରିଖର ବିଏଲ୍‌ଓ ଓ ବିଏଲ୍‌ଓ ସୁପରଭାଇଜର ଟ୍ରେନିଂ ଆୟୋଜନ କରିବାରେ ବିଫଳ ହୋଇ ବିନା ଅନୁମତିରେ ନିଜ ମନମୁଖୀ ଭାବେ ତାରିଖ ବଦଳାଇଥିଲେ। ମେ' ୨୫-୨୬ ତାରିଖରେ ଛୁଟି ଆରମ୍ଭ ଦିନ ହିଁ କାଜୁଆଲ୍ ଲିଭ୍ ଆବେଦନ କରିଥିଲେ। ମେ' ୨୮ ତାରିଖର ଟ୍ରେନିଂରେ ବିନା ସୂଚନାରେ ଅନୁପସ୍ଥିତ ରହିଥିଲେ। ଏହି ସମସ୍ତ କାର୍ଯ୍ୟ ଓଡ଼ିଶା ସରକାରୀ କର୍ମଚାରୀ ଆଚରଣ ବିଧି, ୧୯୫୯ ଏବଂ ଓସିଏସ୍ (ସିସିଏଣ୍ଡଏ) ରୁଲ୍ସ, ୧୯୬୨ର ଉଲ୍ଲଙ୍ଘନ ବୋଲି ଚିଠିରେ ଉଲ୍ଲେଖ କରାଯାଇ ଚାର୍ଜ ସିଟ୍ ମଧ୍ୟ ସଂଲଗ୍ନ କରାଯାଇଥିଲା। ଜୁନ ୪ତାରିଖରେ ଏ ସମ୍ପର୍କରେ ସମସ୍ତ ଗଣମାଧ୍ୟମରେ ଖବର ପ୍ରକାଶ ଓ ପ୍ରଚାରିତ ହୋଇଥିଲା। ତେବେ ୩ସପ୍ତାହ ପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆ ନଯିବାରୁ ପ୍ରଭାସ କର ମହାପାତ୍ର ଜୁନ୍ ୨୨ ତାରିଖରେ ହାଇକୋର୍ଟରେ ପିଆଇଏଲ ଦାଖଲ କରି ଅଭିଯୋଗ କରିଛନ୍ତି ଯେ, ସିଇଓଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଡିଓ ଏପର୍ଯ୍ୟନ୍ତ ପୂର୍ଣ୍ଣ ଦାୟିତ୍ୱରେ ରହି କାର୍ଯ୍ୟ କରୁଛନ୍ତି, ଯାହା ପ୍ରଶାସନିକ ଶୃଙ୍ଖଳା, ନିର୍ବାଚନ ପ୍ରକ୍ରିୟା ଓ ଜନସାଧାରଣଙ୍କ ବିଶ୍ୱାସକୁ ପ୍ରଭାବିତ କରୁଛି। ସେ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି ଯେ, ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ସିଇଓଙ୍କ ଜୁନ୍ ୨ ତାରିଖର ଚିଠି ଅନୁଯାୟୀ ତୁରନ୍ତ ନିଲମ୍ବନ ଆଦେଶ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଉ ଏବଂ ବିଡିଓଙ୍କୁ ସମସ୍ତ କାର୍ଯ୍ୟରୁ ଅନ୍ତରିତ କରାଯାଉ। ଏହି ଘଟଣା ଏସ୍‌ଆଇଆର୍-୨୦୨୬ ପ୍ରକ୍ରିୟାର ସମୟରେ ପ୍ରଶାସନିକ ଜବାବଦେହିତା ଓ ନିର୍ବାଚନ ପ୍ରସ୍ତୁତି ପ୍ରତି ଗୁରୁତ୍ୱ ଦେଉଛି। ହାଇକୋର୍ଟରେ ପରବର୍ତ୍ତୀ ଶୁଣାଣି ଏହି ମାମଲାର ଗତି ନିର୍ଦ୍ଧାରଣ କରିବ ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ ସିଦ୍ଧାର୍ଥ ଦାସ କହିଛନ୍ତି।

ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଗଠନ କାଳ

# ହାବିଲଦାର ଓ କନେଷ୍ଟବଲଙ୍କ ବଦଳି ନେଇ ତୀବ୍ର ଅସନ୍ତୋଷ

ବାରିପଦା,୨୩।୬(ସମିସ):

ମୟୂରଭଞ୍ଜ ଜିଲ୍ଲା ପୁଲିସ ବିଭାଜନ ପରେ ଏବେ ବଦଳି ପ୍ରକ୍ରିୟାକୁ ନେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷର ନିଆଁ କୁହୁଳିବାରେ ଲାଗିଛି। ରାଇରଙ୍ଗପୁର ନୂତନ ପୁଲିସ ଜିଲ୍ଲା ଗଠନ ପରେ ହାବିଲଦାର ଓ କନେଷ୍ଟବଲସ୍ତରୀୟ କର୍ମଚାରୀଙ୍କ ବଦଳି ନୀତିକୁ ନେଇ ଉପରିସ୍ଥ ଅଧିକାରୀଙ୍କ ବାରମ୍ବାର ମନୋଭାବ ପରିବର୍ତ୍ତନ କରିବା ଏବେ ଶତାଧିକ ପୁଲିସ କର୍ମଚାରୀଙ୍କୁ ଆନ୍ଦୋଳିତ କରିଛି। ଜୁନ୍ ୪ ତାରିଖ ବୈଠକର ନିଷ୍ପତ୍ତିକୁ ଜୁନ୍ ୨୨ରେ ସମ୍ପୂର୍ଣ୍ଣ ବଦଳାଇ ଦିଆଯାଇଥିବା ନେଇ ଗୁରୁତର ଅଭିଯୋଗ ଆସିଛି। ଗତ ଜୁନ୍ ୪ ତାରିଖରେ ପୂର୍ବାଞ୍ଚଳ ଡିଆଇଜିଙ୍କ ଅଧ୍ୟକ୍ଷତାରେ ବାରିପଦା ଠାରେ ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ବୈଠକ ବସିଥିଲା। ଏହି ଆଲୋଚନାରେ କର୍ମଚାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେତେକ ଗୁରୁତ୍ୱପୂର୍ଣ୍ଣ ନୀତି ନିର୍ଦ୍ଧାରଣ କରାଯାଇଥିଲା, ଯେଉଁଥିରେ ସମସ୍ତ କର୍ମଚାରୀ ସହମତି ପ୍ରକାଶ କରିଥିଲେ। ଇଚ୍ଛାଧୀନ ବଦଳି ପାଇଁ ଯେଉଁ କର୍ମଚାରୀ ନିଜ ଇଚ୍ଛାରେ ରାଇରଙ୍ଗପୁର ଯିବାକୁ ଚାହିଁବେ ସେମାନଙ୍କୁ ସୁଯୋଗ ମିଳିବ। ଗୃହ ଅଞ୍ଚଳ ଭିତ୍ତିକ ପାଇଁ ଯାହାର ଘର ଯେଉଁ ଅଞ୍ଚଳରେ, ତାଙ୍କୁ ସେହି ଅନୁଯାୟୀ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା ହୋଇଥିଲା। ସେହିପରି ପତି-ପତ୍ନୀ ନୀତି ଅନୁସାରେ ସ୍ୱାମୀ ଓ ସ୍ତ୍ରୀ ଉଭୟ ପୁଲିସ ବିଭାଗରେ ଥିଲେ ସେମାନଙ୍କୁ ଗୋଟିଏ ଅଞ୍ଚଳରେ ରଖାଯିବ। ଲଟେରି ବ୍ୟବସ୍ଥାରେ ଆବଶ୍ୟକସ୍ଥଳେ ଶ୍ରେଣୀ ଅନୁଯାୟୀ ସ୍ୱଚ୍ଛ ଲଟେରି ମାଧ୍ୟମରେ ବଦଳି କରାଯିବ ବୋଲି ସେତେବେଳେ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ଯାହାକୁ ନେଇ ସମସ୍ତେ ଆଶ୍ୱସ୍ତ ଥିଲେ। କିନ୍ତୁ ଜୁନ୍ ୨୨ତାରିଖରେ ଅନୁଷ୍ଠିତ ଆଲୋଚନା ସଭାରେ ପୂର୍ବ ନିଷ୍ପତ୍ତିକୁ ସମ୍ପୂର୍ଣ୍ଣ ଜଳାଞ୍ଜଳି ଦିଆଯାଇଛି। ବଦଳି ପ୍ରକ୍ରିୟାରେ କେବଳ ସିନିୟରମାନଙ୍କୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଜୁନିୟର କର୍ମଚାରୀଙ୍କ ସମସ୍ୟା ଓ ଗୁହାରିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ଅଲ୍ ଓଡ଼ିଶା କ୍ୟାଡରର କର୍ମଚାରୀମାନେ ଅନ୍ୟ ଜିଲ୍ଲାରୁ ଆସିଥିବା ବେଳେ ସେମାନଙ୍କୁ ବଦଳି କରାନଯାଇ ଯେଉଁ ଜିଲ୍ଲା କ୍ୟାଡର୍ କର୍ମଚାରୀଙ୍କ ଘର ବାରିପଦା ଅଞ୍ଚଳରେ, ସେମାନଙ୍କୁ ଜୋରଜବରଦସ୍ତ ରାଇରଙ୍ଗପୁର

- ପ୍ରତିଶ୍ରୁତି ପାଣିର ଗାର
- ଜୁନ୍ ୪ର ନିଷ୍ପତ୍ତି ୨୨ରେ ବଦଳିଗଲା
- ସୁନ୍ଦରଗଡ଼ ଓ ଗଞ୍ଜାମ ମଡେଲ ଆପଣାଇବାକୁ ଦାବି

ପଠାଇବା ପାଇଁ ବ୍ୟବସ୍ଥା କରାଯାଉଛି। ଏହି ଜିଲ୍ଲା କ୍ୟାଡର୍ କର୍ମଚାରୀଙ୍କର ଏବେ ୨୦ ବର୍ଷରୁ ଊର୍ଦ୍ଧ୍ୱ ଚାକିରିକାଳ ବାକି ରହିଛି। ଜୀବନର ଏହି ସମୟରେ ସେମାନେ ନିଜ ନିଜର ପରିବାର ଓ ନିଜ ଅଞ୍ଚଳ ଛାଡ଼ି ନୂତନ ପୁଲିସ ଜିଲ୍ଲାକୁ ଯିବାକୁ ଆଦୌ ମଙ୍ଗୁ ନାହାନ୍ତି। ଉପରିସ୍ଥ ଅଧିକାରୀଙ୍କର ଏଭଳି ପାତରଅନ୍ତର ଏବଂ ନିତିଦିନିଆ ନୀତି ପରିବର୍ତ୍ତନ ଯୋଗୁଁ ମୟୂରଭଞ୍ଜର ଶତାଧିକ ହାବିଲଦାର ଓ କନେଷ୍ଟବଲଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପୂର୍ବରୁ ସୁନ୍ଦରଗଡ଼ ଏବଂ ଗଞ୍ଜାମ ପୁଲିସ ଜିଲ୍ଲା ପୁନର୍ଗଠନ ସମୟରେ ମଧ୍ୟ ସମାନ ସମସ୍ୟା ଦେଖାଦେଇଥିଲା। କିନ୍ତୁ ସେଠାକାର ପ୍ରଶାସନ ଲଟେରି ମାଧ୍ୟମରେ ସ୍ୱଚ୍ଛ ଓ ନିରପେକ୍ଷ ପଦକ୍ଷେପ ଗ୍ରହଣ କରି ସଫଳତାର ସହ ସମାଧାନ କରିଥିଲେ। ଯଦି ସେହି ସମାନ ମଡେଲକୁ ମୟୂରଭଞ୍ଜ ଜିଲ୍ଲାରେ ଆପଣାଯାନ୍ତା, ତେବେ କୌଣସି କର୍ମଚାରୀଙ୍କ ମନରେ କ୍ଷୋଭ ରୁହନ୍ତା ନାହିଁ ଏବଂ ସମାଧାନର ସହଜ ବାଟ ବାହାରିପାରନ୍ତା ବୋଲି କିଛି ପୁଲିସ କର୍ମଚାରୀ ନାମ ଗୋପନ ରଖି ଜଣାଇଛନ୍ତି। ଏ ଦିଗରେ ଉଚ୍ଚପଦସ୍ଥ ଅଧିକାରୀ ପୁନର୍ବିଚାର ନକଲେ ଆଗାମୀ ଦିନରେ ଏହି ଅସନ୍ତୋଷ ଉଗ୍ର ରୂପ ନେବାର ଆଶଙ୍କା ରହିଛି।

## ସୁନା ବନ୍ଧକ ବିବାଦକୁ ନେଇ ଆକ୍ରମଣ

ହାଟଡ଼ିହୀ,୨୩।୬(ସମିସ): ନନ୍ଦିପଦା ଥାନା ନୂଆରମ୍ଭାସ ଗ୍ରାମର ବିଶ୍ୱନାଥ ଓଝା ଗତ ୪/୫ ବର୍ଷ ତଳେ ସେହି ଗ୍ରାମର ବାବୁଲି ପହିଙ୍କ ନିକଟରେ ସୁନା ବନ୍ଧା ଦେଇ ଟଙ୍କା ଆଣିଥିଲେ। ପରବର୍ତ୍ତୀ ସମୟରେ ଆଣିଥିବା ଟଙ୍କା ସୁଧ ମୂଳ ସହ ଫେରସ୍ତ କରି ସୁନା ଫେରାଇବାକୁ କହିବାରୁ ବାବୁଲି ସୁନା ଫେରସ୍ତ କରି ନଥିଲେ। ଯାହାକୁ ନେଇ ଉଭୟଙ୍କ ଭିତରେ ପାଟିତୁଣ୍ଡ ମଧ୍ୟ ହୋଇଥିଲା। ପଞ୍ଚାୟତରେ ବୈଠକ ବସିବା ପରେ ସୁନା ଫେରସ୍ତ ନକରିବାରୁ ବିଶ୍ୱନାଥ ଥାନାରେ ଅଭିଯୋଗ କରିଥିଲେ। ଆଜି ବାବୁଲି ପହି ଏବଂ



ତାଙ୍କ ସ୍ତ୍ରୀ ରମାମଣି, ପୁଅ ଚଗୁଲୁ ଓ ବଗୁଲୁ ସମସ୍ତେ ମିଶି ଆକ୍ରମଣ କରିବାରୁ ବିଶ୍ୱନାଥ ଗୁରୁତର ହୋଇପଡ଼ିଛନ୍ତି। ବିଶ୍ୱନାଥଙ୍କ ପରିବାର ଲୋକେ ତାଙ୍କୁ ତୁରନ୍ତ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ ବିଶ୍ୱନାଥଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିବା ନେଇ ପରିବାର ପକ୍ଷରୁ ସୂଚନା ମିଳିଛି। ଖବର ପାଇ ନନ୍ଦିପଦା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଆପ୍‌ର କାର୍ଯ୍ୟକର୍ତ୍ତା ସମ୍ମିଳନୀ




ଆନନ୍ଦପୁର, ୨୩।୬ (ସମିସ): ଆମ୍ ଆଦମୀ ପାର୍ଟିର କେନ୍ଦୁଝର ଜିଲ୍ଲା ଘସିପୁରା ଓ ଆନନ୍ଦପୁର ବିଧାନସଭା ନିର୍ବାଚନମଣ୍ଡଳୀର କାର୍ଯ୍ୟକର୍ତ୍ତା ସମ୍ମିଳନୀ ଘସିପୁରା ମା' ମଙ୍ଗଳା ହୋଟେଲରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଯୁବନେତା ସୁଶାନ୍ତ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ବେଳେ ରାଜ୍ୟ ସଂଗଠନ ସମ୍ପାଦକ ଶ୍ରୀକାନ୍ତ ପାଣି, ରାଜ୍ୟ ସହ ପ୍ରଭାରୀ ଦିଲ୍ଲୀର ପ୍ରବୀଣ କୁମାର କାଭିୟା, ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂହ, ସାଧାରଣ ସମ୍ପାଦକ ଶୁଭଙ୍କର ମହାନ୍ତି ଜିଲ୍ଲାର ପୂର୍ବତନ ସଭାପତି ପୂର୍ବତନ ବିଧାୟକ ପ୍ରାର୍ଥୀ ପ୍ରମୋଦ ସାହୁ, ଜିଲ୍ଲା ପ୍ରଭାରୀ ସରୋଜ ନାୟକ ଏବଂ ଆନନ୍ଦପୁର ବିଧାନସଭାର ସୁମନ୍ତ ମଲ୍ଲିକ, ଫିରୋଜ ଫେରେଇ କୃଷ୍ଣଚନ୍ଦ୍ର ଜେନା, ଶୁଭଦର୍ଶନ ମହାନ୍ତି, ପ୍ରଭାସ କୁମାର ଜେନା ବିପିନ୍ ଦାସ୍ ଅଭିନ୍ନ କୁମାର ଜେନା, ଅଜୟ କୁମାର ନାଏକ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଆମ୍ ଆଦମୀ ପାର୍ଟି ସାରା ଓଡ଼ିଶାରେ ପ୍ରତି ପଞ୍ଚାୟତ ଓ ପୌର ଜିଲ୍ଲା ପରିଷଦଠାରୁ ବିଧାନସଭାରେ ନିର୍ବାଚନ ଲଢ଼ିବ ବୋଲି ପ୍ରଭାରୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କଇଁଶିଆରୀରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ଆନନ୍ଦପୁର, ୨୩।୬ (ସମିସ): ଘଷିପୁରା ବ୍ଲକ ଗଡବାନ୍ଦଗୋଡା ପଞ୍ଚାୟତ କଇଁଶିଆରୀ ଗ୍ରାମରେ ବହୁ ବର୍ଷର ପ୍ରତୀକ୍ଷିତ ନୂତନ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ସମ୍ପୂର୍ଣ୍ଣ ହୋଇଛି। ଆଶ୍ରମର ସାଧୁସନ୍ଥଙ୍କ ସହ କଇଁଶିଆରୀ, ଭାଲୁକା, ସୁଆଁଲୋ ଗ୍ରାମର ଅନେକ ଶୁଭେଚ୍ଛୁ ସହଯୋଗୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ମନ୍ଦିର ବିଜେ ମହା ସମାରୋହରେ ପାଳିତ ହୋଇଛି। ଏହି ମନ୍ଦିରର ଭବ୍ୟ ପୂଜନ କାର୍ଯ୍ୟକ୍ରମରେ ପ୍ରଭୁ ଦର୍ଶନ ନିମନ୍ତେ ଯାଇଥିବା ସମାଜସେବୀ ତଥା ବିଜେପି ବରିଷ୍ଠ ନେତା ଡ ଶମ୍ଭୁନାଥ ରାଉତଙ୍କୁ ଗ୍ରାମବାସୀ ତଥା ମନ୍ଦିରର ସାଧୁସନ୍ଥ ଏବଂ କର୍ମକର୍ତ୍ତାବୃନ୍ଦ ସମ୍ବର୍ଦ୍ଧିତ କରିଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାଧୁ କବିନ୍ଦ୍ର ବାବା, ଶରତଚନ୍ଦ୍ର ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, ମନୋରଞ୍ଜନ ନାଥ, ସୁଶାନ୍ତ କୁମାର ସ୍ୱାଇଁ, ମିହିର ରଞ୍ଜନ ସ୍ୱାଇଁ, ପ୍ରେମାନନ୍ଦ ଦାସ, ରାଜେଶ ସ୍ୱାଇଁ, ବୈଶାଳୀ ସ୍ୱାଇଁ, ଅନୁରାଧା ସ୍ୱାଇଁ, ଜୟନ୍ତୀ ରାଉତ, ରୀନାରାଣୀ ସ୍ୱାଇଁ, ମମତା ସ୍ୱାଇଁ ସମେତ ଦୁଇ ଶହରୁ ଅଧିକ ପିତୃମାତୃ ଭକ୍ତ ଉପସ୍ଥିତ ଥିଲେ।

## ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଜିଲ୍ଲାସ୍ତରୀୟ ଉତ୍ସବ

# ମିଳିତ ପ୍ରୟାସରେ ହିଁ ଦେଶର ବିକାଶ ସମ୍ଭବ

କେନ୍ଦୁଝର, ୨୩।୬ (ସମିସ)

ଜିଲ୍ଲା ପ୍ରଶାସନ ପକ୍ଷରୁ ଦରବାର ହଲ୍‌ଠାରେ 'ବିକାଶର ଧାରା, ଓଡ଼ିଶା ସାରା' ଶୀର୍ଷକରେ ଏକ ସ୍ୱତନ୍ତ୍ର 'ସଭାଗୃହ ବୈଠକ ଓ ମିଡିଆ କନେକ୍ଟ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଥିଲେ ଯେ, ମୌଳିକ ଚିନ୍ତନରୁ ହିଁ ପ୍ରକୃତ ବିକାଶ ସମ୍ଭବ ହୋଇଥାଏ। ପ୍ରଶାସନ, ଜନସାଧାରଣ ଏବଂ ସରକାର—ଏହି ତିନି ଶକ୍ତି ଯେତେବେଳେ ଏକତ୍ରିତ ହୁଅନ୍ତି, ସେତେବେଳେ ଦେଶର ବିକାଶ ତ୍ୱରାନ୍ୱିତ ହୁଏ। କେନ୍ଦୁଝରର କୃଷି, ଜଙ୍ଗଲ ଓ ପରିବେଶକୁ ଅକ୍ଷୁଣ୍ଣ ରଖି ସନ୍ତୁଳିତ ବିକାଶ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ତେଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ଗୁରୁତ୍ୱାରୋପ କରିଥିଲେ ଯେ ସମାଜର ଆଗ ଧାଡ଼ିର ବ୍ୟକ୍ତି ଯେଉଁଭଳି ସରକାରୀ



ସୁବିଧା ପାଉଛନ୍ତି, ସେହିଭଳି ପଛ ଧାଡ଼ିର ବ୍ୟକ୍ତି ମଧ୍ୟ ସମାନ ସୁବିଧା ପାଇବା ଜରୁରୀ।

ଏହି ଅବସରରେ ଜିଲ୍ଲାର ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ବଳଦେବଜୀଉ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନତି ଏବଂ ସୌନ୍ଦର୍ଯ୍ୟକରଣ, ଖଣିଜ ସମ୍ପଦର ସୁପରିଚାଳନା, ବେକାର ଯୁବକଯୁବତୀଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି ଏବଂ ଟ୍ରାଫିକ୍ ନିୟନ୍ତ୍ରଣ ବ୍ୟବସ୍ଥାରେ ସୁଧାର ଆଣିବା ଉପରେ ବିଶେଷ ଗୁରୁତ୍ୱାରୋପ କରାଯାଇଥିଲା। ଜିଲ୍ଲାର କଳା ଓ ସଂସ୍କୃତିର ସଂରକ୍ଷଣ ପାଇଁ ଅସନପାଟ ଗ୍ରାମର ପ୍ରସିଦ୍ଧ ଛଉ ନୃତ୍ୟର ବିକାଶ, ଆଦିବାସୀ କଳା ଓ ସଂସ୍କୃତିର ସୁରକ୍ଷା ପାଇଁ ଏକ 'ଜନଜାତି ସଂସ୍କୃତି କେନ୍ଦ୍ର' ପ୍ରତିଷ୍ଠା ଏବଂ ଲୋପ ପାଇଯାଉଥିବା କଣ୍ଢେଇ ନାଚର ପୁନରୁଦ୍ଧାର ଏବଂ ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ଦୃଷ୍ଟିରୁ ସେମାନଙ୍କ ପାଇଁ ସ୍ୱତନ୍ତ୍ର ପେନସନ ବ୍ୟବସ୍ଥା ଲାଗୁ କରିବାକୁ ସାମ୍ବାଦିକବୃନ୍ଦ ପରାମର୍ଶ ଦେଇଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ଏବଂ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ମମିତା ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶଚନ୍ଦ୍ର ନାୟକଙ୍କ ସହ ଅନ୍ୟ ସମସ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ ଧନ୍ୟବାଦ ଅର୍ପଣ ଦେଇଥିବା ବେଳେ ଜିଲ୍ଲା ସୂଚନା ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ ପରିଚାଳନା କରିଥିଲେ।

## ଯୋଜନାର ସଚେତନତା ପାଇଁ ଜନଭାଗିଦାରୀ ସମାବେଶ

ଚମ୍ପୁଆ, ୨୩।୬ (ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବର ଅନ୍ତିମ ପର୍ଯ୍ୟାୟରେ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ ସଭା ଅନୁଷ୍ଠିତ ହୋଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ



ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସୁଭଦ୍ରା ଯୋଜନା, ଆୟୁଷ୍ମାନ ଭାରତ, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ପିଏମ୍ କିଶାନ, ସମୃଦ୍ଧ କୃଷକ ଯୋଜନା, ମୁଖ୍ୟମନ୍ତ୍ରୀ କିଶାନ ଓ କାମଧେନୁ ଯୋଜନା, ମମତା, ଆବାସ ଓ ଭତ୍ତା ଯୋଜନା ସମ୍ପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ସୂଚନା ଦିଆଯାଇଥିଲା। ପାଟଣା ବିଧାୟକଙ୍କ ପ୍ରତିନିଧି ଭାବଗ୍ରାହୀ ମହାନ୍ତ, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା, ସାଂସଦ ପ୍ରତିନିଧିଙ୍କ ବଦଳରେ ନାରୀନେତ୍ରୀ ଝରଣା ମହାନ୍ତ, ଜିଲ୍ଲା ପରିଷଦ ସଦସ୍ୟା ରମଣୀ ନାଏକ, ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେଶ ନାଏକ, ଭଣ୍ଡା ମେଡିକାଲ ଅଫିସର ଡା. ଓମପ୍ରକାଶ ବାରିକ, ସିଡିପିଓ ଲକ୍ଷ୍ମୀକାନ୍ତ ମାରାଣ୍ଡି ଓ ସହକାରୀ ଅଧୀକ୍ଷଣ ଯନ୍ତ୍ରୀ ସବ୍ୟସାଚୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ନପୂର୍ଣ୍ଣା ଯୋଜନାରେ ୨୫ ଜଣଙ୍କୁ ନୂତନ ରେସନ କାର୍ଡ, ମଧୁବାବୁ ପେନସନ ଯୋଜନାରେ ୧୦ ଜଣଙ୍କୁ ଭତ୍ତା ଅନୁମୋଦନପତ୍ର, ୨୨ ଜଣ ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ଫୋନ ଏବଂ ୧୦ ଜଣଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେହିପରି ୨୦ ଜଣଙ୍କୁ ଆୟୁଷ୍ମାନ କାର୍ଡ, ୩୦ ଜଣଙ୍କୁ ବୟୋବନ୍ଦନା କାର୍ଡ, ୧୪ ଜଣଙ୍କୁ ଶ୍ରମିକ କାର୍ଡ, ୧୦ ଜଣ ଅନୁସୂଚିତ ଜାତି ଓ ଜନଜାତି ପରିବାରକୁ ଜଙ୍ଗଲ ଜମି ପଟ୍ଟା, ୧୦ ଜଣ ଲକ୍ଷପତି ଦିଦିଙ୍କୁ ପ୍ରମାଣପତ୍ର, ୨ ଜଣ ମତ୍ସ୍ୟଚାଷୀ ଓ ୨ ଜଣ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡଧାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସିଆରପି, ଏମ୍‌ବିକେ, ଆଶା, ଅଙ୍ଗନବାଡି କର୍ମୀ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ। ହିତାଧିକାରୀମାନେ ବିଭିନ୍ନ ବିଭାଗର ଷ୍ଟଲ ପରିଦର୍ଶନ କରିଥିଲେ। ମଙ୍ଗଳ ଅଧିକାରୀ ପ୍ରମୋଦ ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଶ୍ରାବଣୀ ଜେନା, ଗଜାଲା ସୁଲତାନାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ।

## ନୂଆଦିଲ୍ଲୀରେ ଦେଓଗାଁ ଶିଶୁ ଶିଳ୍ପୀ ସମ୍ବର୍ଦ୍ଧିତ

ଆନନ୍ଦପୁର, ୨୩।୬(ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଦେଓଗାଁ ଓ କୁଶଳେଶ୍ୱରର ଶିଶୁ ଶିଳ୍ପୀମାନେ ରଙ୍ଗପଲ୍ଲବ ସାଂସ୍କୃତିକ ଉତ୍ସବରେ କାର୍ଯ୍ୟକ୍ରମ ପରିବେଷଣ କରି ଉଚ୍ଚ ପ୍ରଶଂସିତ ହୋଇଥିବା ଜଣାଯାଇଛି। ଜାତୀୟ ନାଟ୍ୟ ବିଦ୍ୟାଳୟ (ଏନ୍‌ଏସ୍‌ଡି) ଓ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍‌ର ମିଳିତ ସହଯୋଗରେ ଦେଶର



ଆଠଟି ସ୍ଥାନରେ ଆୟୋଜିତ ମାସବ୍ୟାପୀ ଶିଶୁ ନାଟ୍ୟ କର୍ମଶାଳାର ସମାପନୀ ଉତ୍ସବ "ରଙ୍ଗ ପଲ୍ଲବ" ନାମରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ରେଜିଷ୍ଟ୍ରାର ପ୍ରଦୀପ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ କୁଶଳେଶ୍ୱର, ଦେଓଗାଁର ଶିଶୁମାନେ ନୂଆଦିଲ୍ଲୀସ୍ଥିତ ଜାତୀୟ ନାଟ୍ୟ ବିଦ୍ୟାଳୟର ପ୍ରତିଷ୍ଠିତ 'ଅଭିମଞ୍ଚ' ପ୍ରେକ୍ଷାଳୟରେ "ମୋ ପ୍ରିୟ ସାଙ୍ଗ " ନାମକ ସୁନ୍ଦର ନାଟକ ପରିବେଷଣ କରିଥିଲେ। ନାଟକଟି ଦର୍ଶକମାନଙ୍କର ଭୂୟସୀ ପ୍ରଶଂସା ଲାଭ କରିଥିଲା। ସମାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଇଣ୍ଡିଆନ ଅଏଲ କର୍ପୋରେସନ ଲିମିଟେଡ୍‌ର ନିର୍ଦ୍ଦେଶିକା (ମାନବ ସମ୍ପଦ) ରଶ୍ମି ଗୋଭିଲ, ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ଆଦିଲ ହୁସେନ, ଜାତୀୟ ନାଟ୍ୟ ବିଦ୍ୟାଳୟର ନିର୍ଦ୍ଦେଶକ ଚିତ୍ତରଞ୍ଜନ ତ୍ରିପାଠୀ ଏବଂ କୁଳସଚିବ ପ୍ରଦୀପ କୁମାର ମହାନ୍ତି ଯୋଗଦେଇ ଶିଶୁ ଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନାଟକ ମଞ୍ଚସ୍ଥ ପରେ ଦେଓଗାଁର ଶିଶୁମାନେ ମତ ପ୍ରକାଶ କରିଥିଲେ ଯେ ଦିଲ୍ଲୀ ଆସି ନିଜ ପ୍ରତିଭା ପ୍ରଦର୍ଶନ କରିବାର ସୁଯୋଗ ପାଇବା ସେମାନଙ୍କ ପାଇଁ ଏକ ଅବିସ୍ମରଣୀୟ ଓ ଗୌରବମୟ ଅନୁଭୂତି।

## ବଡପଦନା-ମଚ୍ଛାଳୋ ବିଦ୍ୟାଳୟରେ ବଦଳି ପାଲା





### ଛାତ୍ରଛାତ୍ରୀଙ୍କ ଧାରଣା

ଆନନ୍ଦପୁର, ୨୩।୬ (ସମିସ): ଖଣ୍ଡୁରୀମାତା ଉଚ୍ଚବିଦ୍ୟାଳୟର କିରାଣିଙ୍କ ବଦଳି ରୋକିବା ପାଇଁ ଧାରଣାରେ ଛାତ୍ରଛାତ୍ରୀ ଓ ଅଭିଭାବକ। କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ଖଣ୍ଡୁରୀମାତା ଉଚ୍ଚ ବିଦ୍ୟାଳୟର କିରାଣି ସନ୍ତୋଷ କୁମାର ରଥଙ୍କୁ ଅନ୍ୟ ବିଦ୍ୟାଳୟ ମଚ୍ଛାଳକୁ ବଦଳିକୁ ନେଇ ଆଜି ବିଦ୍ୟାଳୟ ବନ୍ଦ କରି ଛାତ୍ରଛାତ୍ରୀ ଓ ଅଭିଭାବକ ଧାରଣାରେ ବସିଛନ୍ତି। ବିଦ୍ୟାଳୟରେ କୌଣସି ଶିକ୍ଷାଧିକାରୀ ଆଲୋଚନା ପାଇଁ ପହଞ୍ଚିନାହାନ୍ତି। ଯଦି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଦାବି ପୂରଣ ନହୁଏ ବିଦ୍ୟାଳୟ ବନ୍ଦ ରହିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଛାତ୍ରଛାତ୍ରୀ କହିଛନ୍ତି। ଅନ୍ୟପକ୍ଷରେ, ପ୍ରଧାନଶିକ୍ଷକ ଧନଞ୍ଜୟ ମିଶ୍ରଙ୍କୁ ଆସିଷ୍ଟାଣ୍ଟ ଶିକ୍ଷକ ଓ କିରାଣି ଧର୍ମାଧି ସାହୁଙ୍କୁ ବଡ଼ପଦନା ଖଣ୍ଡୁରୀ ମାତା ଉଚ୍ଚବିଦ୍ୟାଳୟ ବଦଳି ହେବାରୁ ଆଜି ବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀ ଧାରଣା ଦେଇଛନ୍ତି। ଶିକ୍ଷା ବିଭାଗର ଏହିଭଳି ନିଷ୍ପତ୍ତିକୁ ବିରୋଧ କରି ଅଭିଭାବକମାନେ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦାବି ପୂରଣ ନେଇ ଜିଦ୍‌ରେ ଅଟଳ ରହିଛନ୍ତି।



ଆନନ୍ଦପୁର: ବିଷ୍ଣୁପ୍ରିୟା ବାଳାଶ୍ରମରେ କବି ଚତୁର୍ଭୁଜ ଜେନାଙ୍କ ଚତୁର୍ଥ କବିତା ପୁସ୍ତକ "ମୋ ବୋଉ' କବି ଚତୁର୍ଭୁଜ ଜେନା, ପ୍ରକାଶିକା ସ୍ୱର୍ଣ୍ଣପ୍ରଭା ମଲ୍ଲିକଙ୍କ ସହ ବହୁ କବିକବୟିତ୍ରୀଙ୍କ ଉପସ୍ଥିତିରେ ମଞ୍ଚାସୀନ ଅତିଥି ଏବଂ ବୋଉ ପାତି ଦେବୀଙ୍କ କରକମଳରେ ଲୋକାର୍ପଣ ହୋଇଯାଇଛି

## ପରିବେଶ ଓ ବ୍ୟବସାୟିକ ଉତ୍କର୍ଷ ପାଇଁ ଜେଏସ୍‌ଡବ୍ଲୁ ଷ୍ଟିଲ୍ ପୁରସ୍କୃତ

ଯୋଡ଼ା, ୨୩।୬(ସମିସ): ଜେଏସଡବ୍ଲୁ ଷ୍ଟିଲ୍‌ର ଓଡ଼ିଶା ଖଣି ବିଭାଗକୁ କୋଲକାତାରେ ଅନୁଷ୍ଠିତ ଖଣିଜ ଏବଂ ଖଣି କନକ୍ଲେଭର ଚତୁର୍ଥ ସଂସ୍କରଣରେ ସମ୍ମାନିତ କରାଯାଇଛି। ଯାହା ଆସୋସିଏଟେଡ୍ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଅଫ୍ ଇଣ୍ଡିଆ ପୂର୍ବାଞ୍ଚଳ ଦ୍ୱାରା ଆୟୋଜିତ ହୋଇଥିଲା। ଏହି ବିଭାଗକୁ ବର୍ଷର ବିବିଧତା, ସମାନତା ଏବଂ ଅନ୍ତର୍ଭୁକ୍ତୀକରଣ କାର୍ଯ୍ୟକ୍ରମ ଏବଂ ବର୍ଷର ନିଯୁକ୍ତିଦାତା ବ୍ରାଣ୍ଡ ପାଇଁ ସ୍ୱୀକୃତି ମିଳିଛି। ଏହି ପୁରସ୍କାରଗୁଡ଼ିକ ରାମଶଙ୍କର ଶର୍ମା, ଅପରେସନ୍ସ ଏବଂ ପ୍ରୋଜେକ୍ଟ ମୁଖ୍ୟ, ତାଙ୍କ ଦଳ ସହିତ ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ଶର୍ମା କହିଥିଲେ, "ଏହି ପୁରସ୍କାରଗୁଡ଼ିକ ଏକ ଅନ୍ତର୍ଭୁକ୍ତ କର୍ମକ୍ଷେତ୍ର ନିର୍ମାଣ ଏବଂ ପସନ୍ଦର ନିଯୁକ୍ତିଦାତା ଭାବରେ ଆମର ପରିଚୟକୁ ସୁଦୃଢ଼ କରିବା ପାଇଁ ଆମର ସାମୂହିକ ପ୍ରତିବଦ୍ଧତାର ପ୍ରମାଣ। ଏହା ଆମକୁ ଆମର କାର୍ଯ୍ୟର ପ୍ରତ୍ୟେକ ଦିଗରେ ଉତ୍କର୍ଷତା ହାସଲ କରିବାକୁ ପ୍ରେରଣା




ଦିଏ'। ବ୍ୟବସାୟ ଉତ୍କର୍ଷ ପୁରସ୍କାର କର୍ପୋରେଟ୍ ଏବଂ ଷ୍ଟାର୍ଟ-ଅପ୍‌ଗୁଡ଼ିକର ସଫଳତାକୁ ପାଳନ କରେ, ଯାହା ପରିବର୍ତ୍ତନ, ସ୍ଥାୟିତ୍ୱ ଏବଂ ଅଭିବୃଦ୍ଧିର ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଉଜ୍ଜ୍ୱଳ କରିଥାଏ। ଏହି ପୁରସ୍କାରଗୁଡ଼ିକ ଶିଳ୍ପରେ ସର୍ବୋଚ୍ଚ ସ୍ୱୀକୃତିକୁ ପ୍ରତିନିଧିତ୍ୱ କରେ, ଯାହା ଗୁରୁତ୍ୱପୂର୍ଣ୍ଣ ଏବଂ ସକାରାତ୍ମକ ପ୍ରଭାବ ବହନ କରେ। ଏହାସହିତ ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏହାର ସଫଳତାରେ ଆଉ ଏକ ମୁହୂର୍ତ୍ତ ଯୋଡ଼ିଛି। ଏହାର ଦୁଇଟି ଖଣି - ନୂଆଗାଁ ଲୁହା ଖଣି ଏବଂ ନାରାୟଣପୋଶି ଲୁହା ଏବଂ ମାଙ୍ଗାନିଜ୍ ଖଣି ପରିବେଶଗତ ପଦକ୍ଷେପ ପାଇଁ ଶ୍ରେଷ୍ଠ ପୁରସ୍କାର ପାଇଛି। ନୂଆଗାଁ ଖଣି ଏବଂ ନାରାୟଣପୋଶି ଖଣିକୁ ଯଥାକ୍ରମେ ପରିବେଶ ପଦକ୍ଷେପ ପୁରସ୍କାର ଏବଂ ପରିବେଶ ପରିଚାଳନା ପୁରସ୍କାର ପ୍ରଦାନ କରାଯାଇଛି। ନୂଆଗାଁ ଖଣି ହୀରା ବର୍ଗରେ ପୁରସ୍କାର ପାଇଥିଲା ବେଳେ ନାରାୟଣପୋଶି ଖଣି ପ୍ଲାଟିନମ୍ ବର୍ଗରେ ପୁରସ୍କାର ପାଇଥିଲା। ଗ୍ୟାଙ୍ଗଟକରେ ଆୟୋଜିତ ଏକ ଔପଚାରିକ କାର୍ଯ୍ୟକ୍ରମରେ ସୁରେଶ ମହାପାତ୍ର ଜେଏସଡବ୍ଲୁ ଷ୍ଟିଲ୍, ଓଡ଼ିଶା ଖଣି ବିଭାଗ ଏବଂ ତାଙ୍କ ଦଳ ପୁରସ୍କାର ଗ୍ରହଣ କରିଥିଲେ।

## କୁସେଇ ନଦୀରୁ ଅବାଧରେ ବାଲି ଚୋରା ଚାଲାଣ

# ଅଭିଯୋଗ କଲେ ବି ଶୁଣୁନି ପ୍ରଶାସନ





ଆନନ୍ଦପୁର, ୨୩।୬ (ସମିସ)

ଆନନ୍ଦପୁର ଉପଖଣ୍ଡର ବେଲବାହାଲି କୁସେଇ ନଦୀର ବାଲି ଘାଟରୁ ଅବାଧ ବାଲି ଚାଲାଣ ସାଧାରଣ ଲୋକଙ୍କ ଜୀବନଯାତ୍ରାକୁ ଅସ୍ତବ୍ୟସ୍ତ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଦିନ ଦ୍ୱିପ୍ରହରରେ ମାଇନିଂ ବିଭାଗର ଆଖିରେ ଧୂଳିଦେଇ ଚାଲିଛି ବେଆଇନ ବାଲି ଚୋରା ଚାଲାଣ। କୁସେଇ ନଦୀର ଟୋଲଙ୍କପଡା, ଭାଟିସିରା, ସରେଇ, ବେଲବାହାଲି, ହରିଡ଼ାପାଳ ଓ ଜଳସୁଆଁ ଘାଟଗୁଡ଼ିକରୁ ଏକାଧିକ ଟ୍ରାକ୍ଟରରେ ବାଲି ଉତ୍ତୋଳନ କରି ଗୋଟିଏ ସ୍ଥାନରେ ଗଦା କରି ହାଇୱା ଯୋଗେ ଜିଲ୍ଲା ବାହାରକୁ ବେଆଇନ ଭାବରେ ଚୋରା ଚାଲାଣ କରୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ଅସନ୍ତୋଷ ସତ୍ତ୍ୱେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ବାଲି ସୈରାତଗୁଡ଼ିକୁ ନିଲାମ କରାଯାଇ ନଥିବାରୁ ଏଠାରେ ବାଲି ଯୋଗାଣ ନେଇ ସମସ୍ୟା ହେଉଥିବାର ସୁଯୋଗ ନେଇ ମାଫିଆମାନେ ଚୋରା ଚାଲାଣ କରି ଚାଲିଛନ୍ତି। ଚୋରା ଚାଲାଣ ରୋକିବାକୁ ବିଭିନ୍ନ ସମୟରେ ସ୍ଥାନୀୟ ସରପଞ୍ଚ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ବେଆଇନ ବାଲି ଖନନ ଓ ପରିବହନ ପାଇଁ ଟ୍ରାକ୍ଟର, ହାଇୱା ଓ ମେସିନ ରାତିସାରା ଯାତାୟାତ କରୁଥିବାରୁ ପ୍ରଚଣ୍ଡ ଶବ୍ଦରେ ଶୋଇବା କଷ୍ଟକର ହୋଇପଡୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରୁଛନ୍ତି। ଅପରପକ୍ଷରେ ବନ୍ଧ ରାସ୍ତାରେ ବାଲି ଚାଲାଣ ହେଉଥିବାରୁ ନଦୀକୂଳର ପରିବେଶ ନଷ୍ଟ ହୋଇଥିବା ବେଳେ ନଦୀର ତଟଗୁଡିକ ଭାଙ୍ଗିଯାଇଥିବା ଯୋଗୁଁ ନଦୀକୁ ଗାଧୋଇଯିବା ପାଇଁ ଲୋକମାନେ ବହୁ ଅସୁବିଧାରେ ପଡୁଛନ୍ତି। ବେଆଇନବାଲି ଖନନ ପାଇଁ ଗ୍ରାମର ରାସ୍ତା ଓ ପ୍ରାକୃତିକ ଅବସ୍ଥା ମଧ୍ୟ କ୍ଷୟ ହେଉଛି। ଏଥପ୍ରତି କେନ୍ଦୁଝର ଜିଲ୍ଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ନୀଳମାଧବ ଶବର ସମାଜର ସଭା



କେନ୍ଦୁଝର, ୨୩।୬(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର କଲ୍ୟାଣ ମଣ୍ଡପଠାରେ ଶବର ସମାଜ ମହାସଂଘର ଏକ ସାଧାରଣ ସଭା ଗତ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶବର ସମାଜର ରାଜ୍ୟ ସଂଯୋଜକ ତାପସ ଭୋଇ, ରାଜ୍ୟ ଉପଦେଷ୍ଟା ରାହାସ ବିହାରୀ ଭୋଇ, କେନ୍ଦୁଝର ଜିଲ୍ଲା ଶବର ସମାଜ ସଭାପତି ଇନ୍ଦ୍ରମଣୀ ଦେହୁରୀ ପ୍ରମୁଖ ଶବର ସମାଜର ସଦସ୍ୟଙ୍କ ମଧ୍ୟରେ ଭାଇଚାରା, ଉତ୍ତମ ସମ୍ପର୍କ ସହ ରାଜ୍ୟର ସମସ୍ତ ଜିଲ୍ଲାରେ ସଂଗଠନକୁ ମଜବୁତ କରିବା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ଘୁମୁରା ନୃତ୍ୟ ପରିବେଷଣ କରାଯାଇଥିଲା। ରାଜ୍ୟରୁ ପ୍ରାୟ ୧ ହଜାର ସଭ୍ୟ ଯୋଗ ଦେଇଥିଲେ। ରାଜ୍ୟ ମହାସଚିବ ତ୍ରୈଲୋଚନ ଦେହୁରୀ, କୋଷାଧ୍ୟକ୍ଷ କୁମ୍ଭକର୍ଣ୍ଣ ଦେହୁରୀ, ଉପଦେଷ୍ଟା ଦୁର୍ଯ୍ୟୋଧନ ନାଏକ, କୃଷ୍ଣଚନ୍ଦ୍ର ଦେହୁରୀ ପରିଚାଳନା କରିଥିଲେ। ଦେବଦତ୍ତ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ବିଜ୍ଞାନ ସଂଗଠିତ ଜ୍ଞାନର ସମାହାର; ଅପରପକ୍ଷରେ ସଂଗଠିତ ଜୀବନର ସମାହାର ହେଉଛି ପ୍ରଜ୍ଞା।
- ଇମାନୁଏଲ୍ କାଣ୍ଟ

## କୋଚିଂକେନ୍ଦ୍ରର କାରୁଣ୍ୟ

ଐତିହାସିକ ଲକ୍ଷ୍ନୌ ସହରସ୍ଥିତ ଏକ ଘରୋଇ କୋଚିଂ କେନ୍ଦ୍ରରେ ମର୍ମନ୍ତୁଦ ଅଗ୍ନିକାଣ୍ଡରେ ୧୫ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆହତଙ୍କ ସଠିକ୍ ସଂଖ୍ୟା ଜଣାପଡ଼ିନାହିଁ। ଏହାପରେ ଏବେ ପୁଣି ଥରେ ଦେଶରେ ପ୍ରତିଦିନ ଅନିୟନ୍ତ୍ରିତ ଓ ଅଶୃଙ୍ଖଳିତ ଭାବେ ଗଢ଼ି ଉଠୁଥିବା କୋଚିଂ ସେଣ୍ଟରର ବୈଧତା ଓ ସୁରକ୍ଷା ଉପରେ ପ୍ରଶ୍ନବାଚୀ ଲାଗିଛି। ଏଭଳି ଅବାଞ୍ଛିତ ଅଘଟଣାମାନଙ୍କର ପୁନରାବୃତ୍ତିକୁ ସମୂଳେ ନିୟନ୍ତ୍ରଣ କରିବା ବଦଳରେ ମୃତକଙ୍କ ପରିବାରକୁ ଅନୁକମ୍ପାମୂଳକ ସହାୟତା ଘୋଷଣା, ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଗିରଫ୍ ପରୱାନା, କୋଠାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ ଆଦି ତାଳିପକା ଉଦ୍ୟମ ଓ ଆଲୋଚନା ଆମ ଦେଶରେ ଏକ ଗତାନୁଗତିକ ଧାରାରେ ପରିଣତ ହୋଇସାରିଛି।

ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ବୈଷୟିକ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ସଫଳତା ପାଇବା ପାଇଁ ଘରୋଇ କୋଚିଂ ବ୍ୟବସ୍ଥା ଆମ ଦେଶରେ ସମୟ ସହିତ ପୁରୁଣା ହୋଇଚାଲିଛି। ସମୟକ୍ରମେ ଏହା ଏକ ବଡ଼ ସଂଗଠିତ ବ୍ୟବସାୟରେ ପରିଣତ ହେବା ସହ ଆଶାୟୀ ବିଦ୍ୟାର୍ଥୀ ଓ ସେମାନଙ୍କ ପିତାମାତାଙ୍କ ପାଇଁ ଏକ ବଡ଼ ସମସ୍ୟା ପାଲଟିଛି। ଅନେକ ବାଦବିବାଦ, ଅଭିଯୋଗ ଓ ସମାଲୋଚନା ପରେ ଘରୋଇ କୋଚିଂ ସେଣ୍ଟରଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ର ସରକାର ୨୦୨୪ ମସିହାରେ ମାର୍ଗଦର୍ଶିକା ଜାରି କରିଛନ୍ତି। କିନ୍ତୁ ତାହାର କାର୍ଯ୍ୟକାରୀ ଦାୟିତ୍ୱ ରାଜ୍ୟ ସରକାରମାନ ଉପରେ ଛାଡ଼ିଦିଆଯାଇଥିବାରୁ ଏବେ ଲକ୍ଷ୍ନୌ ଅଘଟଣ ପାଇଁ ଉତ୍ତରପ୍ରଦେଶ ସରକାର ଉତ୍ତରଦାୟୀ ହେବା କଥା। କିନ୍ତୁ ଡବଲ୍‌ଇଞ୍ଜିନ୍ ସରକାରରେ ଉତ୍ତରଦାୟିତ୍ୱ ମୁଣ୍ଡାଇବାର ସଂସ୍କୃତି ଆଦୌ ନଥିବାରୁ ଏହି ଘଟଣା ମଧ୍ୟ କେବଳ ଶୋକପ୍ରକଟ, ତଦନ୍ତ ଟିମ୍ ଗଠନ, ଅନୁକମ୍ପା ରାଶି ବଣ୍ଟନରେ ସୀମିତ ରହିଯିବା ଭଳି ଲାଗୁଛି।

କେନ୍ଦ୍ର ସରକାରଙ୍କ ଦ୍ୱାରା ଜାରି ନୂଆ ନିର୍ଦ୍ଦେଶାବଳୀ ଅନୁସାରେ ପେସାଦାର ବା ବୃତ୍ତିଗତ ପାଠ୍ୟକ୍ରମ ପାଇଁ ତାଲିମ ଦେଉଥିବା କୋଚିଂ ସେଣ୍ଟରଗୁଡ଼ିକ ନିଜକୁ ରାଜ୍ୟ ସରକାରଙ୍କ ନିକଟରେ ପଞ୍ଜୀକୃତ କରିବେ। ସେମାନେ ୧୬ ବର୍ଷ ବୟସରୁ କମ୍ ବିଦ୍ୟାର୍ଥୀଙ୍କୁ କୋଚିଂ ପାଇଁ ନାମ ଲେଖାଇ ପାରିବେ ନାହିଁ। ତାଲିମ ଦେଉଥିବା ଶିକ୍ଷକଶିକ୍ଷୟିତ୍ରୀଙ୍କ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ଉପାଧି କିମ୍ବା ତଦୂର୍ଦ୍ଧ୍ୱ ହେବ। ଏହାଛଡ଼ା ଏସବୁ କେନ୍ଦ୍ର ବିଦ୍ୟାର୍ଥୀଙ୍କଠାରୁ ଆଗଭଳି ଆଉ ପ୍ରଲୋଭିତ କରି ମନଇଚ୍ଛା ଫି' ଆଦାୟ କରିପାରିବେ ନାହିଁ। ଏଥିନିମନ୍ତେ ଏକ ନିର୍ଦ୍ଦିଷ୍ଟ ଫି' ଢାଞ୍ଚା ରହିବ। ସଂପୃକ୍ତ କୋଚିଂ ସେଣ୍ଟରଗୁଡ଼ିକ ପଞ୍ଜୀକୃତ ହେବା ପରେ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିର୍ଦ୍ଦିଷ୍ଟ ନୀତିନିୟମ ପାଳନ କରିବେ। କୋଚିଂ ସେଣ୍ଟରରେ ଛାତ୍ରଛାତ୍ରୀଙ୍କୁ ମନସ୍ତାତ୍ତ୍ୱିକ ସାହାଯ୍ୟ ସହଯୋଗ ସହିତ ସେମାନଙ୍କ ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। କୋଚିଂ ସେଣ୍ଟର ଭବନର ନିରାପତ୍ତା, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଓ ଅନ୍ୟାନ୍ୟ ମୌଳିକ ସୁବିଧା ସୁଯୋଗ ପ୍ରତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ଦୃଷ୍ଟି ଦେବାକୁ ପଡ଼ିବ। ସମସ୍ତ ବିବରଣୀ ସମ୍ପୃକ୍ତ କୋଚିଂ ସେଣ୍ଟରର ୱେବ୍‌ସାଇଟ୍‌ରେ ଉଲ୍ଲେଖ ରହିବା ବାଧ୍ୟତାମୂଳକ କରାଯାଇଛି। ଛାତ୍ରଛାତ୍ରୀ କିମ୍ବା ଅଭିଭାବକଙ୍କ ଆପତ୍ତି ଅଭିଯୋଗର ଶୁଣାଣି ଓ ସମାଧାନ କରିବା ପାଇଁ ସ୍ୱତନ୍ତ୍ର ନିୟାମକ ଗଠନ ଲାଗି ମଧ୍ୟ ସେଥିରେ ପରାମର୍ଶ ରହିଛି। କିନ୍ତୁ ତାହା କେତେଦୂର ପାଳନ ହେଉଛି ଆମେ ସମସ୍ତେ ଅଳ୍ପେବହୁତ ଜ୍ଞାତ ଏବଂ ନିକଟରେ ଲକ୍ଷ୍ନୌ ଅଘଟଣ ଉଦାସୀନତାର ସଦ୍ୟତମ ଉଦାହରଣ।

ମେଧାଶକ୍ତି ଏକ ବିରଳ ସାମଗ୍ରୀ। ଏହା ବିଭୁଦତ୍ତ ହୋଇଥିବାରୁ ସମସ୍ତଙ୍କ ପାଖରେ ସମାନ ଭାବେ ନଥାଏ। ତେଣୁ ସ୍ୱତନ୍ତ୍ର ଶିକ୍ଷାଦାନ, ପ୍ରଶିକ୍ଷଣ ବା କୋଚିଂ ମାଧ୍ୟମରେ ପିଲାଙ୍କର ଜ୍ଞାନ ବଢ଼ାଇ ସେମାନଙ୍କୁ ଅଧିକ ପ୍ରତିଯୋଗିତାଯୋଗ୍ୟ କରିବାରେ କିଛି ଆପତ୍ତି ନାହିଁ। ତେବେ ପ୍ରତିଯୋଗିତାମୂଳକ ପରୀକ୍ଷା, କୋଟା ବ୍ୟବସ୍ଥା ଏବଂ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ହେଉଥିବା ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା କ୍ରମଶଃ ଜଟିଳ ହେଉଛି। ଏଥିପାଇଁ ଉଦ୍ଦିଷ୍ଟ ସ୍ଥାନ ବା ଆସନ ଅନୁସାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ବହୁଗୁଣ ଅଧିକ ରହୁଛି। ତେଣୁ ପିଲାଏ କୋଚିଂ ଉପରେ ନିର୍ଭର କରି ସଫଳ ହେବାକୁ ଆପ୍ରାଣ ଉଦ୍ୟମ କରୁଛନ୍ତି। ସେମାନେ ଘରଠାରୁ ବହୁଦୂରରେ ରହି ବାପ ମା'ଙ୍କ ଅର୍ଥଶ୍ରାଦ୍ଧ କରି ନିଜେ ଅତି କଷ୍ଟକର ପରିବେଶରେ ରହି ପ୍ରତିଯୋଗିତା ପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ ଏଥିରେ ପ୍ରଦର୍ଶନାତ୍ମକ ପ୍ରଭାବ (ଡେମନ୍‌ଷ୍ଟ୍ରେଟିଭ୍ ଇଫେକ୍ଟ) ଅଧିକ ରହୁଛି। ତା' ପିଲା କୋଚିଂ ନେଉଛି, ତେଣୁ ମୋ ପିଲା ନେବ। ସେ ପଇସା ଖର୍ଚ୍ଚ କରୁଛି, ମୁଁ କରିବି। ଏହି ନ୍ୟାୟରେ ସମସ୍ତେ କୋଚିଂ ସେଣ୍ଟର ମୁହାଁ। କିନ୍ତୁ ବାସ୍ତବରେ ପିତାମାତା ନିଜର ପିଲାଙ୍କ ଯୋଗ୍ୟତା ଓ ସାମର୍ଥ୍ୟକୁ ଏ କ୍ଷେତ୍ରରେ ଠିକ୍ ଭାବେ ଆକଳନ କରିପାରନ୍ତି ନାହିଁ। ପିଲାର ଅନିଚ୍ଛା ସତ୍ତ୍ୱେ ତା'କୁ କୋଚିଂ ସେଣ୍ଟରକୁ ପଠାଯାଏ ଏବଂ ସେଠାରେ ପିଲାଟି ଅନ୍ୟମାନଙ୍କ ସହ ପ୍ରତିଯୋଗିତା କରିବାରେ ବିଫଳ ହୋଇ ମାନସିକ ଚାପରେ ରହି ଶେଷରେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଏ।

ବିଡ଼ମ୍ବନାର ବିଷୟ ଏହା ଯେ ଆଗାମୀ ଦଶନ୍ଧି ସୁଦ୍ଧା ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥନୈତିକ ଶକ୍ତିର ସ୍ୱପ୍ନ ଦେଖୁଥିବା ଭାରତ ଶିକ୍ଷା ଆହରଣ ଓ ଶିକ୍ଷାଦାନ ଦୃଷ୍ଟିରୁ ବହୁତ ପଛରେ। ବିଶେଷକରି ସରକାରୀ ବିଦ୍ୟାଳୟଗୁଡ଼ିକର ଶୈକ୍ଷିକ ପରିବେଶ ଅତ୍ୟନ୍ତ ଚିନ୍ତାଜନକ। କେଉଁଠି ଛାତ୍ରଛାତ୍ରୀଙ୍କ ତୁଳନାରେ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଅଭାବ ରହୁଛି ତ କେଉଁଠାରେ ପିଲାମାନେ ଭଙ୍ଗା ଚାଳଛପର ଘରେ କିମ୍ବା ଖୋଲା ଆକାଶ ତଳେ ବସି ପାଠ ପଢ଼ିବାକୁ ପଡୁଛି। ଦୁର୍ଗମ ଅଞ୍ଚଳର ସ୍ଥିତି ଆହୁରି ଦୟନୀୟ। ତେଣୁ ମେଧାବୀମାନଙ୍କ ପିତାମାତା ଓ ଅଭିଭାବକମାନେ କୋଚିଂସେଣ୍ଟର ମୁହାଁ ହେବା ସ୍ୱାଭାବିକ। ସରକାରୀ ସ୍ତରରେ ରହିଯାଉଥିବା ଏହି ଅଭାବ ଅସୁବିଧାରୁ ଘରୋଇ ସଂସ୍ଥାମାନେ ଚତୁରତାର ସହିତ ପ୍ରଚୁର ଆର୍ଥିକ ଲାଭ ଉଠାଇ ଚାଲିଛନ୍ତି। ସେମାନେ ସମୟୋପଯୋଗୀ ଗୁଣାତ୍ମକ ଶିକ୍ଷାଦାନ ଆଳରେ ଅଭିଭାବକଙ୍କଠାରୁ ଯେତିକି ପରିମାଣରେ ଫି' ବା ଅର୍ଥ ଆଦାୟ କରୁଛନ୍ତି ତାହାକୁ ଏକପ୍ରକାର ଶୋଷଣ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରାଯାଇପାରେ।

ଆଜିର ଶିକ୍ଷା ବ୍ୟବସ୍ଥାର ବିଡ଼ମ୍ବନା ହେଉଛି ଯେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ପାଇଁ କୋଚିଂ ଏକ ଅବିଚ୍ଛେଦ୍ୟ ଓ ଅଲିଖିତ ନିୟମ ହୋଇଯାଇଛି। କିନ୍ତୁ କୋଚିଂକେନ୍ଦ୍ରର ତାଡ଼ନାରେ ସନ୍ତାନ ଓ ଅଭିଭାବକମାନଙ୍କ କୋହ ତା'ର ଚାରିକାନ୍ଥ ଭିତରେ ହିଁ ଲୁଚି ରହିଯାଉଛି। କୋହର ସ୍ୱର ଯେତେବେଳେ ଅତ୍ୟଧିକ ତୀବ୍ର ହୋଇ ବହୁତଳ କୋଠାର କାନ୍ଥ ଓ ପାଚେରି ଡେଇଁ ରାଜରାସ୍ତାରେ ପହଞ୍ଚୁଛି ସେତେବେଳେ ଯାଇ କାରୁଣ୍ୟ ଉଦ୍ରେକ ହେଉଛି। କିନ୍ତୁ କୋହର ସ୍ୱର ନିରବ ହେବା ସହିତ କାରୁଣ୍ୟ ମଧ୍ୟ ସମାଧି ନେଉଛି। ●

## ପାଠ୍ୟପୁସ୍ତକରେ ତ୍ରୁଟି: ଏକ ଗୁରୁତର ଆହ୍ୱାନ

ଡ. ପଦ୍ମଲୋଚନ ରାଉତ

ଶିକ୍ଷା ହେଉଛି ଏକ ଜାତିର ମେରୁଦଣ୍ଡ। ଯେକୌଣସି ସମାଜର ଉନ୍ନତି, ସଂସ୍କୃତିର ସଂରକ୍ଷଣ ଏବଂ ଆଗାମୀ ପିଢ଼ିର ଚରିତ୍ର ଗଠନ ଶିକ୍ଷା ମାଧ୍ୟମରେ ସମ୍ଭବ ହୋଇଥାଏ। ପାଠ୍ୟପୁସ୍ତକ ହେଉଛି ଶିକ୍ଷା ବ୍ୟବସ୍ଥାର ମୂଳ ଆଧାର। ଜଣେ ଛାତ୍ର କୌଣସି ବିଷୟରେ ପ୍ରଥମ ଜ୍ଞାନ ଓ ଧାରଣା ପାଠ୍ୟପୁସ୍ତକରୁ ହିଁ ପାଇଥାଏ। ତେଣୁ ପାଠ୍ୟପୁସ୍ତକରେ ଦିଆଯାଇଥିବା ତଥ୍ୟ ଯଦି ଭୁଲ, ଅସମ୍ପୂର୍ଣ୍ଣ କିମ୍ବା ବିଭ୍ରାନ୍ତିକର ହୁଏ, ତେବେ ଏହା କେବଳ ଶିକ୍ଷାର ଗୁଣବତ୍ତାକୁ ନଷ୍ଟ କରେ ନାହିଁ, ବରଂ ଏକ ପିଢ଼ିର ଚିନ୍ତାଧାରା ଓ ଜ୍ଞାନ ଭିତ୍ତିକୁ ମଧ୍ୟ ଦୁର୍ବଳ କରିଦିଏ।

ସମ୍ପ୍ରତି ଜାତୀୟ ଶିକ୍ଷାନୀତି ଆଧାରରେ ପ୍ରସ୍ତୁତ ଏବଂ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକାଶିତ ଓଡ଼ିଆ ସରକାରୀ ପାଠ୍ୟପୁସ୍ତକରେ ହଜାର ହଜାର ତ୍ରୁଟି ଥିବା ନେଇ ଅଭିଯୋଗ ସାମ୍ନାକୁ ଆସିଛି। କେତେକ ସ୍ଥାନରେ ବୈଜ୍ଞାନିକ ତଥ୍ୟ ଭୁଲ ଦିଆଯାଇଥିବା ବେଳେ ଅନ୍ୟ କେତେକ ସ୍ଥାନରେ ଓଡ଼ିଶାର ଇତିହାସ, ଭୌଗୋଳିକ ପରିଚୟ ଏବଂ ସାମାଜିକ ତଥ୍ୟ ସମ୍ପର୍କରେ ଗୁରୁତର ତ୍ରୁଟି ରହିଥିବା ଚର୍ଚ୍ଚା ହେଉଛି। ଏହି ପ୍ରସଙ୍ଗ ଓଡ଼ିଶାର ଆତ୍ମପରିଚୟ, ଇତିହାସ ଓ ଭବିଷ୍ୟତ ସହ ଜଡ଼ିତ ଏକ ସମ୍ବେଦନଶୀଳ ପ୍ରସଙ୍ଗ। ଶିକ୍ଷା କେବଳ ଅକ୍ଷର ଜ୍ଞାନ ନୁହେଁ, ଏହା ଏକ ଜାତିର ଚିନ୍ତାଧାରା, ସଂସ୍କୃତି, ଇତିହାସ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିଥାଏ। ଯେଉଁ ପାଠ୍ୟପୁସ୍ତକକୁ ଆଧାର କରି ଆଜିର ଶିଶୁମାନେ ଜ୍ଞାନ ଆହରଣ କରୁଛନ୍ତି, ସେହି ପୁସ୍ତକ ଯଦି ଭୁଲ୍ ତଥ୍ୟରେ ପରିପୂର୍ଣ୍ଣ ହୁଏ, ତେବେ ତାହା କେବଳ ଏକ ପ୍ରଶାସନିକ ତ୍ରୁଟି ନୁହେଁ, ବରଂ ସମଗ୍ର ଜାତି ପ୍ରତି ଏକ ଗୁରୁତର ଅବହେଳା।

ସାର୍ ଆଇଜକ ନିଉଟନଙ୍କ ଭଳି ବିଶ୍ୱବିଖ୍ୟାତ ବୈଜ୍ଞାନିକଙ୍କୁ ଜଣେ ପାଇଲଟ ବୋଲି ଉଲ୍ଲେଖ କରାଯାଇଛି, ନିୟମଗିରି ପର୍ବତକୁ ଝାଡ଼ଖଣ୍ଡରେ ଅବସ୍ଥିତ ବୋଲି ଦର୍ଶାଯାଇଛି, ବ୍ରହ୍ମପୁରକୁ ଏକ ଜିଲ୍ଲା ବୋଲି ଲେଖାଯାଇଛି। ଏହା କେବଳ କିଛି ଉଦାହରଣ ମାତ୍ର। ଏପରି ଅସଂଖ୍ୟ ଭୁଲ୍ ତଥ୍ୟକୁ ଆଧାର କରି କୋଟି କୋଟି ଟଙ୍କା ବ୍ୟୟରେ ପାଠ୍ୟପୁସ୍ତକ ପ୍ରକାଶ କରାଯାଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ହାତରେ ଦିଆଯିବା ଘଟଣା ନିଶ୍ଚିତ ଭାବରେ ଚିନ୍ତାର ବିଷୟ। ଯେଉଁ ବୟସରେ ପିଲାମାନେ ପୁସ୍ତକର ପ୍ରତ୍ୟେକ ଶବ୍ଦକୁ ସତ୍ୟ ବୋଲି ବିଶ୍ୱାସ କରନ୍ତି, ସେହି ବୟସରେ ଭୁଲ୍ ଇତିହାସ, ଭୁଲ୍ ଭୌଗୋଳିକ ତଥ୍ୟ ଓ ଭୁଲ୍ ବୈଜ୍ଞାନିକ ସୂଚନା ଦେଇ ସେମାନଙ୍କ ଜ୍ଞାନଭିତ୍ତିକୁ ଦୁର୍ବଳ କରିବା ଏକ ଅକ୍ଷମଣୀୟ ଅପରାଧ ସଦୃଶ। ଏହି ସମସ୍ତ ଘଟଣାକୁ କେବଳ ଦାୟିତ୍ୱହୀନତା କିମ୍ବା ଅସାବଧାନତା ବୋଲି କହିଦେଲେ ହୁଏତ ଘଟଣାର ଗମ୍ଭୀରତାକୁ ଛୋଟ କରିଦେବା ହେବ।

ନିଜ ଭାଷା, ସଂସ୍କୃତି ଓ ଐତିହ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲ କରିଥିବା ଓଡ଼ିଶାର ପିଲାମାନଙ୍କୁ ଯଦି ନିଜ ରାଜ୍ୟର ସଠିକ୍ ପରିଚୟ ଦିଆଯାଇପାରୁନାହିଁ, ତେବେ ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଇତିହାସ କୌଣସି ଜାତିର ସ୍ମୃତି ଏବଂ ଭୌଗୋଳିକ ପରିଚୟ ହେଉଛି ତାହାର ଅସ୍ତିତ୍ୱର ଆଧାର। ଏହି ଦୁଇଟିକୁ ଯଦି ଭୁଲ୍ ତଥ୍ୟ ମାଧ୍ୟମରେ ବିକୃତ କରାଯାଏ, ତେବେ ଆଗାମୀ ପିଢ଼ି ନିଜ ମୂଳ ପରିଚୟ ସମ୍ପର୍କରେ ବିଭ୍ରାନ୍ତ ହୋଇପଡ଼ିବ। ଆଜି ଏହି ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଏତେ ବଡ଼ ଭୁଲ୍ ଧରାପଡ଼ିବା ପରେ ମଧ୍ୟ ସରକାର କାହିଁକି ନିଜ ଭୁଲ୍ ସ୍ୱୀକାର କରିବାକୁ ପ୍ରସ୍ତୁତ ନୁହେଁ? କାହିଁକି ତ୍ରୁଟି ସଂଶୋଧନ ପରିବର୍ତ୍ତେ ନିରବତା ଅବଲମ୍ବନ କରାଯାଉଛି? ଗଣତନ୍ତ୍ରରେ ସରକାର ଜନସାଧାରଣଙ୍କ ପ୍ରତି ଉତ୍ତରଦାୟୀ। ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଏପରି ଅବହେଳା ଜନସାଧାରଣଙ୍କ ବିଶ୍ୱାସକୁ ଦୁର୍ବଳ କରିଥାଏ।

ଏହାଠାରୁ ମଧ୍ୟ ଅଧିକ ଦୁଃଖର ବିଷୟ ହେଉଛି ଯେଉଁମାନେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ ଓ ସଂସ୍କୃତିର ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିଆସିଛନ୍ତି, ସେମାନେ ଆଜି କାହିଁକି ନିରବ? କାହିଁକି ଏହି ଗୁରୁତର ପ୍ରସଙ୍ଗକୁ ନେଇ ସମାଜରେ ବ୍ୟାପକ ଆଲୋଚନା ଓ ଆନ୍ଦୋଳନ ଦେଖିବାକୁ ମିଳୁନାହିଁ? ଆମେ କ'ଣ ଏପରି ଏକ ପର୍ଯ୍ୟାୟରେ ପହଞ୍ଚିଗଲୁ ଯେଉଁଠାରେ ସ୍ୱାର୍ଥ ସବୁକିଛି ଉପରେ ଭାରି ପଡୁଛି? ଓଡ଼ିଆ ଜାତିର ଇତିହାସ, ପରିଚୟ ଓ ଗୌରବକୁ ଯଦି ଧୀରେ ଧୀରେ କ୍ଷୟ କରାଯାଉଛି, ତେବେ ତାହା ବିରୁଦ୍ଧରେ ସ୍ୱର ଉଠାଇବା କି ଆମର ନୈତିକ ଦାୟିତ୍ୱ ନୁହେଁ? ଆଜି କର୍ମବୀର ଗୌରୀଶଙ୍କର ରାୟ, ବ୍ୟାସକବି ଫକୀରମୋହନ ସେନାପତି, ଉତ୍କଳ ଗୌରବ ମଧୁସୂଦନ ଦାସ କିମ୍ବା ଉତ୍କଳମଣି ଗୋପବନ୍ଧୁ ଦାସ ନାହାନ୍ତି, ଯେଉଁମାନେ ଭାଷା, ଶିକ୍ଷା ଓ ଜାତୀୟ ସ୍ୱାଭିମାନ ପାଇଁ ନିର୍ଭୀକ ଭାବେ ସଂଗ୍ରାମ କରିଥିଲେ। କିନ୍ତୁ ସେମାନଙ୍କ ଆଦର୍ଶ ଆଜି ମଧ୍ୟ ବଞ୍ଚି ରହିଛି। ସେହି ଆଦର୍ଶ ଆମକୁ ଶିଖାଏ ଯେ, ଜାତିର ସ୍ୱାର୍ଥ ଓ ଭବିଷ୍ୟତ ପ୍ରତି କୌଣସି ବିପଦ ଆସିଲେ ନିରବ ରହିବା ଉଚିତ ନୁହେଁ।

ଦେଶର ଆଗାମୀ ଭବିଷ୍ୟତ ହେଉଛନ୍ତି ଆଜିର କୋମଳମତି ଛାତ୍ରଛାତ୍ରୀ। ସେମାନଙ୍କ ହାତରେ ଭୁଲ୍ ତଥ୍ୟ ଭର୍ତ୍ତି ପାଠ୍ୟପୁସ୍ତକ ଧରାଇ ଦେବା ପିଲାଖେଳ ନୁହେଁ। ଏହା ଏକ ଗୁରୁତର ସାମାଜିକ ଓ ଶିକ୍ଷାଗତ ଦାୟିତ୍ୱର ପ୍ରଶ୍ନ। ଜଣେ ଛାତ୍ର ଯାହା ଆଜି ପଢ଼ିବ, ସେହି ଜ୍ଞାନକୁ ଆଧାର କରି ସେ ଆସନ୍ତାକାଲି ନିଜର ବିଚାରଧାରା ଗଠନ କରିବ। ତେଣୁ ଶିକ୍ଷାରେ ଭୁଲ୍ ତଥ୍ୟର ପ୍ରବେଶ କେବଳ ଏକ ପୁସ୍ତକର ତ୍ରୁଟି ନୁହେଁ, ଏହା ଏକ ପିଢ଼ିର ଚିନ୍ତାଧାରାକୁ ପ୍ରଭାବିତ କରିବାର ପ୍ରକ୍ରିୟା। ଏହି କାରଣରୁ ସମାଜର ପ୍ରତ୍ୟେକ ସଚେତନ ନାଗରିକ, ଶିକ୍ଷକ, ଅଭିଭାବକ ଓ ଶିକ୍ଷାବିତ୍ ଏହି ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ ଭାବେ ରଖନ୍ତୁ ଏବଂ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକର ସଂଶୋଧନ ପାଇଁ ଦାବି କରନ୍ତୁ। କାରଣ ଏହା କୌଣସି ଦଳ, ସରକାର କିମ୍ବା ବ୍ୟକ୍ତିବିଶେଷର ପ୍ରସଙ୍ଗ ନୁହେଁ; ଏହା ଓଡ଼ିଶାର ଭବିଷ୍ୟତ, ଓଡ଼ିଆ ଜାତିର ସ୍ୱାଭିମାନ ଏବଂ ଆଗାମୀ ପିଢ଼ିର ସଠିକ୍ ଶିକ୍ଷା ଅଧିକାର ସହ ଜଡ଼ିତ ଏକ ଜାତୀୟ ପ୍ରସଙ୍ଗ। ଯଦି ଆଜି ଆମେ ନିରବ ରହିବା, ତେବେ ଇତିହାସ ଆମକୁ କେବେ କ୍ଷମା କରିବ ନାହିଁ। ଯଦି ଆମେ ସଚେତନ ହୋଇ ସତ୍ୟ, ତଥ୍ୟ ଓ ଶିକ୍ଷାର ସୁରକ୍ଷା ପାଇଁ ଏକତ୍ରିତ ହେବା, ତେବେ ନିଶ୍ଚିତ ଭାବରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ସଠିକ୍ ଦିଗରେ ନେଇପାରିବା ଏବଂ ଆଗାମୀ ପିଢ଼ି ପାଇଁ ଏକ ସୁଦୃଢ଼, ସତ୍ୟଭିତ୍ତିକ ଓ ଗୌରବମୟ ଭବିଷ୍ୟତ ଗଢ଼ିପାରିବା।

ଆଜି ଅନେକ ଶିକ୍ଷାବିତ୍ ଓ ସଚେତନ ନାଗରିକ ଆଶଙ୍କା କରୁଛନ୍ତି ଯେ ଇତିହାସକୁ ନୂଆ ଢଙ୍ଗରେ ବ୍ୟାଖ୍ୟା କରିବା ନାମରେ କେଉଁଠି ଓଡ଼ିଆ ଜାତିର ସ୍ୱତନ୍ତ୍ର ଚେତନାକୁ ଦୁର୍ବଳ କରିବାର ପ୍ରୟାସ ଚାଲିନାହିଁ ତ? ଶିକ୍ଷାର ମୂଳ ଉଦ୍ଦେଶ୍ୟ ହେଉଛି ମୁକ୍ତ ଚିନ୍ତା, ବୈଜ୍ଞାନିକ ମନୋଭାବ ଓ ସମାନତାର ଚେତନା ସୃଷ୍ଟି କରିବା। କିନ୍ତୁ ଯଦି ଛାତ୍ରଛାତ୍ରୀଙ୍କ ମନରେ ଅନ୍ଧ ଆନୁଗତ୍ୟ, ଏକପାଖିଆ ଚିନ୍ତାଧାରା କିମ୍ବା ସାମାଜିକ ବିଭାଜନକୁ ପ୍ରୋତ୍ସାହନ ଦେବା ଭଳି ଧାରଣା ପରୋକ୍ଷ ଭାବରେ ପ୍ରବେଶ କରାଯାଏ, ତେବେ ତାହା ଗଣତାନ୍ତ୍ରିକ ସମାଜ ପାଇଁ ଅଶୁଭ ସଙ୍କେତ। ଆଜି ଆବଶ୍ୟକ ହେଉଛି ପାଠ୍ୟପୁସ୍ତକ ପ୍ରସ୍ତୁତିର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାର୍ବଜନୀନ ସମୀକ୍ଷା ପାଇଁ ଖୋଲା ରଖିବା, ତ୍ରୁଟିଗୁଡ଼ିକୁ ସ୍ୱୀକାର କରି ତୁରନ୍ତ ସଂଶୋଧନ କରିବା ଏବଂ ଓଡ଼ିଶାର ଇତିହାସ, ଭାଷା ଓ ସଂସ୍କୃତି ସମ୍ପର୍କରେ ଯେକୌଣସି ବିକୃତିକୁ ଦୂର କରିବା। କାରଣ ଶିକ୍ଷା କୌଣସି ସରକାରର ସମ୍ପତ୍ତି ନୁହେଁ; ଏହା ଜାତିର ଭବିଷ୍ୟତ, ଏବଂ ସେହି ଭବିଷ୍ୟତ ସହ ଖେଳିବାର ଅଧିକାର କାହାରି ନାହିଁ। ●

(ଆସୋସିଏଟ୍ ପ୍ରଫେସର)
ଅରୁଣାଚଳ ପ୍ରଦେଶ, ମୋ: ୯୬୭୮୦୯୧୩୦୦

## ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ

ମନୋରମା ନନ୍ଦ (ମିଶ୍ର)

ଦେଶ ତଥା ଜନ୍ମମାଟିର ସୁରକ୍ଷା ପାଇଁ ଲଢ଼େଇ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଜୀବନକୁ ବଳି ଦେଇଛନ୍ତି। ଇଂରେଜ ଶାସନକୁ ପ୍ରତିହତ କରି ଅନ୍ୟମାନଙ୍କ ପାଇଁ ଉଚ୍ଚ ଆଦର୍ଶ ସୃଷ୍ଟି କରିଛନ୍ତି। ଏମିତି କେତେକ ଆଗଧାଡ଼ିର ସ୍ୱାଧୀନତା ସଂଗ୍ରାମୀଙ୍କୁ ଏକଜୁଟ୍ କରିଥିବା ସଂଗଠନ ହେଉଛି 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'। ଏହି ସଦନ ପାଲଟିଥିଲା ଅବିଭକ୍ତ ପୁରୀ ଜିଲ୍ଲାର ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ। ଦେଶ ସ୍ୱାଧୀନ ହେବା ପୂର୍ବରୁ ଅର୍ଥାତ୍ ୧୯୪୦ ମସିହାରେ ଅବିଭକ୍ତ ପୁରୀ ଜିଲ୍ଲା (ଏବେ ଖୋରଧା)ର ବାଜପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଥିବା ଏହି ସଦନକୁ ଇତିମଧ୍ୟରେ ୮୬ ବର୍ଷ ଅତିକ୍ରାନ୍ତ ହୋଇଛି। କିନ୍ତୁ ଏବେ ମଧ୍ୟ ବିଗତ ଦିନର ସେହି ମହାନ୍ ସଂଗ୍ରାମୀଙ୍କ ଉଚ୍ଚ ଆଦର୍ଶରୁ ତିଳେମାତ୍ର ବିଚ୍ୟୁତ ନହୋଇ ତା'ର କାର୍ଯ୍ୟଧାରା ଜାରି ରଖିଛି। ଏହାର ସେତେବେଳେ ନେତୃତ୍ୱ ନେଇଥିଲେ ବାଜପୁରର ବରପୁତ୍ର ସ୍ୱାଧୀନତା ସଂଗ୍ରାମୀ କବିଗୌରବ ପଣ୍ଡିତ ନାରାୟଣ ମିଶ୍ର। 'ନବଜୀବନ'ର ପ୍ରତିଷ୍ଠାତା ଚିନ୍ତାମଣି ମିଶ୍ର, ସଂଗ୍ରାମୀ ବାନାମ୍ବର ପଟ୍ଟନାୟକ, ପଦ୍ମନାଭ ମିଶ୍ର ଓ ନାରାୟଣ ସେଠୀ ପ୍ରମୁଖଙ୍କ ଭଳି ଧୁରୀଣ ବ୍ୟକ୍ତିତ୍ୱ ସହଯୋଗର ହାତ ବଢ଼ାଇଥିଲେ।

ମୁକ୍ତିସଂଗ୍ରାମୀ ପଣ୍ଡିତ ନାରାୟଣ ମିଶ୍ର ମାତ୍ର ୩ ବର୍ଷ ବର୍ଷ ବୟସରେ ପିତା ଦିଗମ୍ବର ମିଶ୍ରଙ୍କୁ ହରାଇ ପିତୃହୀନ ହୋଇଥିଲେ। ପରେ ତାଙ୍କ ବଡ଼ମାମୁଁ ବିଶ୍ୱନାଥ ମିଶ୍ରଙ୍କ ପରାମର୍ଶକ୍ରମେ ୧୯୨୧ରେ ପଞ୍ଚସଖାଙ୍କ ନେତୃତ୍ୱରେ ଗଢ଼ି ଉଠିଥିବା ସତ୍ୟବାଦୀ ବକୁଳ ବନବିଦ୍ୟାଳୟରେ ଶିକ୍ଷାଗ୍ରହଣ ପାଇଁ ସାକ୍ଷୀଗୋପାଳ ଅଭିମୁଖେ ଯାଇଥିଲେ। ପଞ୍ଚସଖାଙ୍କ ସଂସ୍ପର୍ଶରେ ଆସିବା ପରେ ସ୍ୱାଧୀନତାର ମହାମନ୍ତ୍ରରେ ଉଦ୍ଭାସିତ ହୋଇଥିଲେ। ୧୯୩୦ରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆହ୍ୱାନରେ ରାଜ୍ୟର ବିଭିନ୍ନ ଗ୍ରାମରେ ସ୍ୱାଧୀନତା ସଂଗ୍ରାମରେ ଅଂଶଗ୍ରହଣ ପାଇଁ 'ବାନରସେନା' ଗଠନ କରାଯାଉଥାଏ। ସେଥିରେ ସାମିଲ ହେବା ପାଇଁ ସୈନିକ ବା କର୍ମୀ ଯୋଗାଡ଼ କରିବାକୁ ଆହ୍ୱାନ ଦିଆଯାଇଥିବାରୁ ବାଜପୁରରେ ଏଥିପାଇଁ ମୂଳଦୁଆ ପକାଇବାକୁ ନିଷ୍ପତ୍ତି ହୋଇଥିଲା। ପାଠପଢ଼ା, ପରିବାର, ଭବିଷ୍ୟତ ଜୀବନର ସୁଖ ସ୍ୱାଚ୍ଛନ୍ଦ୍ୟ ଆଦି ପରିତ୍ୟାଗ କରି 'ବାନରସେନା' ପାଇଁ କର୍ମୀ ଯୋଗାଡ଼ କରିବାର ଦୁର୍ବାର ଶପଥ ନେଇଥିଲେ ପଣ୍ଡିତ ନାରାୟଣ ମିଶ୍ର।

ଦିନେ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ସଦସ୍ୟମାନେ ରାତି ପାହିବା ପୂର୍ବରୁ କଣାସ ନିକଟବର୍ତ୍ତୀ ଦୟାନଦୀ ନିକଟରେ ପହଞ୍ଚିବାକୁ କୁହାଯାଇଥିଲା। ସେହି ଶିବିରରୁ ଅସହଯୋଗ ଆନ୍ଦୋଳନର ନୂତନ ପର୍ଯ୍ୟାୟ ଆରମ୍ଭ ହେବାର ଯୋଜନା ଥିଲା। ଆଖିରେ ଆଖିଏ ନିଦ। ଅବଶ ହୋଇପଡ଼ିଲାଣି ସଂଗ୍ରାମୀଙ୍କ ଶରୀର। କାହାର ଗୋଡ଼ ଖଣ୍ଡିଆ ହୋଇ ଛୁଟିଲାଣି ରକ୍ତଧାର। ଖୁବ୍ ଦୂରରୁ ଦେଖାଯାଉଛି କଣାସର ନଦୀକୂଳ ବରଗଛ। ସଭା ପାଇଁ ସେଠାରେ ଚାଲିଛି ପ୍ରସ୍ତୁତି। ଲାଠି, ବେଡ଼ିକୁ ଖାତିର ନାହିଁ। ୫ଜଣଙ୍କୁ ଦିଆଗଲା ପିକେଟିଂ ଦାୟିତ୍ୱ। ଜାତୀୟ ସଙ୍ଗୀତ ଆବୃତ୍ତି ଏବଂ ହସ୍ତଶୋଭିତ ତ୍ରିରଙ୍ଗା ପତାକାର ଲହରୀଳ ନୃତ୍ୟ। ତା'ପରେ କର୍ତ୍ତବ୍ୟନିଷ୍ଠ ବ୍ରିଟିଶ ପୁଲିସ ଏବଂ 'ବାନରସେନା' ଭିତରେ ବେଶ୍ ଉପଭୋଗ୍ୟ ଖଣ୍ଡଯୁଦ୍ଧ। ହାତରେ ବେଡ଼ି, ଅଣ୍ଟାରେ ଦଉଡ଼ି, କଣ୍ଠରେ ଜାତୀୟ ସଙ୍ଗୀତର ଆବୃତ୍ତି। ପତାକାଟା କିନ୍ତୁ ପୁଲିସ ବୁଟ୍ ତଳେ ଛିନ୍ନଭିନ୍ନ ହୋଇ ସୁଦ୍ଧା ଶୋଭା ପାଉଥିଲା ପଣ୍ଡିତ ଶ୍ରୀମିଶ୍ରଙ୍କ ମସ୍ତକରେ।

୧୯୩୧ ମସିହାରେ ଅନୁଷ୍ଠିତ 'ଲବଣ ସତ୍ୟାଗ୍ରହ'ରେ ପଣ୍ଡିତ ମିଶ୍ରଙ୍କ ସମେତ ସଦନର ସଦସ୍ୟମାନେ ସାମିଲ ହୋଇ ଲୁଣ ମାରିବାକୁ ଯାଇଥିବା ବେଳେ ଇଂରେଜ ସରକାରଙ୍କ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ତତଲା ବାଲିରେ ସ୍ଲେଜ ଗାଡ଼ି ଭଳି ଘୋଷରା ଖାଇବାକୁ ପଡ଼ିଥିଲା ସେମାନଙ୍କୁ। ମଝିରେ ମଝିରେ ଦିଆଯାଉଥିଲା ଲାଠି ଓ କୋରଡ଼ାରେ ପ୍ରହାର। ପିଇବାକୁ ପାଣି ବଦଳରେ ଦିଆଯାଉଥିଲା ପରିସ୍ରା। ପୁଲିସ ଭ୍ୟାନରେ ଆଳୁବସ୍ତା ପରି ଭର୍ତ୍ତି କରି ସଂଗ୍ରାମୀଙ୍କୁ ପ୍ୟାକ କରି ନିଆଯାଉଥିଲା। ପରେ ଭ୍ୟାନ ଛୁଟୁଥିଲା ପୁରୀ ଆଡ଼କୁ। ପୁରୀ ପୁଲିସ ହାଜତରେ ବିନା ଖାଦ୍ୟ ଓ ପାଣିରେ ରହିବାକୁ ପଡ଼ିଲା ସେମାନଙ୍କୁ ସପ୍ତାହକ ପର୍ଯ୍ୟନ୍ତ। ଏହି ସମୟରେ ସଦନର ସଦସ୍ୟମାନେ ମରିବୁ ପଛେ, ହାରିବୁ ନାହିଁ ବୋଲି ଶପଥ ନେଇଥିଲେ। 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ'ର ପ୍ରେରଣାକ୍ରମେ ଏହାର ସଦସ୍ୟମାନେ ଗଭୀର ଅନୁରକ୍ତି ସହ ଅଭେଦ୍ୟ ମମତା ଏବଂ ଅତୁଟ ସ୍ନେହରେ ସମସ୍ତଙ୍କୁ ବାନ୍ଧି ରଖିଥିଲେ। ପ୍ରଖ୍ୟାତ ସ୍ୱାଧୀତନା ସଂଗ୍ରାମୀ ଗୋକୁଳମୋହନ ରାୟଚୁଡ଼ାମଣି ଓ କୁନ୍ଦନ ରାମ୍ ପ୍ରମୁଖ ମଧ୍ୟ ସଦନକୁ ସୁଦୃଢ଼ କରିବାକୁ କେତେକାଂଶରେ ସହଯୋଗ କରିଥିଲେ। ବିଦ୍ରୋହୀଙ୍କୁ ଅସ୍ତ୍ରଶସ୍ତ୍ର ଯୋଗାଇବା ଉଦ୍ଦେଶ୍ୟରେ ଜମିଦାର ପରମ୍ପରାର ଅନେକ ପରିବାରର ସଦସ୍ୟଙ୍କୁ ବାଜପୁର ଅଣାଯାଇ ସଦନରେ ସାମିଲ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ସଦନର ସଦସ୍ୟମାନେ ସଂଗୃହୀତ ଲୁହାରେ ଖଣ୍ଡା, ଢାଲ, ବର୍ଚ୍ଛା, ତୀର ଆଦି ତିଆରି କରୁଥିଲେ। ଏହି ବିପ୍ଳବୀଙ୍କ ହାତରେ ଏତେ ପରିମାଣର ଅସ୍ତ୍ରଶସ୍ତ୍ର ଦେଖି ଇଂରେଜ ସେନାପତିମାନେ ଆଶ୍ଚର୍ଯ୍ୟ ହୋଇଥିଲେ। ସଦନର ସଦସ୍ୟମାନେ ବିଭିନ୍ନ ଅଞ୍ଚଳର ବିପ୍ଳବୀଙ୍କୁ ଅଧିକାଂଶ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଉଥିବା ଇଂରେଜମାନେ ଜାଣିବାକୁ ପାଇବାରୁ ସଦନର ସଦସ୍ୟଙ୍କୁ ଟାଣି ଟାଣି ଜେଲ ହାଜତକୁ ନେଇଥିଲେ। ଲବଣ ସତ୍ୟାଗ୍ରହରେ ସାମିଲ ହୋଇ ୧୯୪୨ ନଭେମ୍ବର ୧୬ରେ ସଦନର ସଦସ୍ୟମାନେ ଖୋରଧା ଓ ପାଟଣା କ୍ୟାମ୍ପ ଜେଲ୍‌ରେ ବନ୍ଦୀ ଜୀବନ ବିତାଇଥିବାର ନଜିର ରହିଛି।

ବାଜପୁରରେ ପ୍ରତିଷ୍ଠିତ 'ସ୍ୱାଧୀନତା ସଂଗ୍ରାମ ସୈନିକ ସଦନ' ସାରା ରାଜ୍ୟରେ ବାନରସେନାର ପ୍ରାଣକେନ୍ଦ୍ର ଭାବେ ଅଜସ୍ର ପ୍ରଶଂସା ସାଉଁଟିଥିଲା। ସୈନିକ ସଦନର ନିଷ୍ପତ୍ତି କ୍ରମେ ୧୯୪୭ରେ ଖଦଡ଼ ଓ ଧୋତି ପରିଧାନ କରି ଏହାର ସଦସ୍ୟମାନେ ହାତରେ ତ୍ରିରଙ୍ଗା ଧରି ଗାଁକୁ ଗାଁ ବୁଲିଲେ। ୧୯୫୩ରେ ଭୂତପୂର୍ବ ଅର୍ଥ ଓ ଶିକ୍ଷାମନ୍ତ୍ରୀ ପଣ୍ଡିତ ଗୋଦାବରୀଶ ମିଶ୍ର, ଗୋପବନ୍ଧୁ ମୂର୍ତ୍ତି ସ୍ଥାପନ ସମିତିର ସହକାରୀ ସମ୍ପାଦକ ଉଦୟନାଥ ଷଡ଼ଙ୍ଗୀ ପ୍ରମୁଖ ଏହି ସଦନ ପରିଦର୍ଶନରେ ଆସି ବାନରସେନାଙ୍କ କାର୍ଯ୍ୟରେ ବିମୋହିତ ହୋଇଥିଲେ। ୧୯୫୭ରେ ଭୂତପୂର୍ବ ଶିଳ୍ପ ଓ ବାଣିଜ୍ୟ ମନ୍ତ୍ରୀ ହରିହର ପଟେଲ, ୧୯୫୯ରେ ତତ୍କାଳୀନ ପୁରୀ ଜିଲ୍ଲା ମାଜିଷ୍ଟ୍ରେଟ ଉଦୟଚନ୍ଦ୍ର ଅଗ୍ରୱାଲା, ୧୯୬୧ରେ ତତ୍କାଳୀନ ରାଜ୍ୟପାଳ ଯଶୋବନ୍ତ ନାରାୟଣ ସୁକଠଣକର, ୧୯୬୭ରେ ଖ୍ୟାତନାମା କବି ଡ.ମାୟାଧର ମାନସିଂହ ପ୍ରମୁଖ ଏହି ସଦନ ପରିଦର୍ଶନ କରି ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ। ୧୯୬୪ ମସିହାରେ ଭୂତପୂର୍ବ ବାଚସ୍ପତି ନୀଳକଣ୍ଠ ଦାସ, ସର୍ବଭାରତୀୟ କଂଗ୍ରେସ କମିଟି ପ୍ରବକ୍ତା କେ.କାମରାଜ୍ ପ୍ରମୁଖ ଚିନ୍ତାମଣି ମିଶ୍ରଙ୍କ ନିମନ୍ତ୍ରଣକ୍ରମେ ଏହି ସଦନ ପରିଦର୍ଶନ କରିଥିଲେ। ସର୍ବୋପରି ତତ୍କାଳୀନ ମୁଖ୍ୟମନ୍ତ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ୧୯୬୭ରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଜପୁର ଆସିଥିବା ବେଳେ ଏହି ସଦନକୁ ଆସିଥିବା ଇତିହାସ ଅବଲୋକନ କଲେ ଜଣାପଡ଼େ। ୮୬ ବର୍ଷ ବୟସରେ ପହଞ୍ଚିଥିବା 'ସୈନିକ ସଦନ' ଆଜି ବି ସଗର୍ବେ ମୁଣ୍ଡ ଟେକି ସଂଗ୍ରାମୀଙ୍କ ସ୍ମୃତିଚାରଣ କରିଆସୁଛି। ●

ବାଜପୁର, ମୋ: ୯୭୭୮୫-୨୨୮୮୨

## ଶବରୀ ନାରାୟଣ ତୀର୍ଥ

**ଲୋକକଥାରେ ଲୋକଦେବତା**

ସ୍ୱପ୍ନେଶ୍ୱର

ତ୍ରେତୟା ଯୁଗରେ ବାଳୀକୁ ବଧ କରିବା ପରେ ଭଗବାନ ଶ୍ରୀରାମଚନ୍ଦ୍ର ବାଳୀଙ୍କ ପତ୍ନୀ ତାରାଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହେଲେ। ଅଭିଶାପ ଅନୁଯାୟୀ ଦ୍ୱାପର ଯୁଗରେ ଜାରା ଶବର ରୂପେ ଜନ୍ମ ନେଇଥିବା ବାଳୀଙ୍କ ପୁତ୍ର ଅଙ୍ଗଦଙ୍କ ଶରାଘାତରେ ଶ୍ରୀକୃଷ୍ଣ ମୃତ୍ୟୁବରଣ କଲେ। ଏହି ଜାରା ଶବର ହେଲେ ଶବରମାନଙ୍କର ଆଦି ପୁରୁଷ। ଶବର ସଂପ୍ରଦାୟର ଲୋକମାନେ ଓଡ଼ିଶା ଓ ଛତିଶଗଡ଼ରେ ବହୁସଂଖ୍ୟାରେ ବାସ କରନ୍ତି। କେତେକ ଅଞ୍ଚଳରେ ସେମାନେ ଶଉରା ବା ଶଅର ଭାବେ ଜଣା ଯାଆନ୍ତି।

ଜୋଙ୍କ ନାମକ ଏକ ନଦୀ ଓଡ଼ିଶାର କଳାହାଣ୍ଡି ନୂଆପଡ଼ା ଅଞ୍ଚଳରୁ ବାହାରି ଛତିଶଗଡ଼ରେ କିଛିଦୂର ପ୍ରବାହିତ ହୋଇ ମହାନଦୀ ସହ ସଂଯୁକ୍ତ ହୋଇଛି। ଏହି ସଙ୍ଗମ ସ୍ଥଳର ନାମ 'ଶବରୀ ନାରାୟଣ ତୀର୍ଥ'। ଶବରୀ ନାରାୟଣ ବର୍ତ୍ତମାନ ଅପଭ୍ରଂଶ ହୋଇ 'ଶେଓରୀ ନାରାୟଣ' ରୂପେ ଜଣାଯାଉଛି। ସେତେବେଳର ଓଡ଼ିଶାର ରାଜା କୌଣସି ସୂତ୍ରରୁ ଖବର ପାଇଲେ ଯେ ଶବରୀ ନାରାୟଣରେ ପରମାତ୍ମା ପୂର୍ଣ୍ଣବ୍ରହ୍ମ ନିଘଞ୍ଚ ଜଙ୍ଗଲର ଏକ ଗୁମ୍ଫାରେ ଜଣେ ଶବର ଦ୍ୱାରା ଆରାଧିତ ହେଉଛନ୍ତି। ସେ ପୁରୁଷୋତ୍ତମ କ୍ଷେତ୍ରରେ ଏକ ଭବ୍ୟ ମନ୍ଦିରରେ ଶ୍ରୀଜଗନ୍ନାଥଙ୍କୁ ପ୍ରତିଷ୍ଠା କରି ଆରାଧନା କରିବା ପାଇଁ ସଙ୍କଳ୍ପ କଲେ। ତେଣୁ ଶବରୀ ନାରାୟଣରୁ ମହାପ୍ରଭୁଙ୍କୁ ଆଣିବା ପାଇଁ ଜଣେ ବେଦଜ୍ଞ ବ୍ରାହ୍ମଣଙ୍କୁ ପଠେଇଲେ।

ଅନେକଦିନ ଯାତ୍ରା ପରେ ବ୍ରାହ୍ମଣ ଶବରୀ ନାରାୟଣରେ ପହଞ୍ଚିଲେ। ମହାପ୍ରଭୁଙ୍କ ସନ୍ଧାନ ପାଇଁ ବ୍ରାହ୍ମଣ ଶବର ସହ ବନ୍ଧୁତା ସ୍ଥାପନ କଲେ। ଶବର ବ୍ରାହ୍ମଣଙ୍କୁ ଆତିଥେୟ ଦେଲେ। ଏହି ସମୟରେ ବ୍ରାହ୍ମଣ ଶବର କନ୍ୟାର ପ୍ରେମରେ ପଡ଼ି ତାଙ୍କୁ ବିବାହ କଲେ। ଝିଅଜୋଇଁଙ୍କର ଅନେକ ଅନୁନୟ ବିନୟ ପରେ ଶବର ବ୍ରାହ୍ମଣଙ୍କୁ ଠାକୁରଙ୍କ ବିଜେସ୍ଥଳୀକୁ ନେଇଯିବା ପାଇଁ ଏକସର୍ତ୍ତରେ ରାଜି ହେଲେ। ସର୍ତ୍ତ ହେଲା ଯେ ଯିବା ଆସିବା ବେଳେ ବ୍ରାହ୍ମଣଙ୍କ ଆଖିରେ ପୁଟୁଳି ବନ୍ଧା ଯିବ। ବ୍ରାହ୍ମଣ ରାଜି ହେଲେ ଏବଂ ଶବରଙ୍କ ଅଲକ୍ଷ୍ୟରେ ନିଜ ଅଣ୍ଟିରେ କିଛି ସୋରିଷ ଲୁଚେଇ ନେଇଗଲେ। ଗଲା ବେଳେ ବ୍ରାହ୍ମଣ ଅଣ୍ଟିରୁ ସୋରିଷ ବାହାର କରି ବାଟ ସାରା ପକେଇ ପକେଇ ଗଲେ। ବ୍ରାହ୍ମଣ ମହାପ୍ରଭୁଙ୍କୁ ଦର୍ଶନ କରି ଫେରିଆସିଲେ। କିଛିଦିନ ପରେ ବର୍ଷା ହୋଇ ସୋରିଷ ଗଜା ହେଲା। ଦିନେ ସମସ୍ତଙ୍କ ଅଜ୍ଞାତରେ ବ୍ରାହ୍ମଣ ସୋରିଷ ଗଛ ଦେଖି ଦେଖି ମହାପ୍ରଭୁଙ୍କ ଗୁମ୍ଫାରେ ପହଞ୍ଚି ମହାପ୍ରଭୁଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ ଏବଂ ତାଙ୍କ ସଙ୍ଗରେ ପୁରୁଷୋତ୍ତମ କ୍ଷେତ୍ରକୁ ବିଜେ କରିବା ପାଇଁ ପ୍ରାର୍ଥନା କଲେ। ତାଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ଜଗନ୍ନାଥ କହିଲେ- 'ବ୍ରାହ୍ମଣ, ମୁଁ ତୁମ ରାଜାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇଛି। ନିତ୍ୟବୈକୁଣ୍ଠ ନୀଳାଚଳରେ ବିଜେ ହୋଇ ମୁଁ ପତିତମାନଙ୍କୁ ଉଦ୍ଧାର କରିବି। ଏହା ବିଧିନିର୍ଦ୍ଦିଷ୍ଟ। ମୁଁ ଦାରୁସ୍ୱରୂପରେ ପବିତ୍ର ମହାନଦୀରେ ଭାସିଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିବି। ରାଜା ସେ ଦାରୁରେ ଚତୁର୍ଦ୍ଧା ବିଗ୍ରହ ନିର୍ମାଣ କରି ଏକ ଭବ୍ୟମନ୍ଦିରରେ ପ୍ରତିଷ୍ଠା କରି ମୋର ପୂଜାର୍ଚ୍ଚନା କରିବେ।'

ମହାପ୍ରଭୁଙ୍କଠାରୁ ଆଶ୍ୱସନା ପାଇ ବ୍ରାହ୍ମଣ ନୀଳାଚଳକୁ ଫେରି ଆସିଲେ। ମହାପ୍ରଭୁ ଏକ ଶଙ୍ଖଚକ୍ର ଶୋଭିତ ଦିବ୍ୟଦାରୁ ସ୍ୱରୂପରେ ମହାନଦୀ, କାଠଯୋଡ଼ି, କୁଆଖାଇ ଓ ଭାର୍ଗବୀ ନଦୀରେ ଭାସି ଭାସି ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଲେ। ରାଜା ସେ ଦାରୁରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରି ମନ୍ଦିରରେ ପ୍ରତିଷ୍ଠା କରି ପୂଜାର୍ଚ୍ଚନାର ବନ୍ଦୋବସ୍ତ କଲେ। ଶବରୀ ନାରାୟଣରେ ଜଗନ୍ନାଥଙ୍କ ଅନ୍ତର୍ଦ୍ଧାନ ହେବା ପରେ ଶବର ପାଗଳପ୍ରାୟ ହୋଇ କ୍ରନ୍ଦନ କରିବାକୁ ଲାଗିଲେ। ମହାପ୍ରଭୁ ଶବରଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ତୁ ମୋର ଅନନ୍ୟ ଭକ୍ତମାନଙ୍କ ଭିତରୁ ଜଣେ। ସାରା ସଂସାରର କଲ୍ୟାଣ ସାଧନ ପାଇଁ ମୁଁ ବର୍ତ୍ତମାନଠାରୁ ଉତ୍କଳ ଦେଶର ସମୁଦ୍ର ତଟବର୍ତ୍ତୀ ନୀଳାଚଳ ଧାମରେ ଦାରୁ ସ୍ୱରୂପରେ ଆରାଧିତ ହେବି। ମୁଁ ପ୍ରଥମେ ପ୍ରକଟ ହୋଇଥିବା ଏହି ସ୍ଥାନ ଏକ ତୀର୍ଥସ୍ଥଳର ମାନ୍ୟତାପ୍ରାପ୍ତ ହେବ। ବ୍ରାହ୍ମଣ ତୁମ କନ୍ୟାର ସହାୟତା ନେଇ ମୋତେ ଆବିଷ୍କାର କରି ଥିବାରୁ ତା'ର ସ୍ମୃତିରକ୍ଷା ପାଇଁ ଏ ତୀର୍ଥ 'ଶବରୀ ନାରାୟଣ' ରୂପେ ପ୍ରସିଦ୍ଧି ଲାଭ କରିବ। ତୋର ଉତ୍ତରପୁରୁଷମାନେ ଦଇତା ସେବକ ନାମରେ ମୋର ଅଙ୍ଗଲାଗି ସେବକ ରୂପେ ମୋର ସେବାର ସୁଯୋଗ ପାଇବେ। ସାରା ସଂସାର ସେମାନଙ୍କୁ ମୋର କୁଟୁମ୍ବୀ ରୂପେ ଜାଣିବେ।' କାଳକ୍ରମେ ଶବରୀ ନାରାୟଣ ଏକ ପ୍ରସିଦ୍ଧ ତୀର୍ଥକ୍ଷେତ୍ରରେ ପରିଣତ ହେଲା। ବର୍ତ୍ତମାନ ଏହା ଛତିଶଗଡ଼ର ଏକ ପ୍ରସିଦ୍ଧ ତୀର୍ଥ ଓ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଛି। ●

(ଆଧାର- ଜଗନ୍ନାଥ ମନ୍ଦିର ଓ ଜଗନ୍ନାଥ ତତ୍ତ୍ୱ- ପଣ୍ଡିତ ସୂ. ନା. ଦାଶ)

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ ଲକ୍ଷ୍ୟ

# ଏନଆଇଆରଏଲ୍-ଓରେଡା ଚୁକ୍ତିନାମା




ଭୁବନେଶ୍ୱର, ୨୩।୬ (ସମିସ): ରାଜ୍ୟରେ ସ୍ଥାୟୀ ଶକ୍ତିର ପ୍ରସାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଏନଏଲସି ଇଣ୍ଡିଆ ଲିମିଟେଡର ସମ୍ପୂର୍ଣ୍ଣ ମାଲିକାନାଧୀନ ସହାୟକ କମ୍ପାନୀ 'ଏନଏଲ୍‌ସି ଇଣ୍ଡିଆ ରିନ୍ୟୁଏବଲ୍ସ ଲିମିଟେଡ୍' (ଏନଆଇଆରଏଲ) ଏବଂ ଓଡ଼ିଶା ଅକ୍ଷୟ ଶକ୍ତି ଉନ୍ନୟନ ସଂସ୍ଥା (ଓରେଡା) ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେନଚର) ଚୁକ୍ତିନାମା ସ୍ୱାକ୍ଷରିତ ହୋଇଯାଇଛି। ଭୁବନେଶ୍ୱରସ୍ଥିତ ଖାରବେଳ ଭବନଠାରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତିନାମା ସ୍ୱାକ୍ଷର କରାଯାଇଛି। ଓଡ଼ିଶାରେ ୧୦୦୦ ମେଗାୱାଟର ସବୁଜ ଶକ୍ତି ପ୍ରକଳ୍ପ ବିକାଶ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା ବେଳେ ୨୫୦ ମେଗାୱାଟ ପବନ ଶକ୍ତି (ୱିଣ୍ଡୋ ପାୱାର) ଏବଂ ୨୨୫ ମେଗାୱାଟ ଭାସମାନ ସୌର ଶକ୍ତି (ଫ୍ଲୋଟିଂ ସୋଲାର ପାୱାର)) ପ୍ରକଳ୍ପ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ ଏହି ଉଦ୍ୟୋଗ ସ୍ଥାୟୀ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହ ଓଡ଼ିଶାକୁ ଭାରତର ଏକ ସବୁଜ ଶକ୍ତି କେନ୍ଦ୍ର ଭାବେ ପ୍ରତିଷ୍ଠିତ କରିବ। ଏହି ଯୌଥ ଉଦ୍ୟୋଗରେ ଏନଆଇଆରଏଲ ୫୧% ଏବଂ ଓରେଡା ୪୯% ଅଂଶଧନ ନିବେଶ କରିବେ। କମ୍ପାନୀର ପରିଚାଳନା ବୋର୍ଡରେ ଏନଆଇଆରଏଲ ପକ୍ଷରୁ ତିନି ଜଣ ଏବଂ ଓରେଡା ପକ୍ଷରୁ ଦୁଇ ଜଣ ସଦସ୍ୟ ରହିବେ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ କହିଛନ୍ତି ଯେ ବୃହତ ଆକାରର ଅକ୍ଷୟ ଶକ୍ତି ପ୍ରକଳ୍ପ ପରିଚାଳନା ନିମନ୍ତେ ଓଡ଼ିଶାର ପ୍ରତିଷ୍ଠାନିକ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ପଦକ୍ଷେପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। କାର୍ଯ୍ୟକ୍ରମରେ ଶକ୍ତି ବିଭାଗ, ଓରେଡା ଏବଂ ଏନଆଇଆରଏଲ୍‌ର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜାମିନରେ ଆସି ବିଜେପି ନେତା ଫେରାର

ବ୍ରହ୍ମପୁର,୨୩।୬(ସମିସ): ହାଇକୋର୍ଟରୁ ସର୍ତ୍ତମୂଳକ ଅନ୍ତରୀଣ ଜାମିନରେ ଆସି ଫେରାର ହୋଇଗଲେ ନାବାଳିକା ଦୁଷ୍କର୍ମ ଅଭିଯୁକ୍ତ ନକଲି ଡାକ୍ତର ତଥା ବିଜେପି ନେତା ଭବାନୀ ଶଙ୍କର ଦାଶ। ଫେରାର ଅଭିଯୁକ୍ତ ଭବାନୀ ନିଜକୁ ଭାରତୀୟ ମଜଦୁର ସଂଘର ପୂର୍ବତନ ଜିଲ୍ଲା ସଭାପତି ବୋଲି ପରିଚୟ ଦେଉଥିଲେ। ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗର ତଦନ୍ତ ବେଳେ ଭବାନୀଙ୍କ ହୋମିଓପାଥିକ ଡାକ୍ତରୀ ସାର୍ଟିଫିକେଟ ମଧ୍ୟ ନକଲି ବୋଲି ଜଣାପଡ଼ିବା ପରେ ପୁଲିସ ତଦନ୍ତ ଜାରି ରଖିଛି। ଜଣେ ନାବାଳିକା(୧୭)ଙ୍କୁ ବିଏସସି ନର୍ସିଂ ସେ ପୁଣି ମାଗଣାରେ ରହିବା ସହ ଅଧ୍ୟୟନର ସୁବିଧା ଦେବାର ପ୍ରତିଶ୍ରୁତି ଦେଇଥିଲେ ଭବାନୀ। ଭବାନୀ ତାଙ୍କ କମାପଲ୍ଲୀସ୍ଥିତ ବାଜପେୟୀ ଆରୋଗ୍ୟମ କ୍ଲିନିକରେ ନାବାଳିକାଙ୍କୁ ମୃଦୁ ପାନୀୟରେ ନିଶା ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ପୀଡ଼ିତା ନାବାଳିକା ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ପୁଲିସ ବିଜେପି ନେତା ଭବାନୀ ଦାଶଙ୍କ ସମେତ ଜନୈକା ଅଙ୍ଗନୱାଡି କର୍ମୀ ଓ କ୍ଲିନିକର ସହାୟିକାଙ୍କ ସମେତ ମୋଟ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

**ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଥିଲେ**

**ପୁଅର ଶ୍ରାଦ୍ଧରେ ଯୋଗ ଦେବାକୁ ହାଇକୋର୍ଟରୁ ମିଳିଥିଲା ଜାମିନ**

ଭବାନୀ ନିଜକୁ ବିଶ୍ୱହିନ୍ଦୁ ପରିଷଦର ନେତା ଓ ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ଭାବେ ପରିଚୟ ଦେଉଥିଲେ। ଗିରଫ ପରେ ଭବାନୀ ବ୍ରହ୍ମପୁର ଜେଲରେ ଥିବା ସମୟରେ ତାଙ୍କ ବିରୁଦ୍ଧରେ ମାମଲାକୁ ନେଇ ଚାର୍ଜଫ୍ରେମ୍ ହୋଇଥିଲା। ପରେ ଭବାନୀଙ୍କ ଏକମାତ୍ର ପୁଅର ସଡ଼କ ଦୁର୍ଘଟଣାରେ ଅକାଳ ମୃତ୍ୟୁ ଘଟିଥିଲା। ମେ ୮ତାରିଖରେ ପୁଅର ପ୍ରଥମ ଶ୍ରାଦ୍ଧ ବାର୍ଷିକୀରେ ଯୋଗଦେବା ପାଇଁ ଆବେଦନ କରି ହାଇକୋର୍ଟରୁ ୧୦ଦିନ ପାଇଁ ଗତ ମେ ୭ତାରିଖରେ ସର୍ତ୍ତମୂଳକ ଜାମିନ ମିଳିଥିଲା। ଭବାନୀଙ୍କୁ କୋର୍ଟରେ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଥିଲା। କିନ୍ତୁ ଭବାନୀ ଜେଲରୁ ମୁକୁଳିବା ପରେ ଆଜି ପର୍ଯ୍ୟନ୍ତ ଆତ୍ମସମର୍ପଣ ନକରି ଫେରାର ଥିବା ଜଣାପଡିଛି। ଏହାକୁ ନେଇ କୋର୍ଟ ପକ୍ଷରୁ ଭବାନୀଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିଛନ୍ତି। କେବଳ ଫେରାର ଭବାନୀଙ୍କୁ ନୁହେଁ ବରଂ ତାଙ୍କୁ ଜାମୀନରେ ନେଇଥିବା ଦୁଇ ଜାମିନଦାର ନିରାକାର ସାହୁ ଓ ସନ୍ୟାସୀ ମହାନ୍ତିଙ୍କ ସମେତ ବୈଦ୍ୟନାଥପୁର ଥାନା ପୁଲିସକୁ ଆସନ୍ତା ୨୫ତାରିଖରେ ଫେରାର ଭବନୀଙ୍କୁ କୋର୍ଟରେ ହାଜର ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ପୂର୍ବତନ ସାଂସଦ ରବୀନ୍ଦ୍ର ଜେନାଙ୍କ ଅନ୍ତରୀଣ ସୁରକ୍ଷା ବଳବତ୍ତର

କଟକ,୨୩।୬(ସମିସ): ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ଅନ୍ତରୀଣ ସୁରକ୍ଷା ଆସନ୍ତା ଅଗଷ୍ଟ ୩ ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ହାଇକୋର୍ଟ କହିଛନ୍ତି। ଜଷ୍ଟିସ ବି.ପି.ରାଉତରାୟ ଆଜି ଶ୍ରୀ ଜେନାଙ୍କ ଆବେଦନରେ ଉଲ୍ଲେଖ ଦସ୍ତାବିଜ ପ୍ରସଂଗରେ ଶୁଣାଣି କରିଥିଲେ। ଅଗଷ୍ଟ ୩କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି। ମାମଲାରୁ ପ୍ରକାଶ ଯେ ନିମ୍ନ ଅଦାଲତରେ ବିଚାରାଧୀନ ସିବିଆଇ ମାମଲାକୁ ବିରୋଧ କରି ଶ୍ରୀ ଜେନା ୨୦୨୫ରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀ ଜେନାଙ୍କୁ ସିବିଆଇ ନୋଟିସ ଜାରି କରିବା ପରେ ଗିରଫଦାରୀ ସମ୍ଭାବନା ରହିଛି ବୋଲି ଦର୍ଶାଯାଇଥିଲା। ଏହାପରେ ହାଇକୋର୍ଟ ଶ୍ରୀ ଜେନାଙ୍କ ବିରୋଧରେ ପରବର୍ତ୍ତୀ ଶୁଣାଣି ପର୍ଯ୍ୟନ୍ତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପୂର୍ବରୁ ଅନ୍ତରୀଣ ନିର୍ଦ୍ଦେଶ ଦେଇଥିଲେ।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ...

### ଟିଏମ୍‌ସି ପାଇଁ...

ସାଧାରଣ ସମ୍ପାଦକ ଭାବେ ମନୋନୀତ କରିଛନ୍ତି। ରତବ୍ରତଙ୍କ ଗୋଷ୍ଠୀ ଦାବି କରିଛି ଯେ ବିଧାୟକ ଦଳର ସଂଖ୍ୟାଗରିଷ୍ଠ ସମର୍ଥନ ସେମାନଙ୍କ ପାଖରେ ରହିଛି। ନୂତନ କମିଟି ରିପୋର୍ଟ ୧୫ ଦିନ ମଧ୍ୟରେ ନିର୍ବାଚନ କମିଶନଙ୍କୁ ଦିଆଯିବ ବୋଲି ରତବ୍ରତ କହିଛନ୍ତି। ଏହା ପୂର୍ବରୁ ମମତାଙ୍କ ଶିବିର ତତ୍ପରତା ଦେଖାଇ ନିଜର ପକ୍ଷ ରଖିସାରିଛି। ଦୁଇଟି ପୃଥକ ଗୋଷ୍ଠୀ ଗୋଟିଏ ଦଳ ଉପରେ ଦାବି କରୁଥିବାରୁ ଏହି ବିବାଦର ସମାଧାନ ଏବେ ନିର୍ବାଚନ କମିସନଙ୍କ ହାତରେ ରହିଛି।

### ଓଡ଼ିଶା ଫେରିଲା...

ଏକାଧିକ ବିଧାୟକ ଏବଂ ଅନ୍ୟମାନେ ସେଠାରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସମସ୍ତଙ୍କ ମରଶରୀରକୁ ଶ୍ରମ ବିଭାଗ ପକ୍ଷରୁ ସରକାରୀ ବ୍ୟବସ୍ଥାରେ ସେମାନଙ୍କର ପୈତୃକ ଗ୍ରାମକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି। ସେଠାରେ ସେମାନଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ। ସୂଚନାଯୋଗ୍ୟ ଯେ ତିରିଭଲ୍ଲୁର ଜିଲ୍ଲା ପେରିୟାପାଲିଆମରେ ସି ଫୁଡ୍ ଫ୍ୟାକ୍ଟ୍ରିରେ ଗ୍ୟାସ୍ ଲିକ୍ ଯୋଗୁ ଏମାନଙ୍କର ମୃତ୍ୟୁ ଘଟିଥିଲା।

### ବିଜେପି ରାଜନୀତି...

ଯାହାକୁ ନେଇ ବିଜେପିରେ ହଲଚଲ ସୃଷ୍ଟି ହୋଇଛି।

ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ନିତିନ ନବୀନଙ୍କ ନୂଆ ଟିମ୍‌ରେ ଓଡ଼ିଶାର କିଛି ବିଜେପି ନେତାଙ୍କୁ ସ୍ଥାନ ମିଳିପାରେ। ଏପରିକି ରାଜ୍ୟ ମନ୍ତ୍ରିମଣ୍ଡଳରେ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ଥିବା ଜଣେ ମନ୍ତ୍ରୀ ଓ ରାଜ୍ୟରୁ ନିର୍ବାଚିତ ଜଣେ ସାଂସଦଙ୍କୁ ଦଳ ସାଂଗଠନିକ କାର୍ଯ୍ୟରେ ନିୟୋଜିତ କରାଯାଇପାରେ। ଯେହେତୁ ବିଜେପି ଏବେ ଜଣେ ବ୍ୟକ୍ତି, ଗୋଟିଏ ପଦ ଉପରେ ବିଶ୍ୱାସ କରୁଛି; ତେଣୁ ସମ୍ପୃକ୍ତ ମନ୍ତ୍ରୀ ମୋହନଙ୍କ କ୍ୟାବିନେଟ୍‌ରୁ ବାଦ ପଡ଼ିବା ନିଶ୍ଚିତ। ଏ ସମ୍ପର୍କରେ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ଗତ ଗସ୍ତ ସମୟରେ ଦଳର ରାଷ୍ଟ୍ରୀୟ ସଭାପତି ନିତିନ ନବୀନ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ରାଜ୍ୟ ବିଜେପିର କୋର କମିଟି ସହ ଆଲୋଚନା କରିଥିଲେ। ଏହା ସହ ନିର୍ଦ୍ଦିଷ୍ଟ ଭାବରେ କିଛି ପ୍ରସଙ୍ଗରେ କାର୍ଯ୍ୟ କରିବା ପାଇଁ ଦଳୀୟ ନେତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ସରକାରଙ୍କ କାର୍ଯ୍ୟ, ଲୋକଙ୍କ ମଧ୍ୟରେ ଦଳର ବିଶ୍ୱନୀୟତା ଆଦି ପ୍ରସଙ୍ଗକୁ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା। ଏ ସମ୍ପର୍କରେ କେନ୍ଦ୍ରୀୟ କୋର କମିଟି ସହ ନିତିନ ନବୀନ ଆଲୋଚନା କରିଛନ୍ତି। ତେଣୁ ଓଡ଼ିଶାରେ ଦଳର ସାଂଗଠନିକ ସଂରଚନା ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ମଧ୍ୟ ଶ୍ରୀ ଶାହା ଆଲୋଚନା କରିପାରନ୍ତି ବୋଲି କୁହାଯାଉଛି।

ପୁନଶ୍ଚ କେନ୍ଦ୍ର ମନ୍ତ୍ରିମଣ୍ଡଳର ଆଗାମୀ ସମ୍ପ୍ରସାରଣ ସମୟରେ ଏନ୍‌ଡ଼ିଏର ଅଂଶୀଦାର, ବିଜେପିରେ ସାମିଲ ହୋଇଥିବା ଆପ୍ ସାଂସଦ, ଏନ୍‌ଡ଼ିଏକୁ ସମର୍ଥନ ଜଣାଇଥିବା ଟିଏମ୍‌ସି ଓ ଶିବସେନା (ଉଦ୍ଧବ)ର ବିଭାଜିତ ଗୋଷ୍ଠୀର ସଦସ୍ୟଙ୍କୁ କିଛି ମନ୍ତ୍ରୀ ପଦ ଦିଆଯିବ। ତେଣୁ ପୂର୍ବରୁ ବିଜେପି କୋଟାରେ ଥିବା ମନ୍ତ୍ରୀ ପଦ ହ୍ରାସ ପାଇବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଭାଗରେ କେନ୍ଦ୍ରରେ ଅଧିକ ମନ୍ତ୍ରୀପଦ ମିଳିବାର ସମ୍ଭାବନା ଆଦୌ ନଥିବାରୁ ମନ୍ତ୍ରୀ ଆଶାୟୀମାନଙ୍କୁ କିପରି ସନ୍ତୁଷ୍ଟ କରାଯିବ ସେ ସମ୍ପର୍କରେ ହୁଏତ ଦଳୀୟ ନେତାଙ୍କ ସହ ଶ୍ରୀ ଶାହା ଆଲୋଚନା କରିପାରନ୍ତି। ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣକୁ ନେଇ ଦୀର୍ଘଦିନ ହେଲା ଚର୍ଚ୍ଚା ଚାଲିଛି। ସରକାରରେ ୬ଟି ମନ୍ତ୍ରୀ ପଦ ଖାଲି ଥିବା ଯୋଗୁଁ ଅନେକ ଆଶାୟୀ ମନ୍ତ୍ରୀ ହେବାକୁ ପାଗବାନ୍ଧି ବସିଛନ୍ତି। ନିଗମ ଓ ବୋଡର୍‌ଗୁଡ଼ିକରେ ନିଯୁକ୍ତି ହୋଇ ପାରିନାହିଁ। ତେଣୁ ଶ୍ରୀ ଶାହାଙ୍କ ଆଗାମୀ ଗସ୍ତ ସମୟରେ ଏ ସମ୍ପର୍କରେ ନିଷ୍ପତ୍ତି ହୋଇପାରେ ବୋଲି କୁହାଯାଉଛି।

ସୂଚନା ଅନୁସାରେ ରାଷ୍ଟ୍ରପତିଙ୍କ ଦ୍ୱାରା ଓଡ଼ିଶା ପୁଲିସକୁ ପ୍ରଦତ୍ତ ପୁଲିସ କଲର ଆୱାର୍ଡ କାର୍ଯ୍ୟକ୍ରମରେ ଆନୁଷ୍ଠାନିକ ଭାବେ ସାମିଲ ପାଇଁ ଏକ ପରେଡ୍ କାର୍ଯ୍ୟକ୍ରମରେ ଶ୍ରୀ ଶାହ ଯୋଗ ଦେବେ। ଏହାସହ ବଡ଼ମ୍ବା ଚିନି କଳ ସମେତ ବଲାଙ୍ଗୀର ଓ ନୟାଗଡ଼ ଚିନି କଳର ପୁନଃରୁଦ୍ଧାର କାର୍ଯ୍ୟ ଆରମ୍ଭ ପାଇଁ ଶିଳାନ୍ୟାସ କରିପାରନ୍ତି। ଭୁବନେଶ୍ୱରରେ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟର ଏକ ସ୍କୁଲ ପ୍ରତିଷ୍ଠାର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଏବଂ ହୀରାକୁଦଠାରେ ୧୦୦କୋଟି ଟଙ୍କା ବ୍ୟୟରେ ପୂର୍ବଭାରତର ପ୍ରଥମ ସମନ୍ୱିତ ଆକ୍ୱା ପାର୍କ ସ୍ଥାପନ, ଭୁବନେଶ୍ୱରର ପାଣ୍ଡରାଠାରେ ୫୯କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ବଜାରର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମଧ କେନ୍ଦ୍ରମନ୍ତ୍ରୀ ଶାହ ଯୋଗ ଦେଇପାରନ୍ତି ବୋଲି ଜଣାପଡ଼ିଛି। ଅମିତ୍ ଶାହଙ୍କ ୪ତାରିଖରେ ଦିନିକିଆ ଗସ୍ତ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀଙ୍କ ଏହି ଗସ୍ତ ନେଇ ଆନୁଷ୍ଠାନିକ ସୂଚନା ଆସିଛି। ତେବେ ଓଡ଼ିଶା ସରକାରଙ୍କ କେଉଁ କେଉଁ କାର୍ଯ୍ୟକ୍ରମରେ ସେ ଯୋଗଦେବେ, ତା'ର ଏକ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଉଛି। ଏହାକୁ ଖୁବଶୀଘ୍ର କେନ୍ଦ୍ର ଗୃହ ମନ୍ତ୍ରାଳୟକୁ ଅନୁମୋଦନ ପାଇଁ ପଠାଯିବ ବୋଲି ସେ କହିଛନ୍ତି।

### ଅକଳରେ ୧୧...

ଯାଇଥିଲେ ସେମାନଙ୍କ ମନବୋଧ ହୋଇ ଗଲାଣି ଓ ଯିବା ପାଇଁ ଯେଉଁମାନେ ଗୋଡ଼ଟେକି ବସିଛନ୍ତି; ସେମାନେ ବିଜେପି ଯିବା ପରେ ସବୁ ବୁଝିଯିବେ ବୋଲି ଶ୍ରୀ ସାହୁ କହିଛନ୍ତି।

ଅପରପକ୍ଷରେ କ୍ରସ ଭୋଟିଙ୍ଗ ବିଧାୟକମାନଙ୍କର ଆଉ ଦଳରେସ୍ଥାନ ନାହିଁ ବୋଲି କହିଛନ୍ତି କଂଗ୍ରେସ ବିଧାୟକ ରାଜନ ଏକ୍କା। ସେ କହିଛନ୍ତି ଯେ ରାଜ୍ୟସଭାରେ କ୍ରସ ଭୋଟିଙ୍ଗ କରିଥିବା ୩ଜଣ କଂଗ୍ରେସ ବିଧାୟକ ଦଳରୁ ବିଦା ହେବା ନିଶ୍ଚିତ। ସେମାନଙ୍କର ସଭ୍ୟପଦ ରଦ୍ଦ ହେବ ଓ ସେମାନେ କେବେ ବି ଦଳକୁ ଫେରି ପାରିବେ ନାହିଁ। କ୍ରସ ଭୋଟିଂ କରିବା ପରେ ବି ସେମାନେ ଅନୁତପ୍ତ ନୁହନ୍ତି, ଦଳ ବିରୋଧୀ କାର୍ଯ୍ୟରେ ଲିପ୍ତ ଅଛନ୍ତି। କୌଣସି ସଫେଇ ଦଳ ଶୁଣିବ ନାହିଁ। ସେମାନଙ୍କ ସଭ୍ୟପଦ ରଦ୍ଦ ପାଇଁ ଦଳ କୋର୍ଟକୁ ଯିବ ବୋଲି ଶ୍ରୀ ଏକ୍କା କହିଛନ୍ତି।

### କୀଟନାଶକ ପିଇ...

୨୮ ପର୍ଯ୍ୟନ୍ତ ୩୬ କ୍ୱିଣ୍ଟାଲ ୯୬ କିଲୋଗ୍ରାମ ଧାନ ବିକିବାକୁ ନେପାଳଙ୍କ ପାଖକୁ ଟୋକନ୍ ଆସିଥିଲା। ମଣ୍ଡିରୁ ଧାନ ଉଠୁନଥିବାରୁ ଗତକାଲି ଗାଁର ଶତାଧିକ ଚାଷୀଙ୍କ ସହ ନେପାଳ ସିଏସ୍‌ଓ ଅଫିସ ଆଗରେ ବିକ୍ଷୋଭରେ ସାମିଲ ହୋଇଥିଲେ। ସେଠାରୁ ଘରକୁ ଫେରି କୀଟନାଶକ ପିଇ ଦେଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସନ୍ଧ୍ୟାରେ ତାଙ୍କର ମୃତ୍ୟୁ ଘଟିଛି।

ନୂଆପଡ଼ା ଜିଲ୍ଲା ଚିକିତ୍ସାଳୟରେ ବ୍ୟବଚ୍ଛେଦ ପରେ ଆଜି ଦିନ ୧୧ଟାରେ ନେପାଳଙ୍କ ଶବ ଗାଁରେ ପହଞ୍ଚି ଥିଲା। ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ପରିବାରର ଜଣଙ୍କୁ ସରକାରୀ ଚାକିରି ଦାବିରେ ଗାଁ ଲୋକେ ଶ୍ମଶାନରୁ ଶବକୁ ଆଣି ଜାତୀୟ ରାଜପଥ ନଂ.୩୫୩ ଉପରେ ରଖି ଅବରୋଧ କରିଥିଲେ। ପରେ ନୂଆପଡ଼ା ଉପ ଜିଲ୍ଲାପାଳ, ଅତିରିକ୍ତ ଏସପି, କୋମନା ତହସିଲଦାର ପ୍ରମୁଖ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ଘଟଣା ସ୍ଥଳରେ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ଫଣ୍ଡରୁ ୫୦ ହଜାର ଟଙ୍କା ସହାୟତା ଦେଲା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ନାର୍କୋ କୋର୍ଡିନେସନ ସେଣ୍ଟର ବୈଠକରେ ନିଶା ଚିନ୍ତା

ଭୁବନେଶ୍ୱର, ୨୩।୬ (ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ରାଜ୍ୟସ୍ତରୀୟ ନାର୍କୋ କୋର୍ଡିନେସନ ସେଣ୍ଟର(ଏନ୍‌ସିଓଆର୍‌ଡି)ର ୭ମ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ନିଶାଦ୍ରବ୍ୟ କାରବାର ନିୟନ୍ତ୍ରଣ, ନିଶାମୁକ୍ତ ସମାଜ ଗଠନ ପାଇଁ ଜନ ସଚେତନତା ଏବଂ ବିଭିନ୍ନ ସଂସ୍ଥା ମଧ୍ୟରେ ସମନ୍ୱୟକୁ ଅଧିକ ସୁଦୃଢ଼ କରିବା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଗୃହ ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ହେମନ୍ତ ଶର୍ମା, ପୁଲିସ ମହାନିର୍ଦ୍ଦେଶକ ୱାଇବି ଖୁରାନିଆ, ଅପରାଧ ଅନୁସନ୍ଧାନ ବିଭାଗ ଓ କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର, ଡେପୁଟି ଡାଇରେକ୍ଟର ଜେନେରାଲ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋର ଉଚ୍ଚ ପଦାଧିକାରୀମାନେ ନିଜର ମତାମତ ଓ ପରାମର୍ଶ ରଖିଥିଲେ।

ବୈଠକରେ ଦର୍ଶାଯାଇଥିଲା ଯେ, ୨୦୨୪ରୁ ୨୦୨୬ ମଧ୍ୟରେ ଅଦ୍ୟାବଧି ରାଜ୍ୟରେ ୫୧୩ ମେଟ୍ରିକ ଟନ୍‌ରୁ ଅଧିକ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୩,୨୩୮ଟି ମାମଲା ରୁଜୁ କରାଯାଇ ୪,୫୩୪ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ୬୯,୪୭୦ ଏକରରୁ ଅଧିକ ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରାଯାଇଛି। ୩୩ କିଲୋଗ୍ରାମରୁ ଅଧିକ ବ୍ରାଉନ୍ ସୁଗାର ଓ ୨ ଲକ୍ଷରୁ ଅଧିକ କୋଡିନ୍ ମିଶ୍ରିତ କଫ୍ ସିରପ୍ ବୋତଲ ଜବତ କରାଯାଇଛି। ଆନ୍ଧ୍ର-ଓଡ଼ିଶା ସୀମାରେ ଏସ୍‌ଟିଏଫ୍ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର ଅଭିଯାନରେ ଏକ ଆନ୍ତର୍ରାଜ୍ୟ ନିଶାଦ୍ରବ୍ୟ ଚୋରାଚାଲାଣ ନେଟୱର୍କର ୭ଜଣ ସଦସ୍ୟଙ୍କୁ ଗିରଫ କରାଯିବା ସହ ପ୍ରାୟ ୨୩୦ କୋଟି ଟଙ୍କା ମୂଲ୍ୟର ହାସିସ୍ ତେଲ ଓ ଗଞ୍ଜେଇ ଜବତ କରାଯାଇଥିବା ସୂଚନା ଦିଆଯାଇଥିଲା। ଏହା ସହ ନିଶାଦ୍ରବ୍ୟ କାରବାର ସହ ଜଡିତ ସମ୍ପତ୍ତି ବିରୋଧରେ ଆର୍ଥିକ ତଦନ୍ତକୁ ଜୋରଦାର କରାଯାଇଛି। ବେଆଇନ ଗଞ୍ଜେଇ ଚାଷର ବିକଳ୍ପ ଭାବେ ଲାଭଜନକ କୃଷି କାର୍ଯ୍ୟକଳାପ ଓ ଜୀବିକାଭିତ୍ତିକ ଅନ୍ୟ ପଦକ୍ଷେପମାନେ ଗ୍ରହଣ କରିବାକୁ ବୈଠକରେ ପରାମର୍ଶ ଦିଆଯାଇଥିଲା। ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟ କବଳରୁ ଦୂରେଇ ରଖିବା ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବାକୁ ସେ ପରାମର୍ଶ ଦିଆଯାଇଛି।

# ବାଲିଅନ୍ତା ଭିଡ଼ହତ୍ୟା: ଆଉ ଜଣେ ଗିରଫ

ଭୁବନେଶ୍ୱର, ୨୩।୬ (ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ଅନ୍ୟତମ ଅଭିଯୁକ୍ତ ବିଭୁତି ଭୂଷଣ ପରିଡା ଓରଫ ହାପିକୁ କ୍ରାଇମବ୍ରାଞ୍ଚ ମଙ୍ଗଳବାର ଗିରଫ କରିଛି। ଜିଆର୍‌ପି କନ୍‌ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ଆକ୍ରମଣରେ ସିଧାସଳଖ ସମ୍ପୃକ୍ତି ରହିଥିଲା ବୋଲି ଅଭିଯୋଗ ହୋଇଥିଲା। ତା ଘର ବେଣୁପୁରୁ କୁମ୍ଭାର ସାହି ଅଞ୍ଚଳରେ ବୋଲି ଜଣାପଡ଼ିଛି। ହାପିକୁ କଟକ ବିଡ଼ାନାସୀ ଅଞ୍ଚଳରୁ ଗିରଫ କରାଯାଇଛି। ହାପିକୁ ଗିରଫ କରିବା ପରେ ମୋଟ୍ ଗିରଫଦାରି ସଂଖ୍ୟା ୧୯କୁ ବୃଦ୍ଧି ପାଇଛି। କମିଶନରେଟ୍ ପୁଲିସ ୧୧ଜଣଙ୍କୁ ଗିରଫ କରିଥିଲା ବେଳେ କ୍ରାଇମବ୍ରାଞ୍ଚ ୮ ଜଣଙ୍କୁ ଗିରଫ କରିଛି। ତେବେ ଏହି ମାମଲାରେ ଆଉ କିଛି ଅଭିଯୁକ୍ତ ଏବେ ବି ଫେରାର୍ ଅଛନ୍ତି।

# ଝାରପଡ଼ା ଜେଲ୍‌ରେ ୫ କଏଦୀ ଅସୁସ୍ଥ; ମେଡିକାଲ୍‌ରେ ଭର୍ତ୍ତି

ଭୁବନେଶ୍ୱର, ୨୩।୬ (ସମିସ): ଝାରପଡ଼ା ଜେଲରେ ୫ରୁ ଉର୍ଦ୍ଧ୍ୱ କଏଦୀ ଅସୁସ୍ଥ। ଏକ ସମୟରେ ଜଣଙ୍କ ପରେ ଜଣେ ବେହେସ ହୋଇଗଲେ। ସେମାନଙ୍କୁ ଗୁରୁତର ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ତେବେ ସେମାନଙ୍କୁ କେହି ବିଷ ଦେଇଥିବା ନେଇ ଅନୁମାନ କରାଯାଉଛି। ତେବେ ଫୁଡ୍ ପଏଜନ୍ ଯୋଗୁଁ ସମସ୍ତଙ୍କ ଦେହ ଅସୁସ୍ଥ ହେବା ନେଇ ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅନୁମାନ କରାଯାଉଛି। ମିଳିଥିବା ସୂଚନା ମୁତାବକ, ଝାରପଡ଼ା ଜେଲରେ କଏଦୀ ମାନେ ସନ୍ଧ୍ୟା ସମୟରେ ଖାଦ୍ୟ ଗ୍ରହଣ କରିଥିଲେ। ଏହାର ୩ ଘଣ୍ଟା ପରେ ସମସ୍ତେ ନିଜ ନିଜ ସେଲ୍‌କୁ ଯାଇଥିଲେ। ଏକାଧିକ ୱାର୍ଡରୁ କଏଦୀଙ୍କ ଦେହ ଅସୁସ୍ଥ ହେବା ଆରମ୍ଭ ହୋହଇଥିଲା। କଏଦୀମାନଙ୍କ ଦେହରୁ ଝାଳ ବାହାରିବା ଆରମ୍ଭ କରିଥିଲା। ଧଇଁସଇଁ ହୋଇଯାଇ ବେହୋସ ହୋଇଯାଇଥିଲେ। ସମସ୍ତଙ୍କୁ ଏକ ସଙ୍ଗରେ ହସ୍ପିଟାଲ ନିଆଯାଇଥିଲା। କେଉଁ କାରଣରୁ ଏଭଳି ହୋଇଥିବା ଜଣାପଡୁ ନଥିଲେ ମଧ୍ୟ ଖାଦ୍ୟରେ କିଛି ଅପମିଶ୍ରଣ ଥିଲା ବୋଲି ଅନୁମାନ କରାଯାଉଛି। ଯାହାକୁ କଏଦୀ ଖାଇବା ପରେ ଜଣଙ୍କ ପରେ ଜଣେ ଅଚାନକ ଅସୁସ୍ଥ ହୋଇଯାଇଥିଲେ। ତେବେ ଡାକ୍ତରୀ ପରୀକ୍ଷା ହେଲେ ସ୍ପଷ୍ଟ ହେବ ବୋଲି ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଏହି ଘଟଣା ପରେ ଜେଲରେ କଏଦୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

**LOST**

I Susma Acharya, W/o- Nirmal Kumar Acharya, of Vill.- Birmal. Ps.- Sadar, Dist.- Bargarh state that, I have lost original Electricity money receipt of Maa Fly Ash Bricks on 07.06.2026 bearing No. SD.A 1620002, Consumer A/C No. 515001110966 in the name of Susma Acharya of Rs.36,946.00 towards Security Deposit. Inspite of my several effort the same could not found.

**AFFIDAVIT**

By virtue of an affidavit before the Executive Magistrate Bhubaneswar I, **Malka Tarannum,** the mother of **Daraksha Tarannum** declared that my daughter's new name is **Daraksha Tarannum** and old name is **Daraksan Taranum.** Hence from today she will be known as **Daraksha Tarannum.**

**AFFIDAVIT**

By virtue of an affidavit no. 1788, sworn before the executive Magistrate Champua on dtd- 03/06/2026, I Falguni Kumari Rout, D/o- Rabi Rout, permanent resident of Vill- Maricha, P.o/Ps- Ghagarbeda, Dist- Mayurbhanj, Pin- 757035, Odisha, declare that I have changed my name from **Phalguni Rout** (Old Name ) to **Falguni Kumari Rout** (New Name), Henceforth she shall be known as **FALGUNI KUMARI ROUT** for all future purposes.

**Falguni Kumari Rout**

**AFFIDAVIT**

I, Sachinkumar Jachindranath Patra, aged about 32 years, S/O- Jachindranath Jairam Patra, resident of At/Po- Rambhadeipur, Ps- Jagatsinghpur, Dist- Jagatsinghpur, Odisha, PIN- 754102, do hereby declare by this affidavit No.1287, dtd- 22.06.2026, that now onwards I shall be known as **SACHIN JACHINDRANATH PATRA** for all future purposes.

**AFFIDAVIT**

I, Abhisek Nayak, aged about 44 years, S/o- Nirmal Chandra Nayak, resident of At- Railway Station Road, Balangir, Ps- Town Bolangir, Balangir, Pin- 767001, Odisha do hereby declare for my minor daughter Anrwita Abhisek Nayak by this affidavit No.1288, dtd- 22.06.2026, that now onwards she shall be known as **ANWITA ABHISEK NAYAK** for all future purposes.

**AFFIDAVIT**

By virtue of an affidavit sworn before the Executive Magistrate, Banapur Vide No-1966 Dated 29/05/2026, I, DAKA BARIK aged about 54 years, S/o- Maguni Barik permanent resident of Village- Paladhuapali, P.O.- Ayatapur, P.S.- Nachuni of Khordha Dist. Odisha do hereby declare that I have changed my name from KABULA BARIK to DAKA BARIK . Henceforth I shall be known as **DAKA BARIK** for all purposes.

**DAKA BARIK**

**AFFIDAVIT**

By virtue of an affidavit no- 2148, dated- 11/6/2026 sworn before Executive Magistrate, Banpur, declare that I, Nityananda Muduli, aged about- 44 years, S/o- Trinath Muduli of Address At- Muktadeipur, Po- Balidihi, PS- Banpur, Dist- Khordha, Odisha, Pin-752031, declare that I have changed the name of my minor daughter from Madhumita Muduli to Madhusmita Muduli. Henceforth, he shall be known as **Madhusmita Muduli** for all purposes.

**Madhusmita Muduli**

**AFFIDAVIT**

By virtue of an affidavit sworn before the Notary Public, Sunabeda vide no 1086, dated 22/06/2026, I, Shek Rosan, S/o- Sak Mahamad, Vill - Patrapandi, PO - Thuba, PS - Nandapur, Dist - Koraput, declare that I have changed my Daughter's name from Simran to Simran Begam. Henceforth, my daughter shall be known as **Simran Begam** for all purpose.

**Sd/- Shek Rosan**

**AFFIDAVIT**

I, **Anoop Kumar Pera,** aged about 45 years, S/o- Ballav Pera, resident of At: Flat No-202, Block-C, PDN Horizon, Jagamara, Ps- Khandagiri, Bhubaneswar, Pin-751030, Odisha do hereby declare for my minor daughter Digna Anoop Pera by this affidavit No.1286, dtd- 22.06.2026, that now onwards she shall be known as **DIGNA DARSHEE PERA** for all future purposes.

**PANCHAYAT SAMITI OFFICE**
**LEPHRIPARA, DIST: SUNDARGARH**

19001/118/2627

**No.: 1809** **Date: 23/06/2026**

**e-Procurement Notice Bid Identification No. 02/2026-27**

The Block Development Officer, Lephripara on behalf of Governor of Odisha invites Percentage Rate bids online mode for Construction of the work detailed below.

1. **Name of the work** : Construction of Building works
2. **Total no. of work** : 1 (One) no.
3. **Class of Contractor** : C & B Class
4. **Period of completion** : Six Calendar Months

The bidders have to participate in online bidding only. The details will be available in the website www.tenderodisha.gov.in from **11.00 AM of 25.06.2026** to **5.00 PM of 08.07.2026.**

**Block Development Officer**
**Lephripara**

**OIPR-19001/19486/1/26-27/0001**

**ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**
କ୍ଷେତ୍ରୀୟ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ୧୦୮-ବି, ୧ମ ମହଲା, ୟୁନିଟ୍ - ୭, ସୂର୍ଯ୍ୟ ନଗର, ଗୋପବନ୍ଧୁ ଛକ ନିକଟ, ଭୁବନେଶ୍ୱର-୭୫୧୦୦୩

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ **ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ** ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ଦିଆଯାଇଥିବା କ୍ଷମତା ପ୍ରୟୋଗ କରି **ସମ୍ପୃକ୍ତ ଶାଖାର** ନିମ୍ନଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଧାରା ୧୩(୨) ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ସେମାନଙ୍କର ବକେୟା ଦେୟ ସମ୍ପୂର୍ଣ୍ଣ ଭାବେ ପଇଠ କରିବାକୁ କହିଥିଲେ। କଥିତ ଡିମାଣ୍ଡ ନୋଟିସ୍ ନିମ୍ନ ଦର୍ଶିତ ପକ୍ଷମାନଙ୍କୁ ପ୍ରଦାନ କରାଯାଇପାରିନଥିଲା। ଏହି ନୋଟିସ୍ ଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ ବର୍ତ୍ତମାନ ସୁଦ୍ଧା ଥିବା ସମସ୍ତ ବକେୟା ଦେୟ ରାଶି ସହିତ ତତ୍‌ପରବର୍ତ୍ତୀ ଭବିଷ୍ୟତ ସୁଧ ଏବଂ ଅନ୍ୟାନ୍ୟ ଦେୟ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ସୁରକ୍ଷିତ ଋଣଦାତାଭାବେ ଆମକୁ ପଇଠ କରନ୍ତୁ ଅନ୍ୟଥା ଆମେ ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଆମକୁ ପ୍ରାପ୍ତ ଅଧିକାର ଅନୁଯାୟୀ କ୍ଷମତା ପ୍ରୟୋଗ କରିବାକୁ ବାଧ ହେବୁ। ଏତଦ୍ୱାରା ଆପଣମାନଙ୍କୁ ଜଣାଇଦିଆଯାଉଛି ଯେ କଥିତ ଆକ୍ଟର ଧାରା ୧୩ର ଉପଧାରା ୧୩ ଅନୁଯାୟୀ ବ୍ୟାଙ୍କର ପ୍ରାକ୍ ଲିଖିତ ଅନୁମତି ବିନା ନିମ୍ନଲିଖିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ବିକ୍ରି, ଲିଜ୍ କିମ୍ବା ଅନ୍ୟ ମାଧ୍ୟମ ଦ୍ୱାରା ହସ୍ତାନ୍ତରିତ କରିପାରିବେ ନାହିଁ। ଆପଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଏହି ନିଷେଧାଦେଶ/ଅବରୋଧର କୌଣସି ପ୍ରକାର ଉଲଂଘନ ସରଫେଶୀ ଆକ୍ଟ ୨୦୦୨ ଅନୁଯାୟୀ ଏକ ଅପରାଧ ଅଟେ। ଏହି ନୋଟିସ୍‌ଟି ସରଫେଶୀ ଆକ୍ଟ ୨୦୦୨ ଏବଂ / କିମ୍ବା ଅନ୍ୟ କୌଣସି ଆଇନଗତ ଅଧିକାରକୁ ପ୍ରତିହତ ନକରି ଜାରି କରାଯାଇଅଛି।

**ଏତଦ୍ୱାରା ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୮)ର ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଆକାଉଣ୍ଟ /ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଋଣ ପ୍ରକାର/ଋଣ ରାଶି / ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଦେୟ | ସମ୍ପତ୍ତି(ଗୁଡିକ)ର ବିବରଣୀ |
|---|---|---|---|
| **ପଳାଶପଲ୍ଲୀ ଶାଖା /** **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, **୨) ଶ୍ରୀ କ୍ଷୀରୋଦ କୁମାର ନାୟକ,** ପିତା: ଶ୍ରୀ ଅଚ୍ୟୁତାନନ୍ଦ ନାୟକ, ଉଭୟଙ୍କ ଠିକଣା- ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ / **ଗ୍ୟାରେଣ୍ଟିଦାତା: ଶ୍ରୀ ବସନ୍ତ କୁମାର ସିଂ,** ପିତା: ୰ ଘଶିରାମ ସିଂ, ସା: ବଡବିଲ ମ୍ୟୁନିସିପାଲିଟି ୱାର୍ଡ ନଂ.: ୭, ପୋ: ବଡବିଲ, ଥାନା: ବଡବିଲ, ଜିଲ୍ଲା: କେନ୍ଦୁଝର, ପିନ୍ - ୭୫୮୦୩୫ / **ବନ୍ଧକଦାତା: ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକ, ସା: ଖମାର, ପୋ: ଉରୁକୁଳ, ଥାନା: ହଣ୍ଡପା, ଜିଲ୍ଲା: ଅନୁଗୁଳ, ପିନ୍ - ୭୫୯୧୨୬ | ସେଣ୍ଟ ହୋମ୍ ଡବଲ୍ ପ୍ଲସ୍ > ୨୫ ଲକ୍ଷ / ଟ.୬୮,୦୦,୦୦୦/- / ୨୦.୦୫.୨୦୨୬ | ୧୯.୦୫.୨୦୨୬ ସୁଦ୍ଧା ଟ.୯୩,୫୮,୮୧୦/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ସୁକାନ୍ତୀ ବାଳା ନାୟକ,** ସ୍ୱାମୀ: ଶ୍ରୀ କ୍ଷୀରୋଦ କୁମାର ନାୟକଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ହାଲ୍ ଖାତା ନଂ.: ୯୨୯/୨୦୮୭, ମ୍ୟୁଟେସନ୍ ଖାତା ନଂ.: ୯୨୯/୩୫୩୮, ପ୍ଲଟ୍ ନଂ.: ୩୭୬/୯୧୬୫, କ୍ଷେତ୍ର: ଏକର ୦.୦୩୫ ଡିସିମିଲି, ମୌଜା: ତୁରଙ୍ଗ, ତହସିଲ: ବଣ୍ଟରପାଳ, ଥାନା: ଅନୁଗୁଳ, ଜିଲ୍ଲା: ଅନୁଗୁଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: ରବିନ୍ଦ୍ର କୁମାର ଦାସ, ଉତ୍ତର: ରତ୍ନାକର ବିଶ୍ୱାଳ, ଦକ୍ଷିଣ: ଲକ୍ଷ୍ମୀଧର ପାଣି |
| **ପୁରୀ ଶାଖା /** **ଋଣଗ୍ରହୀତା/ବନ୍ଧକଦାତାମାନେ: ୧) ମିସ୍ ନିରୁପମା ପ୍ରଧାନ,** ପିତା: ୰ ରାଧାମୋହନ ପ୍ରଧାନ, **୨) ସୂର୍ଯ୍ୟମଣୀ ପ୍ରଧାନ,** ସ୍ୱାମୀ: ୰ ରାଧାମୋହନ ପ୍ରଧାନ, ଉଭୟଙ୍କ ଠିକଣା ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧ / **ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନେ: ୧) ମିସ୍ ମମତା ପ୍ରଧାନ,** ପିତା: ୰ ରାଧାମୋହନ ପ୍ରଧାନ, ସା: ଗଣା ମଲ୍ଲ ସାହି, ବାଲି ସାହି, ଥାନା: ପୁରୀ, ଜିଲ୍ଲା: ପୁରୀ, ପିନ୍ - ୭୫୨୦୦୧, **୨) ଶ୍ରୀମତୀ ତନୁଜା ପ୍ରଧାନ,** ସ୍ୱାମୀ: ସୁଧିର କୁମାର ପ୍ରଧାନ, ସା: ଝୋଲା ସାହି ପିଠାପୁର, ପୋ: ଦୋଳମୁଣ୍ଡାଇ, ଜିଲ୍ଲା: କଟକ, ପିନ୍ - ୭୫୩୦୦୧ | ସେଣ୍ଟ ମଡଗେଜ୍ / ଟ.୩,୫୦,୦୦୦/- / ୧୪.୦୫.୨୦୨୬ | ୧୩.୦୫.୨୦୨୬ ସୁଦ୍ଧା ଟ.୩୫,୫୨,୪୫୯/- + ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଦେୟ | **ସୂର୍ଯ୍ୟମଣୀ ପ୍ରଧାନ, ମିସ୍ ନିରୁପମା ପ୍ରଧାନ, ମିସ୍ ମମତା ପ୍ରଧାନ, ଶ୍ରୀମତୀ ତନୁଜା ପ୍ରଧାନଙ୍କ** ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ସାବିକ ଖାତା ନଂ.: ୩୫୭/୧୬, ମ୍ୟୁଟେସନ୍ ଖାତା ନଂ.: ୧୮୬, ହାଲ୍ ପ୍ଲଟ୍ ନଂ.: ୧୧୬୪, ମ୍ୟୁଟେସନ୍ ପ୍ଲଟ୍ ନଂ.: ୨୪୩, କ୍ଷେତ୍ର: ଏକର ୦.୦୧୦ ଡିସିମିଲି, ମୌଜା: ବାଲିସାହି, ତହସିଲ: ପୁରୀ, ଥାନା: ପୁରୀ ଟାଉନ୍, ଜିଲ୍ଲା: ପୁରୀ, ଏହାର ଚାରିପାର୍ଶ୍ୱରେ ପୂର୍ବ: ହରେକୃଷ୍ଣ ବାରିକ, ପଶ୍ଚିମ: ବାବନ ଚନ୍ଦ୍ର ଖଡ଼ିରତ୍ନ, ଉତ୍ତର: ରାସ୍ତା, ଦକ୍ଷିଣ: ହାଡି ଗୋହାଳି |

ସ୍ଥାନ : ଭୁବନେଶ୍ୱର
ତାରିଖ : ୨୩.୦୬.୨୦୨୬

ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ
ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବିଦ୍ୟାଳୟ ଆଗରେ ବିପଦସଙ୍କୁଳ ବିଦ୍ୟୁତ୍ ଟ୍ରାନ୍ସଫର୍ମର

ବସ୍ତା ବ୍ଲକ, ୨୩।୬ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ବ୍ରାହ୍ମଣଦା ପଞ୍ଚାୟତ ପଥୁରିଆ ଗ୍ରାମରେ ଥିବା ଏକ ପ୍ରାଥମିକ ବିଦ୍ୟାଳୟ ଆଗରେ ବିପଦପୂର୍ଣ୍ଣ ଅବସ୍ଥାରେ ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ରହିଛି । ବାରମ୍ବାର ଅଭିଯୋଗ ପରେ ବି ବିଦ୍ୟୁତ୍ ବିଭାଗ କୌଣସି ପଦକ୍ଷେପ ଗ୍ରହଣ ନ କରିବା ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ପିଲାଙ୍କ ଜୀବନ ସହ ବିଦ୍ୟୁତ୍ ବିଭାଗ ଖେଳିବା ନେଇ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ପଥୁରିଆ ହଳଦିଆ ପଡା ପ୍ରାଇମେରୀ ସ୍କୁଲ ଆଗରେ ଏକ ବିଦ୍ୟୁତ୍ ଟ୍ରାନସଫର୍ମର ରହିଛି । ଏହି ଟ୍ରାନ୍ସଫର୍ମରରେ କୌଣସି ସୁରକ୍ଷା ପ୍ରାଚୀର ନ ଥିବା ବେଳେ ତାର ସବୁ



ତଳେ ରହିଛି । ଅନେକ ସମୟରେ ଗୋରୁ ଗାଈ, ସହିତ ଗୃହ ପାଳିତ ପଶୁ ମାନେ ବିଦ୍ୟୁତ୍ ସଂସ୍ପର୍ଶ ରେ ଆସି ମୃତ୍ୟୁବରଣ କରୁଛନ୍ତି । ସାମ୍ନା ରେ ଥିବା ସ୍କୁଲରେ ପ୍ରଥମରୁ

## ପିଲାଙ୍କ ଜୀବନ ସହ ଖେଳୁଛି ବିଦ୍ୟୁତ୍ ବିଭାଗ

୫ମ ପର୍ଯ୍ୟନ୍ତ ଥିବା ବେଳେ ୧୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପଢୁଛନ୍ତି । କେତେବେଳେ ବି କିଛି ବି ଦୁର୍ଘଟଣା ଘଟି ଜୀବନ ହାନୀ ହେଲେ କିଏ ଦାୟୀ ରହିବ ବୋଲି କୁହାଯାଇଛି । ଅନ୍ୟପକ୍ଷେ ବସ୍ତା ଟିପିଏନ୍ଓଡିଏଲର ଅଧିକାରୀଙ୍କୁ ଗ୍ରାମବାସୀ ଜଣାଇଥିଲେ ମଧ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରୁନାହାନ୍ତି । ଏପରିକି ଗତ ପଞ୍ଚାୟତ ସମିତି ବୈଠକ ରେ ଏହି ସମସ୍ୟା ଉପରେ ଗୃହରେ ସରପଞ୍ଚ ବିଦ୍ୟୁତ୍ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଓ ବସ୍ତା ବିଧାୟିକା ମଧ୍ୟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଟାଟା ବିଦ୍ୟୁତ୍ ଅଧିକାରୀ ଙ୍କୁ କହିଥିଲେ । ମାତ୍ର ବସ୍ତା ବିଦ୍ୟୁତ୍ ବିଭାଗ ପକ୍ଷରୁ ଏହାକୁ ଖାତିର ନ କରିବା ନେଇ ତୀବ୍ର ଉତ୍ତେଜନା ଦେଖା ଦେଇଛି । ଆଗକୁ ବର୍ଷା ଋତୁ ଆସୁଥିବାରୁ ପିଲାଙ୍କ ଅଭିଭାବକ ମାନେ ଚିନ୍ତିତ ଥିବା କୁହା ଯାଇଛି । ଯଦି କୌଣସି ଅଘଟଣ ଘଟେ ତାହାଲେ ବସ୍ତା ବିଦ୍ୟୁତ୍ ବିଭାଗ ର ଅଧିକାରୀ ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ।

# ଏକ୍ସରେ ପାଇଁ ଖଇରା ସିଏଚ୍‌ସିରେ ହନ୍ତସନ୍ତ ରୋଗୀ

ଖଇରା,୨୩।୬ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମାନୁଆଲ ଏକ୍ସରେକୁ ଅପସାରଣ କରାଯାଉନଥିବାରୁ ଏବେ ରୋଗୀ ହଟହଟା ହେଉଛନ୍ତି । ଅଧିକାଂଶ ସମୟରେ ବିଭାଗ ପକ୍ଷରୁ ଏକ୍ସରେ ଫିଲ୍ମ ମେଡିକାଲକୁ ପ୍ରଦାନ କରାଯାଉନଥିବାରୁ ଦୈନିକ ବହୁ ସଂଖ୍ୟାର ରୋଗୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରୁ ମୁହଁ ଫେରାଇବାକୁ ବାଧ ହେଉଛନ୍ତି । ଘଟଣାକ୍ରମେ ଗତ ୮ଦିନ ହେଲା ଏକ୍ସରେ ଫିଲ୍ମ ଅଭାବ ଯୋଗୁଁ ଖଇରାକୁ ଆସୁଥିବା ହାଡଭଙ୍ଗା ରୋଗୀ ଏବେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏକ୍ସରେ ପାଇଁ ଖଇରା ଲୋକଙ୍କୁ ଖର୍ଚ୍ଚାନ୍ତ ହେଇ ସୋର ଏବଂ ଆଗରପଡା ଯିବାକୁ ପଡୁଛି । ବାଲେଶ୍ୱର ଜିଲାର ଅନ୍ୟ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଡିଜିଟାଲ ଏକ୍ସରେ ମିଳିସାରିଥିବା ବେଳେ ଖଇରାରେ ଏ ପର୍ଯ୍ୟନ୍ତ ୩୦ବର୍ଷ ତଳର ମାନୁଆଲ ମେସିନକୁ ବଦଳାଇବାକୁ ଦୃଷ୍ଟି ଦିଆଯାଉନାହିଁ । ଯେଉଁଥିପାଇଁ ଏହି ପୁରୁଣା ମେସିନ ପାଇଁ ଫିଲ୍ମ ସହଜରେ ଉପଲବ୍ଧ ହେଉନାହିଁ । ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡା ପ୍ରଭାକର ମିଶ୍ରଙ୍କ ପ୍ରତିକ୍ରିୟା ନେବାରେ ମାନୁଆଲ ଏକ୍ସରେ ପାଇଁ ଏହି ସମସ୍ୟା ହେଉଛି । ମଙ୍ଗଳବାର ଜିଲାକୁ ୪ଶହ ଫିଲ୍ମ ଆସିଛି । ମଙ୍ଗଳବାର ଷ୍ଟାଫ ପଠାଇ ଆଣିବାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି ।

# ଖେତ ଖାଉଛି କୋଟି କୋଟି ଟଙ୍କାର କୋଠା

କାଳିପଦା, ୨୩।୬ (ସମିସ): ଅଶି ଦଶକରେ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ପରିଯୋଜନାରେ ବାଲିଆପାଳ ବ୍ଲକର ମଧୁପୁରା ଓ ଦେଭୋଗ ପଞ୍ଚାୟତର ଘରୋଇ ଜମିକୁ ନିର୍ମାଣ ସଂସ୍ଥା ଇଡ଼କୋ ଅଧିଗ୍ରହଣ କରି ସେହି ସବୁ ଜାଗାରେ ଅନ୍ୟୁନ ୨୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ ବହୁ କୋଠା ନିର୍ମାଣ କରିଥିଲା । ସେହି ସବୁ କୋଠା ମଧ୍ୟରୁ ମାତ୍ର ଅଳ୍ପ କେତେକ କୋଠା ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଦୁଗ୍ଧ ଶୀତଳକରଣ ଭଣ୍ଡାର କାମରେ ଆସୁଥିବା ବେଳେ ଅନ୍ୟ ସମସ୍ତ କୋଠା କୌଣସି କାମରେ ନ ଲାଗି ଏବେ ଭାଙ୍ଗି ଧ୍ୱଂସ ହେବାକୁ ବସିଛି । ଅବଶିଷ୍ଟ କୋଠାରେ ସରକାରୀ ଆଇଟିଆଇ, ନବୋଦୟ ବିଦ୍ୟାଳୟ, ତହସିଲ କାର୍ଯ୍ୟାଳୟ , କର୍ମଚାରୀଙ୍କ କ୍ୱାର୍ଟର୍ସ ଆଦି ହୋଇ ଥାନ୍ତା । ମାତ୍ର ଜନଗଣଙ୍କ ତୀବ୍ର ବିରୋଧ ଓ ଆନ୍ଦୋଳନ ଯୋଗୁଁ ବାଲିଆପାଳ କ୍ଷେପଣାସ୍ତ୍ର ଘାଟି ଯୋଜନାକୁ ବାଧ ହୋଇ କେନ୍ଦ୍ର ସରକାର ସ୍ଥଗିତ ରଖିଲେ । ଫଳରେ ଏହି ସବୁ କାର୍ଯ୍ୟାଳୟ କାର୍ଯ୍ୟକ୍ଷମ ନ ହୋଇ ପଡି ରହିଲା । ତହିଁ ପରଠୁ ସରକାର ଓ ପ୍ରଶାସନ ଏହି ସବୁ କୋଟି କୋଟି ଟଙ୍କାର



ନିର୍ମାଣ ସରିଥିବା କୋଠାକୁ କୌଣସି କାମରେ ଲଗାଇଲେ ନାହିଁ । ମଝିରେ ମଝିରେ ଏଠାରେ ସରକାରୀ କାର୍ଯ୍ୟାଳୟ କାର୍ଯ୍ୟ କରିବା ନେଇ ସର୍ଭେ ହୋଇଛି ହେଲେ କୌଣସି କାମ ହୋଇ ନାହିଁ । ଅନ୍ୟପକ୍ଷରେ ବାଲିଆପାଳରେ ଅନେକ ସରକାରୀ କାର୍ଯ୍ୟାଳୟ ଭଡାରେ ଚାଲୁଥିବାବେଳେ ଏହି ସବୁ କୋଠା ଗୁଡିକୁ କାମରେ ଲଗାଯାଇ ପାରନ୍ତା । ସେଥିପାଇଁ ଅଦ୍ୟାବଧି ସରକାରୀ ସ୍ତରରେ କୌଣସି ଉଦ୍ୟମ ହୋଇ ନାହିଁ । କୋଠା ଗୁଡିକ କୌଣସି କାମରେ ନ ଲାଗି ପଡି ରହୁ ଥିବାରୁ ତାହାର ସୁଯୋଗରେ ସ୍ଥାନୀୟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ବାହାବଳପୁର ଆଦର୍ଶ ଗ୍ରାମ ଗୁଡିକର ଘର ଗୁଡିକୁ ଭାଙ୍ଗି କରି ନେଇ ଗଲେ । ସେଠାରୁ ମାଟି ମଧ୍ୟ ଉଠାଇ ନେଇ ଗଲେ । ପ୍ରଶାସନ କିମ୍ବା ନିର୍ମାଣ ସଂସ୍ଥା ଇଡ଼କୋ କୌଣସି ପଦକ୍ଷେପ ଗ୍ରହଣ କଲେ ନାହିଁ । ତିନି ବର୍ଷ ତଳେ ନିର୍ମାଣ ସଂସ୍ଥା ଇଡ଼କୋ କେବଳ ଖାଲି ପଡ଼ିଥିବା ଜାଗା ଗୁଡିକୁ କେତେକ ସଂସ୍ଥା ଓ ବ୍ୟକ୍ତି ବିଶେଷଙ୍କୁ ଲିଜ ଦେଇ ଛନ୍ତି । ଇଡ଼କୋକୁ ଜାଗା ଦେଇ ଥିବା ଲୋକମାନେ ଏବେ ସେଠାରେ କୌଣସି କାମ ହେଉ ନ ଥିବାରୁ ଲୋକମାନେ ସେହି ସବୁ ଜାଗାକୁ ଜବର ଦଖଲ କରି ଧାନ ଚାଷ କରୁଛନ୍ତି । ଏବେ ପରିତ୍ୟକ୍ତ କୋଠାକୁ ଲୋକେ ଭାଙ୍ଗି ବୋହି ନେଇ ଯାଉଛନ୍ତି । ନିର୍ମାଣ ସଂସ୍ଥା ଇଡ଼କୋ ଓ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

# ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ଦାବି

ବାଲେଶ୍ୱର, ୨୩।୬ (ସମିସ): ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ଓ ଗବେଷଣା କ୍ଷେତ୍ର ପ୍ରତିଷ୍ଠା ପାଇଁ ଦୀର୍ଘ ଦିନରୁ ଦାବି ହୋଇଆସୁଛି । ଏଥିପାଇଁ ଗଠିତ ଜିଲ୍ଲାସ୍ତରୀୟ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଡ. କେଶବ ଚରଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଠକରେ ସମ୍ପାଦକ ପ୍ରଫୁଲ୍ଲ କୁମାର ଦାସ ଗତ ବୈଠକର ବିବରଣୀ ପାଠ କରିଥିଲେ । ସଭାପତି ଡ. ପଣ୍ଡା ଗତ ମାସ୨୦ତାରିଖରେ ଔପଦା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିବା ଗଣସଚେତନତା ସଭା ବହୁ ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ହୋଇଥିଲା । ପଂଚାୟତ ସମିତି ବୈଠକରେ ସାଂସଦ ପ୍ରତାପଚନ୍ଦ୍ର ଷଡଙ୍ଗୀ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ତଥା ବୈଠକରେ ଉପସ୍ଥିତ ଥିବା ଉପାଧ୍ୟକ୍ଷ ଓ ଅଧ୍ୟକ୍ଷଙ୍କ ସମେତ ସମସ୍ତ ସମିତି ସଭ୍ୟ ଗହଣରେ ବିଡିଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କୁ ବାଲେଶ୍ୱରର ଏହି ନ୍ୟାଯ୍ୟ ଦାବିର ଏକ



ସ୍ମାରକପତ୍ର ଦିଆଯାଇଥିଲା ବୋଲି କୁହାଯାଇଥିଲା । ଇତିମଧ୍ୟରେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧ୍ୟକ୍ଷ ସହିତ ସଭାପତି ଡ ପଣ୍ଡା ସାକ୍ଷାତ କରି ଜିଲ୍ଲାର ସମସ୍ତ ସମିତି ଓ ପଂଚାୟତର ବୈଠକମାନଙ୍କରେ କୃଷି ବିଦ୍ୟାଳୟ ପ୍ରତିଷ୍ଠା ପ୍ରସ୍ତାବ ବ୍ୟବସ୍ଥା କରିବା ପାଇଁ ଅନୁରୋଧ କରିଥିଲେ । ପରବର୍ତ୍ତି କାର୍ଯ୍ୟକ୍ରମ ଭାବେ ବାହାନଗା ବ୍ଲକରେ ଗଣଧାରଣା କରାଇବା,ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷଙ୍କୁ ସାକ୍ଷାତ କରିବା ଓ ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଜୋନାଲ ବୈଠକମାନ ଏବଂ ସାଙ୍ଗଠନିକ ବୈଠକ କରିବା ପାଇଁ ସ୍ଥିର କରାଯାଇଛି । ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ସାକ୍ଷାତ ଆଲୋଚନା କରି ଆଗାମୀ ବିଧାନସଭା ଅଧିବେଶନରେ ଏହି ଦାବି ଉଠାଇବାକୁ ଅନୁରୋଧ କରିବା ପ୍ରସ୍ତାବ ନିଆଯାଇଛି । ବରିଷ୍ଠ ସଭ୍ୟ ଡ. କ୍ଷିତୀଶ୍ୱର ଦାଶ, ମାୟାଧର ବିଶ୍ୱାଳ,କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଅନ୍ୟତମ ଉପସଭାପତି ଗୋବିନ୍ଦ ଚନ୍ଦ୍ର ଭୋଇ, କାଳୀପଦ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ମତ୍ସ୍ୟବିଜ୍ଞାନ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟମ, ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତିଙ୍କ ସହ ପୁନଃ ସାକ୍ଷାତ ଆଲୋଚନା ଇତ୍ୟାଦି କୃଷିବିଦ୍ୟାଳୟ ପ୍ରତିଷ୍ଠା ପାଇଁ ବିଭିନ୍ନ ପ୍ରସ୍ତାବ ରଖାଯାଇଛି । ବୈଠକରେ ଲକ୍ଷ୍ମଣ ଚରଣ ବିଶ୍ୱାଳ, ରବିନାରାୟଣ ଭୋଳ, ସୁରେନ୍ଦ୍ର ପ୍ରସାଦ ଦୀକ୍ଷିତ, ଅକ୍ଷୟ କୁମାର ତ୍ରିପାଠୀ, ମାୟାଧର ବିଶ୍ୱାଳ, ରବି କୁମାର ପାଣିଗ୍ରାହୀ, ତାରାକାନ୍ତ ନନ୍ଦ, ସୀତାରାମ ପ୍ରଧାନ ଓ ପୁରୁଷୋତମ ବେହେରା ଆଦି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଉପସଭାପତି ହରନାରାୟଣ ମଦୁଆଳ ଧନ୍ୟବାଦ ଦେଇଥିଲେ ।

# ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା କାଜୁ ବୋଝେଇ ଟ୍ରକ ଜବତ

ଜଳେଶ୍ୱର, ୨୩।୬ (ସମିସ): ଓଡିଶାରୁ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ଏକ କାଜୁ ବୋଝେଇ ଟ୍ରକ ବାଲେଶ୍ୱର ଜିଲ୍ଲାପାଳଙ୍କ ଦ୍ୱାରା ଜବତ । ସୂଚନାନୁଯାୟୀ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଭୋଗରାଇ ଅଂଚଳରୁ ଫେରୁଥିବା ବେଳେ ଏକ କାଜୁ ବୋଝେଇ ଟ୍ରକ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ନଂ ରାଜ୍ୟ ରାଜପଥର ବାଣିଦା ନିକଟରେ ସନ୍ଦେହ କରି ଅଟକାଇଥିଲେ । ଯାଂଚ ପରେ ତାହା ଏକ କାଜୁ ବୋଝେଇ ଗାଡି ବୋଲି ଜଣାପଡିଥିଲା ଯାହା ଏହି ରାସ୍ତାରେ ପଶ୍ଚିମବଙ୍ଗକୁ ଯାଉଥିବାର ଜଣାପଡିଥିଲା । ଟ୍ରକର ଡ୍ରାଇଭର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଜିଲ୍ଲାପାଳ ଟ୍ରକଟିକୁ ଜଳେଶ୍ୱର ତହସିଲଦାରଙ୍କୁ ହସ୍ତାନ୍ତର କରିବା ସହିତ ଜିଲ୍ଲା ଆରଟିଓଙ୍କୁ ସୂଚନା ଦେଇଥିଲେ । କାଜୁ ବୋଝେଇ ଟ୍ରକଟି ଏହି ରାସ୍ତାଦେଇ ପଶ୍ଚିମବଙ୍ଗକୁ ଯିବାରଥିଲା । ଜବତ ଟ୍ରକକୁ ଜଳେଶ୍ୱର ପୁଲିସ ନୂତନ କୋର୍ଟସ୍ଥିତ ଷ୍ଟକ ୟାର୍ଡରେ ରଖି ଅଧିକ ତଦନ୍ତ କରୁଥିବା ଜଣାଯାଇଛି ।

# ଦିଲ୍ଲୀପ ବେହେରାଙ୍କ କବିତା ସଂକଳନ 'ମୂର୍ଚ୍ଛନା' ଉନ୍ମୋଚିତ



ବାଲେଶ୍ୱର,୨୩।୬ (ସମିସ): ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ଦ୍ୱାରା ପ୍ରକାଶିତ କବି ଦିଲ୍ଲୀପ କୁମାର ବେହେରାଙ୍କ ଦ୍ୱିତୀୟ କବିତା ସଂକଳନ "ମୂର୍ଚ୍ଛନା' ସ୍ଥାନୀୟ ଷ୍ଟେସନ କ୍ଲବ ସଭାଗୃହରେ ଲୋକାର୍ପିତ ହୋଇଯାଇଛି । ସୁବର୍ଣ୍ଣଶ୍ରୀ ପ୍ରକାଶିନୀର ପ୍ରତିଷ୍ଠାତା ଡକ୍ଟର କାଳୀପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଲୋକାର୍ପଣ ଉତ୍ସବରେ ଡକ୍ଟର ରାଖାଲ ଚନ୍ଦ୍ର ଘଡ଼ାଇ, ଡକ୍ଟର ନୀଳକଣ୍ଠ ଖଣ୍ଡା, ଅଧ୍ୟାପକ ରମାକାନ୍ତ ଦେ, କବୟିତ୍ରୀ ସୈରିନ୍ଧ୍ରୀ ସାହୁ ଏବଂ ଆଡଭୋକେଟ ତଥା ଗାଳ୍ପିକ ଚିନ୍ମୟ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ପୁସ୍ତକ ଓ କବିଙ୍କ ସୃଜନ ସମ୍ପର୍କରେ ଆଲୋଚନା କରି "ମୂର୍ଚ୍ଛନା' କବିତା ସଂକଳନଟି ଅତ୍ୟନ୍ତ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ବୋଲି ମତ ପ୍ରକାଶ କରିଥିଲେ । କବି ଦିଲ୍ଲୀପ କୁମାର ବେହେରା ନିଜର ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରି କବିତା ସୃଷ୍ଟିର ପୃଷ୍ଠଭୂମି ସମ୍ପର୍କରେ କହିଥିଲେ । ଆକାଶବାଣୀ ସମ୍ବଲପୁରର ଉଦ୍‌ଘୋଷିକା ମିତା ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସ୍ୱାସ୍ଥ୍ୟ ଶିବିର ଆୟୋଜିତ




ବାଲେଶ୍ୱର,୨୩।୬ (ସମିସ): ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ୍ ଓ ଫକୀରମୋହନ କଲେଜ ଆଲୁମିନି ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ବ୍ୟାଙ୍କ୍ କନଫରେନ୍ସ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ବିଏମଡି ଟେଷ୍ଟ ପାଇଁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆସି ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଟେଷ୍ଟ ରିପୋର୍ଟ ଦେଖି ଆଲୁମିନି ସଭାପତି ଡାକ୍ତର ପ୍ରଭାତ ଚୌଧୁରୀ ପ୍ରେସକ୍ରିପସନ୍ କରି ଔଷଧ ଖାଇବାକୁ ପରାମର୍ଶ ଦେଇଥିଲେ । ସ୍ୱାସ୍ଥ୍ୟ ଶିବିର ଆୟୋଜନ ପ୍ରାରମ୍ଭରେ ଏକ ସ୍ୱାସ୍ଥ୍ୟ ସଚେତନ ସଭା ଅନୁଷ୍ଠିତ ହୋଇଥିଲା । ବ୍ୟାଙ୍କ୍ ସଭାପତି ଗଣେଶ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡାକ୍ତର ପ୍ରଭାତ ଚୌଧୁରୀ, ଅନିଲ ପଟ୍ଟନାୟକ, ନିର୍ଦ୍ଦେଶିକା ଅନିତା ଭୂୟାଁ, ଡିଜିଏମ ହିମାଂଶୁ ଶେଖର ଦାସ, ଏଜିଏମ ବ୍ରଜ କିଶୋର କର, ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ଚୌଧୁରୀ ବିଏମଡି (ବୋନ୍ ମିନେରାଲ ଡେନସିଟି) ଟେଷ୍ଟ କରିବାର ଉଦ୍ଦେଶ୍ୟ ବିଶଦ ଭାବେ ଆଲୋଚନା କରିଥିଲେ । ଆଲୁମିନି ଉପସଭାପତି ଅନିଲ କୁମାର ପଟ୍ଟନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏଥିରେ ବ୍ୟାଙ୍କର ଅନେକ କର୍ମଚାରୀ ସହିତ ଆଲୁମିନିର ଶତ୍ରୁଘ୍ନ ମଲିକ୍, ରାମଚନ୍ଦ୍ର ସେଠୀ, ପୀତାମ୍ବର ଦାସ, ଦେବାଶିଷ ପାଣି, ଅକ୍ଷୟ ତ୍ରିପାଠୀ ପ୍ରମୁଖ ସ୍ୱାସ୍ଥ୍ୟ ଶିବିରକୁ ପରିଚାଳନା କରିଥିଲେ ।

# ଜିଲ୍ଲାପାଳଙ୍କ ଗୋବରଘଟ୍ଟା ପଞ୍ଚାୟତ ଗସ୍ତ



ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ଆଜି ଜଳେଶ୍ୱର ଅଧୀନ ଗୋବରଘଟ୍ଟା ପଞ୍ଚାୟତ ଗସ୍ତ ଥିଲେ । ଗସ୍ତ କାଳରେ ପଞ୍ଚାୟତର ବୈରାଟଆଡ଼ି ପୋଖରୀ ପରିଦର୍ଶନ ଓ ଦକ୍ଷିଣ ପ୍ରହରାଜପୁରରୁ ଗୋବରଘଟ୍ଟା ମଧ୍ୟରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣଧୀନ ଥିବା ସେତୁ କାମର ଯାଞ୍ଚ କରିଥିଲେ । ୨୫ ଏକର ପରିମିତ ଏହି ପୋଖରୀକୁ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକାଶ କରିବା ପାଇଁ ସରପଞ୍ଚ ମିନତି କର ଓ ଯୁବନେତା ଚନ୍ଦନ କର କିଛି ମାସ ପୂର୍ବରୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଉକ୍ତ ପୋଖରୀ ପରିଦର୍ଶନ କରିଥିଲେ ଏବଂ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଖୁବ୍‌ଶୀଘ୍ର ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଏଠାକୁ ଆସି ଯୋଜନା ପ୍ରସ୍ତୁତ କରିବେ ବୋଲି ଘୋଷଣା କରିଥିଲେ । ଏହା ପରେ ସୁବର୍ଣ୍ଣରେଖା ନଦୀ ଉପରେ ନିର୍ମାଣଧୀନ ଥିବା ସେତୁ କାମର ଯାଞ୍ଚ କରିବା ସହ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ଉପଜିଲ୍ଲାପାଳ ଶିବ ମାଲବ୍ୟ, ବିଡିଓ ଗୌରାଙ୍ଗ ଚରଣ ଘୋଷ, ବ୍ଲକ୍ ସହକାରୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଚନ୍ଦନ କର, ପିଇଓ ଅଶୋକ କୁମାର ସିଂ, ବିଷ୍ଣୁଚରଣ ପାତ୍ର, ଉମାକାନ୍ତ ଦଳାଇ, ଦୀପକ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରମାଣ ପତ୍ର ଥାଇ ବି ମିଳୁନି ବର୍ଦ୍ଧିତ ଭତ୍ତା

ଜଳେଶ୍ୱର ବ୍ଲକ, ୨୩।୬ (ସମିସ): ସରକାରଙ୍କ ପ୍ରତିଶ୍ରୁତି ଅନୁସାରେ ୮୦ ପ୍ରତିଶତ ଭିନ୍ନକ୍ଷମଙ୍କୁ ୩୫ ଶହ ଟଙ୍କା ଭତ୍ତା ସହାୟତା ରାଶି ପ୍ରଦାନ ନିୟମ ରହିଛି । କିନ୍ତୁ ଜଳେଶ୍ୱର ବ୍ଲକରେ ଏହା ବାଟ ହୁଡ଼ିଛି । ମହମ୍ମଦ ନଗର ପାଟଣା ପଞ୍ଚାୟତର ଶତପ୍ରତିଶତ ଭିନ୍ନକ୍ଷମ ଭାଗୀରଥ ବେହେରା ବର୍ଦ୍ଧିତ ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି । ବାପା ମା' ଅନ୍ତେ ପୌଢ ବଡ଼ ଭାଇ ରବୀନ୍ଦ୍ର ବେହେରା ଓ ଭାଉଜ ଶାନ୍ତି ଲତା ବେହେରା ତାଙ୍କୁ ସମ୍ଭାଳି ଆସୁଥିବା ବେଳେ ୧୨ଶହ ଟଙ୍କାରେ ଔଷଧ, ଯୋଗାଇବା ଦୁରୁହ ହୋଇଛି । ଏହା ସହିତ ଅନ୍ତ୍ୟୋଦୟ ଯୋଜନାରେ ଆବାସ ଘର ଲାଗି ବାରମ୍ବାର ଆବେଦନ କରିଥିଲେ ମଧ୍ୟ ନିରାଶ ହେବାକୁ ପଡିଛି । ଏ ନେଇ ସୋମବାର ମହମ୍ମଦ ନଗରପାଟଣା ଗ୍ରାମର ସମାଜସେବୀ ରାଧାଶ୍ୟାମ ସାହୁଙ୍କ ସହାୟତାରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣିରେ ତାଙ୍କୁ ସରକାରୀ ସହାୟତା ଲାଗି ଗୁହାରି ଜଣାଇଛନ୍ତି ।

# ନୂଆବାଜ ଜେନାସାହି ଗ୍ରାମ୍ୟ ରାସ୍ତା ଶୋଚନୀୟ

ସିମୁଳିଆ, ୨୩।୬ (ସମିସ): ଆଦିବାସୀ ଅଧ୍ୟୁଷିତ ପଛୁଆ ବର୍ଗ ଅଞ୍ଚଳର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମ୍ୟ ଉନ୍ନୟନ ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରି କାର୍ଯ୍ୟକାରୀ କରୁଥିବା ନେଇ ଡିଣ୍ଡିମ ପିଟୁଥିବା ବେଳେ ଗାଁରେ ତାହା କିପରି କାର୍ଯ୍ୟକାରୀ ହେଉଛି ତାହା ନ ଦେଖିଲେ ବିଶ୍ୱାସ କରି ହେବନି । ଦେଶ ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ମଧ୍ୟ ରାସ୍ତାରେ ମାଟି ଝୁଡିଏ ପଡି ନାହିଁ । ଏମିତି ସମସ୍ୟା ଭିତରେ ସିମୁଳିଆ ବ୍ଲକ ଅନ୍ତର୍ଗତ ସବଙ୍ଗ ପଞ୍ଚାୟତର ନୂଆବାଜ ପାଞ୍ଚ ଘରିଆ ଜେନା ସାହିର ୧୩ନଂ ୱାର୍ଡ ରହିଛି । ନୂଆବାଜ ପାଞ୍ଚ ଘରିଆ ଗ୍ରାମର ଜନସଂଖ୍ୟା ଶହେରୁ ଅଧିକ ହୋଇଥିବା ବେଳେ ଅନେକ ନିଜେ ପାଠ ପଢ଼ି ନ ପାରି ପିଲାମାନଙ୍କୁ ପାଠ ପଢ଼ାଇ ରୋଜଗାର କ୍ଷମ କରାଇବା ନିମନ୍ତେ ଦାଦନ ଭାବେ ପଡୋଶୀ ରାଜ୍ୟରେ କାର୍ଯ୍ୟକରୁଛନ୍ତି । ଡାକ୍ତରଖାନା ଯିବା ପାଇଁ ହେଲେ କାନ୍ଧରେ ବୁହାଇ



ନେବାକୁ ପଡୁଛି । ଏଭଳି ରାସ୍ତାରେ ଗର୍ଭବତୀକୁ ନେବାବେଳେ ସେହି ପଦାରେ ପିଲା ଜନ୍ମ ହୋଇଥିଲା ତାର ନାମ ପଦିଆ ଦିଆଯାଇଛି ବୋଲି ଗ୍ରାମର ମହିଳା ମାନେ କ୍ଷୋଭର ସହ ପ୍ରକାଶ କରିଥିଲେ । ଖାଲି ସେତିକି ନୁହେଁ ବର୍ଷା ଋତୁ ଆସିଲେ ପିଲାମାନେ ପାଠ ପଢ଼ିବାକୁ ସ୍କୁଲକୁ ଯାଆନ୍ତି ନାହିଁ । କେହି ବନ୍ଧୁବାନ୍ଧବ ଆସିବାକୁ ନାରାଜ ହେଉଥିବା ବେଳେ ଆଉ କିଛି ୮ଶହ ମିଟର ଦୂରରୁ ଦେଖା କରି ଫେରି ଯାଆନ୍ତି । ରାସ୍ତା ନିର୍ମାଣ ପାଇଁ ଗ୍ରାମବାସୀ ବ୍ଲକ ଅଧ୍ୟକ୍ଷ, ସରପଞ୍ଚ ଓ ବିଡ଼ିଓଙ୍କୁ ବହୁବାର ଲିଖିତ ଭାବେ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ତେଣୁ ଗ୍ରାମବାସୀ ବାଧ୍ୟ ହୋଇ ଦୁର୍ଦ୍ଦଶାରେ କାଳ କାଟୁଛନ୍ତି । ଏ ସମ୍ପର୍କରେ ସବଙ୍ଗ ସରପଞ୍ଚ ଅମ୍ବିକା ଓଝାଙ୍କୁ ପଚାରିବାରୁ ଏହି ରାସ୍ତାଟି ମୋ ନଜରରେ ଅଛି ଏହାକୁ ନିର୍ମାଣ ପାଇଁ ପ୍ରସ୍ତାବ ମଧ୍ୟ ଦିଆଯାଇଛି ।

# ବିଭିନ୍ନ ସ୍ଥାନରେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ

ଖଇରା,୨୩।୬ (ସମିସ)

ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉତ୍ସବ ବିକାଶ ଧାରା ଓଡିଶା ସାରା ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବ୍ଲକ ରେ ଉଦଘାଟିତ ହୋଇ ଯାଇଛି । ସୋମବାର ପ୍ରଥମ ଦିବସରେ ଜାତି-ଜନଜାତିଙ୍କ ପାଇଁ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ଉପରେ ଅଧିକାରୀ ଓ ନେତୃବୃନ୍ଦ ଆଲୋକପାତ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା,ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ,ବିଡିଓ ନାରାୟଣ ସାହୁ,ଏସି ମୋର୍ଚ୍ଚା ସଭାପତି କୈଳାସ ମାଝୀ ଓ ଉପସଭାପତି ରତିକାନ୍ତ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ଦ୍ରୁପଦ କୁମାର ନାୟକ ଅତିଥି ଭାବେ ଯୋଗ ଦେଇ କେଜି ଠାରୁ ପିଜି ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତିଙ୍କୁ ମିଳୁଥିବା ସରକାରୀ ପ୍ରୋତ୍ସାହନ ଉପରେ ଆଲୋକପାତ କରିଥିଲେ । ବିଜୟ କେତନ ବିଦ୍ୟାଧର ସାହୁ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟକିରାଣୀ ବ୍ରହ୍ମାନନ୍ଦ ଦାଶ, ସହକାରୀ ଯନ୍ତ୍ରୀ ବିଭୂତି ଭୂଷଣ ମହାନ୍ତି, ଶଶିକାନ୍ତ ଦାସ, ଅନନ୍ତ କୁମାର କୁଅଁର, କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ସେହିପରି କୁରୁଣ୍ଟା ପଂଚାୟତ ପରିସରରେ ଆଜି ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୁରୁଣ୍ଟା ସରପଞ୍ଚ ରଘୁନାଥ ଜେନାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଜେପି ସରକାର ଆସିବା ପରେ ଦୁଇ ବର୍ଷ ଭିତରେ ପଂଚାୟତ ରେ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର କାର୍ଯ୍ୟ ଆରମ୍ଭ ହୋଇଥିବା ନେଇ ସରପଞ୍ଚ ସୂଚନା






ଦେଇଥିଲେ । ମୁଖ୍ୟଅତିଥି ଭାବେ ସିମୁଳିଆ ବିଧାୟକ ପଦ୍ମ ଲୋଚନ ପଣ୍ଡା, ଅନ୍ୟତମ ଅତିଥି ଭାବେ ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମାନସ କୁମାର ଦାସ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସମିତି ସଭ୍ୟା କମଳିନୀ ମାଝୀ, ସମସ୍ତ ୱାର୍ଡ ସଭ୍ୟସଭ୍ୟା,ସ୍ୱାସ୍ଥ୍ୟ କର୍ମୀ, ସମସ୍ତ ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଶତାଧିକ ପଂଚାୟତ ବାସି ଉପସ୍ଥିତ ଥିଲେ ।

**ଚନ୍ଦନେଶ୍ୱର :** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅନ୍ତର୍ଗତ ଭୋଗରାଇ ବ୍ଲକ ଅଧୀନ ଶ୍ରଦ୍ଧାପୁର ପଞ୍ଚାୟତରେ ଏକ ପଞ୍ଚାୟତ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ପ୍ରତ୍ୟାଶା ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସମ୍ମିଳନୀରେ ବିଭିନ୍ନ ବିଭାଗର ଅଧିକାରୀ, ଜନପ୍ରତିନିଧି, ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଏବଂ ସ୍ଥାନୀୟ ଲୋକ ଯୋଗ ଦେଇଥିଲେ । ସଭାରେ ସଦସ୍ୟା ଦୁର୍ଗାମାଣୀ ମଣ୍ଡଳ, ସରପଞ୍ଚ ପ୍ରତିନିଧି ଚନ୍ଦନ କୁମାର ପାତ୍ର (ଟିଙ୍କୁ), ସଦସ୍ୟା ପ୍ରତିନିଧି ଗୌରହରି ମଣ୍ଡଳ, କନିଷ୍ଠ ଯନ୍ତ୍ରୀ ଅମରେଶ ଦାସ, କାର୍ଯ୍ୟନିର୍ବାହୀ ଅଧିକାରିଣୀ କାଜଲ ବାସ୍କେ, ଜିଆରଏସ କମଳ ଲୋଚନ ବେହେରା, ଆୟୁଷ ଡାକ୍ତର ଅନାଦି ଚରଣ ପାତ୍ର, ଏଏନଏମ ଛବିରାଣୀ ଗିରି, ଏମ୍‌ବିକେ ବିନୋଦିନୀ ପ୍ରଧାନ ଏବଂ ଅଙ୍ଗନୱାଡ଼ି କର୍ମୀ ସବିତା ଭଞ୍ଜ ପ୍ରମୁଖ ଉପସ୍ଥିତ ଥିଲେ ।

**ରାଜଘାଟ:** ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ବସ୍ତା ବ୍ଲକ ଅନ୍ତର୍ଗତ ଦରଡା




ପଞ୍ଚାୟତରେ 'ବିକାଶର ଧାରା ଓଡିଶା ସାରା' ଜନକଲ୍ୟାଣ ଶିବିର ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଦିପ୍ତେନ୍ଦୁବାଳା ବିଶ୍ୱାଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୱାର୍ଡସଭ୍ୟ ଅଭିମନ୍ୟୁ ଗିରି, ପୂର୍ବତନ ସରପଞ୍ଚ ପ୍ରଭାସ କୁମାର ଟୁଡୁଙ୍କ ସଭାପତିତ୍ୱ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଯୋଜନା ବୋର୍ଡ ଓ ପିଓସି କମିଟିର ଚେୟାରମ୍ୟାନ ତଥା ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସମ୍ମାନିତ ଅତିଥି ସିମୁଳିଆ ସମିତିର ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ତହସିଲଦାର ସୌମ୍ୟରାଜନ ମଣ୍ଡଳ,ପୂର୍ବତନ ଜିଲ୍ଲାପରିଷଦ ପ୍ରଦୀପ କୁମାର ବିଶ୍ୱାଳ, ନୋଡାଲ ଅଫିସର ପ୍ରଶାନ୍ତ କୁମାର ପ୍ରମାଣିକ, ସାମ୍ବାଦିକ ଭରତ କୁମାର ଦାସ,ଦିଲ୍ଲୀପ କୁମାର ମହାପାତ୍ର ପ୍ରମୁଖ ମଂଚାସୀନ ହୋଇଥିଲେ ।

**ସିମୁଳିଆ :** ସିମୁଳିଆ ପଞ୍ଚାୟତ ସମିତିସ୍ତରୀୟ 'ବିକାଶର ଧାରା ଓଡିଶା ସାରା' କାର୍ଯ୍ୟକ୍ରମ ବିଡ଼ିଓ ସୁନୀଲ କୁମାର ମହାପାତ୍ର, ଉପାଧ୍ୟକ୍ଷା ହିମାଦ୍ରୀନନ୍ଦିନୀ ମହାପାତ୍ର. ୪୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ରମେଶ ଚନ୍ଦ୍ର ସାହୁ, ନୀଳମାଧବ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଉତ୍ତମ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରି ସଭା ଭଙ୍ଗ କରିଥିଲେ ।

**ଜଳେଶ୍ୱର:** ଜଳେଶ୍ୱର ବ୍ଲକ ଏବିଡିଓ ସୁଧୀର କୁମାର ସାହୁ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇ ସରକାରଙ୍କ ନୂତନ ନୀତି ଓ ବିଭିନ୍ନ ସହାୟତା ମାଧ୍ୟମରେ ଆଜି ବହୁ ଯୁବକ, ଯୁବତୀ ଓ ମହିଳା ସ୍ୱାବଲମ୍ବି ହୋଇପାରିଛନ୍ତି ବୋଲି କହିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ସନ୍ଧ୍ୟାରାଣୀ ପାତ୍ର, ଜିଲ୍ଲା ଡିଆଇସି ଜେନେରାଲ ମ୍ୟାନେଜର ସୂର୍ଯ୍ୟକାନ୍ତ ବେହେରା, ଜିଲ୍ଲା ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ, ଜିଲ୍ଲା ଶିଳ୍ପ କେନ୍ଦ୍ରର ସହକାରୀ ପରିଚାଳକ ଅକ୍ଷୟ କୁମାର ଦାସ, ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବ ସଭାପତି ଫାଲଗୁନୀ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।

# ଟେଣ୍ଡର ନିୟମ ଉଲ୍ଲଘଂନ ଅଭିଯୋଗ; ତଦନ୍ତ ଦାବି

■ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ବ୍ଲକରୁ ଟେଣ୍ଡର
■ ବାରିପଦା ପ୍ରୟାସ ହଲ ପୁନରୁଦ୍ଧାର ସନ୍ଦେହ ଘେରରେ




ବାରିପଦା, ୨୩।୬(ସମିସ): ଶାମାଖୁଣ୍ଟା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ପ୍ରକାଶିତ ଏକ ଟେଣ୍ଡର୍ ନୋଟିସ୍‌ରେ ଗୁରୁତର ଅନିୟମିତତା ଅଭିଯୋଗ ଉଠିଛି । ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ମରାମତି ସମେତ ୪ଟି ବିଭିନ୍ନ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ଏହି ଟେଣ୍ଡର୍ ପ୍ରକ୍ରିୟାରେ ନିୟମ ଉଲ୍ଲଘଂନ ଏବଂ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଲାଭ ଦେବା ପାଇଁ ଅଭିସନ୍ଧି ରହିଥିବା ମଙ୍ଗଳବାର କେତେକ ଠିକାଦାର ଅଭିଯୋଗ କରିଛନ୍ତି । ସେହିପରି ବାରିପଦା ସ୍ଥିତ ପ୍ରୟାସ ସମ୍ମିଳନୀ କକ୍ଷର ୩୯ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କାର୍ଯ୍ୟର ସେମାନେ ବିଧିବଦ୍ଧ ତଦନ୍ତ ପାଇଁ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃଙ୍କୁ ଅବଗତ କରିଥିବା ବେଳେ ବାଲେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କ ପାଖକୁ ଏକକିତା ନକଲ ପଠାଇଛନ୍ତି । ବ୍ଲକ ଉନ୍ନୟନ ଅଧିକାରୀ, ଶାମାଖୁଣ୍ଟାଙ୍କ କାର୍ଯ୍ୟାଳୟ ପକ୍ଷରୁ ଜୁନ ୯ତାରିଖ ମେମୋ ନଂ ୧୫୪ ତାରିଖରେ ପ୍ରକାଶିତ ଟେଣ୍ଡର୍ କଲ୍ ନୋଟିସ୍ ଅନୁସାରେ ୪ଟି କାର୍ଯ୍ୟ ପାଇଁ ପ୍ରତିଶତ ହାରରେ ବିଡ୍ ଆହ୍ୱାନ କରାଯାଇଛି । ସେଗୁଡ଼ିକ ହେଲା ୧୩ଲକ୍ଷ ୩୪ହଜାର ୭୨୯ ଟଙ୍କା ଲେଖାଏଁ ଆନୁମାନିକ ଅଟକଳ ମୂଲ୍ୟରେ ଜନୁଆରକର୍ଛା ଓ କଣ୍ଟାପାଳ ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀ କକ୍ଷ ନିର୍ମାଣ । ୧୩ଲକ୍ଷ ୭୦ହଜାର ୬୮୦ଟଙ୍କା ଆନୁମାନିକ ଅଟକଳ ମୂଲ୍ୟରେ ବାରିପଦାସ୍ଥିତ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟ (ଡିପିଓ) କାର୍ଯ୍ୟାଳୟର ମରାମତି ଓ ନବୀକରଣ ଏବଂ ୧୬ଲକ୍ଷ ୫ହଜାର ୯୯୬ଟଙ୍କା ଆନୁମାନିକ ଅଟକଳମୂଲ୍ୟରେ ଶାମାଖୁଣ୍ଟା ବ୍ଲକ କ୍ୟାମ୍ପସରେ ନନ୍-ରେସିଡେଣ୍ଟିଆଲ୍ ଭବନ ନିର୍ମାଣ। ଏହି ସମସ୍ତ କାର୍ଯ୍ୟ ପାଇଁ ଟେଣ୍ଡର୍ କାଗଜ ବିକ୍ରୟ ଜୁନ ୧୬ ରୁ ୨୫ତାରିଖ ପର୍ଯ୍ୟନ୍ତ ଥିବା ବେଳେ ଏବଂ ୨୯ତାରିଖରେ ଖୋଲାହେବ ବୋଲି ନୋଟିସ୍‌ରେ ଉଲ୍ଲେଖ ରହିଛି । ଅଭିଯୋଗକାରୀଙ୍କ ଅନୁସାରେ, ଟେଣ୍ଡର୍ ନୋଟିସ୍ ନିୟମଅନୁଯାୟୀ ଦୁଇଟି ପ୍ରମୁଖ ଓଡ଼ିଆ ଦୈନିକ କାଗଜରେ କିମ୍ବା ଓଡ଼ିଶା ସରକାରଙ୍କ ଅଫିସିଆଲ୍ ଟେଣ୍ଡର୍ ୱେବ୍‌ସାଇଟ୍‌ରେ ପ୍ରକାଶିତ ହୋଇ ନାହିଁ। ପ୍ରଚାର ପ୍ରସାର ଅଭାବରୁ ସାଧାରଣ ଠିକାଦାରଙ୍କୁ ସୂଚନା ମିଳିନାହିଁ ଏବଂ ନିର୍ଦ୍ଦିଷ୍ଟ ଗୋଷ୍ଠୀର ଠିକାଦାରଙ୍କୁ ଲାଭ ଦେବା ପାଇଁ ଏହା କରାଯାଇଥିବା ଅଭିଯୋଗ ହୋଇଛି । ବିଶେଷକରି ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟର ମରାମତି କାର୍ଯ୍ୟ ପାଇଁ ଶାମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟରୁ ବ୍ୟୟବରାଦ କାହିଁକି ସେ ନେଇ ତଦନ୍ତ ଦାବି କରାଯାଇଛି । ସେହିପରି ଟେଣ୍ଡର୍ ନୋଟିସ୍‌ରେ ଇଏମ୍‌ଡି, ଅତିରିକ୍ତ ପରଫର୍ମାନ୍ସ ସିକ୍ୟୁରିଟି, ଡକ୍ୟୁମେଣ୍ଟ୍ ଆବଶ୍ୟକତା ଏବଂ ଅନ୍ୟାନ୍ୟ ନିୟମାବଳୀ ଉଲ୍ଲେଖ ଥିଲେ ମଧ୍ୟ ପ୍ରଚାର ଅଭାବ ଯୋଗୁଁ ପ୍ରକ୍ରିୟା ସ୍ୱଚ୍ଛ ନୁହେଁ ବୋଲି ଅଭିଯୋଗକାରୀମାନେ କହୁଛନ୍ତି। ଅପରପକ୍ଷରେ ବାରିପଦା ପ୍ରୟାସ ହଲର ୩୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ପୁନରୁଦ୍ଧାର କାର୍ଯ୍ୟ ଟେଣ୍ଡରରେ କରା ନଯାଇ ୧୦ଲକ୍ଷ ଟଙ୍କା ଲେଖାଏଁ ତିନୋଟି କାର୍ଯ୍ୟାଦେଶରେ କାର୍ଯ୍ୟ ସମାପନ କରାଯାଇଛି । ଏ ନେଇ ଜିଲ୍ଲା ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଧର୍ମାନନ୍ଦ ବେହେରାଙ୍କୁ ପଚାରିବାରୁ ସେ ଭୁବନେଶ୍ୱରରେ ଥିବାରୁ ପ୍ରତିକ୍ରିୟା ମିଳିନାହିଁ। ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦାଃଙ୍କୁ ପଚାରିବାରୁ ବାରିପଦା ବିଡିଓ ସହଯୋଗ ନକରିବାରୁ ଶାମାଖୁଣ୍ଟା ବ୍ଲକ କାର୍ଯ୍ୟାଳୟ ଜରିଆରେ କାର୍ଯ୍ୟ ହୋଇଛି କହିଛନ୍ତି । ତେବେ ଟେଣ୍ଡର ଆହ୍ୱାନର ନିୟମଅନୁପାଳନ ସମ୍ବନ୍ଧରେ ସେ ବୁଝିବେ କହିଛନ୍ତି । ଜିଲ୍ଲା ପ୍ରଶାସନ ଏହି ଅଭିଯୋଗର ତଦନ୍ତ କରି ଯଥାଯୋଗ୍ୟ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଯୋଗକାରୀ ଦାବି କରିଛନ୍ତି ।

# ସରକାରୀ ନିର୍ଦ୍ଦେଶକୁ ଅବମାନନା



ମୋରଡ଼ା, ୨୩।୬(ସମିସ): ମୋରଡା ବ୍ଲକ ପରିସରରେ ସରକାରଙ୍କ ଦୁଇବର୍ଷ ଉପଲବ୍ଧି ଉପଲକ୍ଷେ ହେବାକୁ ଥିବା 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଫଳରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇଥିବା ଅଭିଯୋଗ ହେଉଛି । ସରକାରଙ୍କ ଚିଠି ସଂଖ୍ୟା ୧୫୫୧୦, ୫।୬।୨୦୨୬ ଅନୁଯାୟୀ ଜୁନ ୨୦ରୁ ୩୦ ତାରିଖ ପର୍ଯ୍ୟନ୍ତ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଫଳତାର ଦୁଇବର୍ଷ ପୂର୍ତ୍ତି ଅବସରରେ 'ବିକାଶ ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ବ୍ଲକ ଓ ପଞ୍ଚାୟତରେ ଶିବିର ଆୟୋଜନ କରି ଲୋକଙ୍କୁ ସଚେତନ କରାଇବା ନିର୍ଦ୍ଦେଶ ରହିଥିଲା । କିନ୍ତୁ ମୋରଡା ବ୍ଲକରେ ତାହାର ବ୍ୟତିକ୍ରମ ଦେଖିବାକୁ ମିଳିଛି । ଟେଣ୍ଟ ଅଛି କିନ୍ତୁ ହେଉନି କାର୍ଯ୍ୟକ୍ରମ । ଏ ସମ୍ପର୍କରେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶଙ୍କର ମୁର୍ମୁଙ୍କୁ ପଚାରିବାରୁ ବିଭିନ୍ନ ପଞ୍ଚାୟତରେ ଲୋକଙ୍କୁ ସଚେତନ କରାଇବା ଆରମ୍ଭ ହୋଇଛି । ଆସନ୍ତା ୨୪ ତାରିଖରୁ ବିଭିନ୍ନ ଡିପାର୍ଟମେଣ୍ଟ ଅନୁସାରେ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ବୋଲି ସୂଚନା ଦେଇଥିଲେ ।

# ଜନନୀ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ, ଅଳ୍ପକେ ବର୍ତ୍ତିଲେ ପ୍ରସୂତି




କରଞ୍ଜିଆ, ୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର ହେଉଥିବା ଜଣେ ପ୍ରସୂତି ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି । ସୋମବାର ସକାଳେ କରଞ୍ଜିଆ-କେନ୍ଦୁଝର ୪୯ ନମ୍ବର ଜାତୀୟ ରାଜପଥର ଚଢ଼େଇଭୋଳ ହାତୀ କରିଡର ନିକଟରେ ଜନନୀ ଏକ୍ସପ୍ରେସ ଆମ୍ବୁଲାନ୍ସର ଟାୟାର ଫାଟିଯିବା ଫଳରେ ଏହି ଅଘଟଣ ଘଟିଥିଲା । ତେବେ ଗାଡ଼ି ଚାଳକଙ୍କ ତତ୍ପରତା ଓ ଉପସ୍ଥିତ ବୁଦ୍ଧି ଯୋଗୁଁ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣା ଟଳିଯାଇଥିବା ଜଣାପଡ଼ିଛି ।

ପ୍ରାପ୍ତ ସୂଚନା ଅନୁଯାୟୀ, କରଞ୍ଜିଆ ବ୍ଲକ ଅନ୍ତର୍ଗତ ସିଲିପଦା ଗ୍ରାମର ଜଣେ ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ଉନ୍ନତ ଚିକିତ୍ସା ପାଇଁ ତାଙ୍କୁ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଉଥିଲା । ଜନନୀ ଏକ୍ସପ୍ରେସ୍ (ଓଡି-୦୨-ଡିଏ-୬୫୯୦) ଯୋଗେ ପ୍ରସୂତି, ତାଙ୍କ ଜଣେ ପରିଜନ ଓ ଜଣେ ଆଶା କର୍ମୀ କେନ୍ଦୁଝର ଅଭିମୁଖେ ଯାତ୍ରା କରୁଥିବା ବେଳେ ଚଢ଼େଇଭୋଳ ହାତୀ କରିଡର ନିକଟରେ ହଠାତ୍ ଗାଡ଼ିର ଟାୟାର ଫାଟିଯାଇଥିଲା । ଟାୟାର ଫାଟିବା ପରେ ଗାଡ଼ିଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଦୋହଲିବାକୁ ଲାଗିଥିଲା । ମାତ୍ର ଚାଳକ ତୁରନ୍ତ ପରିସ୍ଥିତିକୁ ନିୟନ୍ତ୍ରଣକୁ ନେଇ ଗାଡ଼ିକୁ ରାସ୍ତା କଡ଼ରେ ସୁରକ୍ଷିତ ଭାବେ ଅଟକାଇ ଦେଇଥିଲେ । ସୌଭାଗ୍ୟବଶତଃ ସେହି ସମୟରେ ପଛପଟୁ କୌଣସି ଭାରୀ ଯାନବାହନ ଆସୁନଥିବାରୁ ଏକ ଭୟଙ୍କର ଦୁର୍ଘଟଣା ଟଳିଯାଇଥିଲା । ନଚେତ୍ ପ୍ରସୂତି ଓ ଅନ୍ୟ ସହଯାତ୍ରୀଙ୍କ ଜୀବନ ବିପଦରେ ଥିଲା ବୋଲି ସ୍ଥାନୀୟ ଲୋକେ ମତ ପ୍ରକାଶ କରିଛନ୍ତି । ଘଟଣା ପରେ ଆଖପାଖ ଅଞ୍ଚଳର ଅନେକ ଲୋକ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସହଯୋଗ କରିଥିଲେ । ଗାଡ଼ିର ଟାୟାର ପରିବର୍ତ୍ତନ କରାଯିବା ସହ ଆବଶ୍ୟକ ମରାମତି ପରେ ଗାଡ଼ିଟି ପୁଣି କେନ୍ଦୁଝର ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲା । ଏହା ଫଳରେ ପ୍ରସୂତି ମହିଳା ନିରାପଦରେ ଉନ୍ନତ ଚିକିତ୍ସା ପାଇଁ ଗନ୍ତବ୍ୟ ସ୍ଥାନକୁ ଯାଇପାରିଥିଲେ । ତେବେ ଏହି ଘଟଣା ପରେ ଜନନୀ ଏକ୍ସପ୍ରେସ ସେବାରେ ବ୍ୟବହୃତ ଯାନଗୁଡ଼ିକର ରକ୍ଷଣାବେକ୍ଷଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଜରୁରୀ ସ୍ୱାସ୍ଥ୍ୟ ସେବା ପ୍ରଦାନ କରୁଥିବା ଏହି ଯାନଗୁଡ଼ିକର ନିୟମିତ ଯାଞ୍ଚ ଓ ରକ୍ଷଣାବେକ୍ଷଣ ଉପରେ ସମ୍ପୃକ୍ତ ବିଭାଗ ଗୁରୁତ୍ୱ ଦେବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି । ବିଶେଷକରି ଗର୍ଭବତୀ ମହିଳା ଓ ଗୁରୁତର ରୋଗୀଙ୍କୁ ବହନ କରୁଥିବା ଆମ୍ବୁଲାନ୍ସଗୁଡ଼ିକର ଯାନ୍ତ୍ରିକ ସ୍ଥିତି ଠିକ୍ ରହିବା ନିହାତି ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

# ବିଦେଶୀ ମଦ ଜବତ



କରଞ୍ଜିଆ, ୨୩।୬ (ସମିସ): ବେଆଇନ ମଦ କାରବାର ଉପରେ ରୋକ ଲଗାଇବା ପାଇଁ ରାଇରଙ୍ଗପୁର ଏସପିଙ୍କ ନିର୍ଦ୍ଦେଶକ୍ରମେ କରଞ୍ଜିଆ ପୁଲିସ ପକ୍ଷରୁ କରଞ୍ଜିଆ ଅଞ୍ଚଳର ବିଭିନ୍ନ ମଦ ଦୋକାନ ଓ ଚଢେଇଭୋଳେ ଗ୍ରାମର କିଛି ଢାବାରେ ସ୍ୱତନ୍ତ୍ର ଚଢ଼ାଉ କରାଯାଇଛି । ଚଢ଼ଉ ସମୟରେ ପ୍ରାୟ ୧୦ ଲିଟର ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଦୁଇ ଜଣଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ପୁଲିସ ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ମାମଲା ନଂ ୨୩୪/୨୬ ଏବଂ ୨୩୫/୨୬ ରେ ଚଢେଇଭୋଳେ ଅଞ୍ଚଳର କୁନ୍ଦନ କୁମାର ଓ ରାମ ପ୍ରସାଦ ବାରିକଙ୍କ ନାମରେ ମାମଲା ରୁଜୁ କରାଯାଇଛି । ସେମାନଙ୍କ ନିକଟରୁ ବେଆଇନ ଭାବେ ରଖାଯାଇଥିବା ବିଦେଶୀ ମଦ ଜବତ କରାଯାଇଛି । ବେଆଇନ ମଦ କାରବାରକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ କରଞ୍ଜିଆ ପୁଲିସ ପକ୍ଷରୁ ଏଭଳି ଚଢ଼ଉ ଓ ଯାଞ୍ଚ ଅଭିଯାନ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କରଞ୍ଜିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ ସୂଚନା ଦେଇଛନ୍ତି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ।

# ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ ଦାବିରେ ବିକ୍ଷୋଭ




ବାରିପଦା, ୨୩।୬(ସମିସ): ଚଳିତବର୍ଷ ନୂତନ ଜାତୀୟ ଶିକ୍ଷାନୀତି ୨୦୨୦ ଆଧାରରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛପାଯାଇଥିବା ସମସ୍ତ ପାଠ୍ୟ ପୁସ୍ତକରେ ବ୍ୟାପକ ତ୍ରୁଟି ଥିବା ଲୋକଲୋଚନକୁ ଆସିଛି । ଏହା ଫଳରେ ରାଜ୍ୟର ଛାତ୍ର, ଶିକ୍ଷକ, ଅଭିଭାବକ ଓ ଶିକ୍ଷାପ୍ରେମୀ ଜନଗଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଅଲ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟସ ଅର୍ଗାନାଇଜେସନ୍ (ଏଆଇଡିଏସ୍‌ଓ) ପକ୍ଷରୁ ସାରା ଓଡ଼ିଶାରେ ଏହାକୁ ଦୃଢ଼ ବିରୋଧ କରାଯାଇଥିବା ବେଳେ ମଙ୍ଗଳବାର ଛାତ୍ର ବିକ୍ଷୋଭ ଅନୁଷ୍ଠିତ ସହିତ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି । ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ପ୍ରଦାନ କରିଥିବା ଅତ୍ୟନ୍ତ ଖାମଖିଆଲି ମନ୍ତବ୍ୟକୁ ଦୃଢ଼ ନିନ୍ଦା କରିଛନ୍ତି ଓ ଗଣଶିକ୍ଷାମନ୍ତ୍ରୀଙ୍କ ସମେତ ସମସ୍ତ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି । ନୂତନ ଜାତୀୟ ଶିକ୍ଷାନୀତି ପ୍ରଚଳନ କରିବା ଦ୍ୱାରା ଛାତ୍ରଛାତ୍ରୀମାନଙ୍କ ସାମଗ୍ରିକ ବିକାଶ ଧ୍ୱଂସମୁଖୀ କରାଯାଇଥିବା ବେଳେ ଅତ୍ୟନ୍ତ ବେପରୁଆ ଭାବେ ଏହି ପାଠ୍ୟ ପୁସ୍ତକ ପ୍ରସ୍ତୁତ କରାଯାଇଛି । କେବଳ ଅଷ୍ଟମ ଶ୍ରେଣୀ ବହିରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ଏବଂ ସପ୍ତମ ଶ୍ରେଣୀ ବହିରେ ୩୮୦ ରୁ ଊର୍ଦ୍ଧ୍ୱ ଭୁଲ ଥିବା ଦୃଷ୍ଟିଗୋଚର ହୋଇଛି । ମୋଟ ୧୭୦୦ଟି ଭୁଲ ପରିଲକ୍ଷିତ ହୋଇଥିବା ବେଳେ ନିରିଖେଇ ଦେଖିଲେ ଆହୁରି ଅଧିକ ଭୁଲ ବାହାରି ପାରେ । ଏଆଇଡିଏସଓ ପକ୍ଷରୁ କୁହାଯାଇଛି ଯେ; ଯେଉଁ ୧୭୦୦ଟି ଭୁଲ ବାହାରିଛି ସେଗୁଡ଼ିକ ମୁଖ୍ୟତଃ ତଥ୍ୟ ଭିତ୍ତିକ । ମାତ୍ର ପାଠ୍ୟକ୍ରମରେ ଅନେକ ଅବୈଜ୍ଞାନିକ, ଅଯୌକ୍ତିକ ତଥା ମନଗଢ଼ା କାହାଣୀକୁ ଭର୍ତ୍ତି କରାଯାଇ ପାଠ୍ୟକ୍ରମର ଏକ ମୌଳିକ ଭିତ୍ତିଗତ ପରିବର୍ତ୍ତନ କରାଯାଇଛି । ଏହାଦ୍ୱାରା ଛାତ୍ରଛାତ୍ରୀ କେବଳ ତଥ୍ୟଗତ ଭାବେ ଭୁଲ ଶିକ୍ଷା ପାଇବେ ନାହିଁ ଆହୁରି ମଧ୍ୟ ବିକୃତ ଶିକ୍ଷା ପାଇବେ । ଯଦ୍ୱାରାକି ସେମାନଙ୍କର ଚିନ୍ତା କରିବାର କ୍ଷମତା ମଧ୍ୟ ଭୟଙ୍କର ଭାବେ ବାଧାପ୍ରାପ୍ତ ହେବ । ଫଳରେ ଏହି ଭୁଲ ଶିକ୍ଷା ଗ୍ରହଣ କରି ରାଜ୍ୟର ଲକ୍ଷ ଲକ୍ଷ କୋମଳମତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଯେ ଅନ୍ଧକାରମୟ ହେବ ସେତିକି ନୁହେଁ, ସେମାନେ ଅନ୍ଧତା, କୂପମଣ୍ଡୁକତାର ମଧ୍ୟ ଶିକାର ହେବେ । ଅସଲରେ ଏହି ପାଠ୍ୟ ପୁସ୍ତକ ପରିବର୍ତ୍ତନ ସରକାରୀ ଶିକ୍ଷା ବ୍ୟବସ୍ଥାକୁ ଧ୍ୱଂସ କରିବା ପାଇଁ ଏକ ସୁଦୂର ପ୍ରସାରୀ ଷଡ଼ଯନ୍ତ୍ର ଏବଂ ବିଜ୍ଞାନ ସମ୍ମତ ଶିକ୍ଷା ଠାରୁ ଭବିଷ୍ୟତ ପିଢ଼ିକୁ ଦୂରେଇ ରଖିବା ପାଇଁ ଏକ ହୀନ ଚକ୍ରାନ୍ତ ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଅଭିଯୋଗ କରାଯାଇଛି । ତୁରନ୍ତ ଶିକ୍ଷା ଧ୍ୱଂସକାରୀ ଜାତୀୟ ଶିକ୍ଷାନୀତି ୨୦୨୦ କୁ ସମ୍ପୂର୍ଣ୍ଣ ବାତିଲ କରିବା, ବିଜ୍ଞାନ ସମ୍ମତ ପାଠ୍ୟକ୍ରମ ପ୍ରଚଳନ କରିବା ସହ ଗଣ ଶିକ୍ଷାମନ୍ତ୍ରୀଙ୍କ ସମେତ ପାଠ୍ୟପୁସ୍ତକରେ ଭୁଲ ବିଷୟ ଛାପିବାରେ ସମ୍ପୃକ୍ତ ସମସ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ କରିବା ପାଇଁ ସଂଗଠନ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ସରକାର ଅବିଳମ୍ବେ ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ଛାତ୍ରଛାତ୍ରୀଙ୍କୁ ନୂତନ ପାଠ୍ୟପୁସ୍ତକ ପ୍ରଦାନ କରନ୍ତୁ ନହେଲେ ଆଗାମୀ ଦିନରେ ଦୃଢ଼ ଛାତ୍ର ଆନ୍ଦୋଳନ ସଂଗଠିତ କରାଯିବ ବୋଲି ଏଆଇଡିଏସ୍‌ଓ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନର ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ, ମାନସିଂ ହୋ, ସରୋଜ ମୁଣ୍ଡା, ଅଭିଭାବକ ସୀମାନ୍ତ କୁମାର ହେମ୍ବ୍ରମ, ବାଧା ମାର୍ଣ୍ଡି ଓ ଦଶରଥ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ ।

## ମୋରଡ଼ାରେ ଏସ୍‌ଆଇଆର୍ ସ୍ଥିତିକୁ ନେଇ ଅସନ୍ତୋଷ

# ଚିତ୍ରଡ଼ା ମାର୍କେଟ ସାହିରେ ବଣ୍ଟାଯାଇନି ପରିଗଣନା ଫର୍ମ

■ ଭୋଟର ତାଲିକାରୁ ନାମ କଟିବା ଆଶଙ୍କା
■ ଏସ୍‌ଆଇଆର୍ ପ୍ରକ୍ରିୟାକୁ ନେଇ ଦ୍ୱନ୍ଦ୍ୱରେ ଭୋଟର

ମୋରଡ଼ା, ୨୩।୬(ସମିସ): ଭୋଟର ତାଲିକା ସଂଶୋଧନ ପାଇଁ ଆରମ୍ଭ ହୋଇଥିବା ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍) କାର୍ଯ୍ୟକ୍ରମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ଏହାକୁ ନେଇ ଦ୍ୱନ୍ଦ୍ୱରେ ରହିଛନ୍ତି ଚିତ୍ରଡ଼ା ଅଞ୍ଚଳର ଭୋଟର । ଏହି କାର୍ଯ୍ୟକ୍ରମ ଜୋରସୋର୍‌ରେ ଚାଲିଥିବା ନେଇ ପ୍ରଚାର କରାଯାଉଥିବାବେଳେ ବାସ୍ତବରେ ଏହା ବହୁ ଅଞ୍ଚଳରେ ପହଞ୍ଚିପାରିନ୍Oଥବା ଜଣାପଡ଼ିଛି ।ଏପରିକି ମୋରଡା ବ୍ଲକ ଟି ଚିତ୍ରଡା ରେ ଥିବା ବେଳେ ବ୍ଲକରୁ ମାତ୍ର କିଛି ଦୂରରେ ଥିବା ବହୁ ପ୍ରମୁଖ ଅଞ୍ଚଳରେ ପରିଗଣନା ଫର୍ମ ବଣ୍ଟାଯାଇନଥିବା ଜଣାପଡ଼ିଛି । ଏସ୍‌ଆଇଆର୍ ଦାୟିତ୍ୱରେ ଥିବା ଅଧିକାରୀ ଶଙ୍କର ମୁର୍ମୁଙ୍କ କହିବା ମୁତାବକ ୧୦୦ ପ୍ରତିଶତ ପରିଗଣନା ଫର୍ମ ବଣ୍ଟନ କରାଯାଇଥିବା ଦର୍ଶାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳର ଭୋଟରଙ୍କ ପାଖରେ ପରିଗଣନା ଫର୍ମ ପହଞ୍ଚିନଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଉଛି । ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଘନ ସଂଶୋଧନ କରାଯାଉଛି । ଏହା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ । ଜୁଲାଇ ୭ ତାରିଖ ସୁଦ୍ଧା ଖସଡ଼ା ଭୋଟର ତାଲିକା ପ୍ରକାଶ ପାଇବା ନେଇ ଦିନ ଧାର୍ଯ୍ୟ ହୋଇଛି । ଏସ୍‌ଆଇଆର୍‌କୁ ନେଇ ମଧ୍ୟ ଭୋଟରମାନେ ମଧ୍ୟ ଆଗ୍ରହୀ ଅଛନ୍ତି । କିନ୍ତୁ ବହୁ କ୍ଷେତ୍ରରେ ଭୋଟରମାନଙ୍କ ବିଭିନ୍ନ ଦ୍ୱନ୍ଦ୍ୱ ଦୂର ହୋଇପାରୁନଥିବାରୁ ସେମାନେ ନାନା ଆଶଙ୍କାରେ ରହିଛନ୍ତି । ବିଶେଷକରି ଯଦି ସମୟସୀମା ମଧ୍ୟରେ ପରିଗଣନା ଫର୍ମ ଦାଖଲ କରାନଗଲେ ଭୋଟର ତାଲିକାରୁ ନାମ କଟିବା ଆଶଙ୍କା ରହିଥିବାରୁ ଏହାକୁ ନେଇ ବହୁ ଭୋଟର ଚିନ୍ତାରେ ଅଛନ୍ତି । ବିଶେଷକରି ବିଭିନ୍ନ ବୁଥ୍‌ରେ ମଧ୍ୟ ଏ ସମ୍ପର୍କରେ ବୁଝାଇବାକୁ କେହି ନଥିବାରୁ ଏହାକୁ ନେଇ ଦ୍ୱନ୍ଦ୍ୱ ଲାଗି ରହିଛି । ବିଏଲ୍‌ଓମାନେ ଘରକୁ ଘର ପହଞ୍ଚି ଫର୍ମ ବାଣ୍ଟିବେ ବୋଲି କୁହାଯାଉଥିବାବେଳେ ଏ ଯାଏଁ ଚିତ୍ରଡ଼ା ପଞ୍ଚାୟତ ତିନି ନମ୍ବର ୱାର୍ଡରେ କେହି ପହଞ୍ଚିନଥିବା ଜଣାପଡ଼ିଛି । ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଶଙ୍କର ମୁର୍ମୁଙ୍କ କହିବା ମୁତାବକ ମୋରଡ଼ା ବ୍ଲକରେ ଫର୍ମବଣ୍ଟନ କାର୍ଯ୍ୟ ୧୦୦ ପ୍ରତିଶତ ଶେଷ ହୋଇଥିବା ନେଇ ପ୍ରକାଶ କରିଛନ୍ତି ଯାହାର ଅର୍ଥ ପାଖାପାଖି ଶତପ୍ରତିଶତ ଫର୍ମ ବଣ୍ଟନ ହୋଇଥିବା ଅନୁମାନ କରାଯାଉଛି ।କିନ୍ତୁ ଏହି ତଥ୍ୟ କେତେ ଦୂର ଠିକ୍ ତାହା ସେ ଯାଞ୍ଚ କରୁନାହାନ୍ତି । ଯାହାଫଳରେ ତିନି ନମ୍ବର ୱାର୍ଡର ଅଧିକାଂଶ ଭୋଟର ଫର୍ମ ପାଇବାରୁ ବଞ୍ଚିତ ରହିଛନ୍ତି । ଅଫିସରେ ଦାଖଲ କରାଯାଇଥିବା ତଥ୍ୟ ଓ ବାସ୍ତବ ତଥ୍ୟ ସମ୍ପୂର୍ଣ୍ଣ ଭିନ୍ନ ବୋଲି ସ୍ପଷ୍ଟ ଅନୁମାନ କରାଯାଉଛି ।

# ବାରିପଦା-ବାଲେଶ୍ୱର କ୍ରିକେଟ୍ ଏକାଡେମୀ ମଧ୍ୟରେ ମ୍ୟାଚ



ବାରିପଦା, ୨୩।୬ (ସମିସ): ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପଡ଼ିଆରେ ବାରିପଦା କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ବାଲେଶ୍ୱର କ୍ରିକେଟ ଏକାଡେମୀ ଓ ବାରିପଦା କ୍ରିକେଟ ଏକାଡେମୀ ମଧ୍ୟରେ ଏକ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚରେ ବାଲେଶ୍ୱର ୧୬ ରନ୍‌ରେ ବାରିପଦାକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ବାଲେଶ୍ୱର ୪୦ ଓଭର୍‌ରେ ୯ ଉଇକେଟ ହରାଇ ୨୬୭ ରନ ସଂଗ୍ରହ କରିଥିଲେ । ଦଳ ପକ୍ଷରୁ ଆୟୁଷ୍ମାନ ଦାସ ୬୮ ଓ ମାନସୀ ପାତ୍ର ୫୪ ରନ କରିଥିବା ବେଳେ ବିପକ୍ଷ ଦଳର ଆଦିତ୍ୟ ଦାସ ୩ଟି ଓ ସାଇ ଆରଦ୍ୟ ୨ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ବାରିପଦା ୩୮. ୪ ଓଭରରେ ସମସ୍ତ ଉଇକେଟ ହରାଇ ୨୫୧ ରନ ସଂଗ୍ରହ କରିପାରିଥିଲେ । ଦଳ ପକ୍ଷରୁ ତନ୍ମୟ କୁମାର ସାହୁ ୫୧ ଓ ଆଦିତ୍ୟ ଦାସ ୪୭ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ମାନବ ତାଳଡି ଓ ଅଭିମନ୍ୟୁ ଦାସ ୨ଟି ଲେଖାଏଁ ଉଇକେଟ ଅକ୍ତିଆର କରିଥିଲେ । ମିର ଆକବର ଅଲ୍ଲୀ ଓ ନାଫିସଲ ଖେଳ ପରିଚାଳନା କରିଥିବା ବେଳ ତାପସ ଦେ ସ୍କୋରିଂରେ ସହାୟତା ପ୍ରଦାନ କରିଥିଲେ ଓ ଉଭୟ ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ଯୁବ ଖେଳାଳିଙ୍କୁ ମ୍ୟାଚ ଖେଳିବାର ସୁଯୋଗ ଦେବାପାଇଁ ଏହି ଖେଳର ଆୟୋଜନ କରାଯାଇଥିଲା ବୋଲି ମୁଖ୍ୟ ଆୟୋଜକ ସୁଶାନ୍ତ କୁମାର ଦାସ ଜଣାଇଛନ୍ତି ।

## ମରାମତି ହେଉନି ସୌରଚାଳିତ ପାନୀୟଜଳ ପ୍ରକଳ୍ପ

# ଜଳକଷ୍ଟରେ ୮୦ ପରିବାର; ୧ କିମି ଦୂରରୁ ଆଣୁଛନ୍ତି ପାଣି

■ ସମସ୍ୟାର ନ ସମାଧାନ ହେଲେ ଗ୍ରାମବାସୀଙ୍କ ଧାରଣା ଚେତାବନୀ
■ ଅନ୍ୟଏକ ବିଦ୍ୟୁତ୍‌ଚାଳିତ ପ୍ରକଳ୍ପ ମଧ୍ୟ ଅଚଳ





ଶରତ, ୨୩।୬(ସମିସ): ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ବ୍ଲକ ଅନ୍ତର୍ଗତ ରାଣୀପୋଖରୀ ପଞ୍ଚାୟତ ଅଧୀନ ୫ ନମ୍ବର ୱାର୍ଡରେ ଅବସ୍ଥିତ ଗାର୍ଦ୍ଦିସାହିର ୮୦ ଆଦିବାସୀ ପରିବାର ପାନୀୟଜଳ ସଂକଟର ସାମ୍ନା କରୁଛନ୍ତି । ଏହି ଗ୍ରାମରେ ୯ ବର୍ଷ ପୂର୍ବେ ସ୍ଥାପିତ ହେଇଥିବା ସୌରଚାଳିତ ପାନୀୟଜଳ ପ୍ରକଳ୍ପ ୨ ମାସ ହେଲାଣି ଅଚଳ ହୋଇପଡ଼ିଛି । ଅଚଳ ହୋଇପଡ଼ିଥିବା ପ୍ରକଳ୍ପର ମରାମତି ନିମନ୍ତେ ଗ୍ରାମବାସୀ ରାଣୀପୋଖରୀ ପଞ୍ଚାୟତ ପ୍ରଶାସନକୁ ବାରମ୍ବାର ନିବେଦନ କରିଥିବା ସତ୍ତ୍ୱେ ସେମାନଙ୍କ ସମସ୍ୟାର ସମାଧାନ କରାଯାଉ ନ ଥିବା ଗାର୍ଦ୍ଦିସାହି ବାସିନ୍ଦା ଗଣମାଧ୍ୟମ ନିକଟରେ ଅଭିଯୋଗ କରିଛନ୍ତି । ତାଙ୍କ ଗ୍ରାମ ନିକଟରେ ଆଉଏକ ପାନୀୟଜଳ ପ୍ରକଳ୍ପ ରହିଛି । ଯାହା ବିଦ୍ୟୁତ ଦ୍ୱାରା ଚାଳିତ ହୁଏ । ସେହି ପାନୀୟଜଳ ପ୍ରକଳ୍ପ ମଧ୍ୟ କାମ କରୁନାହିଁ । କାରଣ ଉକ୍ତ ବିଦ୍ୟୁତଚାଳିତ ପାନୀୟଜଳ ପ୍ରକଳ୍ପକୁ ସଂଯୋଗ ହୋଇଥିବା ୩-ଫେଜ୍ ୩ ମାସ ହେଲାଣି କଟିଯାଇଛି । ମରାମତି କରାଯିବାକୁ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଦାବି କରିଥିବା ସତ୍ତ୍ୱେ ବିଦ୍ୟୁତ ବିଭାଗ ତାହା ସଜାଡୁ ନ ଥିବା ଗ୍ରାମର ଯୁବ ସମାଜସେବୀ ଲୁଖିରାମ ଶୁଣ୍ଡି କହିଛନ୍ତି । ଫଳରେ ଗ୍ରାମବାସୀ ଗ୍ରାମଠାରୁ ୧ କିଲୋମିଟର ଦୂରତାରେ ଥିବା ମଧୁସାହି ଗ୍ରାମର ନଳକୂପରୁ ଅତ୍ୟନ୍ତ ଦୟନୀୟ ଭାବେ ପାନୀୟଜଳ ଆଣୁଥିବା ଅଭିଯୋଗ କରିଛନ୍ତି ।

ସେହିପରି ଗାର୍ଦ୍ଦିସାହି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ଖୋଳାଯାଇଥିବା ନଳକୂପ ଅଚଳ ହୋଇପଡ଼ିଥିବା କାରଣରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ୧ କିଲୋମିଟର ଦୂରତାରେ ଥିବା ନଳକୂପରୁ ପାଣି ସଂଗ୍ରହ କରି ବିଦ୍ୟାଳୟ ପିଲାଙ୍କ ନିମନ୍ତେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରୁଥିବା ଦେଖିବାକୁ ମିଳିଛି । ଉଭୟ ପାନୀୟଜଳ ବିଭାଗ ଓ ବିଦ୍ୟୁତ ବିଭାଗର ଅବହେଳା କାରଣରୁ ଗ୍ରାମରେ ପାନୀୟଜଳ ସମସ୍ୟା ସୃଷ୍ଟି ହୋଇଥିବା ଗ୍ରାମର ନାରା ବୁଳିଉଲି, ନରେନ୍ଦ୍ର ପୂର୍ତ୍ତି, ବାବୁଲି ହେମ୍ବ୍ରମ, ପାସିଙ୍ଗ ତିୟୁ, ସୁକୁଲାଲ ଶୁଣ୍ଡି, ଗୋବିନ୍ଦ ଗୋଇପାଇ ପ୍ରମୁଖ ପ୍ରକାଶ କରିଛନ୍ତି । ପଞ୍ଚାୟତ ପ୍ରଶାସନଠାରୁ ବ୍ଲକ ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଥିବା ସତ୍ତ୍ୱେ ସେମାନଙ୍କ ସମସ୍ୟାର ସମାଧାନ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସମସ୍ୟାର ସମାଧାନ ନ ହେଲେ ରାଣୀପୋଖରୀ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଇବା ନିମନ୍ତେ ଗାର୍ଦ୍ଦିସାହି ଗ୍ରାମବାସୀ ଚେତାବନୀ ଦେଇଛନ୍ତି । ବିଦ୍ୟୁତଚାଳିତ ପାନୀୟଜଳ ପ୍ରକଳ୍ପ ମରାମତି ଯିବା ନିମନ୍ତେ କପ୍ତିପଦା ବ୍ଲକ ଦାୟିତ୍ୱରେ ଥିବା ଯନ୍ତ୍ରୀ ଟି. ନାଗେଶଙ୍କୁ ଯୋଗାଯୋଗ କରିବାରୁ ୨୪ ଘଣ୍ଟା ମଧ୍ୟରେ ଉକ୍ତ ଗ୍ରାମକୁ ପରିଦର୍ଶନ କରି ଅଚଳ ହୋଇପଡ଼ିଥିବା ମୋଟର ପମ୍ପ ସଜାଡ଼ିବା ସହିତ ୩-ଫେଜ୍ ବିଦ୍ୟୁତ୍ ସଂଯୋଗ କରିବା ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

# ନ୍ୟାୟ ମିଳିଛି; ହେଲେ ଜୀବନ ପ୍ରତି ବିପଦ ଅଛି: ଜିତୁ ମୁଣ୍ଡା

ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଜିତୁ ମୁଣ୍ଡାଙ୍କୁ ବ୍ୟାଙ୍କ ସେବା ଯୋଗାଇଦେବା କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରିଥିବା ଅଭିଯୋଗରେ ମଲ୍ଲିପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜର ନିଲମ୍ବିତ ହୋଇଛନ୍ତି। ଉକ୍ତ ବ୍ୟାଙ୍କ ଶାଖାରେ ଜିତୁ ମୁଣ୍ଡାଙ୍କ ମୃତ ଭଉଣୀ ଜମା ରାଶି ପ୍ରଦାନରେ ହୋଇଥିବା ଅହେତୁକ ବିଳମ୍ବକୁ ନେଇ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ। ସମ୍ପୃକ୍ତ ବ୍ରାଞ୍ଚ ମ୍ୟାନେଜରଙ୍କୁ ନିଲମ୍ବନ କରାଯିବା ସହ ପୀଡ଼ିତ ପରିବାରର କ୍ଲେମ ସେଟଲମେଣ୍ଟ କରାଯାଇଥିବା କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି କାର୍ଯ୍ୟାନୁଷ୍ଠାନ ବାବଦରେ ଅବଗତ କରାଇଥିବା ସୂଚନା ହସ୍ତଗତ ହୋଇଛି। ସ୍ଥାନୀୟ ପ୍ରଶାସନର ସହାୟତାରେ ମୃତ୍ୟୁ ପ୍ରମାଣପତ୍ର ଓ ଉତ୍ତରାଧିକାରୀ ପ୍ରମାଣପତ୍ର ଦାଖଲ ହେବା ପରେ, ମୃତ ଆକାଉଣ୍ଟଧାରୀଙ୍କ ଜମା ରାଶି ୧୯ହଜାର ୪୦୨ ଟଙ୍କା ତାଙ୍କ ଆଇନଗତ ଉତ୍ତରାଧିକାରୀ

- ଜମା ଟଙ୍କା ପାଇଁ ବ୍ୟାଙ୍କକୁ କଙ୍କାଳ ବୋହିନେବା ଘଟଣା
- ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ମ୍ୟାନେଜର ସୁଶାନ୍ତ ସେଠୀ ନିଲମ୍ବିତ



ଜିତୁ ମୁଣ୍ଡା ଓ ଅନ୍ୟ ଦୁଇ ଜଣଙ୍କ ସପକ୍ଷରେ ପ୍ରଦାନ କରାଯାଇଛି। ଏହାସହ ଗ୍ରାହକମାନଙ୍କୁ ସ୍ୱଚ୍ଛ ଓ ସହାନୁଭୂତିପୂର୍ଣ୍ଣ ସେବା ଯୋଗାଇବା ପାଇଁ ବ୍ୟାଙ୍କ୍ ତାର ସମସ୍ତ କ୍ଷେତ୍ରୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶନାମା ଜାରି କରିଛି। ଗତ ମେ ୨୯ରେ କେନ୍ଦ୍ର ଆର୍ଥିକ ସେବା ବିଭାଗ ଦେଶର ସମସ୍ତ ୨୮ଟି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କକୁ ଏନେଇ କଡ଼ା ନିର୍ଦ୍ଦେଶ ଦେଇଛି। ଗ୍ରାମୀଣ, ଆଦିବାସୀ ଓ ଅବହେଳିତ ବର୍ଗର ଗ୍ରାହକମାନେ ଯେପରି ବ୍ୟାଙ୍କିଙ୍ଗ୍ ସେବା ପାଇବାରେ କୌଣସି ହଇରାଣ ନହୁଅନ୍ତି, ତାହା ନିଶ୍ଚିତ କରିବାକୁ କୁହାଯାଇଛି।

କେନ୍ଦୁଝରର ଜିତୁ ମୁଣ୍ଡା ଘଟଣା ପରେ ବ୍ୟାଙ୍କର ଜଟିଳ ପ୍ରକ୍ରିୟା ଯୋଗୁଁ ଗରିବ ଆଦିବାସୀ ପରିବାର କେମିତି ହଇରାଣ ହେଉଛନ୍ତି, ତାକୁ ନେଇ ପ୍ରାସଙ୍ଗିକ ଚର୍ଚ୍ଚା ହୋଇଥିଲା। ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ପରେ କେନ୍ଦ୍ରର ଏହି ତ୍ୱରିତ ପଦକ୍ଷେପ ଗ୍ରାମୀଣ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏକ ବଡ଼ ଦୃଷ୍ଟାନ୍ତ ବୋଲି କୁହାଯାଉଛି। ଅନ୍ୟପକ୍ଷରେ, ବ୍ୟାଙ୍କ ମ୍ୟାନେଜର ନିଲମ୍ବିତ ହେବା ପରେ ଜିତୁ ନ୍ୟାୟ ମିଳିଥିବା କହି ଖୁସି ବ୍ୟକ୍ତ କରିଛନ୍ତି। ତେବେ, ଏହି ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ସହ ଆଉ କିଛି ଅବହେଳା ଯୋଗୁଁ କି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତାକୁ ନେଇ ମଧ୍ୟ ଜିତୁ ମୁଣ୍ଡା ଅପେକ୍ଷା କରିଥିବା ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବ୍ୟାଙ୍କ ମ୍ୟାନେଜର ନିଲମ୍ବିତ ହେଲଣି ବର୍ତ୍ତମାନ ତାଙ୍କ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ବ୍ୟାଙ୍କର ଅସହଯୋଗଠାରୁ ଆରମ୍ଭ କରି କଙ୍କାଳ ବୋହିଥିବାରୁ ସାମାଜିକ ବାସନ୍ଦକୁ ନେଇ ଜିତୁମୁଣ୍ଡା ବିଶ୍ୱରେ ଚର୍ଚ୍ଚିତ ହୋଇଥିଲେ।

# ଜିତୁ ମୁଣ୍ଡାଙ୍କ ସଂଘର୍ଷକୁ ନେଇ ସିନେ ସ୍କ୍ରିପ୍ଟ ପ୍ରସ୍ତୁତି

ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡିଆନାଳି ଗ୍ରାମର ଚତୁରୀ ସାହିର ଜିତୁ ମୁଣ୍ଡାଙ୍କ ଜୀବନ ସଂଘର୍ଷ ଓ ଚର୍ଚ୍ଚିତ ଘଟଣାକୁ ନେଇ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ ପାଇଁ କାହାଣୀ ଲେଖା କାର୍ଯ୍ୟ ଆରମ୍ଭ ହୋଇଛି। ଗତ ଏପ୍ରିଲ ୨୭ ତାରିଖରେ ମୃତ ଭଉଣୀ କାଲାରା ମୁଣ୍ଡାଙ୍କ ନାମରେ ଥିବା ବ୍ୟାଙ୍କ ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ଭଉଣୀଙ୍କ କଙ୍କାଳ ଖୋଳି ପ୍ରାୟ ୪ କିଲୋମିଟର ବୋହି ମଲ୍ଲପଶି ସ୍ଥିତ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କକୁ ନେଇଥିଲେ। ଏହି ଘଟଣା ପରେ ଜିତୁ ମୁଣ୍ଡାଙ୍କ ଜୀବନ କାହାଣୀ ଉପରେ ଫିଲ୍ମ ନିର୍ମାଣ କରିବାକୁ ପ୍ରସିଦ୍ଧ ସିନେ ପ୍ରଯୋଜକ ଓ ନିର୍ଦ୍ଦେଶକ ଅଶୋକ ପତି ଆଗ୍ରହ ପ୍ରକାଶ କରିଥିଲେ। ଗତ ମେ ୧୩ ତାରିଖରେ ସେ ଜିତୁ ମୁଣ୍ଡାଙ୍କ ସହ ଭେଟି ଫିଲ୍ମ ନିର୍ମାଣ ପାଇଁ ଚୁକ୍ତି ସ୍ୱାକ୍ଷର କରିବା ସହ ଅଗ୍ରିମ ଭାବେ ୧ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ମଙ୍ଗଳବାର ଫିଲ୍ମର କାହାଣୀକାର ଭରଦ୍ୱାଜ ପାଣ୍ଡା ଡିଆନାଳି ଗ୍ରାମରେ ପହଞ୍ଚି ଜିତୁ ମୁଣ୍ଡାଙ୍କ ପରିବାର ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ସେ ଡିଆନାଳି ଓ ଆଖପାଖ ମୁଣ୍ଡା ସମ୍ପ୍ରଦାୟ ଅଧିବାସୀ ଗ୍ରାମଗୁଡ଼ିକୁ ପରିଦର୍ଶନ କରି ସେମାନଙ୍କ ଜୀବନଶୈଳୀ, ସଂସ୍କୃତି, ପରମ୍ପରା, ସାମାଜିକ ରୀତିନୀତି ଓ ଦୈନନ୍ଦିନ ସଂଘର୍ଷ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଛନ୍ତି। କାହାଣୀକାର ଶ୍ରୀ ପଣ୍ଡା କହିଛନ୍ତି ଯେ ପ୍ରାୟ ଏକ ସପ୍ତାହ ଧରି ତଥ୍ୟ ସଂଗ୍ରହ ପରେ ଏକ ବାସ୍ତବଧର୍ମୀ ଓ ହୃଦୟସ୍ପର୍ଶୀ କାହାଣୀ ପ୍ରସ୍ତୁତ କରାଯିବ। ପରେ ଏହାକୁ ନିର୍ଦ୍ଦେଶକ ଅଶୋକ ପତିଙ୍କୁ ଉପସ୍ଥାପନ କରାଯିବ ଏବଂ ଫିଲ୍ମର ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ ହେବ।



● କେ.ବାଲିପାଳରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉତ୍ସବ

# ୨୪ଟି ବିଭାଗର ଅଧିକାରୀ ଅନୁପସ୍ଥିତ; ଲୋକେ ଅସନ୍ତୁଷ୍ଟ

ହାଟଡ଼ିହୀ,୨୩।୬(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ଅନ୍ତର୍ଗତ କଅଁଳେଇବାଲିପାଳ ପଞ୍ଚାୟତରେ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ପ୍ରଚାର ପ୍ରସାର ଉତ୍ସବରେ ୪୦ଟି ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସହିତ ଶତାଧିକ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ୍ ବିଭାଗ, ଖାଉଟି କଲ୍ୟାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଆଇସିଡ଼ିଏସି ଅଙ୍ଗନବାଡି କର୍ମୀ ଓ ମିଶନ ଶକ୍ତି ବିଭାଗ ବ୍ୟତୀତ ଅନ୍ୟ ୨୪ଟି ବିଭାଗର ସରକାରୀ କର୍ମଚାରୀ ବାବୁମାନେ ଅନୁପସ୍ଥିତ ଥିବା ଅଭିଯୋଗ ହୋଇଛି। ଏହିପରି ସରକାରଙ୍କର କାର୍ଯ୍ୟକ୍ରମରେ ଅଧିକାରୀମାନଙ୍କର ଅନୁପସ୍ଥିତି ସଂପର୍କରେ ପଞ୍ଚାୟତବାସୀ ପିଇଓଙ୍କୁ ପଚାରିବାରୁ ସମସ୍ତ ବିଭାଗକୁ ଚିଠି କରାଯାଇଥିଲା ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲାରେ ଏହିପରି ସରକାରଙ୍କର କାର୍ଯ୍ୟକ୍ରମରେ ଅଧିକାରୀ ମାନଙ୍କର ଅନୁପସ୍ଥିତି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏ ପଞ୍ଚାୟତର ମାଳ ମାଳ ସମସ୍ୟା ଥିବାବେଳେ ସରକାରୀ ବାବୁମାନଙ୍କର ଏପରି ଅନୁପସ୍ଥିତ ପଞ୍ଚାୟତବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ପରେ ସରକାର ବଦଳୁଛି କିନ୍ତୁ କେ.ବାଲିପାଳ ପଞ୍ଚାୟତର ଚିତ୍ର ନବଦଳିବାର କାରଣ ସରକାରୀ ବାବୁମାନଙ୍କର ଏହିପରି ଅବହେଳା ବୋଲି ଉପସ୍ଥିତ ଥିବା ପଞ୍ଚାୟତର ବୁଦ୍ଧିରାମ ପୂର୍ତ୍ତି, ରାଉତ ହୋ, ସାଉଁରୀ ପୂର୍ତ୍ତି, ମାନି ପୂର୍ତ୍ତି, ପାଲ ହୋ, ରିତା ସୋରେନ୍, ସୁନାରାମ ପୂର୍ତ୍ତି, ସାଧ ହୋ, ପ୍ରଫୁଲ ହୋ, ରାମଚନ୍ଦ୍ର ଟୁଡୁ, ସାଇମନ ହୋ, ବାମିଆ ହୋ, ନନ୍ଦିନି ସଏ, ପଦ୍ମିନୀ ହାଇବୁରୁ, ହେମନ୍ତ ମାଝୀ, ବାଇଧର ନାଇକ, ମଙ୍ଗଲୁ ବିନିସିଆ, ସୁଶାନ୍ତ ନାଇକ, ଦ୍ରୌପଦୀ ମାଣିକ ପ୍ରମୁଖ ଶତାଧିକ ମହିଳା ଅଭିଯୋଗ ଆଣିଛନ୍ତି।

# ଉଦଳାର ବିଭିନ୍ନ ସମସ୍ୟା ନେଇ ଗର୍ଜିଲା ବିଜେଡି

ଉଦଳା,୨୩।୬(ସମିସ): ଉଦଳାର ବିଭିନ୍ନ ସମସ୍ୟାକୁ ନେଇ ଦାବି ଉଠାଇଲା ବିଜେଡି। ଯାହାକୁ ନେଇ ଆଜି ଉଦଳା ବିଜେଡି ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ପୂର୍ବତନ ବିଜେଡି ବିଧାୟକ ଶ୍ରୀନାଥ ସୋରେନ ଏହି ସମ୍ମିଳନୀର ଆୟୋଜନ କରିଥିବା ବେଳେ ଆଜି ବି ବିଭିନ୍ନ ସମସ୍ୟାରେ ଉଦଳା ବାସିନ୍ଦା ଜର୍ଜରିତ ବୋଲି ଅଭିଯୋଗ ଆଣିଛି ବିଜେଡି। ବିଶେଷକରି ଉଦଳା-କପ୍ତିପଦାକୁ ରେଳ ଲାଇନ ସଂଯୋଗ, ଉଦଳା ମେଡିକାଲକୁ ଜିଲ୍ଲା ମେଡିକାଲ ଘୋଷଣା, ଉଦଳାରେ ସେଣ୍ଟ୍ରାଲ ସ୍କୁଲ, ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା, ନୀଳଗିରିରୁ ବାରିପଦା ଭାୟା ଉଦଳା, କପ୍ତିପଦା ହୋଇ ଜାତୀୟ ରାଜପଥ ନିର୍ମାଣ, ଶୀତଳ ଭଣ୍ଡାର ନିର୍ମାଣ ଭଳି ବିଭିନ୍ନ ଦାବି ରଖିଛି ବିଜେଡି। ଏହା ସହିତ ଏହି ଦାବି ସମୂହ ପୂରଣ ନ ହେଲେ ଆଗାମୀ ଦିନରେ ବିଜେଡି ଏହି ମୁଦ୍ଦାକୁ ନେଇ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପୂର୍ବତନ ବିଧାୟକ ଶ୍ରୀ ନାଥ ସୋରେନଙ୍କ ନେତୃତ୍ୱରେ ଆଜିକାର ସାମ୍ବାଦିକ ସମ୍ମିଳନ ଅନୁଷ୍ଠିତ ହୋଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ମନୋଜ ମହାନ୍ତି, ବନମାଳି ବେହେରା, ସୌଭାଗ୍ୟ କୁମାର ସାହୁ, ଅମିୟ କୁମାର ବଳ, ନରେନ୍ଦ୍ର ମୋହନ ରାଉତ, ଶଶଧର ସ୍ୱାଇଁ, ଉଦଳା ବ୍ଲକ ସଭାପତି ଗୋବିନ୍ଦ ଚନ୍ଦ୍ର ନାୟକ, ଗୋପବନ୍ଧୁ ନଗର ବ୍ଲକ୍ ସଭାପତି ସତ୍ୟବାନ ଉପାଧ୍ୟାୟ, କପ୍ତିପଦା ବ୍ଲକ୍ ସଭାପତି ପ୍ରଶାନ୍ତ କୁମାର ବେହେରା, ଉଦଳା ଏନ୍ଏସି ଉପାଧ୍ୟକ୍ଷ ଲିଲି ଭୋଳ, ନାରୀ ନେତ୍ରୀ ବିଜୟା ବାରିକ ,କାଉନସିଲର ଭାରତୀ ପାତ୍ର, ଯମୁନା ହେମ୍ବ୍ରମ୍, ଯୁବ ନେତା ଆଶିଷ କୁମାର ଦାସ, ଶୈଳେଶ କୁମାର ବିଶ୍ୱାଳ, ବୀଣାକାର ମହାପାତ୍ର, ଭବାନୀଶଙ୍କର ମହାନ୍ତ, ପ୍ରମୁଖ ଯୋଗ ଦେଇଥିଲେ। ଚିତ୍ତରଞ୍ଜନ ବାରିକ୍, ପାଗାନ ମୁର୍ମୁ, ମାୟାଧର ନାଏକ, ପ୍ରତାପ ଚନ୍ଦ୍ର ବେହେରା, ମୁଚିରାମ ବେଶ୍ରା ସହଯୋଗ କରିଥିଲେ।




# ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ; ଯୁବକ ଗିରଫ

ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳର ଜଣେ ଯୁବକ ସୋମବାର ବିଳମ୍ବିତ ରାତ୍ରୀରେ ପଡ଼ୋଶୀ ମହିଳାଙ୍କୁ ଦୁଷ୍କର୍ମ ଉଦ୍ୟମ କରିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ରଜତ୍ ଓରଫ ପିକୁନ(୩୦)କୁ ମଙ୍ଗଳବାର ପାଟଣା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ପିକୁନ ପଡୋଶୀ ସାହିର ଜଣେ ବିବାହିତା ମହିଳା ଦାଣ୍ଡ ଘରେ ଥିବା ବେଳେ ଦୁଷ୍କର୍ମ ଉଦ୍ୟମ କରିଥିଲା। ଏନେଇ ମହିଳାଙ୍କ ପରିବାର ଲୋକେ ମଙ୍ଗଳବାର ପାଟଣା ଥାନାରେ ଅଭିଯୋଗ କରିବା ପରେ ପାଟଣା ପୁଲିସ ଉଭୟଙ୍କ ଡ଼ାକ୍ତରୀ ପରୀକ୍ଷା କରିବା ସହ ପିକୁନକୁ କୋର୍ଟ ଚାଲାଣ କରିଥିବା ଥାନାଧିକାରୀ କିରଣ ପ୍ରାସାଦ ସାହୁ କହିଛନ୍ତି।



# ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ

ହାଟଡ଼ିହୀ,୨୩।୬(ସମିସ): ସୋସୋ ଥାନା ଅଧୀନସ୍ଥ ବାଲିଆ କେନାଲ ନିକଟରେ ଏକ ଅଜଣା ମୃତଦେହ ଠାବ ହୋଇଛି। ଆଜି ସନ୍ଧ୍ୟା ସମୟରେ ଉକ୍ତ ମହିଳାଙ୍କ ମୃତଦେହ ଜବତ କରି ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ପଠାଇ ତଦନ୍ତ ଜାରି ରଖିଛି।

# ଲିଙ୍କ୍ ଫେଲ୍; ଗ୍ରାହକ ହନ୍ତସନ୍ତ

ତୁରୁମୁଙ୍ଗା, ୨୩।୬(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ତୁରୁମୁଙ୍ଗାସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଗତ ଦୁଇ ଦିନ ଧରି ଲିଙ୍କ ଫେଲ ସମସ୍ୟା ଯୋଗୁଁ ଅସୁବିଧାରେ ପଡ଼ିଛନ୍ତି ଶତାଧିକ ଗ୍ରାହକ। ମଙ୍ଗଳବାର ବ୍ୟାଙ୍କ ଫାଟକରେ 'ନୋ ଲିଙ୍କ' ବୋଲି ସୂଚନା ଫଳକ ଲଗାଯାଇଥିବା ବେଳେ ଟଙ୍କା ଉଠାଇଣ ଓ ଜମା କରିବା ପାଇଁ ଗ୍ରାହକମାନେ ଘଣ୍ଟା ଘଣ୍ଟା ଅପେକ୍ଷା କରି ହନ୍ତସନ୍ତ ହୋଇଛନ୍ତି। ବିଶେଷ କରି ଭତ୍ତା ଟଙ୍କା ଏବଂ ନିଜ ଜମା ରାଶି ଉଠାଇବାକୁ ଆସିଥିବା ବୃଦ୍ଧବୃଦ୍ଧା ଅଧିକ ହଇରାଣ ହେଉଛନ୍ତି। ସମସ୍ୟାର ସମାଧାନ ପାଇଁ ଗ୍ରାହକମାନେ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଦାବି କରିଥିବା ବେଳେ ମ୍ୟାନେଜରଙ୍କ ଅନୁପସ୍ଥିତିକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଛି। ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ କହିବାନୁଯାୟୀ, ଏକ ଯାନ୍ତ୍ରିକ ତ୍ରୁଟି ଏବଂ ଶୀଘ୍ର ସେବା ସ୍ୱାଭାବିକ କରିବାକୁ ପଦକ୍ଷେପ ନିଆଯାଉଛି। ତେବେ, ମଧ୍ୟାହ୍ନ ବ୍ୟାଙ୍କ ସେବା ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି।



# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, ଆଉ ଜଣେ ଗୁରୁତର

ବେତନଟୀ,୨୩।୬(ସମିସ): ବାଲେଶ୍ୱର ଜିଲ୍ଲା ରେମୁଣା ଗୋଲେଇସ୍ଥିତ ଜାତୀୟ ରାଜପଥ ଉପରେ ସୋମବାର ଅପରାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ବେତନଟୀ ଅଞ୍ଚଳର ଜଣେ ଯୁବକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମୃତକ ହେଉଛନ୍ତି ବେତନଟୀ ଉପକଣ୍ଠ ସଠିଲୋ ଗ୍ରାମର ସ୍ୱର୍ଗତ କନ୍ଦର୍ପ ବେହେରାଙ୍କ ପୁତ୍ର ଅଶ୍ୱପତି ବେହେରା (୨୬)। ଆହତ ଯୁବକ ହେଉଛନ୍ତି ସଠିଲୋ ଗ୍ରାମର କୁଞ୍ଜବିହାରୀ ସାହୁଙ୍କ ପୁତ୍ର ଲକ୍ଷ୍ମଣ ସାହୁ। ଉଭୟେ ବସନ୍ତ ବେହେରାଙ୍କ ପୁତ୍ର ଶିଶିର ବେହେରା। ଓଡି-୧୧ଏକେ-୪୪୭୨ ନମ୍ବର ବାଇକ୍‌ରେ ବାଲେଶ୍ୱରରୁ କାମ ସାରି ବେତନଟୀ ଫେରୁଥିଲେ। ରେମୁଣା ଗୋଲେଇ ନିକଟରେ ଏକ ଟ୍ରେଲର୍ ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ ଅଶ୍ୱପତିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ଲକ୍ଷ୍ମଣ ଗୁରୁତର ଆହତ ହୋଇଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ଲକ୍ଷ୍ମଣଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତାଙ୍କର ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୁଲିସ୍ ଘଟଣାର ତଦନ୍ତ ଚଳାଇଛି ଏବଂ ଟ୍ରେଲର୍ ଚାଳକଙ୍କୁ ଚିହ୍ନଟ କରିବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଅଶ୍ୱପତିଙ୍କ ଅକାଳ ମୃତ୍ୟୁରେ ସଠିଲୋ ଓ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ଉଦ୍ଧାର ଶିଶୁପୁତ୍ରଙ୍କୁ ଅଭିଭାବକଙ୍କୁ ହସ୍ତାନ୍ତର କଲା ପୁଲିସ

ମହୁଲଡିହା,୨୩।୬(ସମିସ): ମାନସିକ ବିକୃତ ଏକ ଶିଶୁପୁତ୍ରକୁ ୨୩ ତାରିଖ ରାତିରେ ଉଦ୍ଧାର କରିଛି ମହୁଲଡିହା ଥାନା ପୁଲିସ। ସୂଚନା ଅନୁସାରେ ୨୨ ତାରିଖ ୯ ଟାରେ ମହୁଲଡିହା ପଞ୍ଚାୟତ ରାଇଡିହା ଗ୍ରାମର ଅଙ୍ଗନବାଡି ଦିଦି ପିଲାର ଲକ୍ଷଣ ଅନୁଧ୍ୟାନ କରି ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସକୁ ଖବର ଦେଇଥିଲେ। ମହୁଲଡିହା ଥାନା ଆଇଆଇସି ତୁଷାର ନାୟକ ପିଲାଟିକୁ ଉଦ୍ଧାର କରି ବ୍ଲକ ପ୍ରଶାସନ ସହିତ କଥା ହୋଇ ସାତକୋଶିଆ ଆଶ୍ରମ ବିଦ୍ୟାଳୟରେ ରାତିରେ ରଖିଥିଲେ। ବିଡିଓ ସ୍ୱପ୍ନେଶ୍ୱର ବେହେରା ଜିଲ୍ଲାପାଳ ହେମକାନ୍ତ ସୟଙ୍କ ସହିତ ଆଲୋଚନା କରିଥିଲେ। କଥା ଅନୁସାରେ ଚାଇଲ୍ଡ ହେଲ୍ପ ଲାଇନ ବାରିପଦାରୁ ଆସି ୨୩ ତାରିଖ ସକାଳେ ନେଇଯିବେ ବୋଲି ପ୍ରଧାନ ଶିକ୍ଷକ ଭୁବନ କୁମାର ପାତ୍ରଙ୍କୁ ପୁଲିସ କହିଥିଲେ। ଅପରାହ୍ନରେ ସିଡିପିଓ ପ୍ରେମଲତା ସେଠୀ ପିଲାଟିକୁ ଥଇଥାନ ପାଇଁ କୁରୁଳିଆ ନେଇଥିଲେ। ଏହି ସମୟରେ ବନ୍ତ ଥାନା ଦେଗଡି ଗ୍ରାମର ସୁଶାନ୍ତ ଜେନାଙ୍କ ପୁଅ କୃଷ୍ଣା (୭) ବର୍ଷ ଗତକାଲି ନିରୁଦ୍ଦିଷ୍ଟ ଥିବା ଥାନା ଅଧିକାରୀଙ୍କୁ ଅବଗତ ହେଲା। ଆ ଇ ଆ ଇ ସି ଙ୍କ କଥା ଅନୁସାରେ ସିଡିପିଓ ପିଲାକୁ ଥାନାକୁ ହସ୍ତାନ୍ତର କରିଥିଲେ। ବନ୍ତ ଥାନା ପୁଲିସ ସହିତ ଅଭିଭାବକ ସନ୍ଧ୍ୟା ପ୍ରାୟ ୮ଟାରେ ଥାନାକୁ ଆସି ପିଲାଟିକୁ ନେଇ ଯାଇଥିଲେ। ବନ୍ତ ଥାନାରେ ୨୦୦/୨୬ ରେ ଏକ ପିଲା ନିରୁଦ୍ଧିଷ୍ଟ ଥିବା ଜଣାପଡିଛି। କ୍ରିଷ୍ଣାର ବାପା ଚେନ୍ନାଇରେ କାମଦାମ କରନ୍ତି। ପିଲାର ମାଉସା ସୁଶାନ୍ତ ଜେନା, ମାଉସୀ ମାନସି ଜେନା ଓ ଭଉଣୀ ଲକ୍ଷ୍ମୀ ପ୍ରିୟା ଜେନା ଙ୍କୁ ଥାନାଧିକାରୀ ପିଲାକୁ ହସ୍ତାନ୍ତର କରାଯାଇଛି।




# ପଦ୍ମଶ୍ରୀ ପାଇଲେ ଚରଣ ହେମ୍ବ୍ରମ୍

ରାଇରଙ୍ଗପୁର,୨୩।୪(ସମିସ): ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଜୀବନ ବ୍ୟାପି ଅବଦାନ ପାଇଁ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ପୂର୍ବ ଘୋଷଣା ଅନୁସାରେ ରାଷ୍ଟ୍ରପତି ଭବନରେ ମଙ୍ଗଳବାର ଆୟୋଜିତ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଛନ୍ତି। ଲେଖକ ଶ୍ରୀ ହେମ୍ବ୍ରମ୍ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ। ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ପୁରୁଣାଘାଟି ସ୍ଥିତ ନୂଆ ଗାଁ ଗ୍ରାମରେ ୧୯୫୨ ମସିହା ଫେବୃଆରୀ ୯ ତାରିଖରେ ସାନ୍ତାଳୀ ସମ୍ପ୍ରଦାୟରେ ସେ ଜନ୍ମ ଗ୍ରହଣ କରିଥିଲେ। ୧୯୭୧ ମସିହାରେ ମେଟ୍ରିକ ପାସ କରିବା ପରେ ଶିକ୍ଷକତା ନେଇ ତାଲିମ ଗ୍ରହଣ କରିଥିଲେ। ଏହାପରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ। ବିଭିନ୍ନ ସ୍ଥାନରେ ତାଲିମ ଗ୍ରହଣ କରିବା ପରେ ଆସେକା ସାଂସ୍କୃତିକ ସହ ଜଡ଼ିତ ହୋଇଥିଲେ। ତାହାର ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱରେ ରହି ଆଦିବାସୀ ଭାଷା, ସଂସ୍କୃତି ଆଦି ବିକାଶ ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ। କଟକ ସ୍ଥିତ ଅଲ୍ ଇଣ୍ଡିଆ ରେଡିଓରେ ମଧ୍ୟ ସେ ନିଜର ପରିଚୟ ପ୍ରତିପାଦନ କରିଥିଲେ। ସାନ୍ତାଳୀ ଭାଷାର ପ୍ରସାର ନିମନ୍ତେ ଅନେକ ପ୍ରୟାସ କରିଥିବା ବେଳେ ସାନ୍ତାଳୀ ଭାଷା ରଥ କାର୍ଯ୍ୟକ୍ରମରେ ଜଡିତ ହୋଇ ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲେ। ଆଦିବାସୀ ଭାଷା, ସାହିତ୍ୟ ଓ ସଂସ୍କୃତି ଆଗେଇ ନେବାକୁ ତାଙ୍କର ଅସାଧାରଣ ଅବଦାନକୁ ନେଇ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବା ନେଇ ଗତ ଜାନୁଆରୀରେ ଘୋଷଣା କରାଯାଇଥିଲା। ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅଞ୍ଚଳର ବୋଲି ଜଣାପଡ଼ିଛି।



ଦ୍ୱିତୀୟ ଶ୍ରୀକ୍ଷେତ୍ର ରଥଯାତ୍ରାର ଦ୍ୱିତୀୟ ପ୍ରସ୍ତୁତି ବୈଠକ

# ସୁରକ୍ଷିତ ଓ ଶୃଙ୍ଖଳିତ ରଥଟଣାକୁ ଗୁରୁତ୍ୱ


- ରଥକାଠ ଅଭାବ ପୂରଣ ପାଇଁ ବ୍ୟାପକ ବନୀକରଣ ପ୍ରସ୍ତାବ
- ୪ଜୋନରେ ବଡ଼ଦାଣ୍ଡ ସୁରକ୍ଷା

ବାରିପଦା,୨୩।୬(ସମିସ)

ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାର ଶ୍ରୀଶ୍ରୀ ହରିବଳଦେବଜିଉ ବିଜେଙ୍କ ରଥଯାତ୍ରା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାପାଳ ହେମକାନ୍ତ ସଏ ଅଧ୍ୟକ୍ଷତା କରିଥିଲେ। ଏଥିରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ, ଅତିରିକ୍ତ ଜିଲ୍ଲାପାଳ ଈଶ୍ୱର ନାଏକ ଓ ଉପଜିଲ୍ଲାପାଳ ତଥା ଦେବତ୍ତୋର ଅଧିକାରୀ କସ୍ତୁରୀ ପଣ୍ଡା ଉପସ୍ଥିତ ରହି ଜଗନ୍ନାଥ ମନ୍ଦିର, ଅନ୍ୟ ମଠ, ମନ୍ଦିର ପରିଚ୍ଛା, ପୁରୋହିତ, ସମସ୍ତ ପୂଜକ, ଦେବତ୍ତୋର ଓ ଅନ୍ୟ ବିଭାଗର ଅଧିକାରୀଙ୍କ ସମେତ ବିଭିନ୍ନ ସଙ୍ଗଠନ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଛନ୍ତି। ଦ୍ୱିତୀୟ ଶ୍ରୀକ୍ଷେତ୍ର ଶ୍ରୀଶ୍ରୀ ହରିବଳଦେବ ଜୀଉ ମନ୍ଦିରରେ ଆସନ୍ତା ଜୁଲାଇ ୧୩ରେ ଅଧିବାସ, ୧୪ରେ ନେତ୍ରୋତ୍ସବ, ୧୫ରେ ଉଭାଯାତ୍ରା, ୧୬ରେ ପହଣ୍ଡି ଏବଂ ୧୭ ଓ ୧୮ ଦୁଇ ଦିନ ଧରି ରଥଟଣା ୧୯ରେ ଗୁଣ୍ଡିଚା ମନ୍ଦିର ଆଡପ ମଣ୍ଡପ ବିଜେ ଓ ବେଶ ଦର୍ଶନ ଆରମ୍ଭ ହେବ। ୨୦ରେ ହେରା ପଞ୍ଚମୀ ଭେଟ, ୨୪ରେ ଦ୍ୱାରିକା ବେଶ, ଚକାଛଡା ନୀତି ଓ ବାହୁଡା ପହଣ୍ଡି, ୨୫ ଓ ୨୬ ଦୁଇ ଦିନ ଧରି ବାହୁଡା ରଥଟଣା ସମ୍ପନ୍ନ ପରେ ନୀଳାଦ୍ରି ବିଜେ ପହଣ୍ଡି କାର୍ଯ୍ୟ ଅନୁଷ୍ଠିତ ହେବ। ସେହିପରି ଜିଲ୍ଲାର ମାଣତ୍ରୀ ମନ୍ଦିର ଓ କାନ୍ଥ ମଠର ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଶ୍ରୀଗୁଣ୍ଡିଚା ଯାତ୍ରା ୧୬ତାରିଖ ଓ ବାହୁଡାଯାତ୍ରା ୨୪ରେ ଅନୁଷ୍ଠିତ ହେବ। ରାସଗୋବିନ୍ଦପୁର ଖୁଣ୍ଟା ଶ୍ରୀ ରଘୁନାଥ ଜୀଉ ମଠରେ ଶ୍ରୀଗୁଣ୍ଡିଚା ଯାତ୍ରା ୧୬ ଓ ୧୭ରେ ହେବାକୁ ଥିବା ବେଳେ ବାହୁଡା ଯାତ୍ରା ୨୪ ଓ ୨୫ରେ ଅନୁଷ୍ଠିତ ହେବ। ମଙ୍ଗଳପୁର ମଠରେ ୧୭ ତାରିଖ ଶ୍ରୀଗୁଣ୍ଡିଚା ଓ ୨୫ତାରିଖ ବାହୁଡାଯାତ୍ରା ହେବ। ସେହିପରି ପ୍ରତାପପୁର ଦଧିବାମନଜିଉ ମନ୍ଦିର ଓ ଅମର୍ଦ୍ଦା ହରିବଳଦେବଜିଉ ମଠରେ ଶ୍ରୀଗୁଣ୍ଡିଚା ରଥଯାତ୍ରା ୧୭ ଓ ୧୮ ଏବଂ ବାହୁଡ଼ାଯାତ୍ରା ୨୫ ଓ ୨୬ରେ ଅନୁଷ୍ଠିତ ହେବ ଏବଂ ବାରିପଦା ସାନ ଜଗନ୍ନାଥ ମନ୍ଦିରରେ ଜୁଲାଇ ୧୮ ତାରିଖ ରଥଟଣା ଓ ୨୬ରେ ବାହୁଡାଯାତ୍ରା ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଥିଲା। ଚଳିତ ବର୍ଷ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା ଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ଏବଂ ଆଡପ ମଣ୍ଡପ ଦର୍ଶନ ନୀତିକାନ୍ତି ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ ହେବାକୁ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ରଥ ନିର୍ମାଣ ନିମନ୍ତେ କାଠର ଅଭାବକୁ ଦୃଷ୍ଟିରେ ରଖି ଜଗନ୍ନାଥ ମନ୍ଦିର ନାମରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର ବନୀକରଣ ପାଇଁ ବନବିଭାଗକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିରେ ଦେବତ୍ତୋର ବିଭାଗ ମଧ୍ୟ ସହାୟତା ପ୍ରଦାନ କରିବ ବୋଲି କହିଥିଲେ। ରଥଯାତ୍ରା ସମୟରେ ଶାନ୍ତି ଶୃଙ୍ଖଳା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ, ବ?ଦାଣ୍ଡକୁ ପରିଷ୍କାର ପରିଚ୍ଛନ୍ନ, ପରିମଳ ଓ ପାନୀୟ ଜଳ ବ୍ୟବସ୍ଥା, ରଥଯାତ୍ରା ସମୟରେ ସହରର ବିଭିନ୍ନ ସ୍ଥାନରେ ଆଲୋକ ବ୍ୟବସ୍ଥା, ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା, ହେଟେଲ ଓ ଜଳଖିଆ ଦୋକାନୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ମାନ ପରୀକ୍ଷା ଓ ଯାଞ୍ଚ ବ୍ୟବସ୍ଥା, ବଡ଼ଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରୟ ଉପରେ ନିଷେଧ, ରଥଟଣା ସମୟରେ ସିସିଟିଭି ବ୍ୟବସ୍ଥା ଉପରେ ସବିଶେଷ ଆଲୋଚନା ହୋଇଛି। ଚଳିତ ଥର ପ୍ରଥମ କରି ବଡ଼ଦାଣ୍ଡକୁ ୪ଟି ଜୋନରେ ବିଭକ୍ତ କରାଯାଇ ପ୍ରତି ଜୋନରେ ଜଣେ ଜଣେ ମାଜିଷ୍ଟ୍ରେଟଙ୍କ ଦ୍ୱାରା ସୁଉଚ୍ଚ ସ୍ଥାନରେ ଶିବିର ଖୋଲାଯାଇ ଶାନ୍ତିଶୃଙ୍ଖଳା ନିୟନ୍ତ୍ରଣ କରାଯିବ ବୋଲି ନିଷ୍ପତି ହୋଇଛି। ସେହିପରି ପ୍ରବଳ ଗରମକୁ ଦୃଷ୍ଟିରେ ରଖି ଅଂଶୁଘାତ ବା ଅସୁସ୍ଥ ଶ୍ରଦ୍ଧାଳୁଙ୍କ ଚିକିତ୍ସା ପାଇଁ ବଡ଼ଦାଣ୍ଡରେ ୧୫-୨୦ଶଯ୍ୟା ବିଶିଷ୍ଟ ୨-୩ଟି ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯିବ। ରଥଦାଣ୍ଡର ମରାମତି କରିବା ସହିତ ରଥ ଗଡିବା ଉପରେ ସବିଶେଷ ଆଲୋଚନା ହୋଇଥିଲା। ଶାନ୍ତିଶୃଙ୍ଖଳାର ସହିତ ରଥଯାତ୍ରା ସମାପନ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡା ବୋଲି ଉପସ୍ଥିତ ଅଧିକାରୀଗଣ ମତବ୍ୟକ୍ତ କରିଛନ୍ତି।







## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିରୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଦିନରେ

- ୧୭୯୩- ଫ୍ରାନ୍ସ ପ୍ରଥମ ଥର ପାଇଁ ରିପବ୍ଲିକାନ୍ ସମ୍ବିଧାନକୁ ଆପଣାଇଲା।
- ୧୯୧୮ - କାନାଡ଼ାର ମଣ୍ଟ୍ରିଲ୍ ଓ ଟରଣ୍ଟୋ ମଧ୍ୟରେ ଏୟାରମେଲ୍ ସେବା ଆରମ୍ଭ ହେଲା।
- ୧୯୮୨- ସୋଭିଏତ୍ ସଂଘ ସୋୟୁଜ୍ ଟି-୬ ଲଞ୍ଚ କଲା।
- ୧୯୬୬- ମୁମ୍ବାଇରୁ ନ୍ୟୁୟର୍କ ଯାଉଥିବା ଏୟାର ଇଣ୍ଡିଆ ବିମାନ ସ୍ୱିଜରଲ୍ୟାଣ୍ଡରେ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ପ୍ରାଣହାନି।

# ଚା’-ବିସ୍କୁଟ୍‌ରୁ ହୋଇପାରେ ମଧୁମେହ



ଅନେକ ଲୋକଙ୍କର ସକାଳେ ଉଠିବା ମାତ୍ରେ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସ ଥାଏ। ସେହିପରି ଯେଉଁମାନେ କେବଳ ଚା’ ପିଅନ୍ତି ଏସିଡିଟି ନ ହେବା ଆଶାରେ ଏହାସହ ବିସ୍କୁଟ୍ ଖାଇଥାନ୍ତି। ହେଲେ ଏଭଳି ଅଭ୍ୟାସ ମଧୁମେହର କାରଣ ହୋଇପାରେ। ଦିଲ୍ଲୀ ଏମ୍ସର ଏଣ୍ଡୋକ୍ରାଇନୋଲଜି ବିଭାଗର ପ୍ରଫେସର ଡା. ରାଜେଶ ଖଡ଼ଗାବତ ସକାଳୁ ଚା’-ବିସ୍କୁଟ୍ ଖାଇବା ଅଭ୍ୟାସକୁ ନେଇ ଲୋକଙ୍କୁ ସତର୍କ କରାଇଛନ୍ତି। ସେ କହିଛନ୍ତି, ‘ବିସ୍କୁଟ୍‌ରେ ଲାକ୍‌ଟୋଜ ଏବଂ ଗ୍ଲୁକୋଜ୍ ଥାଏ। କିଛି ବିସ୍କୁଟ୍‌ରେ ଫ୍ଲେଭର୍ ବି ମିଶାଯାଇଥାଏ। ଏଥିରେ ଚିନି ଲୁଚିକରି ଥାଏ। ସେହିପରି କିଛି ବିସ୍କୁଟ୍‌ରେ କୃତ୍ରିମ ଶର୍କରା ବି ମିଶାଯାଏ। ଏହାକୁ ଖାଇବା ଦ୍ୱାରା କ୍ୟାଲୋରି ଏବଂ ଶରୀରରେ ଚର୍ବି ବୃଦ୍ଧି ପାଏ। ଏଭଳି ସ୍ଥିତିରେ ଚା’ ମିଠା ଥିଲେ ଏହା ଅଧିକ କ୍ଷତି ପହଞ୍ଚାଏ। ଖାଲି ପେଟରେ ଚା- ବିସ୍କୁଟ୍ ଖାଇବା ମଧୁମେହକୁ ନିମନ୍ତ୍ରଣ ଦେବା ସଦୃଶ। ଏହାକୁ ଖାଇବା ଦ୍ୱାରା ଶର୍କରା ସ୍ତର ବଢ଼ିଯାଏ। ଏଭଳି ସ୍ଥିତିରେ ସବୁଠୁ ଜରୁରି ହେଉଛି, ବିସ୍କୁଟ୍ ଖାଇବା ବେଳେ ଏହାର ଲେବଲ ପଢ଼ିବା ଏବଂ ତା’ ସହ ଏଥିରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ଜାଣିବା। ଯଦି ଏଥିରେ ଉଚ୍ଚ ଶର୍କରା, ପାମ୍ ତେଲ ଲେଖାଥାଏ, ତେବେ ଏହାକୁ ଖାଇବାଠୁ ଦୂରେଇ ରହିବା ଉଚିତ। ଏଭଳି ବିସ୍କୁଟ୍ ସ୍ୱାସ୍ଥ୍ୟ ଲାଗି ହାନିକାରକ।’ ତେଣୁ ସକାଳ ଜଳଖିଆରେ ବିସ୍କୁଟ୍ ନ ଖାଇବା ଭଲ। ଏହାକୁ ଖାଇଲେ ବି କିଛି ଲାଭ ନାହିଁ। ବିସ୍କୁଟ୍‌ରୁ ପ୍ରୋଟିନ କିମ୍ବା ପୋଷଣ କିଛି ନ ଥାଏ। ଏହା ବଦଳରେ ଚଣା, ମଖାନା ଖାଇବା ଶରୀର ପାଇଁ ଉତ୍ତମ। ଏଥିରେ ଶରୀରକୁ ପ୍ରୋଟିନ ମିଳେ ଏବଂ ଏସବୁ ସ୍ୱାସ୍ଥ୍ୟ ପାଇଁ ହିତକର।

## ଆଜି ପୁଣ୍ୟତିଥି

# ଜନସେବକ ନବକୃଷ୍ଣ ଚୌଧୁରୀ



ଓଡ଼ିଶା ଇତିହାସରେ ନବକୃଷ୍ଣ ଚୌଧୁରୀ ଜଣେ ନିଆରା ବ୍ୟକ୍ତିତ୍ୱ। ୧୯୫୦ରୁ ୧୯୫୬ ମସିହା ପର୍ଯ୍ୟନ୍ତ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ନିଜର ସରଳ ଜୀବନଯାପନ, ସ୍ପଷ୍ଟବାଦିତା ଏବଂ ତ୍ୟାଗପୂତ ରାଜନୀତି ପାଇଁ ସେ ଜନମାନସରେ ‘ନବବାବୁ’ ଭାବେ ବେଶ୍ ପରିଚିତ। ସେ ଜଗତସିଂହପୁର ଜିଲ୍ଲାର ଖେରସା ଗାଁରେ ୧୯୦୧ ମସିହା ନଭେମ୍ବର ୨୩ ତାରିଖରେ ଜନ୍ମଗ୍ରହଣ କରିଥିଲେ। ନବକୃଷ୍ଣ ପ୍ୟାରୀମୋହନ ଏକାଡେମୀରେ ୧୪ ବର୍ଷ ବୟସରେ ଶିକ୍ଷା ସମାପନ କରିଥିଲେ। ହାଇସ୍କୁଲ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇ ଉଚ୍ଚ ଶିକ୍ଷା ପାଇଁ ସେ ରେଭେନ୍ସା କଲେଜରେ ନାମ ଲେଖାଇଥିଲେ। ହେଲେ ପରାଧୀନ ଭାରତର ଦୁରବସ୍ଥା ତାଙ୍କୁ ସର୍ବଦା ବିଚଳିତ କରୁଥିଲା ଏବଂ ଅଧାରୁ ପାଠପଢ଼ା ଛାଡ଼ି ସେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଲେ। ସ୍ୱାଧୀନତା ସଂଗ୍ରାମ ସମୟରେ ଲବଣ ସତ୍ୟାଗ୍ରହ ଏବଂ ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରି ସେ ଅନେକ ଥର କାରାବରଣ କରିଥିଲେ। ଅଧାରୁ ଛାଡ଼ିଥିବା ଉଚ୍ଚଶିକ୍ଷା ସମାପନ ପାଇଁ ସେ ଶାନ୍ତି ନିକେତନ ଯାଇଥିଲେ। ସେଠାରେ ତାଙ୍କର ମାଳତୀ ସେନ୍‌ଙ୍କ ସହ ପରିଚୟ ହୋଇଥିଲା। ପରେ ଉଭୟ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ବିବାହ ପରେ ଦୁହେଁ ଆସି ଜଗତସିଂହପୁର ଅନ୍ତର୍ଗତ ତରିକୁଦ ଗ୍ରାମରେ ବାସ କରିଥିଲେ। ସେଠାରେ ସେମାନେ ସାଧାରଣ ଲୋକଙ୍କ ସହ ମିଶି କୃଷି କାର୍ଯ୍ୟ କରୁଥିଲେ, ଶିକ୍ଷା ଦେଉଥିଲେ, ସ୍କୁଲ ଚଳାଉଥିଲେ। କୃଷକ ଓ ସାଧାରଣ ଲୋକଙ୍କ ପାଇଁ ପ୍ରଥମେ ‘ସାରଥି’ ଏବଂ ତା ପରେ ‘କୃଷକ’ ନାମକ ପତ୍ରିକା ବାହାର କରିଥିଲେ। ଜମିଦାର ଘରେ ଜନ୍ମ ନେଇଥିବା ନବକୃଷ୍ଣ ତାଙ୍କର ସମସ୍ତ ଜମି ଭୂଦାନ ଆନ୍ଦୋଳନବେଳେ ଦାନ କରିଦେଇଥିଲେ। ୧୯୩୭ରେ ନୂତନ ଓଡ଼ିଶା ବିଧାନସଭା ନିର୍ବାଚନରେ ତିର୍ତ୍ତୋଲ ଏରସମା ନିର୍ବାଚନ ମଣ୍ଡଳୀରୁ ସେ ନିର୍ବାଚିତ ହେଲେ ମଧ୍ୟ ଦଳର ଆଦର୍ଶ ଅନୁଯାୟୀ, କୌଣସି ପଦବୀରେ ଅଧିଷ୍ଠିତ ହୋଇନଥିଲେ। ୧୯୪୬ରେ ମହତାବଙ୍କ ମନ୍ତ୍ରିମଣ୍ଡଳରେ ସାମିଲ୍ ହୋଇ ସେ ଓଡ଼ିଶାର ରାଜସ୍ୱ ମନ୍ତ୍ରୀ ହେଲେ। ୧୯୫୦ ମେ’ ମାସରୁ ୧୯୫୬ ମସିହା ଅକ୍ଟୋବର ମାସ ପର୍ଯ୍ୟନ୍ତ ପ୍ରାୟ ସାଢ଼େ ଛଅ ବର୍ଷ କାଳ ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଥିଲେ। ଏହି ସମୟ ଭିତରେ ଆଧୁନିକ ଓଡ଼ିଶାର ନିର୍ମାଣ ଭିତ୍ତି ସ୍ଥାପନ ହୋଇଥିଲା। ଭାଗଚାଷୀ ଆଇନ, ଜମିଦାରୀ ପ୍ରଥା ଉଚ୍ଛେଦ, ଜଗନ୍ନାଥ ମନ୍ଦିର ପରିଚାଳନା ନିମନ୍ତେ ଆଇନ, ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ପ୍ରଣୟନ ଭଳି ସେ ବହୁ ବଳିଷ୍ଠ ଓ ଜନହିତକର ପଦକ୍ଷେପ ନେଇଥିଲେ। ସେହିପରି ଓଡ଼ିଆ ଭାଷାକୁ ସରକାରୀ ଭାଷାର ମାନ୍ୟତା ଦେଇ ସେ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ଜଣେ ସାଧାରଣ ଚାଷୀ ଭଳି ଜୀବନ ବିତାଇ ଗରିବ ଓ ନିଷ୍ପେଷିତ ଲୋକଙ୍କ ସେବା କରିଥିଲେ। ୧୯୮୪ ମସିହା ଆଜିର ଦିନରେ ଏହି ମହାନ ଜନନାୟକଙ୍କର ପରଲୋକ ଘଟିଥିଲା।

# ‘କକ୍‌ଟେଲ୍’ ପାଇଁ ମନା କରିଥିଲେ ରଣବୀର



ରଣବୀର କପୁର ଏବଂ ଦୀପିକା ପାଦୁକୋନ୍ ଏଯାବତ୍ ତିନୋଟି ଫିଲ୍ମରେ ଏକାଠି କାମ କରିଛନ୍ତି। ଏହି ଯୋଡ଼ିଙ୍କର ଆଉ ଏକ ଫିଲ୍ମ ମଧ୍ୟ ଆସିବାର ଥିଲା, କିନ୍ତୁ ନିଜେ ରଣବୀର ଏହାକୁ କରିବାକୁ ମନା କରିଦେଇଥିଲେ। ଏହି ଫିଲ୍ମଟି ଥିଲା ‘କକ୍‌ଟେଲ୍’। ଏହା ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ୨୦୧୨ରେ ମୁକ୍ତିଲାଭ କରିଥିବା ‘କକ୍‌ଟେଲ୍’ ଚଳଚ୍ଚିତ୍ରରେ ଦୀପିକା, ଡାଏନା ପେଣ୍ଟି ଏବଂ ସୈଫ୍ ଅଲ୍ଲୀ ଖାନ୍‌ଙ୍କ ସହ ଲିଡ୍ ରୋଲରେ ନଜର ଆସିଥିଲେ। ସୈଫ୍ ଏହି ଚଳଚ୍ଚିତ୍ରରେ ‘ଗୌତମ’ ଚରିତ୍ରରେ ଅଭିନୟ କରିଥିଲେ। ହେଲେ ଗୌତମ ଚରିତ୍ର ପାଇଁ ସୈଫ୍ ପ୍ରଥମ ପସନ୍ଦ ନ ଥିଲେ। ଫିଲ୍ମ ପ୍ରଯୋଜକ ଏହି ଚରିତ୍ର ପାଇଁ ରଣବୀର କିମ୍ବା ଇମ୍ରାନ୍ ଖାନ୍‌ଙ୍କୁ ନେବାକୁ ଚାହୁଁଥିଲେ। ଉଭୟ କିନ୍ତୁ ଏହି ଫିଲ୍ମ କରିବାକୁ ମନା କରି ଦେଇଥିଲେ। ନିକଟରେ ଏକ ସାକ୍ଷାତକାର ସମୟରେ ସୈଫ୍ କହିଛନ୍ତି ଯେ, “ଏହି ଚଳଚ୍ଚିତ୍ର ପାଇଁ ଦୀପିକା ଏବଂ ଡାଏନାଙ୍କୁ ଚୟନ କରାଯାଇ ସାରିଥିଲା, କିନ୍ତୁ ନିର୍ମାତାମାନଙ୍କୁ ଚଳଚ୍ଚିତ୍ରର ମୁଖ୍ୟ ନାୟକ ଖୋଜିବାରେ ଅସୁବିଧା ହେଉଥିଲା, କାରଣ ‘ଭେରୋନିକା’(ଦୀପିକା)ଙ୍କ ଚରିତ୍ର ବହୁତ ଜବରଦସ୍ତ ଥିଲା। ମୋତେ ଲାଗୁଛି ଯେ, ସେମାନେ ଇମ୍ରାନ୍ ଏବଂ ରଣବୀରଙ୍କୁ ଏଥିପାଇଁ ଯୋଗାଯୋଗ କରିଥିଲେ। ଏଥିରେ ହିରୋଙ୍କର କିଛି ବିଶେଷ ଭୂମିକା ନାହିଁ ବୋଲି ଅନୁଭବ କରି ରଣବୀର ଓ ଇମ୍ରାନ୍ ଏହାକୁ ଛାଡ଼ି ଦେଇଥିଲେ। ମୋତେ ଏହି ଚରିତ୍ର ପାଇଁ ଯୋଗାଯୋଗ କରିବା ପରେ ମୁଁ କାମ କରିବା ପାଇଁ ରାଜିଥିଲି। ମୋତେ ଲାଗୁଛି ଯେ, ସେମାନେ ସମସ୍ତେ ମୋ ପାଖରେ ଏଥିପାଇଁ କୃତଜ୍ଞ ରହିବା ଉଚିତ ଯେ, ମୁଁ ଏହି ଚରିତ୍ରଟି କଲି।” ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ରଣବୀର ‘କକ୍‌ଟେଲ୍’କୁ ପ୍ରତ୍ୟାଖ୍ୟାନ କରିବା ସହିତ ଦୀପିକାଙ୍କୁ ମଧ୍ୟ ଏହି ଚଳଚ୍ଚିତ୍ରରେ କାମ ନ କରିବା ପାଇଁ ପରାମର୍ଶ ଦେଇଥିଲେ। ହେଲେ, ଦୀପିକା ତାଙ୍କ କଥା ନ ଶୁଣି ଏଥିରେ କାମ କରିବା ପାଇଁ ରାଜି ହୋଇ ଯାଇଥିଲେ। ଏହି ଚଳଚ୍ଚିତ୍ର ରିଲିଜ୍ ହେବା ପରେ ରଣବୀର ତାଙ୍କର ନିଷ୍ପତ୍ତି ଭୁଲ୍ ଥିଲା ବୋଲି ପରେ ସ୍ୱୀକାର କରିଥିଲେ।

## ସମ୍ଭାବନା



# ସାର୍ଟିଫିକେଟ୍ କିଭଳି ସାଇତି ରଖିବେ



**ସ୍କୁଲ ତଥା କଲେଜ ଦସ୍ତାବିଜଙ୍କୁ ସାଇତି ରଖିବା ଛାତ୍ର ଏବଂ ଅଭିଭାବକଙ୍କ ପାଇଁ ଏକପ୍ରକାର କଷ୍ଟକର କାମ ହୋଇଥାଏ। ତେବେ କିଛି ସହଜ ଉପାୟ ଆପଣାଇ ଏହି କାମକୁ ବ୍ୟବସ୍ଥିତ କରିପାରିବେ ଏବଂ ସବୁ କିଛି ଠିକ୍ ସ୍ଥାନରେ ରହିପାରିବ।**

ଆଜିର ସମୟରେ ପ୍ରତ୍ୟେକ କାମ ଟେକ୍ନୋଲୋଜି ମାଧ୍ୟମରେ ହେଉଛି। ଡିଜିଟାଲ ଉପାୟରେ ଫାଇଲକୁ ସେଭ୍ କରିବା ଉପଯୋଗୀ ହୋଇପାରେ। ଜରୁରି ଦସ୍ତାବିଜକୁ ସ୍କାନ କରି କମ୍ପ୍ୟୁଟର ତଥା କ୍ଲାଉଡ ଷ୍ଟୋରେଜରେ ଅଲଗା ଅଲଗା ଫୋଲଡର କରି ରଖନ୍ତୁ। ଏହା ଦ୍ୱାରା କାଗଜପତ୍ର ଖୋଜିବାକୁ ପଡ଼ିବ ନାହିଁ।

ରଙ୍ଗରେ କୋଡ୍ କରି ସ୍କୁଲ, କଲେଜ ଦସ୍ତାବିଜକୁ ବ୍ୟବସ୍ଥିତ ରଖିବାର ଏକ ସହଜ ଓ ପ୍ରଭାବୀ ଉପାୟ ବୋଲି କୁହାଯାଉଛି। ଅଲଗା ଅଲଗା ଜିନିଷ ଲାଗି ଭିନ୍ନ ଭିନ୍ନ ରଙ୍ଗ ବାଛିପାରିବେ। ଆସାଇନମେଣ୍ଟ, ସିଡ୍ୟୁଲ ଲାଗି ଅଲଗା, ଜରୁରି ସୂଚନା ଲାଗି ଭିନ୍ନ ରଙ୍ଗକୁ ବାଛିପାରିବେ। ଏହା ଦ୍ୱାରା ଏକଥା ବୁଝିବାରେ ସହଜ ହେବ, କେଉଁ ଦସ୍ତାବିଜ୍ ଆବଶ୍ୟକ।

ସ୍କୁଲ ଦସ୍ତାବିଜ ସିଷ୍ଟମକୁ ବ୍ୟବସ୍ଥିତ ରଖିବା ଲାଗି ଏକ ନିର୍ଦ୍ଧାରିତ ଦିନଚର୍ଯ୍ୟା ପ୍ରସ୍ତୁତ କରିବା ଉଚିତ। ଏ ଲାଗି ସପ୍ତାହରେ କିଛି ସମୟ ବାହାର କରି ନୂଆ କାଗଜପତ୍ରକୁ ଦେଖି ପୁରୁଣା ଦସ୍ତାବିଜକୁ ଅପଡେଟ୍ କରନ୍ତୁ। ଯାହାର ଆବଶ୍ୟକତା ନାହିଁ, ତାହାକୁ ହଟାଇ ଦିଅନ୍ତୁ।

ଦସ୍ତାବିଜକୁ ଭଲଭାବରେ ସମ୍ଭାଳିବା ପାଇଁ ଅନେକ ମୋବାଇଲ ଆପ୍ ଉପଲବ୍ଧ। ଏହି ଆପ୍ ସ୍ମାର୍ଟଫୋନ୍ , ଟାବଲେଟ୍‌ରୁ ସିଧା ଫାଇଲକୁ ସ୍କାନ କରିବା ସହିତ ସାଇତି ରଖେ। ଏପରିକି ସେୟାର କରିବା ସୁବିଧା ପ୍ରଦାନ କରେ।

# ପାଠପଢ଼ାରେ ଧ୍ୟାନ ବୃଦ୍ଧି ପାଇଁ...



ସାଧାରଣତଃ ପାଠ ପଢ଼ାରେ ପିଲାଙ୍କ ଧ୍ୟାନ ଭଗ୍ନ ଶୀଘ୍ର ହୋଇଯାଏ। ବର୍ତ୍ତମାନ ସମୟରେ ମୋବାଇଲ, ଟିଭି, ଭିଡିଓ ଗେମ୍, ସୋସିଆଲ ମିଡିଆ ସେମାନଙ୍କ ଧ୍ୟାନ ଉପରେ ପ୍ରଭାବ ପକାଉଛି। ପଢ଼ାରେ ଧ୍ୟାନ କେନ୍ଦ୍ରିତ କରିବା ଲାଗି ବ୍ରେନ ଏକ୍ସରସାଇଜ୍ କଲେ ଦୁଇ ମିନିଟ୍‌ରେ ପଢ଼ାରେ ମନ ଲାଗିବ।

**୫-୪-୩-୨-୧ ନିୟମ:** ପିଲାଙ୍କୁ ପାଞ୍ଚଟି ଜିନିଷ ଦେଖାନ୍ତୁ। ୪ଟିକୁ ସ୍ପର୍ଶ କରିବାକୁ କୁହନ୍ତୁ। ତିନିଟିର ଶବ୍ଦ ଶୁଣାନ୍ତୁ। ୨ଟି ସୁଗନ୍ଧ ଅନୁଭବ କରିବାକୁ କୁହନ୍ତୁ। ଗୋଟିଏର ସ୍ୱାଦ ବାରିବାକୁ କୁହନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କକୁ ଶାନ୍ତ କରେ ଏବଂ ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ମେମୋରି ଟ୍ରେ ଚ୍ୟାଲେଞ୍ଜ:** ଗୋଟିଏ ଟ୍ରେରେ ୮ରୁ ୧୦ଟି ଛୋଟ ଜିନିଷ ରଖନ୍ତୁ। ପିଲାଙ୍କୁ ୩୦ ସେକେଣ୍ଡ ପର୍ଯ୍ୟନ୍ତ ତାହାକୁ ଦେଖିବାକୁ ଦିଅନ୍ତୁ। ତା’ପରେ ଟ୍ରେକୁ ଘୋଡ଼ାଇ ଦିଅନ୍ତୁ। ଏବେ ପିଲାଙ୍କୁ ବସ୍ତୁର ନାଁ ପଚାରନ୍ତୁ। ଏହି ଏକ୍ସରସାଇଜ ମେମୋରି ଏବଂ ଧ୍ୟାନକୁ ମଜଭୁତ କରେ।

**ଖେଳରେ ଧ୍ୟାନ:** ପିଲାଙ୍କୁ ଛିଡ଼ା କରି ଡାହାଣ ହାତକୁ ବାମ ଗୋଡ଼ ଏବଂ ବାମ ହାତରେ ଡାହାଣ ଗୋଡ଼କୁ ଛୁଇଁବାକୁ କୁହନ୍ତୁ। ଏହାକୁ ୨-୨ ମିନିଟ୍ କରନ୍ତୁ। ଏହି ଏକ୍ସରସାଇଜ୍ ମସ୍ତିଷ୍କର ଦୁଇ ଭାଗ ମଧ୍ୟରେ ସମନ୍ୱୟ ବୃଦ୍ଧି କରେ। ଶିଖିବା କ୍ଷମତାକୁ ବିକଶିତ କରାଏ। ପିଲାଙ୍କୁ ଗୀତରେ ନାଚିବାକୁ କୁହନ୍ତୁ। ଗୀତ ବନ୍ଦ ହେବା ପରେ ସ୍ଥିର ହୋଇ ଛିଡ଼ା ହେବାକୁ କୁହନ୍ତୁ। ଏହି ଖେଳ ଆତ୍ମନିୟନ୍ତ୍ରଣ- ଧ୍ୟାନ କେନ୍ଦ୍ରିତ କରିବାରେ ସାହାଯ୍ୟ କରେ।

**ସ୍କ୍ରିନ୍ ଟାଇମ୍ ସୀମିତ କରନ୍ତୁ:** ପିଲାଙ୍କୁ ପର୍ଯ୍ୟାପ୍ତ ଶୋଇବାକୁ କୁହନ୍ତୁ। ପଢ଼ା ପାଇଁ ଶାନ୍ତ ବାତାବରଣ ସୃଷ୍ଟି କରନ୍ତୁ। ୨୦-୩୦ ମିନିଟ୍ ପଢ଼ା ପରେ ଛୋଟ ବ୍ରେକ୍ ନିଅନ୍ତୁ। ପୁଷ୍ଟିକର ଖାଦ୍ୟ ଏବଂ ଶାରୀରିକ କାଯ୍ୟକଳାପକୁ ପ୍ରୋତ୍ସାହିତ କରନ୍ତୁ। ସ୍କ୍ରିନ ଟାଇମ୍ ସୀମିତ କରନ୍ତୁ।

# କ୍ୟାରିୟର ପାଇଁ କମ୍ପ୍ୟୁଟର କୋର୍ସ



**ବର୍ତ୍ତମାନ ଯୁଗ ସମ୍ପୂର୍ଣ୍ଣ ଡିଜିଟାଲ। ଚାକିରି ହେଉ ଅବା ବ୍ୟବସାୟ ପ୍ରାୟ ପ୍ରତ୍ୟେକ ସ୍ଥାନରେ କମ୍ପ୍ୟୁଟର ଜ୍ଞାନ ଏବେ ଲୋଡ଼ା ପଡୁଛି। ଏଭଳି ସ୍ଥିତିରେ କମ୍ ସମୟରେ କମ୍ପ୍ୟୁଟର ଜ୍ଞାନ କୌଶଳ ଶିଖିବା ଜରୁରି। କାରଣ ଏହା କ୍ୟାରିୟରକୁ ନୂଆ ଦିଶା ପ୍ରଦାନ କରିବ। କିଛି କମ୍ପ୍ୟୁଟର କୋର୍ସ ଏଭଳି ଅଛି, ଯାହାକୁ ୬ ମାସରୁ ଆରମ୍ଭ କରି ବର୍ଷେ ଭିତରେ ପୂରା କରାଯାଇପାରିବ। ଏହା ମାଧ୍ୟମରେ ଭଲ ଚାକିରି ମଧ୍ୟ ମିଳିଥାଏ।**

**ଡିସିଏ:** ଡିପ୍ଲୋମା ଇନ୍ କମ୍ପ୍ୟୁଟର ଆପ୍ଲିକେସନ (ଡିସିଏ) ଏକ ଉତ୍ତମ କୋର୍ସ। ଏହି କୋର୍ସର ଅବଧି ମୁଖ୍ୟତଃ ୬ ମାସରୁ ବର୍ଷେ। ଏଥିରେ ଏମ୍ଏସ୍ ୱାର୍ଡ, ଏକ୍ସେଲ, ପାୱାର ପଏଣ୍ଟ, ଇଣ୍ଟରନେଟ୍ ଏବଂ କମ୍ପ୍ୟୁଟର ସମ୍ପର୍କରେ ଶିଖାଯାଏ। ଏହି କୋର୍ସର ଫି’ ଇନଷ୍ଟିଚ୍ୟୁଟ୍ ଅନୁସାରେ, ନିର୍ଦ୍ଧାରିତ ହୁଏ। କୋର୍ସ ପୂରା କରିବା ପରେ ଡାଟା ଏଣ୍ଟ୍ରି ଅପରେଟର, ଅଫିସ୍ ଆସିଷ୍ଟାଣ୍ଟ, କମ୍ପ୍ୟୁଟର ଟ୍ରେନର ଭାବେ କ୍ୟାରିୟର କରିପାରିବେ।

**ଟାଲି:** କମର୍ସ ଏବଂ ଆକାଉଣ୍ଟିଂରେ ଆଗ୍ରହ ରଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ଟାଲି କୋର୍ସ ଖୁବ୍ ଉତ୍ତମ। ଦଶମ ଏବଂ ଦ୍ୱାଦଶ ପରେ ଏହି କୋର୍ସ କରାଯାଇପାରିବ। ଏଥିରେ ବୁକ୍‌କିପିଂ, ଜିଏସ୍‌ଟି, ବିଲିଂ, ଇନଭେଣ୍ଟ୍ରି ମ୍ୟାନେଜମେଣ୍ଟ ଏବଂ ଆକାଉଣ୍ଟ ସହ ଜଡ଼ିତ ବିଷୟ ଉପରେ ଟ୍ରେନିଂ ପ୍ରଦାନ କରାଯାଏ। ଏହି କୋର୍ସ ପୂରା ହେବା ପରେ କମ୍ପାନି ଆକାଉଣ୍ଟ ବିଭାଗରେ ଚାକିରି ପାଇବା ଅବସର ବଢ଼ିଯାଏ।

**ସି++:** ପୋଗ୍ରାମିଂ ପ୍ରତି ଆଗ୍ରହ ଥିଲେ ସି++ ଏବଂ ସଫ୍ଟୱେର ଇଞ୍ଜିନିୟରିଂ କୋର୍ସ ଭଲ ବିକଳ୍ପ। ଏହି କୋର୍ସରେ ପୋଗ୍ରାମିଂ ଲାଙ୍ଗୁଏଜ, ସଫ୍ଟୱେର ଡେଭଲପମେଣ୍ଟ, ଆପ୍ଲିକେସନ ଡିଜାଇନିଂ ସମ୍ପର୍କିତ ଜ୍ଞାନ ପ୍ରଦାନ କରାଯାଏ। ଆଜିର ସମୟରେ ସଫ୍ଟୱେର ଡେଭଲପର ଏବଂ ଆପ୍ ଡେଭଲପରର ଚାହିଦା ଦ୍ରୁତ ଗତିରେ ବଢୁଛି। ଏହା ପରେ ଟେକ୍ନୋଲୋଜି ସେକ୍ଟରରେ କ୍ୟାରିୟରର ଅନେକ ରାସ୍ତା ଖୋଲିଯାଏ।

**ଇ-ବିଜନେସ୍:** ଡିଜିଟାଲ ଇଣ୍ଡିଆ ଏବଂ ଅନଲାଇନ ବିଜନେସର ଚାହିଦା ବଢୁଥିବାରୁ ସାଇବର ସିକ୍ୟୁରିଟି ଏବଂ ଇ-ବିଜନେସ ଏକ୍ସପର୍ଟଙ୍କ ଚାହିଦା ଦ୍ରୁତ ଗତିରେ ବଢୁଛି। ଏହି କୋର୍ସରେ ୱେବ୍‌ସାଇଟ ମ୍ୟାନେଜମେଣ୍ଟ, ଅନଲାଇନ ପେମେଣ୍ଟ ସିଷ୍ଟମ, ଡିଜିଟାଲ ବିଜନେସ ଅପରେସନ ଏବଂ ଇଣ୍ଟରନେଟ୍ ସୁରକ୍ଷା ସହିତ ଜଡ଼ିତ ବିଷୟ ଶିଖାଯାଉଛି। କୋର୍ସ ପୂରା ହେବା ପରେ ଡିଜିଟାଲ ମାର୍କେଟିଂ ଏଜେନ୍ସି, ଇ-କମର୍ସ କମ୍ପାନି ବା ସାଇବର କନସଲଟାଣ୍ଟ ଭାବେ ନିଜ କ୍ୟାରିୟର ଆରମ୍ଭ କରିପାରିବେ।

# ଜୁମ୍‌ର ନୂଆ ଟୁଲ୍

ଜୁମ୍ ତା’ର ନୂଆ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଟୁଲ୍ ‘ଜୁମ୍‌ମେଟ୍’କୁ ପରିଚିତ କରାଇଛି। ଏହି ଟୁଲ୍ ମିଟିଂକୁ ଧ୍ୟାନରେ ଶୁଣେ ଏବଂ ଏହାପରେ ଫଲୋ-ଅପ୍ କାମକୁ ସଙ୍ଗେ ସଙ୍ଗେ ନିଜେ କରିଦିଏ। ମିଟିଂରେ କୌଣସି ନିଷ୍ପତ୍ତି ନିଆଗଲେ ଏହି ଟୁଲ୍ ସଙ୍ଗେ ସଙ୍ଗେ ତାହା ଉପରେ କାମ କରିବା ଆରମ୍ଭ କରେ। ଏଇ ଯେମିତି ଟିକଟ୍ ତିଆରି କରିବା, ସେଲଫୋର୍ସକୁ ଅପଡେଟ କରିବା, ପ୍ରସ୍ତାବ ପ୍ରସ୍ତୁତ କରିବା ତଥା ଟିମ୍‌କୁ ଜରୁରି ତଥ୍ୟ ଦେବା।

ଏହା ଜୁମ୍‌ମେଟ୍ ସ୍ଲେକ୍, ଗୁଗଲ ୱାର୍କସ୍ପେସ୍, ମାଇକ୍ରୋସଫ୍ଟ ୩୬୫ ଏବଂ ଅନ୍ୟ ପରିଚିତ ଆପ ସହିତ ସହଜରେ ଯୋଡ଼ି ହୋଇଯାଏ। ଏହା କେବଳ ମିଟିଂର ସାରାଂଶ ପ୍ରଦାନ କରି ନ ଥାଏ , ବରଂ ଲାଇଭ୍ ମିଟିଂ ସମୟରେ ପ୍ରକୃତ କାମ କରିଥାଏ। ଏହା ଦରକାର ପଡ଼ିଲେ ଜରୁରି ଡାଟାକୁ ସାମ୍ନାକୁ ଆଣେ। ନଚେତ କଲ୍ କଟି ଯିବା ମାତ୍ରେ ହିଁ ଫଲୋ-ଅପ୍ ମେସେଜ ପଠାଇ ଦିଏ। ଏହି ଟୁଲ୍ ଜୁମ୍‌ର ପେଡ୍ ପ୍ଲାନ୍ ସହିତ ଆଡ୍‌ଅନ୍ ଭାବେ ମିଳିଥାଏ। ଏହା ଦ୍ୱାରା ବ୍ୟସ୍ତ ଟିମ୍‌କୁ କାମ କରିବା ଖୁବ୍ ସହଜ ହେବା କୁହାଯାଉଛି।








## ୧୬ତମ ଗୋଲ୍ ଦେବାରେ ଏମ୍‌ବାପେ ଦ୍ରୁତତମ

ଫିଲାଡେଲଫିଆ,୨୩।୬(ଏଜେନ୍ସି): ଏଠାରେ ସୋମବାର ଖେଳାଯାଇଥିବା ଇରାକ ବିପକ୍ଷ ବିଶ୍ୱକପ୍ ମ୍ୟାଚ୍‌ରେ ଫ୍ରାନ୍ସର ୨୭ ବର୍ଷୀୟ ତାରକା ଖେଳାଳି କିଲିଆନ୍ ଏମ୍‌ବାପେ ୨ଟି ଗୋଲ ସ୍କୋର କରିଛନ୍ତି। ଏହି ଡବଲ ଗୋଲ ବଳରେ ବିଶ୍ୱକପ୍‌ରେ ତାଙ୍କ ଗୋଲ ସଂଖ୍ୟା ୧୬ରେ ପହଞ୍ଚିଛି। ସେ ବିଶ୍ୱକପ୍‌ରେ ୧୬ତମ ମ୍ୟାଚ୍ ଖେଳି ୧୬ଟି ଗୋଲ ଦେବା ସହ ଜର୍ମାନୀର ମିରୋସ୍ଲାଭ୍ କ୍ଲୋଜଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। କ୍ଲୋଜ୍ ୨୪ଟି ଓ ସର୍ବକାଳୀନ ଟପ୍ ସ୍କୋରର ଆର୍ଜେଣ୍ଟିନାର ଲିଓନେଲ ମେସି ୨୭ତମ ମୁକାବିଲାରେ ୧୬ତମ ଗୋଲ ସ୍କୋର କରିଥିଲେ। କ୍ଲୋଜ୍ ୪ଟି ଓ ମେସି ୬ଟି ବିଶ୍ୱକପ୍ ସଂସ୍କରଣରେ ଖେଳିଛନ୍ତି। କିନ୍ତୁ ୨୦୧୮, ୨୦୨୨ ଓ ୨୦୨୬ରେ ଏମ୍‌ବାପେ ତୃତୀୟ ବିଶ୍ୱକପ୍ ଖେଳୁଛନ୍ତି। ସେ ଯେପରି ଖେଳୁଛନ୍ତି ଚଳିତ ବିଶ୍ୱକପ୍‌ରେ ମେସିଙ୍କୁ ଅତିକ୍ରମ କରି ଫିଫା ବିଶ୍ୱକପ୍‌ରେ ସର୍ବକାଳୀନ ଟପ୍ ଗୋଲ ସ୍କୋରର ହେବାର ରେକର୍ଡ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଫ୍ରାନ୍ସ ପକ୍ଷରୁ ସେ ମଧ୍ୟ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାରେ ସମର୍ଥ ହୋଇଛନ୍ତି ଓ ଏବେ ଦଳର ଅଧିନାୟକ ରହିଛନ୍ତି। ମେସି ୧୮, ଏମ୍‌ବାପେ ଓ କ୍ଲୋଜ୍ ୧୬ଟି ଲେଖାଏଁ, ବ୍ରାଜିଲ୍‌ର ରୋନାଲ୍ଡୋ ୧୫ଟି, ପଶ୍ଚିମ ଜର୍ମାନୀର ଗର୍ଡ ମୁଲର ୧୪ଟି ଗୋଲ ସ୍କୋର କରି ସର୍ବକାଳୀନ ସର୍ବାଧିକ ଗୋଲ ତାଲିକାରେ ଯଥାକ୍ରମେ ପ୍ରଥମରୁ ପଞ୍ଚମ ସ୍ଥାନରେ ରହିଛନ୍ତି।

## ରାଉଣ୍ଡ ୩୨ରେ ଆର୍ଜେଣ୍ଟିନା

ଡଲାସ, ୨୩।୬ (ଏଜେନ୍ସି): ଆର୍ଜେଣ୍ଟିନାର କିମ୍ବଦନ୍ତୀ ଫୁଟବଲ ଖେଳାଳି ଲିଓନେଲ ମେସି ତାଙ୍କ ଜ୍ୱାଜଲ୍ୟମୟ କ୍ୟାରିୟରରେ ଆଉ ଏକ ଐତିହାସିକ ବିଶ୍ୱ କୀର୍ତ୍ତିମାନ କରିଛନ୍ତି। ଫିଫା ବିଶ୍ୱକପ୍ ଇତିହାସର ସର୍ବକାଳୀନ ସର୍ବାଧିକ ଗୋଲ୍‌ସ୍କୋରର ହୋଇଛନ୍ତି ମେସି। ସୋମବାର ରାତିରେ ଏଠାରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଅଷ୍ଟ୍ରିଆ ମଧ୍ୟରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଜେ'ର ଏକ ମ୍ୟାଚରେ ମେସି ଏହି ବିଶ୍ୱରେକର୍ଡ କରିଛନ୍ତି। ମ୍ୟାଚରେ ମେସିଙ୍କ ଡବଲ୍ (୩୮ତମ ଓ ୯୫ତମ) ଗୋଲ୍ ବଳରେ ଆର୍ଜେଣ୍ଟିନା ୨-୦ରେ ବିଜୟୀ ହୋଇଥିଲା। ପୂର୍ବରୁ ଆଲ୍‌ଜେରିଆକୁ ପରାସ୍ତ କରିଥିବା ଆର୍ଜେଣ୍ଟିନା ୬ ପଏଣ୍ଟ ପାଇ ନକ୍‌ଆଉଟରେ ସ୍ଥାନ ଏକପ୍ରକାର ପକ୍କା କରିଛି।

### ୧୦୦ତମ ମ୍ୟାଚ୍‌ରେ କିଲିଆନ୍ ଏମ୍‌ବାପେଙ୍କ ଡବଲ ଗୋଲ୍

# ଇରାକ୍‌କୁ ହରାଇ ନକ୍‌ଆଉଟ୍‌ରେ ଫ୍ରାନ୍ସ

ଫିଲାଡେଲଫିଆ,୨୩।୬(ଏଜେନ୍ସି)

ସୁପରଷ୍ଟାର କିଲିଆନ୍ ଏମ୍‌ବାପେଙ୍କ ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଡବଲ ଗୋଲ୍ ସ୍କୋର କରିବା ଫଳରେ ଏଠାରେ ସୋମବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଆଇ'ର ଏକ ଲିଗ୍ ମ୍ୟାଚ୍‌ରେ ଫ୍ରାନ୍ସ ୩-୦ ଗୋଲରେ ଇରାକ୍‌କୁ ପରାସ୍ତ କରିଛି। ସେହିପରି ଅନ୍ୟତମ ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡଙ୍କ ଡବଲ ଗୋଲ ବଳରେ ନ୍ୟୁୟର୍କର ନ୍ୟୁ ଜର୍ସୀଠାରେ ଖେଳାଯାଇଥିବା ଗ୍ରୁପ୍‌ର ଅନ୍ୟ ଏକ ମ୍ୟାଚ୍‌ରେ ନରୱେ ୩-୨ ଗୋଲରେ ସେନେଗାଲ୍‌ଙ୍କୁ ହରାଇ ଦେଇଛି। ଏହା ଫଳରେ ଗ୍ରୁପ୍‌ରେ କ୍ରମାଗତ ବିଜୟ ସହ ୨ଥରର ଚାମ୍ପିଅନ୍ ଫ୍ରାନ୍ସ ଏବଂ ନରୱେ ଗ୍ରୁପ୍-ଆଇ'ରୁ ନକ୍‌ଆଉଟ ବା ରାଉଣ୍ଡ ଅଫ ୩୨ରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ହେବାକୁ ଥିବା ମୁକାବିଲା ପରେ ଗ୍ରୁପରେ କିଏ ପ୍ରଥମ ଓ କିଏ ଦ୍ୱିତୀୟ ସ୍ଥାନ ଅଧିକାର କରିବ ତାହା ସ୍ଥିର ହେବ। ଏହି ମ୍ୟାଚ୍‌ରେ ଡବଲ ଗୋଲ ଦେଇ ଫରାସୀ ତାରକା ଏମ୍‌ବାପେ ଫିଫା ବିଶ୍ୱକପ୍ ଇତିହାସରେ ୧୬ତମ ଗୋଲ ସ୍କୋର କରି ଦୀର୍ଘଦିନର ରେକର୍ଡଧାରୀ ମିରୋସ୍ଲାଭ୍ କ୍ଲୋଜ୍‌ଙ୍କ ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ତାଙ୍କ ପୂର୍ବରୁ ଅଷ୍ଟ୍ରିଆ ବିପକ୍ଷରେ ଡବଲ ଗୋଲ ସ୍କୋର କରିଥିବା ଆର୍ଜେଣ୍ଟିନାର ଲିଓନେଲ ମେସୀ ବିଶ୍ୱକପ୍ ଇତିହାସରେ ସର୍ବକାଳୀନ ସର୍ବାଧିକ ୧୮ଟି ଗୋଲ ଦେଇ ରେକର୍ଡ କରିଥିଲେ। ଫ୍ରାନ୍ସ ଓ ଇରାକ୍ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ର ପ୍ରଥମାର୍ଦ୍ଧ ପରେ ବର୍ଷା, ଘଡଘଡ଼ି ଯୋଗୁଁ ଦୀର୍ଘ ସମୟ ଖେଳ ବନ୍ଦ ରହିଥିଲା। ଚଳିତ ଫିଫା ବିଶ୍ୱକପ୍‌ରେ ଖରାପ ପାଗ ଯୋଗୁଁ ଖେଳ ବାଧାପ୍ରାପ୍ତ ହେବାରେ ଏହା ହେଉଛି ପ୍ରଥମ ମ୍ୟାଚ୍।



ନ୍ୟୁ ଜର୍ସି ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଇରାକ ବିପକ୍ଷ ମ୍ୟାଚ୍‌ରେ ଫ୍ରାନ୍ସ ଖେଳକୁ ନିୟନ୍ତ୍ରଣରେ ରଖି ଖେଳିଥିଲା। ଖେଳର ୧୪ତମ ମିନିଟ୍‌ରେ ଏମ୍‌ବାପେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ୍ ବଳରେ ପ୍ରଥମାର୍ଦ୍ଧ ଶେଷ ସୁଦ୍ଧା ଫ୍ରାନ୍ସ ୧-୦ ଗୋଲରେ ଆଗୁଆ ରହିଥିଲା। ଏହି ସମୟରେ ପ୍ରବଳ ବର୍ଷା ସହ ଘଡ଼ଘଡ଼ି ଓ ବଜ୍ରପାତ ହେବାରୁ ଖେଳ ବନ୍ଦ ରହିଥିଲା। ଏପରିକି ଖେଳାଳି ଓ କର୍ମକର୍ତ୍ତାମାନେ ସୁରକ୍ଷିତ ସ୍ଥାନକୁ ଚାଲିଯାଇଥିଲେ। ୧୩୦ ମିନିଟ୍ ଖେଳ ବନ୍ଦ ରହିବା ପରେ ମୁକାବିଲା ଆରମ୍ଭ ହୋଇଥିଲା। ଖେଳର ୫୪ତମ ମିନିଟ୍‌ରେ ଏମ୍‌ବାପେ ଦ୍ୱିତୀୟ ଓ ଚଳିତ ବିଶ୍ୱକପ୍‌ରେ ଚତୁର୍ଥ ଗୋଲ ସ୍କୋର କରିଥିଲେ। ଖେଳର ୬୬ମତ ମିନିଟ୍‌ରେ ଚଳିତବର୍ଷ ସର୍ବଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିବା ଓସ୍ମାନେ ଡେମ୍ବେଲେ ବିଶ୍ୱକପ୍‌ରେ ତାଙ୍କ ଖାତା ଖୋଲିଥିଲେ। ଇରାକ୍ ସେପରି କିଛି ଯୋଜନାବଦ୍ଧ ଆକ୍ରମଣ କରିପାରି ନ ଥିଲା। ଯେଉଁ କେତୋଟି ଆକ୍ରମଣ ରଚନା କରିଥିଲା ତାହାକୁ ଫ୍ରାନ୍ସର ଶକ୍ତିଶାଳୀ ରକ୍ଷଣଭାଗ ବିଫଳ କରିଦେଇଥିଲେ। ଯାହା ଫଳରେ ଦଳ ଗୋଲ ଦେବାକୁ ବଞ୍ଚିତ ହୋଇଥିଲା।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୨୪, ବୁଧବାର ରାତି |
| ସ୍ୱିଜରଲାଣ୍ଡ-କାନାଡା |
| ଭାଙ୍କୋଭର, ରାତି ୧୨.୩୦ |
| ବୋସ୍‌ନିଆ-କତାର |
| ସିଆଟଲ, ରାତି ୧୨.୩୦ |
| ମରକ୍କୋ-ହାଇତି |
| ଆଟଲାଣ୍ଟା, ରାତି ୩.୩୦ |
| ବ୍ରାଜିଲ-ସ୍କଟଲାଣ୍ଡ |
| ମିଆମି, ରାତି ୩.୩୦ |
| ଜୁନ୍-୨୫ ଗୁରୁବାର ସକାଳ |
| ଦ.କୋରିଆ-ଦ.ଆଫ୍ରିକା |
| ଗୌଦଲଜାରା, ସକାଳ ୬.୩୦ |
| ମେକ୍ସିକୋ-ଚେକିଆ |
| ମେକ୍ସିକୋ ସିଟି, ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

### ହଲାଣ୍ଡଙ୍କ ଡବଲ ଗୋଲ

## ତୃତୀୟଥର ଲାଗି ନକ୍‌ଆଉଟରେ ନରୱେ

ନ୍ୟୁୟର୍କ, ୨୩।୬ (ଏଜେନ୍ସି): କ୍ରମାଗତ ଦ୍ୱିତୀୟ ବିଜୟ ସହ ନରୱେ ଚଳିତ ଫିଫା ବିଶ୍ୱକପ୍‌ର ନକ୍‌ଆଉଟ୍ ଅର୍ଥାତ୍ ରାଉଣ୍ଡ-୩୨ରେ ପ୍ରବେଶ କରିଛି। ମଙ୍ଗଳବାର ଭୋର ସମୟରେ ସ୍ଥାନୀୟ ନ୍ୟୁଜର୍ସି ଷ୍ଟାଡିୟମରେ ଅନୁଷ୍ଠିତ ଗ୍ରୁପ୍-ଆଇ'ର ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ନରୱେ ୩-୨ ଗୋଲରେ ସେନେଗାଲ୍‌କୁ ପରାସ୍ତ କରିଥିଲା। ଦଳର ଷ୍ଟାର ଷ୍ଟ୍ରାଇକର ଏର୍ଲିଙ୍ଗ ହଲାଣ୍ଡ ଡବଲ୍ ଗୋଲ୍ ଦେଇ ନରୱେକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚରେ ୪-୧ ଗୋଲ୍‌ରେ ଇରାକକୁ ହରାଇଥିବା ନରୱେ ଏଥିସହ ୬ ପଏଣ୍ଟ ପାଇ ଫ୍ରାନ୍ସ ପଛକୁ ଦ୍ୱିତୀୟ ଦଳ ଭାବେ ଏହି ଗ୍ରୁପ୍‌ରୁ ରାଉଣ୍ଡ-୩୨କୁ ଯୋଗ୍ୟତା ଅର୍ଜନ କରିଛି। ନରୱେ ଏହାର ଶେଷ ମ୍ୟାଚରେ ଜୁନ ୨୭ରେ ଟେବୁଲ ଟପ୍ପର ଫ୍ରାନ୍ସକୁ ଭେଟିବ।

ନରୱେ ଓ ସେନେଗାଲ୍ ମଧ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ରହିଥିଲା। ତେବେ ପ୍ରଥମାର୍ଦ୍ଧର ଅନ୍ତିମ ମୁହୂର୍ତ୍ତରେ ମାର୍କସ ହୋଲମଗ୍ରୀନଙ୍କ ଗୋଲ୍ ବଳରେ ନରୱେ ଖାତା ଖୋଲିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଆହୁରି ସଂଘର୍ଷପୂର୍ଣ୍ଣ ଖେଳ ଦେଖିବାକୁ ମିଳିଥିଲା। ୪୮ତମ ମିନିଟରେ ହଲାଣ୍ଡଙ୍କ ଗୋଲ୍ ବଳରେ ନରୱେର ଅଗ୍ରଣୀ ୨-୦କୁ ବୃଦ୍ଧି ପାଇଥିଲା। ଏହାର ୫ ମିନିଟ୍ ସେନେଗାଲ୍‌ର ଇସମାଇଲ ସାର୍ ଦଳ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଫଳରେ ମ୍ୟାଚ୍ ୨-୧ ସ୍ଥିତିକୁ ଚାଲିଆସିଥିଲା। ତେବେ ପାଞ୍ଚ ମିନିଟ୍ ପରେ ପୁଣିଥରେ ହଲାଣ୍ଡଙ୍କ ଚମକ ଦେଖିବାକୁ ମିଳିଥିଲା। ହଲାଣ୍ଡ ବ୍ୟକ୍ତିଗତ ଦ୍ୱିତୀୟ ଓ ଦଳ ପାଇଁ ତୃତୀୟ ଗୋଲ୍ ଦେଇଥିଲେ। ଏହାପରେ ସେନେଗାଲ୍ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଆପ୍ରାଣ ଉଦ୍ୟମ କରିଥିଲା। ଇଞ୍ଜୁରୀ ଟାଇମ୍‌ରେ ଇସମାଇଲ ଆଉ ଏକ ଗୋଲ୍ କରିଥିଲେ ମଧ୍ୟ ସେନେଗାଲକୁ ୨-୩ ଗୋଲରେ ପରାଜୟରୁ ରକ୍ଷା କରିପାରି ନ ଥିଲେ। ବିଜୟ ସହ ନରୱେ ବିଶ୍ୱକପ୍ ଇତିହାସରେ ତୃତୀୟଥର ଲାଗି ନକ୍‌ଆଉଟ୍‌ରେ ପ୍ରବେଶ କରିଛି। ଦଳ ଏଥିପୂର୍ବରୁ ନରୱେ ୧୯୩୮ ଓ ୧୯୯୮ରେ ନକ୍‌ଆଉଟ୍ ଖେଳିଥିଲା।



## ଜୋର୍ଡାନକୁ ବିଦା କଲା ଆଲଜେରିଆ

ସାଣ୍ଟା କ୍ଲାରା,୨୩।୬(ଏଜେନ୍ସି): ନାଧୀର ବେନ୍‌ବୌଆଲୀ ଓ ଅମିନୋ ଗୌଇରୀଙ୍କ ଗୋଲ ବଳରେ ସାନ୍‌ଫ୍ରାନସିସ୍କୋ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଗ୍ରୁପ୍-ଜେ'ର ଏକ ଲିଗ୍ ମ୍ୟାଚ୍‌ରେ ଆଲଜେରିଆ ୨-୧ ଗୋଲରେ ଜୋର୍ଡାନକୁ ପରାସ୍ତ କରିଛି। ଦ୍ୱିତୀୟ ମୁକାବିଲାରୁ ପ୍ରଥମ ବିଜୟ ଫଳରେ ଆଲଜେରିଆ ନକ୍‌ଆଉଟକୁ ଉନ୍ନୀତ ହେବାର ଆଶା ଉଜ୍ଜୀବିତ ରଖିଛି। ସେହିପରି କ୍ରମାଗତ ମ୍ୟାଚ୍‌ରେ ହାରିଯିବା ପରେ ଡେବ୍ୟୁଟାଣ୍ଟ ଜୋର୍ଡାନ୍ ଚଳିତ ବିଶ୍ୱକପ୍ ଲିଗ୍ ବା ପ୍ରଥମ ପର୍ଯ୍ୟାୟରୁ ବିଦାୟ ନେଇଛି। ଏହି ମ୍ୟାଚ୍‌ଟି ଆଲଜେରିଆର ସମ୍ପୂର୍ଣ୍ଣ ନିୟନ୍ତ୍ରଣରେ ରହିଥିଲା। ସମସ୍ତ ବିଭାଗରେ ଆଲଜେରିଆର ଖେଳାଳିମାନେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। କିନ୍ତୁ ମ୍ୟାଚ୍‌ରେ ପ୍ରଥମ ଗୋଲ ଦେଇଥିଲା ଜୋର୍ଡାନ। ଖେଳର ୩୬ତମ ମିନିଟ୍‌ରେ ମୌସା ଅଲି ତମାରିଙ୍କ ପାସ ଗୋଲ ପୋଷ୍ଟ ସାମ୍ନାରେ ପଡ଼ିଥିଲା। ସେଠାରେ ଥିବା ନିଜାର ଅଲ ରାଶଦାନ କୌଣସି ତ୍ରୁଟି ନ କରି ନିଜ ଦେଶ ପକ୍ଷରୁ ପ୍ରଥମ ବିଶ୍ୱକପ୍ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧ ସୁଦ୍ଧା ଜୋର୍ଡାନ ୧-୦ରେ ଆଗୁଆ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଆଲଜେରିଆ ସବୁଥିରେ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ଖେଳର ୬୯ତମ ମିନିଟ୍‌ରେ ରିୟାଦ୍ ମାହେରାଜ୍‌ଙ୍କଠାରୁ ପାସ୍ ପାଇ ବଦଳ ଖେଳାଳି ନାଧିର ହେଡ୍‌ର ଜରିଆରେ ଗୋଲ ଶୁଝାଇ ଦେଇଥିଲେ। ଖେଳ ସମାନ ସ୍ତରକୁ ଆସିବା ପରେ ଆଲଜେରଆ ଘନ ଘନ ଆକ୍ରମଣ କରିଥିଲା। ଜୋର୍ଡାନ ମଧ୍ୟ ଏହି ସମୟରେ ସଂଘର୍ଷ କରିଥିଲା। ଏଥିରୁ ଫାଇଦା ଉଠାଇ ୮୨ତମ ମିନିଟ୍‌ରେ ଆମିନେ ଗୌଇରୀ ଦ୍ରୁତଗତିରେ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଶେଷଭାବେ ଏହି ଉତ୍ତର ଆଫ୍ରିକୀୟ ଦଳ ଖେଳକୁ ନିୟନ୍ତ୍ରଣରେ ରଖିବା ସହ ପୂରା ନ ପଏଣ୍ଟ ପାଇ ଦ୍ୱିତୀୟ ରାଉଣ୍ଡକୁ ଯିବାର ଆଶା ଉଜ୍ଜୀବିତ ରଖିଛି।

## ପ୍ରୋ-ଲିଗ୍ ହକି: ଭାରତଠାରୁ ହାରିଲା ପାକିସ୍ତାନ

ଲଣ୍ଡନ,୨୩।୬(ଏଜେନ୍ସି): ଏଫ୍‌ଆଇଏଚ୍ ପ୍ରୋ-ଲିଗ୍‌ର ଆଜି ଖେଳାଯାଇଥିବା ଏକ ମୁକାବିଲାରେ ଭାରତ ତାହାର ପଡୋଶୀ ପାକିସ୍ତାନକୁ ୪-୩ ଗୋଲରେ ପରାସ୍ତ କରିଛି। ନିକଟରେ ଜର୍ମାନୀ ଓ ନେଦରଲ୍ୟାଣ୍ଡସ ପରି ବିଶ୍ୱଚାମ୍ପିଅନ ଦଳକୁ ହରାଇଥିବା ଭାରତ ଏହି ମ୍ୟାଚ୍‌ରେ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନ ଥିଲା। ତଥାପି ଦଳ ପ୍ରଥମେ ଗୋଲ ଖାଇବା ପରେ ଖେଳକୁ ନିଜ ନିୟନ୍ତ୍ରଣକୁ ଆଣି ମ୍ୟାଚ୍ ଜିତିବାରେ ସଫଳ ହୋଇଥିଲା। ଭାରତ ପକ୍ଷରୁ ଅଭିଷେକ, ନିଳକାନ୍ତ ଶର୍ମା, ସୁଖଜିତ ସିଂହ ଓ ରାଜିନ୍ଦର ସିଂହ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପାକିସ୍ତାପ ପକ୍ଷରୁ ନଦୀମ ଅହମ୍ମଦ୍, ଅବୁ ମହମ୍ମଦ୍ ଓ ମୋଇନ୍ ସକିଲ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ।

## ରୋହିତ୍, ଅମ୍ରିତରାଜଙ୍କୁ 'ପଦ୍ମ' ପୁରସ୍କାର

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଟି-୨୦ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ରୋହିତ୍ ଶର୍ମା ଓ ପୂର୍ବତନ ମହାନ ଟେନିସ୍ ଖେଳାଳି ବିଜୟ ଅମ୍ରିତରାଜଙ୍କୁ ମଙ୍ଗଳବାର 'ପଦ୍ମ' ପୁରସ୍କାର ପ୍ରଦାନ କରାଯାଇଛି। ନୂଆଦିଲ୍ଲୀରେ ରାଷ୍ଟ୍ରପତି ଭବନରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ 'ପଦ୍ମଶ୍ରୀ' ପୁରସ୍କାର ରୋହିତ୍ ଶର୍ମାଙ୍କୁ ପ୍ରଦାନ କରିଥିଲେ। ଦେଶର ଚତୁର୍ଥ ସର୍ବୋଚ୍ଚ ନାଗରିକ ସମ୍ମାନ ଗ୍ରହଣ କରିବାରେ ରୋହିତ ୪୦ତମ କ୍ରିକେଟର୍ ହୋଇଛନ୍ତି। ସେହିଭଳି ୭୨ ବର୍ଷୀୟ ଅମ୍ରିତରାଜଙ୍କୁ ଦେଶର ତୃତୀୟ ସର୍ବୋଚ୍ଚ ନାଗରିକ ସମ୍ମାନ 'ପଦ୍ମଭୂଷଣ' ପ୍ରଦାନ କରାଯାଇଥିଲା। ଅମ୍ରିତରାଜ ୧୯୮୦ରେ ବିଶ୍ୱ ମାନ୍ୟତାର ୧୮ତମ ସ୍ଥାନ ହାସଲ କରିଥିଲେ। ଯାହାକି ଏଟିପି ସିଙ୍ଗଲ୍ସରେ ତାଙ୍କର କ୍ୟାରିୟର ଶ୍ରେଷ୍ଠ ମାନ୍ୟତା ଥିଲା। ବିଜୟ ତିନିଥର ଜାତୀୟ ସିଙ୍ଗଲ୍ସ ଚାମ୍ପିଅନ୍ ରହିଥିଲେ। ସେ ଦୁଇ ଦଶନ୍ଧି ଧରି ଭାରତରୁ ପ୍ରତିନିଧିତ୍ୱ କରିଥିବା ବିଜୟଙ୍କ ନେତୃତ୍ୱରେ ଭାରତ ୧୯୭୪ ଏବଂ ୧୯୮୭ରେ ଦୁଇଥର ଡେଭିସ୍ କପ୍ ଫାଇନାଲ ଖେଳିଥିଲା। ସିଓଲରେ ୧୯୮୦ରେ ଅନୁଷ୍ଠିତ ଅଲିମ୍ପିକ୍ସ ପାଇଁ ସେ ଭାରତୀୟ ଦଳର ମଶାଲବାହକ ଭୂମିକା ନିଭାଇଥିଲେ।



## କଳିଙ୍ଗରେ ଆଜିଠାରୁ ଆନ୍ତଃରାଜ୍ୟ ଦୌଡ଼କୁଦ

ଭୁବନେଶ୍ୱର,୨୩।୬(ସମିସ): ୬୫ତମ ଜାତୀୟ ଆନ୍ତଃରାଜ୍ୟ ଦୌଡ଼କୁଦ ପ୍ରତିଯୋଗିତା ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତାକାଲିଠାରୁ ୫ ଦିନ ଧରି ଆୟୋଜିତ ହେବ। ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ଲାଗି ଏହି ପ୍ରତିଯୋଗିତା ଅନେକ ଗୁରୁତ୍ୱ ରଖୁଛି। ଏଥିରେ ମୋଟ ୬୩୦ ଜଣ ପ୍ରତିଯୋଗୀ ୪୫ଟି ଇଭେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଓଡ଼ିଶାରୁ ୨୮ଜଣ ଅଂଶଗ୍ରହଣ କରୁଛନ୍ତି। କିଶୋର ଜେନା, ଶ୍ରାବଣୀ ନନ୍ଦ, ଅନିମେଶ କୁଜୁର, ଲାଲୁପ୍ରସାଦ ଭୋଇ, ପ୍ରଜ୍ଞାପ୍ରଶାନ୍ତି ସାହୁ ଓ ସବିତା ଟପ୍ପୋ ଓଡ଼ିଶା ଲାଗି ପଦକ ଜିତିବାର ସମ୍ଭାବନା ରହିଛି।

### ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜ୍

## ନୀତୀଶ ବାଦ୍; ସୂର୍ଯ୍ୟାଂଶ ସାମିଲ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି): ଭାରତୀୟ କ୍ରିକେଟ୍ ଦଳ ଖୁବ୍ ଶୀଘ୍ର ୟୁକେ ଗସ୍ତ କରିବାକୁ ଯାଉଛି। ତେବେ ଏହି ଗସ୍ତ ପୂର୍ବରୁ ଭାରତକୁ ବଡ଼ ଝଟକା ଲାଗିଛି। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ଆଘାତଜନିତ ସମସ୍ୟା ଲାଗି ଆୟର୍ଲାଣ୍ଡ ଏବଂ ଇଂଲଣ୍ଡ ବିପକ୍ଷ ଟି-୨୦ ସିରିଜରୁ ବାଦ ପଡ଼ିଛନ୍ତି। ଫଳରେ ବିସିସିଆଇ ତାଙ୍କ ସ୍ଥାନରେ ବଦଳ ଖେଳାଳି ଭାବେ ମୁମ୍ବଇ ଅଲ୍‌ରାଉଣ୍ଡର ସୂର୍ଯ୍ୟାଂଶ ଶେଡଗେଙ୍କୁ ଦଳରେ ସାମିଲ କରିଛି। ନିକଟରେ ଶ୍ରୀଲଙ୍କାରେ ତ୍ରି-ରାଷ୍ଟ୍ରୀୟ ସିରିଜ ଚାମ୍ପିଅନ ହୋଇଥିବା ଭାରତ-ଏ ଦଳର ସୂର୍ଯ୍ୟାଂଶ ସଦସ୍ୟ ରହିଥିଲେ। ଟୁର୍ଣ୍ଣାମେଣ୍ଟରେ ସେ ୫ଟି ମ୍ୟାଚ୍ ଖେଳି ୧୪୭ ରନ କରିବା ସହ ୨ଟି ୱିକେଟ ନେଇଥିଲେ। ୟୁକେ ଗସ୍ତରେ ଭାରତ ପ୍ରଥମେ ଆୟର୍ଲାଣ୍ଡ ବିପକ୍ଷରେ ଜୁନ ୨୬ ଓ ଜୁନ ୨୮ରେ ଦୁଇଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହାପରେ ଇଂଲଣ୍ଡ ଗସ୍ତ କରି ସେଠାରେ ଘରୋଇ ଦଳ ବିପକ୍ଷରେ ପାଞ୍ଚଟି ଟି-୨୦ ଓ ତିନୋଟି ଦିନିକିଆ ମ୍ୟାଚ୍ ଖେଳିବ।

### ଆଇପିଏଲ୍‌ରେ ହାଇପ୍ରୋଫାଇଲ ଖେଳାଳି ଡିଲ୍

## ୧୫ କୋଟିରେ ଦିଲ୍ଲୀକୁ ଫେରିଲେ ପନ୍ତ

ନୂଆଦିଲ୍ଲୀ, ୨୩।୬ (ଏଜେନ୍ସି)

ଆଇପିଏଲ ଇତିହାସର ଅନ୍ୟତମ ହାଇପ୍ରୋଫାଇଲ ଖେଳାଳି ଅଦଳବଦଳ ମଙ୍ଗଳବାର ଦେଖିବାକୁ ମିଳିଛି। ଲକ୍ଷ୍ନୌ ସୁପରଜାଏଣ୍ଟସ୍ ଛାଡିବା ପରେ ରିଷଭ ପନ୍ତ ତାଙ୍କ ପୁରୁଣା ଟିମ୍ ଦିଲ୍ଲୀ କ୍ୟାପିଟାଲ୍ସକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ପନ୍ତଙ୍କ ସ୍ଥାନରେ ଦିଲ୍ଲୀର ରିଷ୍ଟ ସ୍ପିନର କୁଲଦୀପ୍ ଯାଦବ ଲକ୍ଷ୍ନୌ ଦଳରେ ସାମିଲ ହୋଇଛନ୍ତି। ୨୦୨୫ ଆଇପିଏଲ୍ ମେଗା ଖେଳାଳି ନିଲାମୀରେ ଲକ୍ଷ୍ନୌ ୨୭ କୋଟି ଟଙ୍କାରେ ପନ୍ତଙ୍କ ସହ ଚୁକ୍ତି କରିଥିଲା। ଫଳରେ ସେ ଆଇପିଏଲ୍ ଇତିହାସର ସବୁଠାରୁ ମହଙ୍ଗା ଖେଳାଳି ହୋଇଥିଲେ। ତେବେ ସଦ୍ୟ ଖେଳାଳି ଅଦଳବଦଳ ଡିଲ୍‌ରେ ପନ୍ତ ୧୫ କୋଟି ଟଙ୍କାର ସଂଶୋଧିତ ଚୁକ୍ତିରେ ଦିଲ୍ଲୀ ଫେରିଛନ୍ତି। ଫଳରେ ପନ୍ତଙ୍କ ୧୨ କୋଟି ଟଙ୍କା କ୍ଷତି ହୋଇଛି। ସେହିଭଳି କୁଲଦୀପ ୧୩.୫ କୋଟି ଟଙ୍କା ଚୁକ୍ତିରେ ଲକ୍ଷ୍ନୌରେ ଯୋଗ ଦେଇଛନ୍ତି। ଗତ ସିଜନରେ ଦିଲ୍ଲୀ କୁଲଦୀପଙ୍କୁ ୧୩.୨୫ କୋଟି ଟଙ୍କାରେ ଚୁକ୍ତି କରିଥିଲା। ଫଳରେ ଆଜିର ଏହି ଡିଲ୍‌ରେ କୁଲଦୀପଙ୍କ ୨୫ ଲକ୍ଷ ଟଙ୍କା ଫାଇଦା ହୋଇଛି।



ଉଲ୍ଲେଖଯୋଗ୍ୟ ପନ୍ତ ୨୦୧୬ରୁ ୨୦୨୪ ପର୍ଯ୍ୟନ୍ତ ୯ସିଜନ ଧରି ଦିଲ୍ଲୀ ଫ୍ରାଞ୍ଚାଇଜ ପକ୍ଷରୁ ୧୧୧ ମ୍ୟାଚ୍ ଖେଳିଥିଲେ। ଯେଉଁଥିରେ ସେ ୨୦୨୧ ରୁ ୨୦୨୪ ପର୍ଯ୍ୟନ୍ତ ୪୩ ମ୍ୟାଚରେ ଦଳର ନେତୃତ୍ୱ ଭାର ସମ୍ଭାଳିଥିଲେ। ପନ୍ତ ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ୧୩୯ ମ୍ୟାଚ୍ ଖେଳିଛନ୍ତି। ସେ ୩୩.୬୦ ହାରରେ ୩୮୬୫ ରନ୍ କରିଛନ୍ତି। ଏହା ମଧ୍ୟରେ ସେ ୨ଟି ଶତକ ଏବଂ ୨୦ଟି ଅର୍ଦ୍ଧଶତକ ହାସଲ କରିଛନ୍ତି।

## ଶୀର୍ଷରେ ଶ୍ରୀ ଚରଣି

ଦୁବାଇ, ୨୩।୬ (ଏଜେନ୍ସି): ଯୁବ ଭାରତୀୟ ସ୍ପିନର ଶ୍ରୀ ଚରଣି ବିଶ୍ୱର ଏକ ନମ୍ବର ଟି-୨୦ ବୋଲର ହୋଇଛନ୍ତି। ଆଇସିସି ପକ୍ଷରୁ ମଙ୍ଗଳବାର ସଦ୍ୟ ପ୍ରକାଶିତ ମହିଳା ଟି-୨୦ ର୍‍ୟାଙ୍କିଙ୍ଗ୍‌ର ବୋଲିଂ ତାଲିକାରେ ଶ୍ରୀ ଚରଣି ଗୋଟିଏ ପାହାଚ ଉପରକୁ ଉଠି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଇଂଲଣ୍ଡରେ ଚାଲିଥିବା ଟି-୨୦ ବିଶ୍ୱକପ୍‌ରେ ଚରଣି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ତିନୋଟି ମ୍ୟାଚ୍ ଖେଳିଥିବା ଏହି ବାମହାତୀ ସ୍ପିନର ବିଶ୍ୱକପ୍‌ରେ ମୋଟ୍ ୧୦ଟି ୱିକେଟ୍ ନେଇସାରିଛନ୍ତି। ଯେଉଁଥି ପାଇଁ ତାଙ୍କ ମାନ୍ୟତାରେ ଉନ୍ନତି ଘଟିଛି। ସେ ଇଂଲଣ୍ଡର ଲିନସୀ ସ୍ମିଥଙ୍କୁ ହଟାଇ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଇଂଲଣ୍ଡ ବୋଲର ଚାର୍ଲି ଡିନ୍ ର୍‍ୟାଙ୍କିଙ୍ଗ୍‌ରେ ଚତୁର୍ଥରୁ ଦ୍ୱିତୀୟ ସ୍ଥାନକୁ ଲମ୍ଫ ମାରିଛନ୍ତି। ସେହିଭଳି ସୋଫି ଇକଲେଷ୍ଟୋନ ୮ମରୁ ୪ର୍ଥ ସ୍ଥାନକୁ ଉଠିଛନ୍ତି। ତେବେ ଭେଟେରାନ ଭାରତୀୟ ସ୍ପିନର ଦୀପ୍ତି ଶର୍ମା ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟ ପ୍ରକାଶିତ ମାନ୍ୟତାରେ ସେ ୮ମ ସ୍ଥାନ ଲାଭ କରିଛନ୍ତି। ଇଂଲଣ୍ଡ ଲୌରେନ ବେଲ୍ ମଧ୍ୟ ତୃତୀୟରୁ ୭ମ ସ୍ଥାନକୁ ଖସିଯାଇଛନ୍ତି।



### ମହିଳା ଟି-୨୦ ବିଶ୍ୱକପ୍

## ଦ୍ୱିତୀୟ ବିଜୟ ସହ ନ୍ୟୁଜିଲାଣ୍ଡର ଆଶା ଉଜ୍ଜୀବିତ

ବ୍ରିଷ୍ଟଲ, ୨୩।୬ (ଏଜେନ୍ସି): ଡିଫେଣ୍ଡିଂ ଚାମ୍ପିଅନ ନ୍ୟୁଜିଲାଣ୍ଡ ଚଳିତ ଆଇସିସି ମହିଳା ଟି-୨୦ ବିଶ୍ୱକପ୍‌ରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ମଙ୍ଗଳବାର ଏଠାରେ ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ମ୍ୟାଚରେ ନ୍ୟୁଜିଲାଣ୍ଡ ୬ ୱିକେଟ୍‌ରେ ସ୍କଟଲାଣ୍ଡ ମହିଳା ଦଳକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସ୍କଟଲାଣ୍ଡ ୭ ୱିକେଟରେ ୧୩୧ ରନ କରିଥିଲା। ଓପନର୍ ଡାର୍ସି କାର୍ଟର ୫୨ ବଲରେ ୭୨ ରନର ଅପରାଜିତ ପାଳି ଖେଳିଥିଲେ। ପ୍ରତିପକ୍ଷ ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟିକା ଆମେଲିଆ କେର ୩ ଏବଂ ସୋଫି ଡିଭାଇନ ୨ଟି ୱିକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ୪ ୱିକେଟ୍ ହରାଇ ୧୦ଟି ବଲ୍ ବଳକା ଥାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଇଜି ଶାର୍ପ ୬୨ ଓ ବ୍ରୁକ୍ ହଲିଡେ ୪୧ ରନର ଉପଯୋଗୀ ଇନିଂସ ଖେଳିଥିଲେ। ନ୍ୟୁଜିଲାଣ୍ଡ ଚଳିତ ବିଶ୍ୱକପର ପ୍ରଥମ ଦୁଇଟି ମ୍ୟାଚରେ ଯଥାକ୍ରମେ ୱେଷ୍ଟଇଣ୍ଡିଜ (୭ ୱିକେଟ୍) ଓ ଶ୍ରୀଲଙ୍କା (୫ ୱିକେଟ) ନିକଟରୁ ହାରିଥିଲା।

## ଆୟର୍ଲାଣ୍ଡ ଅଧିନାୟିକାଙ୍କ ଅର୍ଦ୍ଧଶତକ

ବ୍ରିଷ୍ଟଲ,୨୩।୬(ଏଜେନ୍ସି): ଅଧିନାୟିକା ଗାବି ଲୁଇସ୍‌ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି' ମ୍ୟାଚ୍‌ରେ ଆୟର୍ଲାଣ୍ଡ ୫ ୱିକେଟରେ ୧୩୦ ରନ୍ କରିଛି। ଅଧିନାୟିକା ଲୁଇସ୍ ୫୦ବଲ୍‌ର ସାମ୍ନା କରି ୮ ଚୌକା ସହ ୫୯ ରନ୍ କରିଥିଲେ। ଆଲିସ୍ ଟେକ୍ଟର ଅପରାଜିତ ୨୮ ଓ ଲିଆ ପଲଙ୍କ ୨୦ ରନ୍ ଉପଯୋଗୀ ସାବ୍ୟସ୍ତ ହୋଇଥିଲା। ଶ୍ରୀଲଙ୍କା ପକ୍ଷରୁ ୪ଜଣ ବୋଲର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲାବେଳେ ଆୟର୍ଲାଣ୍ଡର ଜଣେ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ମିଥାଲି ଅଯୋଧ୍ୟା ତାଙ୍କ ୪ ଓଭର ବୋଲିଂ ସ୍ପେଲ୍‌ରେ ସବୁଠାରୁ କମ୍ ୧୮ ରନ୍ ଦେଇଥିଲେ। ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଦଳ ଟସ୍ ଜିତି ଆୟର୍ଲାଣ୍ଡକୁ ପ୍ରଥମେ ବ୍ୟାଟିଂ କରିବାକୁ ସୁଯୋଗ ଦେଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS